

ଜନ୍‌କୁ ଟକ୍କର ଦେବେ ତ୍ରିପ୍ତି
▸ପୃଷ୍ଠା ୨ ଦେଖନ୍ତୁ...


- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

♦VOLUME- 42 ♦ISSUE-246 ♦BHUBANESWAR ♦MONDAY ♦3 MARCH 2025 ♦PAGE-14 ♦₹ 6.00

♦ବର୍ଷ-୪୨ ♦ସଂଖ୍ୟା-୨୪୬ ♦ଭୁବନେଶ୍ୱର ♦ସୋମବାର ♦୩ ମାର୍ଚ୍ଚ ୨୦୨୫ ♦ପୃଷ୍ଠା-୧୪ ♦ଟ.୬.୦୦


## ହଜାରେ କିମି ବେଗରେ ଆସିବ ଘୂର୍ଣ୍ଣିଝଡ଼

# ଧ୍ୱଂସ ହୋଇଯିବ ଓକ୍‌ଲାହୋମା

**୧୨ ହଜାର ଲୋକଙ୍କୁ ନେଇଯିବେ ଏଲିଅନ୍**

**ଏଲଭିସ୍ ଥମ୍ପସନ୍‌ଙ୍କ ଭବିଷ୍ୟବାଣୀ**

■ **ନୂଆଦିଲ୍ଲୀ, ୨।୩ (ଏଜେନ୍ସି):** ଆସନ୍ତା ଏପ୍ରିଲ ୬ରେ ୨୪ କିମି ଚଉଡ଼ା ଆକାରର ଏକ ଘୂର୍ଣ୍ଣିଝଡ଼ ଆସିବ। ପବନର ବେଗ ଘଣ୍ଟା ପ୍ରତି ୧୦୪୬ କିଲୋମିଟର ରହିବ, ଯାହା ଆମେରିକାର ଓକ୍‌ଲାହୋମାକୁ ଧ୍ୱଂସ କରିଦେବ। ନିଜକୁ ଟାଇମ୍-ଟ୍ରାଭେଲର ବା ସମୟ-ଯାତ୍ରୀ ବୋଲି କହୁଥିବା ଏଲଭିସ୍ ଥମ୍ପସନ୍ ଇନଷ୍ଟାଗ୍ରାମରେ ଏକ ଭିଡିଓ ପୋଷ୍ଟରେ ବର୍ଷ ୨୦୨୫ ପାଇଁ କିଛି ଏଭଳି ଆଶ୍ଚର୍ଯ୍ୟଜନକ ଭବିଷ୍ୟବାଣୀ କରିଛନ୍ତି। ଇଣ୍ଟରନେଟରେ ଏହା ଏବେ ଭାଇରାଲ ହେବାରେ ଲାଗିଛି। ଥମ୍ପସନ୍ ଓକ୍ଲାହୋମା ଘୂର୍ଣ୍ଣିଝଡ଼ ବ୍ୟତୀତ ଆମେରିକାରେ ଗୃହଯୁଦ୍ଧ, ଏକ ବିଶାଳ ସାମୁଦ୍ରିକ ପ୍ରାଣୀର ଆବିଷ୍କାର, ଚାମ୍ପିଅନ ନାମକ ଏକ ଏଲିଅନ୍‌ର ଆଗମନ ସମ୍ପର୍କରେ ଭବିଷ୍ୟବାଣୀ କରିଛନ୍ତି। ସେ କହିଛନ୍ତି ଯେ ଚଳିତବର୍ଷ ମେ' ୨୭ ସୁଦ୍ଧା ଆମେରିକାରେ ଦ୍ୱିତୀୟ ଗୃହଯୁଦ୍ଧ ଆରମ୍ଭ ହେବ। ଏହା ଟେକ୍ସାସକୁ ଅଲଗା କରିଦେବ ଏବଂ ପରମାଣୁ ଯୁଦ୍ଧ ଆରମ୍ଭ ହୋଇଯିବ ଯାହା ଆମେରିକାକୁ ଧ୍ୱଂସାବଶେଷରେ ପରିଣତ କରିଦେବ। ଥମ୍ପସନ୍‌ଙ୍କ କହିବାନୁଯାୟୀ, ସେପ୍ଟେମ୍ବର ପହିଲାରେ ଚାମ୍ପିଅନ୍ ନାମକ ଏକ ଏଲିଅନ୍ ପୃଥିବୀ ଆସିବ। ସେ ୧୨୦୦୦ ଲୋକଙ୍କୁ ସେମାନଙ୍କ ସୁରକ୍ଷା ପାଇଁ ▸ପୃଷ୍ଠା-୭

# ଚନ୍ଦ୍ରରେ ଘରୋଇ ମହାକାଶ ଯାନ 'ବ୍ଲୁ ଘୋଷ୍ଟ'



■ **ୱାଶିଂଟନ୍, ୨।୩ (ଏଜେନ୍ସି):** ବିଭିନ୍ନ ଦେଶ ଚନ୍ଦ୍ର ଅଭିଯାନ ଚଳାଇଥିବା ବେଳେ ଆମେରିକାର ଏକ ଘରୋଇ ସଂସ୍ଥାର ଫାୟାରଫ୍ଲାଏର ମହାକାଶ ଯାନ 'ବ୍ଲୁ ଘୋଷ୍ଟ' ରବିବାର ପ୍ରତ୍ୟୁଷ ୩.୩୪ରେ ଚନ୍ଦ୍ରରେ ଅବତରଣ କରିଛି। ବିଶ୍ୱର ଦ୍ୱିତୀୟ ଘରୋଇ ସଂସ୍ଥା ଭାବରେ ଫାୟାରଫ୍ଲାଇ ଚନ୍ଦ୍ରରେ ମହାକାଶଯାନ ଅବତରଣ କରିବାରେ ସମର୍ଥ ହୋଇଛି। 'ଘୋଷ୍ଟ ରାଇଡ଼ର୍ସ ଇନ୍ ଦ ସ୍କାଏ' ନାମରେ ପରିଚିତ ଏହି ମିଶନକୁ ଆମେରିକୀୟ ଅନ୍ତରୀକ୍ଷ ଗବେଷଣା ସଂସ୍ଥା ନାସା ସହଯୋଗ ଦେଇଥିବା କୁହାଯାଉଛି। ୧୫ ଜାନୁଆରୀରେ ସ୍ପେସ-ଏକ୍ସ ଫାଲକନ୍-୯ ରକେଟରେ ସାମୁଦ୍ରିକ ଘୋଡ଼ା ଆକାରର ଏହି ମହାକାଶଯାନକୁ ଉତ୍କ୍ଷେପଣ କରାଯାଇଥିଲା। 'ବ୍ଲୁ-ଘୋଷ୍ଟ'ରେ ବିକୀରଣ ସହିଷ୍ଣୁ କମ୍ପ୍ୟୁଟର ଲଗାଯାଇଛି ଏବଂ ଏଥିରେ ବ୍ୟବହାର୍ଯ୍ୟ ପରୀକ୍ଷଣ କରିବାର କ୍ଷମତା ରଖାଯାଇଥିବା ସାମଗ୍ରୀ ରଖାଯାଇଛି। ୧୪ ମାର୍ଚ୍ଚରେ ହେବାକୁ ଥିବା ପୂର୍ଣ୍ଣ ଗ୍ରହଣ ଓ ୧୬ ମାର୍ଚ୍ଚରେ ଚନ୍ଦ୍ର ସୂର୍ଯ୍ୟାସ୍ତକୁ ଏହି ଚନ୍ଦ୍ରଯାନ ରେକର୍ଡ କରିବ। ଯେଉଁଥିରୁ ପୃଥିବୀ ▸ପୃଷ୍ଠା-୭

# ଡବଲ୍ ଇଞ୍ଜିନ୍‌ର ବିଜୁଳି ଚୋଟ

## ଚାରି ବର୍ଷ ପରେ ବଢ଼ିବ ଶୁଳ୍କ !

**ବିଜୁଳି ଶୁଳ୍କ ବୃଦ୍ଧି ନିମନ୍ତେ ଉଭୟ ଉତ୍ପାଦକ ଓ ବିତରକ କମ୍ପାନୀର ଯୁକ୍ତି**

**ଅଧ୍ୟକ୍ଷଙ୍କ ଅବର୍ତ୍ତମାନରେ ପରାମର୍ଶଦାତା କମିଟି ନିକଟରେ ଶୁଳ୍କ ବୃଦ୍ଧି ପ୍ରସ୍ତାବ**

**ନୂଆ ଓଇଆର୍‌ସି ଅଧ୍ୟକ୍ଷଙ୍କ ମୁଣ୍ଡରେ ଲାଗିବ ବିଜୁଳି ଶୁଳ୍କ ବୃଦ୍ଧି ପାପ**

**ଗତ ବର୍ଷ ଘରୋଇ ଉପଭୋକ୍ତାଙ୍କ ପାଇଁ ୟୁନିଟ୍ ପିଛା କମିଥିଲା ୧୦ପଇସା**

**ସୂର୍ଯ୍ୟଘର ଯୋଜନାରେ ୩୦୦ ୟୁନିଟ୍ ବିଜୁଳି ପ୍ରତିଶ୍ରୁତି ଦେଇଥିଲା ବିଜେପି**

■ **ଭୁବନେଶ୍ୱର, ୨।୩ (ସମିସ):** ରାଜ୍ୟରେ ବଢ଼ିବ କି ବିଜୁଳି ଶୁଳ୍କ ? ଗତ କିଛିଦିନ ହେଲା ଏହାକୁ ନେଇ ଆରମ୍ଭ ହୋଇଛି କଳ୍ପନାଜଳ୍ପନା। ବିଦ୍ୟୁତ୍ ଉତ୍ପାଦକ ଓ ବିତରକ କମ୍ପାନୀଗୁଡ଼ିକ ଶୁଳ୍କ ବୃଦ୍ଧି ନିମନ୍ତେ ଓଇଆରସିର ଭାରପ୍ରାପ୍ତ ଅଧ୍ୟକ୍ଷ ଓ ପରାମର୍ଶଦାତା କମିଟି ନିକଟରେ ନିଜର ପକ୍ଷ ରଖିଛନ୍ତି। ଗ୍ରିଡ୍‌କୋ ନିଜ କ୍ଷତି ଭରଣା ନିମନ୍ତେ ୟୁନିଟ୍ ପିଛା ୫୪ ପଇସା ଶୁଳ୍କ ବୃଦ୍ଧି ଦାବି କରିଛି। ସେହିପରି ଓପିଜିସି, ଓପିଟିସିଏଲ୍, ଓଏଚ୍‌ପିସି ଆଦି ଉତ୍ପାଦକ ସଂସ୍ଥା ଓ ଟାଟା ପାୱାର ପରି ବିତରକ ସଂସ୍ଥା ମଧ୍ୟ ଶୁଳ୍କ ବୃଦ୍ଧି କରିବାକୁ ପ୍ରସ୍ତାବ ଦେଇଛନ୍ତି। ସରକାର ଯଦି ବିଦ୍ୟୁତ୍ ବିତରକ ଓ ଉତ୍ପାଦକ ସଂସ୍ଥାର ଦାବିକୁ ମାନି ନିଅନ୍ତି ତେବେ ୪ ବର୍ଷ ପରେ ପୁଣି ବିଦ୍ୟୁତ୍ ଶୁଳ୍କ ବୃଦ୍ଧି ପାଇବାର ଆଶଙ୍କା ସୃଷ୍ଟି ହୋଇଛି। ନୂଆ ଅଧ୍ୟକ୍ଷ ନିଯୁକ୍ତି ପରେ ବିଦ୍ୟୁତ୍ ଶୁଳ୍କ ବୃଦ୍ଧି ଘୋଷଣା ହୋଇପାରେ ବୋଲି କୁହାଯାଉଛି। ▸ପୃଷ୍ଠା-୭

### କୋଇଲା ରାଜଭାଗ ବଢ଼ିନାହିଁ, ବିଜୁଳି ଶୁଳ୍କ କାହିଁକି ବଢ଼ିବ ?

କୋଇଲା ରୟାଲଟି ବଢ଼ିଲେ ବିଜୁଳି ଶୁଳ୍କ ବଢ଼ିବ। ଗତ ୧୦ ବର୍ଷ ହେଲା କେନ୍ଦ୍ର ସରକାର ଏହାକୁ ବାହାନା କରି କୋଇଲା ରୟାଲଟି ବଢ଼ାଉ ନାହାନ୍ତି। ଏଥିପାଇଁ ଓଡ଼ିଶା ପ୍ରତିବର୍ଷ ୧୦ ହଜାର କୋଟି ଟଙ୍କା କ୍ଷତି ହେଉଛି। ମାତ୍ର ଏବେ ରାଜ୍ୟରେ ବିଜୁଳି ଶୁଳ୍କ ବୃଦ୍ଧି ଆଶଙ୍କା ସୃଷ୍ଟି ହୋଇଥିବାବେଳେ ସାଧାରଣ ବିଜୁଳି ଉପଭୋକ୍ତା ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ପ୍ରତି ଅଙ୍ଗୁଳି ଉଠାଇଛନ୍ତି। ଖାଉଟି ଦରଦାମକୁ ନେଇ ଅତିଷ୍ଠ ଥିବାବେଳେ କାହା ସ୍ୱାର୍ଥ ପାଇଁ ପୁଣି ସେମାନଙ୍କ ଉପରେ ବିଜୁଳି ବୋଝ ସରକାର ଲଦିବାକୁ ଯାଉଛନ୍ତି ବୋଲି ସ୍ୱାଭାବିକ ପ୍ରଶ୍ନ ଉଠିଛି। ତେଣୁ ଯେହେତୁ କୋଇଲା ରାଜଭାଗ ବଢ଼ିନାହିଁ, ତେଣୁ ଉତ୍ପାଦନ ଖର୍ଚ୍ଚ କେମିତି ବଢ଼ିଲା ବୋଲି ସାଧାରଣ ଖାଉଟି ପ୍ରଶ୍ନ ଉଠାଇଛନ୍ତି।

# କେନ୍ଦ୍ରମନ୍ତ୍ରୀଙ୍କ ଝିଅକୁ ଅସଦାଚରଣ



ରକ୍ଷା ଖାଡ଼ସେ

**ନିଜ ସରକାରଙ୍କ ଦକ୍ଷତାକୁ ନେଇ ପ୍ରଶ୍ନ ଉଠାଇଲେ କେନ୍ଦ୍ରମନ୍ତ୍ରୀ**

**ସାଧାରଣ ଲୋକଙ୍କ ଅବସ୍ଥା କ'ଣ ରହିବ ବୋଲି ବିରୋଧୀଙ୍କ ପ୍ରଶ୍ନ**

■ **ମୁମ୍ବଇ, ୨।୩ (ଏଜେନ୍ସି):** ମହାରାଷ୍ଟ୍ରର ଜଲଗାଓଁରେ ବିଜେପି ନେତ୍ରୀ ତଥା କେନ୍ଦ୍ର ରାଷ୍ଟ୍ରମନ୍ତ୍ରୀ ରକ୍ଷା ଖାଡ଼ସେଙ୍କ ଝିଅକୁ ଅସଦାଚରଣ ସହିତ ନିର୍ଯାତନା ଦିଆଯିବା ଘଟଣାରେ ରାଜନୈତିକ ବିବାଦ ଜୋର ଧରିଛି। ଏହି ଘଟଣାକୁ ନେଇ ମହାରାଷ୍ଟ୍ର ଆଇନ ଶୃଙ୍ଖଳା ବ୍ୟବସ୍ଥା ସମ୍ପର୍କରେ ଖୋଦ କେନ୍ଦ୍ରମନ୍ତ୍ରୀ ରକ୍ଷା ପ୍ରଶ୍ନ ଉଠାଇଥିଲା ବେଳେ ବିରୋଧୀ ମଧ୍ୟ ଏହାକୁ ନିଶାଣ କରି ସମାନ ପ୍ରଶ୍ନ ଉଠାଇଛନ୍ତି। ଯେଉଁଠି ମହାରାଷ୍ଟ୍ର ଭଳି ଏକ ବିଜେପି ଶାସିତ ରାଜ୍ୟରେ ଜଣେ କେନ୍ଦ୍ରମନ୍ତ୍ରୀଙ୍କ ଝିଅ ସୁରକ୍ଷିତ ନୁହେଁ ସେଠାରେ ଅନ୍ୟମାନଙ୍କ ସ୍ଥିତି କ'ଣ ହେବ ବୋଲି ବିରୋଧୀ ପ୍ରଶ୍ନ କରିଛନ୍ତି। ତେବେ ରକ୍ଷାଙ୍କ ଏତଲା ଅନୁସାରେ ପୁଲିସ ଘଟଣାର ପ୍ରାଥମିକ ଯାଞ୍ଚ କରି ଜଣଙ୍କୁ ଗିରଫ କରିଥିବା ଜଣାପଡ଼ିଛି। ଅଭିଯୁକ୍ତ ବିରୋଧରେ ପକ୍ସୋ ଆଇନ ଅନୁସାରେ ମାମଲା ରୁଜୁ ହେବା ସହିତ ସେ କେନ୍ଦ୍ରମନ୍ତ୍ରୀଙ୍କ ଝିଅର ଫଟୋ ଜୋର ଜବରଦସ୍ତି ଉଠାଇଥିବାରୁ ଆଇଟି ଆଇନ ଅନୁସାରେ ମଧ୍ୟ ମାମଲା ରୁଜୁ କରାଯାଇଥିବା ପୁଲିସ କହିଛି।

କେନ୍ଦ୍ରମନ୍ତ୍ରୀ ରକ୍ଷା ଦେଇଥିବା ଏତଲା ଅନୁସାରେ ଶିବରାତ୍ରୀରେ କୋଥାଲିରେ ପ୍ରତି ବର୍ଷ ଏକ ମେଳା ଆୟୋଜନ କରାଯାଇଥିଲା ବେଳେ ଚଳିତ ବର୍ଷ ମେଳା ଦେଖିବାକୁ ତାଙ୍କ ଝିଅ ପୂର୍ବଦିନ କୋଥାଲି ଯାଇଥିଲେ। କିନ୍ତୁ ସେଠାରେ ତାଙ୍କୁ କିଛି ଯୁବକ ଅସଦାଚରଣ କରିଥିଲେ। ଅଭିଯୁକ୍ତ ଜଣକ କେବଳ କେନ୍ଦ୍ରମନ୍ତ୍ରୀଙ୍କ ଝିଅ ନୁହେଁ, ବରଂ ମେଳାକୁ ଆସିଥିବା ଅନ୍ୟ କିଛି ଝିଅଙ୍କୁ ମଧ୍ୟ ହଇରାଣ ହରକତ୍ କରିଥିଲେ ▸ପୃଷ୍ଠା-୭

# ୩୭ ଡିଗ୍ରୀ ଉପରେ ୧୦ ସହର ତାପମାତ୍ରା

**୩୮.୨ ଡିଗ୍ରୀ ସହ ବୌଦ୍ଧ ସବୁଠୁ ଉତ୍ତପ୍ତ**

**ଭୁବନେଶ୍ୱରରେ ୩୬°, କଟକରେ ୩୪° ଟପିଲା**

■ **ଭୁବନେଶ୍ୱର, ୨।୩ (ସମିସ):** କ୍ରମାଗତ ଦ୍ୱିତୀୟ ଦିନ ଧରି ରାଜ୍ୟରେ ତାପମାତ୍ରା ବଢ଼ିବାରେ ଲାଗିଛି। ପୁଣି ତାପମାତ୍ରା ୩୮ ଡିଗ୍ରୀ ଉପରେ ରେକର୍ଡ ହୋଇଛି। ୩୮.୨ ଡିଗ୍ରୀ ସହ ବୌଦ୍ଧ ରାଜ୍ୟର ଉତ୍ତପ୍ତ ସହର ପାଲଟିଥିବା ବେଳେ ରାଜ୍ୟର ୧୦ ସହରରେ ତାପମାତ୍ରା ୩୭ ଡିଗ୍ରୀ ଛୁଇଁଛି। ଆଞ୍ଚଳିକ ପାଣିପାଗ କେନ୍ଦ୍ରର ସୂଚନା ଅନୁଯାୟୀ ରବିବାର ବୌଦ୍ଧରେ ତାପମାତ୍ରା ୩୮.୨ ଡିଗ୍ରୀ ସେଲସିୟସ ରହିଥିବା ବେଳେ ବଲାଙ୍ଗୀରରେ ୩୮.୧, ଅନୁଗୁଳରେ ୩୭.୯, ଟିଟିଲାଗଡ଼ରେ ୩୭.୬ ରେକର୍ଡ କରାଯାଇଛି। ସେହିଭଳି ଭଦ୍ରକ ୩୭.୫, ଝାରସୁଗୁଡ଼ାରେ ୩୭.୫, ଯାଜପୁରରେ ୩୭.୨, ବାରିପଦାରେ ୩୭ ଓ ସୋନପୁର ୩୭, ଭବାନୀପାଟଣାରେ ମଧ୍ୟ ତାପମାତ୍ରା ୩୭ ଡିଗ୍ରୀ ରେକର୍ଡ ହୋଇଛି। ଏହାବ୍ୟତୀତ ଭୁବନେଶ୍ୱର ତାପମାତ୍ରା ୩୬.୧ ଡିଗ୍ରୀ ରହିଥିବା ବେଳେ କଟକରେ ଏହା ୩୪.୨ ଡିଗ୍ରୀ ରହିଛି। ପାଣିପାଗ କେନ୍ଦ୍ର ପକ୍ଷରୁ କୁହାଯାଇଛି ଯେ ଆସନ୍ତା ୫ ଦିନ ପର୍ଯ୍ୟନ୍ତ ତାପମାତ୍ରାରେ ବିଶେଷ ପରିବର୍ତ୍ତନ ହେବାର ନାହିଁ। ଏହି ସମୟରେ ରାଜ୍ୟରେ ଶୁଖିଲା ଓ ଖରାଟିଆ ପାଗ ଲାଗି ରହିବ। ଶୁଖିଲା ପାଗ ଯୋଗୁଁ ରାଜ୍ୟରେ ଖରାର ପ୍ରଭାବ ଅଧିକ ରହିବାର ସମ୍ଭାବନା ରହିଛି।

## ଯୋଗାଣମନ୍ତ୍ରୀଙ୍କ 'ଲକ୍ଷ୍ମଣ ରେଖା'

# ଦଶ ହଜାରିଆଙ୍କୁ ରାସନ ମନା

**କାର୍ଡ ନ ଫେରାଇଲେ କାର୍ଯ୍ୟାନୁଷ୍ଠାନ ଧମକ**

■ **ଭୁବନେଶ୍ୱର, ୨।୩ (ସମିସ):** ମାସକୁ ୧୦ ହଜାର ଟଙ୍କା ରୋଜଗାର କରୁଥିଲେ ମିଳିବ ନାହିଁ ରାସନ। ରାଜ୍ୟ ଯୋଗାଣମନ୍ତ୍ରୀ ଆଜି ସିଧାସିଧା ଏ କଥା କହିବା ସହ ଯେଉଁମାନଙ୍କର ମାସିକ ଆୟ ୧୦ ହଜାର ଉପରେ ରହିଛି, ସେମାନେ ଶୀଘ୍ର କାର୍ଡ ଫେରାନ୍ତୁ, ନ ହେଲେ କାର୍ଯ୍ୟାନୁଷ୍ଠାନ ପାଇଁ ପ୍ରସ୍ତୁତ ରହନ୍ତୁ ବୋଲି ଚେତାବନୀ ଦେଇଛନ୍ତି। ଯାହାକୁ ନେଇ ସାଧାରଣରେ ତୀବ୍ର ପ୍ରତିକ୍ରିୟା ସୃଷ୍ଟି ହୋଇଛି।

ମନ୍ତ୍ରୀ କହିଛନ୍ତି ଯେ ବର୍ଷ ବର୍ଷ ଧରି ରାସନ କାର୍ଡ ରଖିଥିବା ଓ ମାନଦଣ୍ଡ ଭିତରେ ଆସୁ ନ ଥିବା ହିତାଧିକାରୀ ସ୍ୱତଃପ୍ରବୃତ୍ତ ଭାବେ କାର୍ଡ ଫେରାଇ ଦିଅନ୍ତୁ। ଯେଉଁମାନେ ନିଜ ଆଡୁ କାର୍ଡ ଫେରାଇବେ, ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ହେବ ନାହିଁ। ମାତ୍ର ଯେଉଁମାନେ କାର୍ଡ ଫେରାଇବେ ନାହିଁ, ସେମାନେ କାର୍ଯ୍ୟାନୁଷ୍ଠାନ ପାଇଁ ପ୍ରସ୍ତୁତ ରୁହନ୍ତୁ। ଗ୍ରାମାଞ୍ଚଳରେ ଯେଉଁମାନଙ୍କର ମାସିକ ଆୟ ୧୦ ହଜାର ଟଙ୍କା ଓ ସହରାଞ୍ଚଳରେ ଯେଉଁମାନେ ମାସିକ ୧୫ ହଜାର ଟଙ୍କା ରୋଜଗାର କରୁଛନ୍ତି ସେମାନେ ତୁରନ୍ତ କାର୍ଡ ଫେରାନ୍ତୁ ବୋଲି ମନ୍ତ୍ରୀ ଚେତାବନୀ ଦେଇଛନ୍ତି।

ଗତକାଲି ପୋର୍ଟାଲ ଖୋଲିବା ପରେ ଦେଢ଼ ହଜାର ଲୋକ ଆବେଦନ କରିଛନ୍ତି। ପୂର୍ବରୁ ୬ ଲକ୍ଷ ଆବେଦନକାରୀ ଅପେକ୍ଷାରେ ଅଛନ୍ତି। ୮୦ ହଜାର ଅଯୋଗ୍ୟ ହିତାଧିକାରୀଙ୍କ ମଧ୍ୟରୁ ୧୨ ହଜାର କାର୍ଡ ଫେରାଇ ସାରିଛନ୍ତି। ସାଢେ ୪ ହଜାର ସରକାରୀ କର୍ମଚାରୀ ମଧ୍ୟ କାର୍ଡ ଫେରାଇଛନ୍ତି। ମାତ୍ର ନୂଆ କାର୍ଡ ଜାରି କରିବାରେ ସରକାର ଅସମର୍ଥ ହୋଇଛନ୍ତି। ଇ-କେୱାଇସି ଯାଞ୍ଚ ଅବଧି ବାରମ୍ବାର ପରିବର୍ତ୍ତନ କରାଯାଉଛି ଏବଂ ନୂଆ କାର୍ଡ ଆବଣ୍ଟନ ମଧ୍ୟ ଅନୁରୂପ ଭାବରେ ଗଡ଼ିଗଡ଼ି ଚାଲିଛି। ଏହି ସମୟରେ ରାସନ କାର୍ଡକୁ ନେଇ ମନ୍ତ୍ରୀ ବିଭିନ୍ନ ସମୟରେ ଭିନ୍ନଭିନ୍ନ ମନ୍ତବ୍ୟ ଦେଉଛନ୍ତି। ବ୍ୟକ୍ତିଗତ ଆବଶ୍ୟକତା ତୁଲାଇବା ନିମନ୍ତେ ବ୍ୟାଙ୍କରୁ ଋଣ ନେବାବେଳେ ଆୟକର ରିଟର୍ଣ୍ଣ ଦାଖଲ କରିଥିବା ଗରିବ ଲୋକମାନେ ରାସନ କାର୍ଡରୁ ବଞ୍ଚିତ ହେବା ଆଶଙ୍କା ସୃଷ୍ଟି ହୋଇଛି। ଏହି ସମୟରେ ମନ୍ତ୍ରୀ ସହରାଞ୍ଚଳ ଲୋକଙ୍କ ପାଇଁ ୧୫ ହଜାର ଓ ଗ୍ରାମାଞ୍ଚଳ ଲୋକଙ୍କ ପାଇଁ ୧୦ ହଜାର ଆୟ ରେଖା ଟାଣିବା ବିଭିନ୍ନ ମହଲରେ ତୀବ୍ର ପ୍ରତିକ୍ରିୟା ସୃଷ୍ଟି କରିଛି।






# ସରକାରଙ୍କୁ 'ବିଜୁ' ବିକାର

## ମାର୍ଚ୍ଚ ୫ରେ ପଞ୍ଚାୟତିରାଜ ଦିବସ ପାଳନ ନେଇ ସନ୍ଦେହ

**ବିଜୁ ଜୟନ୍ତୀରେ ପାଳନ ହୋଇ ଆସୁଛି ପଞ୍ଚାୟତିରାଜ ଦିବସ**

**ପଞ୍ଚାୟତିରାଜ ବ୍ୟବସ୍ଥାକୁ ସଶକ୍ତ କରିଥିଲେ ବିଜୁ ପଟ୍ଟନାୟକ**

**ଏ ଯାଏଁ ସରକାରଙ୍କ ପକ୍ଷରୁ ଜିଲ୍ଲା କି ବ୍ଲକ୍‌କୁ ହୋଇନି ଚିଠି**

**ଏପ୍ରିଲ ୨୪କୁ ପଞ୍ଚାୟତିରାଜ ଦିବସ କରାଯିବାକୁ ଯୋଜନା**

■ **ଭୁବନେଶ୍ୱର, ୨।୩ (ସମିସ):** ପଞ୍ଚାୟତିରାଜ ବ୍ୟବସ୍ଥାକୁ ବିଜୁ ପଟ୍ଟନାୟକଙ୍କ ଅନବଦ୍ୟ ଅବଦାନ ନିମନ୍ତେ ଦୀର୍ଘବର୍ଷ ହେଲା ଓଡ଼ିଶାରେ ତାଙ୍କ ଜନ୍ମ ଦିବସ ମାର୍ଚ୍ଚ ୫ ତାରିଖକୁ ପଞ୍ଚାୟତିରାଜ ଦିବସ ରୂପେ ପାଳନ କରାଯାଉଛି। ମାତ୍ର ଚଳିତ ବର୍ଷ ମାର୍ଚ୍ଚ ୫ ତାରିଖରେ ରାଜ୍ୟ ସରକାର ପଞ୍ଚାୟତିରାଜ ଦିବସ ପାଳନ କରିବେ କି ନାହିଁ ତାହାକୁ ନେଇ ବିଭିନ୍ନ ବ୍ଲକ୍ ଓ ପଞ୍ଚାୟତସ୍ତରରେ ସନ୍ଦେହ ସୃଷ୍ଟି ହୋଇଛି। ରାଜ୍ୟର ବିଭିନ୍ନ ଅଞ୍ଚଳର ପଞ୍ଚାୟତିରାଜ ପ୍ରତିନିଧିମାନେ ଏହାକୁ ନେଇ ଏବେ ବି ସଂଶୟ ମଧ୍ୟରେ ରହିଛନ୍ତି। ଆସନ୍ତାକାଲି ରବିବାର ପରେ ହାତରେ ମାତ୍ର ୨ଟି କାର୍ଯ୍ୟଦିବସ ରହିଛି। ମାତ୍ର ଏ ପର୍ଯ୍ୟନ୍ତ ପଞ୍ଚାୟତିରାଜ ବିଭାଗ ବା ରାଜ୍ୟ ସରକାରଙ୍କ ପକ୍ଷରୁ ଏ ସଂକ୍ରାନ୍ତରେ କୌଣସି ପ୍ରସ୍ତୁତି ନ ହେବା, ଜିଲ୍ଲା ଓ ବ୍ଲକ୍ କର୍ତ୍ତୃପକ୍ଷଙ୍କୁ ଏ ସଂକ୍ରାନ୍ତ ନିର୍ଦ୍ଦେଶନାମା ପଠା ନ ଯିବା ଏହି ଆଶଙ୍କାକୁ ଦୃଢ଼ୀଭୂତ କରିଛି। ଏପରିକି ଏହି ଦିନ ବିଜୁ ପଟ୍ଟନାୟକଙ୍କ ଜନ୍ମ ଦିନ ପାଳନ ହେଉଥିବାରୁ ୫ ତାରିଖରେ ପଞ୍ଚାୟତିରାଜ ଦିବସ ପାଳନ ନିମନ୍ତେ ସରକାର ଆଗ୍ରହୀ ନ ଥିବା ମଧ୍ୟ କୁହାଯାଉଛି। ଯଦିଓ ସରକାର ଏ ସମ୍ପର୍କରେ କୌଣସି ସ୍ପଷ୍ଟ ନିଷ୍ପତ୍ତି ନେଇନାହାନ୍ତି, କିଛି ପ୍ରଶାସନିକ ଅଧିକାରୀ ଏଥିପାଇଁ ଅବାଞ୍ଛିତ ତତ୍ପରତା ପ୍ରକାଶ କରୁଥିବା ସୂଚନା ମିଳିଛି। ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକଙ୍କ ସମୟରେ ରାଜ୍ୟରେ ତ୍ରିସ୍ତରୀୟ ପଞ୍ଚାୟତିରାଜ ବ୍ୟବସ୍ଥା ପ୍ରଚଳନ ହୋଇଥିଲା। ଏମିତି କି କ୍ଷମତା ବିକେନ୍ଦ୍ରୀକରଣ ସହ ମହିଳାମାନଙ୍କୁ କିପରି ଅଧିକ ନେତୃତ୍ୱ ଦିଆଯାଇପାରିବ ତାକୁ ଆଖି ଆଗରେ ରଖି ପଞ୍ଚାୟତିରାଜ ବ୍ୟବସ୍ଥାରେ ମହିଳାଙ୍କ ପାଇଁ ୩୩ ପ୍ରତିଶତ ସଂରକ୍ଷଣ ବ୍ୟବସ୍ଥା ▸ପୃଷ୍ଠା-୭

## ବିଶ୍ୱ ବନ୍ୟପ୍ରାଣୀ ଦିବସ



ମଣିଷ ଆଜି ବିକାଶ ପଛରେ ଦୌଡ଼ି ଜଙ୍ଗଲ କ୍ଷୟ କରୁଛି। ଏହାଦ୍ୱାରା ଜୀବଜନ୍ତୁଙ୍କ ବାସସ୍ଥଳୀ ଉପରେ ପ୍ରଭାବ ପଡୁଛି। ସେଥିପାଇଁ ଅନେକ ଜୀବଜନ୍ତୁ ବିଲୁପ୍ତ ହୋଇଗଲେଣି। ତେଣୁ ବନ୍ୟପ୍ରାଣୀ ସଂରକ୍ଷଣ ଓ ସୁରକ୍ଷା ନିହାତି ଆବଶ୍ୟକ। ସାରା ବିଶ୍ୱର ବନ୍ୟ ଜୀବଜନ୍ତୁଗୁଡ଼ିକର ସୁରକ୍ଷା ନିମନ୍ତେ ସଚେତନତା ସୃଷ୍ଟି କରିବା ଉଦ୍ଦେଶ୍ୟରେ ପ୍ରତିବର୍ଷ ମାର୍ଚ୍ଚ ୩ ତାରିଖକୁ ବିଶ୍ୱ ବନ୍ୟପ୍ରାଣୀ ଦିବସ ଭାବେ ପାଳନ କରାଯାଉଛି। ୨୦ ଡିସେମ୍ବର, ୨୦୧୩ରେ ମିଳିତ ଜାତିସଂଘ ସାଧାରଣ ସଭା ଏହାର ୬୮ ତମ ଅଧିବେଶନରେ ମାର୍ଚ୍ଚ ୩ ତାରିଖକୁ ବିଶ୍ୱ ବନ୍ୟପ୍ରାଣୀ ଦିବସ ରୂପରେ ପାଳନ କରିବା ପାଇଁ ଘୋଷଣା କରିଥିଲା। ପ୍ରଥମ ଥର ପାଇଁ ବିଶ୍ୱ ବନ୍ୟପ୍ରାଣୀ ଦିବସ ୨୦୧୪ରେ ପାଳନ କରାଯାଇଥିଲା। ବନ୍ୟପ୍ରାଣୀଙ୍କ ସୁରକ୍ଷା ବର୍ତ୍ତମାନ ସମୟରେ ସମାଜ ପାଇଁ ଏକ ବଡ଼ ଆହ୍ୱାନ ଭାବେ ଉଭା ହୋଇଛି। ବିଶ୍ୱର ଜୈବ ବିବିଧତାରେ ବନ୍ୟପ୍ରାଣୀଙ୍କର ଏକ ବଡ଼ ଯୋଗଦାନ ରହିଛି। ବନ୍ୟପ୍ରାଣୀଙ୍କ ଅନୁପସ୍ଥିତି ପରିବେଶ ସନ୍ତୁଳନ ଉପରେ ବଡ଼ ପ୍ରଭାବ ପକାଇଥାଏ। ବନ୍ୟପ୍ରାଣୀ ବଞ୍ଚିଲେ ଆମେ ବଞ୍ଚିବା, ତେଣୁ ବନ୍ୟପ୍ରାଣୀଙ୍କ ସୁରକ୍ଷା ଜରୁରୀ। ଯେଉଁଥିପାଇଁ ପ୍ରତିବର୍ଷ ମାର୍ଚ୍ଚ ୩ ତାରିଖକୁ 'ବିଶ୍ୱ ବନ୍ୟପ୍ରାଣୀ ଦିବସ' ଭାବେ ପାଳନ କରାଯାଉଛି। ନିଜ ସ୍ୱାର୍ଥ ପାଇଁ ମଣିଷ ପରିବେଶ ଉପରେ ଅତ୍ୟାଚାର କରିଚାଲିଛି। ଯାହାର ପ୍ରଭାବରେ ବନ୍ୟପ୍ରାଣୀଙ୍କ ଅବାଧ ବିଚରଣ ବାଧାପ୍ରାପ୍ତ ହେଉଛି। ଆହୁରି ମଧ୍ୟ ବନ୍ୟପ୍ରାଣୀଙ୍କ ଶିକାର ବୃଦ୍ଧି ପାଉଛି। ଗଣ୍ଡା ଶିଙ୍ଘ, ବାଘଛାଲ, ହାତୀ ଦାନ୍ତ, ବଜ୍ରକାପ୍ତା କାତି ପାଇଁ ମଣିଷ ଏମାନଙ୍କୁ ଶିକାର କରୁଛି। ଫଳରେ ଅନେକ ପଶୁପକ୍ଷୀ ବିଲୁପ୍ତିର ଦ୍ୱାରଦେଶରେ। ତେଣୁ ବର୍ତ୍ତମାନ ପରିସ୍ଥିତିରେ ବନ୍ୟପ୍ରାଣୀଙ୍କ ସୁରକ୍ଷା ଆମ ସମସ୍ତଙ୍କ ପାଇଁ ଏକ ବଡ଼ ଆହ୍ୱାନ। ଏ କ୍ଷେତ୍ରରେ ବନ ବିଭାଗର ମଧ୍ୟ ଗୁରୁ ଦାୟିତ୍ୱ ରହିଛି। ଯେପରି ବନ୍ୟପ୍ରାଣୀ ସୁରକ୍ଷିତ ରହିପାରିବେ ସେ କ୍ଷେତ୍ରରେ ଆମେ ସଂକଳ୍ପବଦ୍ଧ ହେବା ଦରକାର।

## ବିରଳ ରୋଗ

# କେଚ୍‌ଅପ୍ ଦେଖିଲେ ଡରିଯାଆନ୍ତି



ଦଶଜଣଙ୍କ ଠାରେ କୌଣସି ଖାଦ୍ୟରେ ଏଲର୍ଜି ସୃଷ୍ଟି ହୋଇଥାଏ। ଫଳରେ ସେମାନେ ଏହାକୁ ଖାଇବାରୁ ଦୂରେଇ ରୁହନ୍ତି। ହେଲେ ନିକଟରେ ଏପରି ଜଣେ ମହିଳାଙ୍କ ବାବଦରେ ଜଣାପଡ଼ିଛି, ଯେ କି ଟମାଟୋ ସସ୍ ଖାଇବା ତ ଦୂରର କଥା, ଦେଖିବା ମାତ୍ରେ ଭୟ କରନ୍ତି। ମହିଳାଙ୍କ କହିବାନୁଯାୟୀ, ତାଙ୍କୁ କେଚ୍‌ଅପ୍ ଦେଖିଲେ ଭୟ ଲାଗେ। ଇଂଲଣ୍ଡରେ ରହୁଥିବା ୩୨ ବର୍ଷୀୟା ଲେହ ଉଡ୍‌ମ୍ୟାନ୍ Mortuusequusphobia ନାମକ ବିରଳ ରୋଗରେ ଆକ୍ରାନ୍ତ। ସେ କେଚ୍‌ଅପ୍‌କୁ ଦେଖି ମାତ୍ରାଧିକ ଭୟଭୀତ ହୋଇଯାନ୍ତି। ତେବେ ସେ କେଚ୍‌ଅପ୍ ଦେଖିଲେ, ତାଙ୍କ ସମ୍ମୁଖରେ କେହି ବନ୍ଧୁକ ଧରି ଛିଡ଼ା ହୋଇଥିବା ପରି ଅନୁଭବ କରିଥାନ୍ତି। ଏଥିସହ ତୁରନ୍ତ ତାକୁ ସେହି ସ୍ଥାନରୁ କାଢ଼ିବା ପାଇଁ କହିଥାନ୍ତି। ନଚେତ୍ ସେ ସେହି ସ୍ଥାନ ଛାଡ଼ି ଚାଲିଯାଆନ୍ତି। ତେବେ ଲେହ ନିଜ ଘରକୁ ମଧ୍ୟ କେଚଅପ୍ ଆଣନ୍ତି ନାହିଁ। କାରଣ ଏହାକୁ ଦେଖିବା ମାତ୍ରେ ତାଙ୍କର ହୃଦ୍‌ସ୍ପନ୍ଦନ ବଢ଼ିଯାଏ। ଏପରିକି କେଚ୍‌ଅପ୍ ଲାଗିଥିବା ବାସନକୁ ମଧ୍ୟ ସେ ଫୋପାଡ଼ି ଦିଅନ୍ତି। ଏନେଇ ଲେହଙ୍କ କହିବାକଥା, ସେ କେଚ୍‌ଅପ୍ ବୋତଲ ମଧ୍ୟ ଦେଖିପାରନ୍ତିନି, କି ବୋତଲ ପାଖକୁ ଯାଆନ୍ତି ନାହିଁ। ତେବେ ତାଙ୍କର ଏପରି ବିକାରଭାବ ଦେଖି କିଛି ଲୋକ ସେ ନାଟକ କରୁଥିବା କହନ୍ତି। ଅନେକ ଥର ତାଙ୍କୁ ଏଥିପାଇଁ ଲଜ୍ଜିତ ମଧ୍ୟ ହେବାକୁ ପଡ଼ିଥାଏ। ଏନେଇ ଲେହଙ୍କ ମାଆଙ୍କ କହିବାନୁଯାୟୀ, ପିଲାଦିନେ ତାଙ୍କୁ ଫ୍ରେଞ୍ଚ୍‌ଫ୍ରାଏଜ୍ ସହିତ କେଚ୍‌ଅପ୍ ଖାଇବାକୁ ଭଲ ଲାଗୁଥିଲା। କିନ୍ତୁ ଧୀରେ ଧୀରେ କେତେବେଳେ ସେ କେଚ୍‌ଅପ୍‌କୁ ଡରିବା ଆରମ୍ଭ କଲେ, ତାହା ସେ ନିଜେ ଜାଣିନାହାନ୍ତି। ତେବେ ଲେହ ଟମାଟରର ଅନ୍ୟ କୌଣସି ଜିନିଷକୁ ନେଇ ଚିଡ଼ୁ ନ ଥିବାବେଳେ କେଚଅପ୍‌କୁ ନେଇ ତାଙ୍କ ମନରେ ଆତଙ୍କଭାବ ରହିଛି।

## ବିଶ୍ୱ ଶ୍ରବଣ ଦିବସ



ମିଳିତ ଜାତି ସଂଘର ନିଷ୍ପତ୍ତି କ୍ରମେ ପ୍ରତିବର୍ଷ ମାର୍ଚ୍ଚ ୩ ତାରିଖକୁ 'ବିଶ୍ୱ ଶ୍ରବଣ ଶକ୍ତି ଦିବସ' ଭାବେ ପାଳନ କରାଯାଉଛି। ଏହି ଦିବସ ପାଳନର ଉଦ୍ଦେଶ୍ୟ ହେଉଛି ବଧିରତା ରୋକିବାକୁ ଚେଷ୍ଟା କରିବା, ଏହାର ଚିକିତ୍ସା, ପ୍ରତିକାର ତଥା ଶ୍ରୁତିବାଧିତମାନଙ୍କ ପାଇଁ ଆବଶ୍ୟକୀୟ ଶିକ୍ଷା ଓ ସ୍ୱାସ୍ଥ୍ୟ ବ୍ୟବସ୍ଥା ଉପଲବ୍ଧ କରାଇବା ସହିତ ଜନସଚେତନତା ସୃଷ୍ଟି କରିବା। କାନକୁ ନ ଶୁଭିବା କିମ୍ବା କମ୍ ଶୁଭିବାକୁ ଶ୍ରବଣ ଦୋଷ ବୋଲି କୁହାଯାଏ। ଏହା ଜନ୍ମରୁ ପିଲା ପାଖରେ ଦେଖାଦେଇପାରେ, ବୟସ ବଢ଼ିଲେ କିମ୍ବା ଅନ୍ୟାନ୍ୟ କାରଣ ଯୋଗୁଁ ମଧ୍ୟ ହୋଇପାରେ। ଶରୀରର ପଞ୍ଚେନ୍ଦ୍ରିୟ ମଧ୍ୟରୁ ଅନ୍ୟତମ ଗୁରୁତ୍ୱପୂର୍ଣ୍ଣ ଓ ମୂଲ୍ୟବାନ ଅଙ୍ଗ ହେଉଛି କର୍ଣ୍ଣ। ବିଭିନ୍ନ ପ୍ରକାର ଶବ୍ଦ ଅନୁଭବ କରିବା କ୍ଷମତାକୁ ଶ୍ରବଣ ଶକ୍ତି କୁହାଯାଏ। ତେବେ ବଧିରତା ହେଉଛି ସମ୍ପୂର୍ଣ୍ଣ ଭାବେ ବା ଆଂଶିକ ଭାବେ ଶ୍ରବଣ ଶକ୍ତି ହରାଇବା। ଅତ୍ୟଧିକ ଭଲ୍ୟୁମ୍ ଦେଇ ଗୀତ ଶୁଣିବା ବା ଟିଭି ଦେଖିବା, ପଛକୁ ଡାକିଲେ ଶୁଣା ନ ଯିବା, ବାରମ୍ବାର କୌଣସି କଥାକୁ ପଚାରିବା ଆଦି ଶ୍ରବଣ ଶକ୍ତି ହ୍ରାସ ପାଇବାର ଲକ୍ଷଣ ଅଟେ। ମଧୁମେହ, ବୟସାଧିକ୍ୟ, କାନରେ ଦୀର୍ଘ ଦିନ ଧରି ପାଣି ଜମିବା, କାନରେ ହାଡ଼ ବଢିବା, ଆଦି ଶ୍ରବଣ ଶକ୍ତି ହ୍ରାସ ପାଇବାର କାରଣ ହୋଇଥାଏ। ଏଭଳି ସମସ୍ୟା ଦେଖାଗଲେ ତୁରନ୍ତ ଡାକ୍ତରଙ୍କ ପରାମର୍ଶ ନେବା ଜରୁରୀ। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ଏକ ରିପୋର୍ଟ ଅନୁସାରେ, ବିଶ୍ୱର ସବୁଠୁ ଶ୍ରବଣଶକ୍ତି ଜନିତ ସମସ୍ୟା ବିକାଶଶୀଳ ରାଷ୍ଟ୍ରଗୁଡ଼ିକରେ ଦେଖାଯାଉଛି। ଅଧିକ ଜୋର୍‌ରେ ସଙ୍ଗୀତ ଶୁଣିବା ଏହାର ପ୍ରମୁଖ କାରଣ ବୋଲି ଏହି ରିପୋର୍ଟରେ ଦର୍ଶାଯାଇଛି। ବିକାଶଶୀଳ ରାଷ୍ଟ୍ରଗୁଡ଼ିକ ଏ ଦିଗରେ କଡ଼ା ପଦକ୍ଷେପ ନେବା ପାଇଁ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ପକ୍ଷରୁ ପରାମର୍ଶ ଦେଇଛି। ସେହିପରି ୧ରୁ ୧୫ ବର୍ଷ ପର୍ଯ୍ୟନ୍ତ ଶିଶୁଙ୍କ କ୍ଷେତ୍ରରେ କାନରେ କୌଣସି ସଂକ୍ରମଣ ଯୋଗୁ ବଧିରତା ସୃଷ୍ଟି ହୋଇଥାଏ। ତେବେ ଇଏନ୍‌ଟି ଡାକ୍ତରଙ୍କ ପରମର୍ଶ ନେଇ ଉପଯୁକ୍ତ ସମୟରେ ଚିକିତ୍ସା କରାଇଲେ ଏହି ସମସ୍ୟାକୁ ଦୂର କରିହେବ। ଏହି ଦିବସ ପାଳନ ଅବସରରେ ଲୋକମାନେ କିପରି ସେମାନଙ୍କର କାନର ସ୍ୱାସ୍ଥ୍ୟ ପ୍ରତି ଧ୍ୟାନ ଦେବେ ତାହା କୁହାଯାଏ। ବିଶ୍ୱ ଶ୍ରବଣ ଦିବସରେ ବିଶ୍ୱର ପ୍ରତ୍ୟେକ କୋଣ ଅନୁକୋଣରେ ଅନେକ ଅଭିଯାନ ଏବଂ କାର୍ଯ୍ୟକ୍ରମ ଆୟୋଜିତ ହୁଏ, ଏହି ଆୟୋଜନରେ ଲୋକେ ସାମିଲ ହୋଇ ଏହି ଗମ୍ଭୀର ସମସ୍ୟା ଉପରେ ଅବଗତ ହୁଅନ୍ତି।

## ପ୍ରଧାନଶିକ୍ଷକଙ୍କ ଅଭିନବ ପଦକ୍ଷେପ



ସ୍କୁଲରେ ଛାତ୍ରଛାତ୍ରୀଙ୍କ ସଂଖ୍ୟା ବଢ଼ାଇବା ତଥା ପିଲାମାନେ କିଭଳି ସ୍କୁଲରେ ନାମ ଲେଖାଇବେ, ସେହି ଚେଷ୍ଟାରେ ଜଣେ ପ୍ରଧାନଶିକ୍ଷକଙ୍କ ଅଭିନବ ପଦକ୍ଷେପ ସମସ୍ତଙ୍କ ଦୃଷ୍ଟିଆକର୍ଷଣ କରିଛି। କର୍ଣ୍ଣାଟକ ଅଦାଲଲତୀ ଗାଁର ଏକ ସରକାରୀ ସ୍କୁଲର ପ୍ରଧାନଶିକ୍ଷକ ସିଦ୍ଧମଲା ଖୋଟ୍‌ଙ୍କ ନିଆରା ପଦକ୍ଷେପ ଏବେ ଚର୍ଚ୍ଚାର ପ୍ରସଙ୍ଗ ପାଲଟିଛି। ସେ ସ୍କୁଲରେ ନାମ ଲେଖାଉଥିବା ପ୍ରତ୍ୟେକ ନୂଆ ଛାତ୍ରଙ୍କ ନାଁରେ ୧୦୦୦ ଟଙ୍କା ଜମା ରଖୁଛନ୍ତି। ତାହା ପୁଣି ନିଜ ପକେଟ୍‌ରୁ। ସେହିପରି ଏହି ଜମା ଅର୍ଥ ୧୮ ବର୍ଷ ପରେ ପରିପକ୍ୱ ହେବ। ସ୍ୱଳ୍ପ ଅର୍ଥ ହେଲେ ହେଁ ଏହା ଅଭିଭାବକଙ୍କୁ ପିଲାଙ୍କୁ ସରକାରୀ ସ୍କୁଲରେ ପଢ଼ାଇବା ଦିଗରେ ପ୍ରୋତ୍ସାହିତ କରିବ ବୋଲି ସେ କହନ୍ତି। ଗତ କିଛି ବର୍ଷ ମଧ୍ୟରେ ଏଠାକାର ବହୁ ସରକାରୀ ସ୍କୁଲରେ ପିଲାଙ୍କ ସଂଖ୍ୟା ହ୍ରାସ ପାଉଥିବାରୁ ବିଦ୍ୟାଳୟ ବନ୍ଦ ସ୍ଥିତିର ସମ୍ମୁଖୀନ ହୋଇ ଆସୁଛି। ଆର୍ଥିକ ଅସୁବିଧା ସହିତ ବେସରକାରୀ ବା ଘରୋଇ ଅନୁଷ୍ଠାନଗୁଡ଼ିକର ପ୍ରତିଯୋଗିତା ଏହି ସମସ୍ୟାକୁ ଅଧିକ କରିଛି। ୨୦୦୫ରେ ଏହି ସ୍କୁଲକୁ ପ୍ରତିଷ୍ଠା କରାଯାଇଥିଲା। ସେତେବେଳେ ପ୍ରଥମରୁ ସପ୍ତମ ଶ୍ରେଣୀରେ ୬୦-୭୦ ପିଲା ପଢୁଥିଲେ। କିନ୍ତୁ ଏବେ ଶିକ୍ଷକଙ୍କ ଅଭାବ ଏବଂ ଭିତ୍ତିଭୂମି ଅଭାବ ହେତୁ ପିଲାଙ୍କ ସଂଖ୍ୟା ହ୍ରାସ ପାଇଥିବା ଜଣାପଡ଼ିଛି। ସିଦ୍ଧମଲା ୨୦୨୩ରେ ପ୍ରଧାନଶିକ୍ଷକ ଭାବେ ନିଯୁକ୍ତ ହୋଇ ପିଲାଙ୍କୁ ସ୍କୁଲ ପ୍ରତି ଆକୃଷ୍ଟ କରିବା ଏବଂ ସ୍କୁଲର ପ୍ରତିଷ୍ଠା ଯେଭଳି ବଜାୟ ରହିବ, ସେ ଦିଗରେ ବିଭିନ୍ନ କାର୍ଯ୍ୟକ୍ରମମାନ କରିଆସୁଛନ୍ତି। ମାସକୁ କୁଇଜ୍ ପ୍ରତିଯୋଗିତା ଆୟୋଜନ କରି ବିଜେତାଙ୍କୁ ପୁରସ୍କାର ଅର୍ଥ ପ୍ରଦାନ କରନ୍ତି। ଏହାବାଦ୍ ପ୍ରତିଯୋଗିତା ପରୀକ୍ଷା ପ୍ରସ୍ତୁତି କରୁଥିବା ଗାଁ ଯୁବପିଢ଼ିଙ୍କ ପାଇଁ ସେ ଟ୍ରେନିଂ ୱାର୍କସପ୍‌କୁ ମଧ୍ୟ ସେ ପରିଚିତ କରାଇଛନ୍ତି। ଖରାଦିନେ ସେ ତାଙ୍କ ଛାତ୍ରଛାତ୍ରୀଙ୍କ ଲାଗି ପଢ଼ା ବ୍ୟତୀତ ଅନ୍ୟ ସ୍ୱତନ୍ତ୍ର କ୍ଲାସ୍ କରନ୍ତି। ସେ ଅନ୍ୟମାନଙ୍କ ସହାୟତା ଏବଂ ସ୍କୁଲର ଅନ୍ୟ ସଦସ୍ୟଙ୍କ ସହୟତାରେ ସ୍କୁଲର ଉନ୍ନତି ଓ ପରିବେଶକୁ ଅନୁକୂଳ କରିବାରେ ଲାଗିଛନ୍ତି। ଗତବର୍ଷଠାରୁ ସେ ଫିକ୍ସଡ୍ ଜମା ପଦକ୍ଷେପକୁ ପରିଚିତ କରାଇଛନ୍ତି। ଗତବର୍ଷ ପ୍ରଥମ ଶ୍ରେଣୀରେ ଦୁଇଜଣ ଛାତ୍ର ନାମ ଲେଖାଇ ଥିବା ବେଳେ ଚଳିତବର୍ଷ ସ୍କୁଲ ଖୋଲିବାର ପ୍ରଥମ ଦିନରେ ନଅଜଣ ପିଲା ନାମ ଲେଖାଇଛନ୍ତି। ତାଙ୍କର ଏହି ପ୍ରୟାସ ସଫଳ ହେଉଥିବା କୁହାଯାଉଛି। ସେହିପରି ତାଙ୍କର ଏହି କାମ ଅନ୍ୟମାନଙ୍କ ପାଇଁ ପ୍ରେରଣା ପାଲଟିଛି।

## ମଶା ଧରିଲେ ପୁରସ୍କାର



ମଶାରୁ ମେଲେରିଆ ତଥା ଡେଙ୍ଗୁ ଭଳି ମାରାତ୍ମକ ରୋଗ ହୋଇଥାଏ। ଏଥିରୁ ରକ୍ଷା ପାଇବା ପାଇଁ ଲୋକେ ମଶାବତି, ମଶାରି ବ୍ୟବହାର କରିବା ସହ ମଶା ଧୂଆଁ ମଧ୍ୟ ଦେଇଥାନ୍ତି। ତେବେ ଡେଙ୍ଗୁରୁ ରକ୍ଷା ପାଇବା ପାଇଁ ଫିଲିପିନ୍ସର ଏକ ଗାଁ ଏକ ନିଆରା ସ୍ୱଚ୍ଛତା ଅଭିଯାନ ଆରମ୍ଭ କରିଛି। ଯାହାକି ଚର୍ଚ୍ଚାର ପ୍ରସଙ୍ଗ ହେବା ସହ ସମସ୍ତଙ୍କ ଦୃଷ୍ଟିଆକର୍ଷଣ କରିଛି। ମାଣ୍ଡଲୁୟୋଙ୍ଗ ସହରର ଏଡିସନ ହିଲ୍ସ ଗାଁ ଏହି ଅଭିଯାନକୁ ଆପଣାଇଛି। ଏଠାରେ ମଶା ଜନିତ ରୋଗର ପ୍ରକୋପ ବଢ଼ିବାରୁ ଲୋକଙ୍କ ଚିନ୍ତା ବୃଦ୍ଧି ପାଇଛି। ତେଣୁ ଏଠାରେ ମଶା ଧରିବା ଲୋକଙ୍କୁ ପରସ୍କାର ପ୍ରଦାନ କରାଯିବା କଥା ଘୋଷଣା କରାଯାଇଛି। ୫ଟି ମଶା କିମ୍ବା ଏହାର ଲାର୍ଭା ପାଇଁ ସେମାନଙ୍କୁ ଦେଢ଼ ଟଙ୍କା ମିଳିବ। ତେବେ ରୋଚକୀୟ କଥା ହେଉଛି, ମଶା ଜୀବିତ ଓ ମୃତ ହେଲେ ବି ଚଳିବ। ଫିଲିପିନ୍ସରେ ଏହିବର୍ଷ ଫେବୃଆରୀ ୧ ତାରିଖ ସୁଦ୍ଧା ଡେଙ୍ଗୁର ୨୮,୨୩୫ ମାମଲା ରେକର୍ଡ କରାଯାଇଥିଲା। ତେବେ ଡେଙ୍ଗୁରୁ ରକ୍ଷା ପାଇବା ପାଇଁ ସ୍ୱଚ୍ଛତା ଅଭିଯାନ ଚାଲିଥିଲେ ବି ମାମଲା ଥମୁ ନାହିଁ। ତେଣୁ ଡେଙ୍ଗୁରୁ ରକ୍ଷା ପାଇବା ପାଇଁ ଏଭଳି ପରିକଳ୍ପନା କରାଯାଇଛି। ତେବେ ମଶା ଧରିବା ପୁରସ୍କାର ଲୋଭରେ ଯଦି ମଶାର ପ୍ରଜନନ କରାଯାଏ, ତେବେ ଏହି ରଣନୀତି ସଫଳ ନ ହେବା ଆଲୋଚନା ହେଉଛି। ଏହାସହ ମଶାଜନିତ ରୋଗକୁ ନେଇ ବିପଦ ଅଧିକ ହେବ। ତେବେ ଏହା ପରେ ବି ଯଦି ମାମଲା ବଢ଼େ, ତେବେ ଏହି ଅଭିଯାନକୁ ବନ୍ଦ କରିଦିଆଯିବ ବୋଲି ନିଷ୍ପତ୍ତି ହୋଇଛି।

## ଜନ୍‌ଙ୍କୁ ଟକ୍କର ଦେବେ ତ୍ରିପ୍ତି





ବଲିଉଡ୍ ଅଭିନେତ୍ରୀ ତ୍ରିପ୍ତି ଡିମ୍‌ରିଙ୍କ ଫିଲ୍ମ 'ଭୁଲଭୁଲୈୟା-୩' ହିଟ୍ ହେବା ପରେ ଏବେ ତାଙ୍କ ହାତକୁ ବହୁତ ବଡ଼ ବଡ଼ ପ୍ରୋଜେକ୍ଟରୁ ଅଫର୍ ଆସୁଛି। ଗତବର୍ଷ ତ୍ରିପ୍ତି ଓ ସିଦ୍ଧାନ୍ତ ଚତୁର୍ବେଦୀଙ୍କ 'ଧଡକ୍-୨' ଫିଲ୍ମ ଘୋଷଣା କରାଯାଇଥିଲା। ଏହି ଫିଲ୍ମ ଗତବର୍ଷ ନଭେମ୍ବରରେ ରିଲିଜ୍ ହେବାର ଥିଲା। ପରେ କିନ୍ତୁ ଏହାର ରିଲିଜ୍ ଡେଟ୍‌କୁ ଘୁଞ୍ଚାଇ ଦିଆଯାଇଥିଲା। ଏହାକୁ ୨୦୨୫ ହୋଲିରେ ରିଲିଜ୍ କରାଯିବ ବୋଲି ଫିଲ୍ମ ନିର୍ମାତା କହିଥିଲେ। ଯଦି ଏପରି ହେଉଛି, ତେବେ ଏହା ଜନ୍ ଆବ୍ରାହମ୍‌ଙ୍କ ଫିଲ୍ମକୁ କଡ଼ା ଟକ୍କର ଦେବ। କାରଣ ହୋଲି ଅବସରରେ ଜନ୍‌ଙ୍କ ଫିଲ୍ମ 'ଦ ଡିପ୍ଲୋମାଟ୍' ରିଲିଜ୍ ହେବ। ତେବେ ଏଯାବତ୍ ଫିଲ୍ମର ପ୍ରମୋସନ୍ କରାଯାଇନାହିଁ କି ଟ୍ରେଲର ଲଞ୍ଚ୍ ହୋଇନାହିଁ। 'ଧଡକ୍-୨'କୁ ସିବିଏଫ୍‌ସିରୁ ସବୁଜ ସଙ୍କେତ ବି ମିଳିପାରି ନାହିଁ। ଏହାର ଟିଜର୍‌କୁ ଦେଖି ଏହା ଜାତିଭିତ୍ତିକ ପ୍ରେମ କାହାଣୀ ବୋଲି ଦର୍ଶକେ ଅନୁମାନ କରୁଛନ୍ତି। ତେଣୁ ଫିଲ୍ମର କିଛି ସିନ୍ କାଟିବା ପାଇଁ ଉପରେ ସିବିଏଫ୍‌ସି ବିଚାର କରୁଛି।

## ଆଜିର ଐତିହ୍ୟ

- ୧୮୩୯ - ପ୍ରଖ୍ୟାତ ଉଦ୍ୟୋଗପତି ଜାମସେଦ୍‌ଜି ଟାଟାଙ୍କ ଜନ୍ମ।
- ୧୮୪୫- ଫ୍ଲୋରିଡା ଆମେରିକାର ୨୮ ତମ ରାଜ୍ୟ ହେଲା।
- ୧୯୨୩- ପ୍ରଥମ ଥର ପାଇଁ ପ୍ରସିଦ୍ଧ 'ଟାଇମ୍' ପତ୍ରିକା ନ୍ୟୁୟର୍କ ସିଟିରୁ ପ୍ରକାଶିତ ହୋଇଥିଲା।
- ୧୯୭୪- ତୁର୍କୀ ଏୟାରଲାଇନ୍ସର ଡିସି ୧୦ ବିମାନ ପ୍ୟାରିସ୍ ନିକଟରେ ଦୁର୍ଘଟଣାଗ୍ରସ୍ତ ହେବାରୁ ୩୪୫ ଲୋକଙ୍କ ମୃତ୍ୟୁ ହୋଇଥିଲା।
- ୨୦୦୯ -ପାକିସ୍ତାନର ଲାହୋରରେ ମ୍ୟାଚ୍ ଖେଳିବାକୁ ଯାଇଥିବା ଶ୍ରୀଲଙ୍କା କ୍ରିକେଟ୍ ଟିମ୍ ଉପରେ ଆତଙ୍କବାଦୀ ଆକ୍ରମଣ।
- ୨୦୧୩-ମିଳିତ ଜାତିସଂଘ ମାର୍ଚ୍ଚ ୩ ତାରିଖକୁ ବିଶ୍ୱ ବନ୍ୟପ୍ରାଣୀ ଦିବସ ଭାବେ ପାଳନ କରିବା ପାଇଁ ଘୋଷଣା କଲା।

## ଆଜିର ରାଶିଫଳ

**ମେଷ:** ଖୁସି ଖବର ମିଳିପାରେ। ଚାକିରିରେ ସଫଳତା ମିଳିବ। ଅର୍ଥ ନିବେଶ ପାଇଁ ଭଲ ସମୟ। ଭବିଷ୍ୟତ ପାଇଁ ଅର୍ଥ ସଞ୍ଚୟ କରିବେ। ନିଜ ଭୁଲ୍‌କୁ ସୁଧାରିବେ। ପରୀକ୍ଷାର୍ଥୀ କୃତକାର୍ଯ୍ୟ ହେବେ।

**ବୃଷ:** ଦିନଟିରେ ସଫଳତା ପ୍ରାପ୍ତି ହେବ। ସୃଜନାତ୍ମକ କାମ ପ୍ରତି ଆଗ୍ରହ ବଢ଼ିବ। ଅଧିକ ଖର୍ଚ୍ଚାନ୍ତ ହେବେ। ବ୍ୟବସାୟରେ ଉନ୍ନତି ପରିଲକ୍ଷିତ ହେବ। ପ୍ରେମିକପ୍ରେମିକାଙ୍କ ପାଇଁ ଦିନଟି ଭଲ।

**ମିଥୁନ:** ରାଜନୀତିରେ ସକ୍ରିୟ ହେବେ। ବନ୍ଧୁଙ୍କ ସହ ବୁଲିବାକୁ ଯାଇପାରନ୍ତି। ଅଫିସ୍‌ରେ ପଦୋନ୍ନତି ସମ୍ଭାବନା ଅଛି। ଛାତ୍ରଛାତ୍ରୀ ପ୍ରବେଶିକା ପରୀକ୍ଷା ଲାଗି ପ୍ରସ୍ତୁତି କରିବେ। ଚକ୍ଷୁ ସମସ୍ୟା ଭୋଗିପାରନ୍ତି।

**କର୍କଟ:** ଅଫିସ୍‌ରେ ଉଚ୍ଚ ଅଧିକାରୀଙ୍କ ସହଯୋଗ ମିଳିବ। ନିବେଶରୁ ଲାଭବାନ ହେବେ। ପୁରୁଣା ବନ୍ଧୁଙ୍କ ସହ ଭେଟ ହେବ। ପରିବାର ଲୋକଙ୍କ ସହ ସମୟ ବିତାନ୍ତୁ। ସଙ୍ଗୀତ ପ୍ରତି ରୁଚି ବଢ଼ିବ।

**ସିଂହ:** ଦିନଟି ମିଶ୍ରଫଳ ପ୍ରଦାନ କରିବ। ବ୍ୟବସାୟ ସମ୍ବନ୍ଧିତ ନୂଆ ଯୋଜନାରୁ ଦୂରେଇ ରହିବେ। ଧାର୍ମିକ କାର୍ଯ୍ୟରେ ସାମିଲ ହେବେ। ସନ୍ତାନଙ୍କ ଭବିଷ୍ୟତକୁ ନେଇ ପିତାମାତା ଚିନ୍ତାରେ ରହିବେ।

**କନ୍ୟା:** ଆର୍ଥିକ ସ୍ଥିତି ଭଲ ରହିବ। ସୁଖଦ ଯାତ୍ରା ଯୋଗ ଅଛି। ଶିକ୍ଷା କ୍ଷେତ୍ରରେ ସଫଳତା ପ୍ରାପ୍ତ ହେବ। ଭାଇ, ଭଉଣୀଙ୍କ ସହଯୋଗ ମିଳିବ। ବ୍ୟସ୍ତତା ଭିତରେ ସମୟ କଟିବ।

**ତୁଳା:** ପ୍ରେମ ସମ୍ପର୍କରେ ପ୍ରଗାଢ଼ତା ଆସିବ। ଛାତ୍ରଛାତ୍ରୀ କର୍ମଚଞ୍ଚଳ ହେବେ। ଆଇନଜୀବୀଙ୍କୁ ସଫଳତା ମିଳିବ। ଘରକୁ ଅତିଥିଙ୍କ ଆଗମନ ହେବ। ଜୀବନସାଥୀଙ୍କ ନୂଆ କାମକୁ ନେଇ ଖୁସି ଅନୁଭବ କରିବେ।

**ବିଛା:** ଘରେ ଧନଧାନ୍ୟ ବୃଦ୍ଧି ହେବ। ବିବାହ ପ୍ରସ୍ତାବ ସ୍ଥିର ହେବ। ଘରେ ମାଙ୍ଗଳିକ କାର୍ଯ୍ୟକ୍ରମ ଆୟୋଜନ ହେବ। ପରିବାର ସଦସ୍ୟଙ୍କ ମଧ୍ୟରେ ତିକ୍ତତା ଦୂର ହେବ। ହାତେ ମାପି ଚାଖଣ୍ଡେ ଚାଲନ୍ତୁ।

**ଧନୁ:** ଯାତ୍ରା ସମୟରେ ସତର୍କତା ଅବଲମ୍ବନ କରନ୍ତୁ। ଅଫିସ୍‌ରେ ମାନସମ୍ମାନ ବଢ଼ିବ। ଅନଲାଇନ୍ କାର୍ଯ୍ୟରୁ ଲାଭ ମିଳିବ। ଜବୀନସାଥୀଙ୍କ ସ୍ୱାସ୍ଥ୍ୟରେ ଉନ୍ନତି ଦେଖା ଦେବ।

**ମକର:** ଚାକିରି ନିଷ୍ପତ୍ତି ପାଇଁ ଦ୍ୱନ୍ଦ୍ୱରେ ରହିବେ। ଛାତ୍ରଛାତ୍ରୀ ଅଧିକ ପରିଶ୍ରମ କରିବେ। ପ୍ରେମିକ ପ୍ରେମିକାଙ୍କ ମଧ୍ୟରେ ଭୁଲ୍ ବୁଝାମଣା ଦେଖାଦେବ। ସମାଜସେବାରେ ନିୟୋଜିତ ରହିବେ।

**କୁମ୍ଭ:** କାର୍ଯ୍ୟରେ ବାଧା ଉପୁଜିପାରେ। ବ୍ୟବହାରରେ ନିୟନ୍ତ୍ରଣ ରକ୍ଷା କରିବେ। ଭାବିଚିନ୍ତି ଖର୍ଚ୍ଚ କରିବା ଭଲ। କୌଣସି ଦୁର୍ଘଟଣା ଘଟିବା ସମ୍ଭାବନା ଅଛି। ଅଚାନକ ଦୂର ସ୍ଥାନକୁ ଯାତ୍ରା କରିବେ।

**ମୀନ:** ଦିନଟି ଉତ୍ସାହଜନ ରହିବ ନାହିଁ। ଘରେ ପୂଜାପାଠ ଆୟୋଜନ କରିବେ। ନିଜ ପସନ୍ଦର କାର୍ଯ୍ୟ କରିବେ। ସ୍ୱାଦିଷ୍ଟ ଖାଦ୍ୟ ଖାଇବେ। ପାରିବାରିକ ଜୀବନ ସୁଖମୟ ହେବ। ଗୁରୁଜନଙ୍କ ସହଯୋଗ ମିଳିବ।

# ନାଗେଶ୍ୱରୀ ପର୍ବତରୁ ବକ୍ସାଇଟ୍ ଖୋଳିବ ଆଦାନୀ

## ମାଳି ପର୍ବତ ସୁରକ୍ଷା ସମିତି, ନାଗେଶ୍ୱରୀ ସୁରକ୍ଷା ସମିତିର ବିରୋଧ

**କୋରାପୁଟ,୨।୩(ସମିସ):** ନନ୍ଦପୁର ବ୍ଲକ ଅନ୍ତର୍ଗତ ପ୍ରସିଦ୍ଧ ପର୍ଯ୍ୟଟନ ସ୍ଥଳ ନାଗେଶ୍ୱରୀ ପାହାଡ଼ରୁ ବକ୍ସାଇଟ ଖନନ ନିମନ୍ତେ ଆସନ୍ତା ୬ ତାରିଖରେ ହେବ ଜନଶୁଣାଣି। ଏହାପୂର୍ବରୁ ଲିଜ୍‌କୁ ନେଇ ସ୍ଥାନୀୟ ଜନସାଧାରଣଙ୍କ ମଧ୍ୟରେ ଅସନ୍ତୋଷ ସୃଷ୍ଟି ହୋଇଛି ଏବଂ ଜନଶୁଣାଣିରେ ତୀବ୍ର ବିରୋଧ କରାଯିବା ନିମନ୍ତେ ପ୍ରସ୍ତୁତି ଚାଲିଛି। ନାଗେଶ୍ୱରୀ ପାହାଡ଼ ସହ ଅଞ୍ଚଳବାସୀଙ୍କ ଭାବାବେଗ ଜଡ଼ିତ। ପାହାଡ଼ ଉପର ଭାଗ ଗୁମ୍ଫାରେ ଥିବା ଠାକୁରାଣୀ କେଉଁ ଆବହମାନ କାଳରୁ ପୂଜା ପାଇ ଆସୁଛନ୍ତି।

### ଶିଳ୍ପ ନ କରି ବକ୍ସାଇଟ୍ ଉତ୍ତୋଳନ ଗ୍ରହଣୀୟ ନୁହେଁ: ବିଧାୟକ

ଏଠାରେ ପ୍ରତିବର୍ଷ ଠାକୁରାଣୀଙ୍କ ଯାତ୍ରା ଆୟୋଜିତ ହୋଇଥାଏ। ନିକଟସ୍ଥ ଗ୍ରାମବାସୀଙ୍କ ସମେତ ଉକ୍ତ ଯାତ୍ରାରେ ପଡୋଶୀ ଆନ୍ଧ୍ର ପ୍ରଦେଶର ହଜାର ହଜାର ଭକ୍ତ ସାମିଲ ହୋଇଥାନ୍ତି। ତେଣୁ ନାଗେଶ୍ୱରୀ ପାହାଡ଼ରୁ ବକ୍ସାଇଟ ଉତ୍ତୋଳନ କରାଗଲେ ଏହାର ପ୍ରାକୃତିକ ସୌନ୍ଦର୍ଯ୍ୟ ହାନି ହେବା ସହ ଜଙ୍ଗଲର ପଶୁ ପକ୍ଷୀଙ୍କ ଜୀବନ ବିପଦରେ ପଡ଼ିବ ଓ ପର୍ବତର ତଳ ଅଞ୍ଚଳରେ ଥିବା ଚାଷ ଜମି କ୍ଷତିଗ୍ରସ୍ତ ହେବ ବୋଲି ଅଞ୍ଚଳବାସୀ କହିଛନ୍ତି।

ଆଦାନୀ କମ୍ପାନୀ ଲିଜ୍ ନେଇ ଏଠାରୁ ବକ୍ସାଇଟ୍ ଉତ୍ତୋଳନ କରିବାକୁ ଲକ୍ଷ୍ୟ ରଖିଛି। ମାତ୍ର ବକ୍ସାଇଟ ଖନନ ହେବା ଦ୍ୱାରା ନନ୍ଦପୁର ବ୍ଲକ ଅନ୍ତର୍ଗତ ବାଲଡା, ଭେଜା, ଉମ୍ବେଲ୍, କୁଲାବିର ସମେତ ୬ ଗ୍ରାମ ପଞ୍ଚାୟତର ଲୋକେ ପ୍ରଭାବିତ ହେବେ। ଖଣି ଖନନ ଦ୍ୱାରା ସେମାନଙ୍କ ଜୀବନଜୀବିକା, ଚାଷ ପ୍ରଭାବିତ ହେବା ସହ ପରିବେଶ ପ୍ରଦୂଷଣ ହେବାର ସମ୍ଭାବନା ଥିବାରୁ



ଲୋକେ ଏହାକୁ ବିରୋଧ କରୁଛନ୍ତି। ନାଗେଶ୍ୱରୀ ପାହାଡ଼ରେ ଥିବା ୧୧୮୧ ହେକ୍ଟର ଜଙ୍ଗଲ ଜମି ମଧ୍ୟରୁ ପାହାଡ଼ର ଶିଖର ଦେଶରେ ସମତଳ ଥିବା ମାତ୍ର ୧୪୫ ହେକ୍ଟର ଜମି ବକ୍ସାଇଟ ଖନନ ଦ୍ୱାରା ପ୍ରଭାବିତ ହେବାର ଆକଳନ କରାଯାଇ କମ୍ପାନୀକୁ ବନ ବିଭାଗ ପକ୍ଷରୁ ୧୪୫ ହେକ୍ଟର ଜମିର ଅନୁମତି ଦିଆଯାଇଛି। ମାତ୍ର ପରିବେଶବିତ୍‌ମାନେ ଏହାକୁ ବିରୋଧ କରିବା ସହ ବକ୍ସାଇଟ୍ ଉତ୍ତୋଳନ ହେଲେ ନାଗେଶ୍ୱରୀ ପାହାଡ଼ର ସମସ୍ତ ୧୧୮୧ ହେକ୍ଟର ଜଙ୍ଗଲ ନଷ୍ଟ ହେବା ସହ ଏହା ସ୍ଥାନୀୟ ଲୋକଙ୍କ ପାଇଁ ବିପଦଜନକ ପରିସ୍ଥିତି ସୃଷ୍ଟି କରିବ ବୋଲି ମତ ରଖିଛନ୍ତି।

ଅନ୍ୟପକ୍ଷରେ ଆଦାନୀ କମ୍ପାନୀ ଏଠାରୁ ବକ୍ସାଇଟ ନେଇ ବାହାର ଦେଶକୁ ବିକ୍ରି କରିବ, ସେଥିରେ ସ୍ଥାନୀୟ ଯୁବକଯୁବତୀ କ'ଣ ଲାଭ ପାଇବେ ବୋଲି ଅନେକେ ପ୍ରଶ୍ନ ଉଠାଇଛନ୍ତି। ବକ୍ସାଇଟ ଉତ୍ତୋଳନ ଯୋଗୁଁ ସେମାନେ ଧୂଳି ମାଟି ଖାଇବେ, ଆଉ କମ୍ପାନୀ ବାହାରକୁ କଞ୍ଚାମାଲ ରପ୍ତାନି କରି ଅଧିକ ଲାଭ ପାଇବ, ତେଣୁ ସେମାନେ ବିରୋଧ କରୁଥିବା ଲୋକେ ମତ ରଖିଛନ୍ତି। ଏପରିକି ତିନି ଦିନ ପରେ ଜନଶୁଣାଣି ହେବାକୁ ଥିବା ବେଳେ ବର୍ତ୍ତମାନ ପର୍ଯ୍ୟନ୍ତ ଏ ସମ୍ପର୍କରେ ଜନ ସାଧାରଣଙ୍କୁ କୌଣସି ସୂଚନା ଦିଆଯାଇ ନ ଥିବା ଅଭିଯୋଗ କରିଛନ୍ତି ମାଳି ପର୍ବତ ସୁରକ୍ଷା ସମିତି ସଭାପତି ବିଜୟ ଖିଲ। ଲୋକଙ୍କୁ ଅନ୍ଧାରରେ ରଖି ଜନଶୁଣାଣି କରିବା କମ୍ପାନୀର ଚାଲ ବୋଲି ସେ କହିଛନ୍ତି।

ସେହିପରି ନାଗେଶ୍ୱରୀ ସୁରକ୍ଷା ସମିତି ମଧ୍ୟ ଖଣି ଖନନକୁ ବିରୋଧ କରିଛି। ନାଗେଶ୍ୱରୀ ପର୍ବତରୁ ବକ୍ସାଇଟ ଉତ୍ତୋଳନ ନିମନ୍ତେ ଅନୁମତି ପାଇଥିବା ଆଦାନୀ ଗ୍ରୁପ ଏଠାରେ ଶିଳ୍ପ ପ୍ରତିଷ୍ଠା ନ କରି କେବଳ କଞ୍ଚାମାଲ ନେବାକୁ ନାଗେଶ୍ୱରୀ ସୁରକ୍ଷା ସମିତି ବିରୋଧ କରୁଥିବା ଜଣେ ବରିଷ୍ଠ ସଦସ୍ୟ ମତ ଦେଇଛନ୍ତି। ଯଦି ଆଦାନୀ କମ୍ପାନୀ ସ୍ଥାନୀୟ ଅଞ୍ଚଳରେ ଶିଳ୍ପ ପ୍ରତିଷ୍ଠା କରନ୍ତି ତା'ହେଲେ ସେମାନେ ସମର୍ଥନ ଦେବେ ବୋଲି ସେ କହିଛନ୍ତି। ଅନ୍ୟପକ୍ଷରେ ଆଦାନୀ କମ୍ପାନୀ ସ୍ଥାନୀୟ ଅଞ୍ଚଳରେ ଶିଳ୍ପ ପ୍ରତିଷ୍ଠା କଲେ ବିରୋଧ କରାଯିବ ନାହିଁ, କିନ୍ତୁ ଏଠାରୁ ବକ୍ସାଇଟ ଉତ୍ତୋଳନ କରି ବାହାର ରାଜ୍ୟ କିମ୍ବା ଦେଶକୁ ରପ୍ତାନୀ କରାଗଲେ ତାକୁ ପ୍ରବଳ ବିରୋଧ କରାଯିବ ବୋଲି କଂଗ୍ରେସ ବିଧାୟକ ଦଳ ନେତା ତଥା ପଟାଙ୍ଗି ବିଧାୟକ ରାମଚନ୍ଦ୍ର କାଡାମ ପ୍ରତିକ୍ରିୟା ରଖିଛନ୍ତି।

# ୬ ବର୍ଷ ଶିଶୁକନ୍ୟାକୁ ଦୁଷ୍କର୍ମ

**ରାଉରକେଲା,୨।୩ (ସମିସ):** ଗଣଦୁଷ୍କର୍ମ ହେଉ ଅବା ଦୁଷ୍କର୍ମ ଏଭଳି ଏକ ଘୃଣ୍ୟ ମାନସିକତା ଥମିବାରେ ନାଁ ନେଉନି ରାଉରକେଲା ପୁଲିସ ଜିଲ୍ଲାରେ। ଗତ କିଛି ଦିନ ପୂର୍ବେ ବିସ୍ରାରେ ସାପ୍ତାହିକ ହାଟକୁ ଯାଇଥିବା ଜଣେ ଯୁବତୀଙ୍କୁ ଦୁଷ୍କର୍ମ ଘଟଣା ଲୋକଙ୍କ ମନରୁ ନ ଲିଭୁଣୁ ପୁଣି ଏଭଳି ଏକ ଘୃଣ୍ୟ ଅଭିଯୋଗ ଆସିଛି ଚାନ୍ଦିପୋଷ ଥାନା ଅଞ୍ଚଳରୁ। ବନ୍ଧମୁଣ୍ଡା ଅଞ୍ଚଳରୁ ଏକ ନିର୍ବନ୍ଧ କାର୍ଯ୍ୟରେ ନିଜ ପରିବାର ସହ ଆସିଥିବା ଜଣେ ୬ ବର୍ଷର ଶିଶୁ କନ୍ୟାକୁ ବସ୍‌ର ଖଲାସୀ ଜଙ୍ଗଲ ଭିତରକୁ ଡାକି ନେଇ ଦୁଷ୍କର୍ମ କରି ଫେରାର୍ ହୋଇଯିବା ଘଟଣା ଆଜି ଆଲୋଡ଼ନ ସୃଷ୍ଟି କରିଛି। ତେବେ ପୁଲିସ୍ ଅଭିଯୁକ୍ତ ଖଲାସୀକୁ କାବୁ କରି ଥାନାରେ ଅଟକ ରଖି ପଚରାଉଚରା କରୁଥିବା ଜଣାପଡ଼ିଛି।

### ଅଭିଯୁକ୍ତ ବସ୍ ଖଲାସୀ ଅଟକ

ଶନିବାର ବନ୍ଧମୁଣ୍ଡା ଅଞ୍ଚଳରୁ ଏକ ବରପକ୍ଷ ନିର୍ବନ୍ଧ ପାଇଁ ଏକ ବସ୍‌ରେ ଚାନ୍ଦିପୋଷ ଅଞ୍ଚଳକୁ ଆସିଥିଲେ। ଶନିବାର ଅପରାହ୍ଣରେ ନିର୍ବନ୍ଧ କାମ ସରିବାପରେ ଖିଆପିଆ ଚାଲିଥିବା ବେଳେ ତାଙ୍କ ସହିତ ଆସିଥିବା ୬ ବର୍ଷର ନାବାଳିକା ହଠାତ୍ ନିଖୋଜ ହୋଇଯାଇଥିଲା। ସନ୍ଧ୍ୟା ସାଢ଼େ ୫ଟା ବେଳକୁ ଖିଆପିଆ ଚାଲିଥିବା ସ୍ଥାନରୁ ୧୦୦ ମିଟର ଦୂରରେ ଚାନ୍ଦିପୋଷ ରେଲୱେ ସାଇଡିଂ ନିକଟ କ୍ଷେତରେ ନାବାଳିକା ବସି କାନ୍ଦୁଥିବା ଅବସ୍ଥାରେ ପରିବାରଲୋକେ ପାଇଥିଲେ। ତାକୁ ପଚରାଉଚରା କରିବା ପରେ ଘଟଣା ପଦାକୁ ଆସିଥିଲା। ନାବାଳିକାର ସୂଚନା ମୁତାବକ ଜଣେ ଯୁବକ ଦୋକାନ ଯିବାର ପ୍ରଲୋଭନ ଦେଖାଇ ତାକୁ ଡାକି ନେଇଥିଲା। ପରେ ଦୋକାନ ନେବା ପରିବର୍ତ୍ତେ ନିକଟସ୍ଥ ଜଙ୍ଗଲିଆ କ୍ଷେତକୁ ନେଇ ଯାଇ ସେଠାରେ ତା' ସହ ଦୁଷ୍କର୍ମ କରିଥିଲା। ଏ ବିଷୟରେ କାହା ଆଗରେ କହିଲେ, ଜୀବନରୁ ମାରିଦେବା ପାଇଁ ଧମକ ଦେଇ ସେଠାରୁ ଫେରାର୍ ହୋଇଯାଇଥିଲା। ଏନେଇ ନାବାଳିକାଙ୍କ ପରିବାର ପକ୍ଷରୁ ଚାନ୍ଦିପୋଷ ଥାନାରେ ଏତଲା ଦିଆଯିବା ପରେ ଆଇଆଇସି ସବିତା ପାତ୍ର ଏକ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛନ୍ତି। ସେପଟେ ଗତ ରାତିରେ ଚଢ଼ଉ କରି ପୁଲିସ ଅଭିଯୁକ୍ତ ଯୁବକକୁ କାବୁ କରିବା ସହ ତାକୁ ଥାନା ଅଟକ ରଖି ପଚରାଉଚରା କରୁଥିବା ଜଣାପଡ଼ିଛି। ସୋମବାର ଉଭୟ ପୀଡ଼ିତା ଓ ଅଭିଯୁକ୍ତଙ୍କର ଡାକ୍ତରୀ ମାଇନା କରାଯିବ ବୋଲି ସୂଚନା ମିଳିଛି। ଅପରପକ୍ଷେ ଅଭିଯୁକ୍ତ ଯୁବକ ବିବାହିତ ଓ ସେ ବନ୍ଧମୁଣ୍ଡା ଅନ୍ତର୍ଗତ କୁକୁଡା ଗ୍ରାମର ବୋଲି ସୂଚନା ମିଳିଛି। ଯେଉଁ ବସ୍‌ରେ ସମସ୍ତେ ନିର୍ବନ୍ଧ କାର୍ଯ୍ୟରେ ଯୋଗ ଦେବାକୁ ଯାଇଥିଲେ, ଅଭିଯୁକ୍ତ ଯୁବକ ସେହି ବସ୍‌ର ଖଲାସୀ ବୋଲି ସୂଚନା ମିଳିଛି।

### ଏସ୍‌ପିଙ୍କ ଘର ଆଗରେ ବୀଭତ୍ସ ହତ୍ୟା

# ଗୋଡ଼େଇ ଗୋଡ଼େଇ ବୃଦ୍ଧଙ୍କୁ ହାଣିଲେ

**ନୂଆପଡ଼ା,୨।୩(ସମିସ):** ନୂଆପଡ଼ା ଜିଲ୍ଲା ସଦର ମହକୁମାସ୍ଥିତ ଏସ୍‌ପି ଜି.ଆର୍ ରାଘବେନ୍ଦ୍ରଙ୍କ ସରକାରୀ ବାସଭବନ ଆଗରେ ଆଜି ଭୋର୍‌ରେ ଏକ ବୀଭତ୍ସ ହତ୍ୟାକାଣ୍ଡ ଘଟିଛି। କେହି ଜଣେ ଦୁର୍ବୃତ୍ତ ଜଣେ ବୃଦ୍ଧଙ୍କୁ ଗୋଡ଼େଇ ଗୋଡ଼େଇ ହାଣି ହତ୍ୟା କରିଛି। ମୃତକ ହେଲେ, ଶୁକଲାଲ ସାହୁ(୮୦)। ତାଙ୍କ ଘର ସିର୍ଗୋଲ ବସ୍ତିରେ। ସେ ଆଜି ଭୋର୍ ପ୍ରାୟ ୪ଟାରେ ନିଜ ପତ୍ନୀଙ୍କ ସହ ମହୁଲ ଗୋଟାଇବାକୁ ଯାଉଥିବା ବେଳେ ଏହି ଆପରାଧିକ ଘଟଣା ଘଟିଛି। ପୁଲିସ୍ ଶବକୁ ହସ୍ପିଟାଲରେ ବ୍ୟବଚ୍ଛେଦ କରାଇ ପରିବାରଲୋକଙ୍କୁ ହସ୍ତାନ୍ତର କରିବା ସହ ଏନେଇ ଏକ ହତ୍ୟା ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଏହି ହତ୍ୟାକାଣ୍ଡ ଘଟିଥିବା କୁହାଯାଉଥିବା ବେଳେ ଜମିଜମା ବିବାଦ କିମ୍ବା ଗୁଣି ସନ୍ଦେହରେ ମଧ୍ୟ ଏହି ହତ୍ୟାକାଣ୍ଡ ଘଟିଥାଇପାରେ ବୋଲି ସନ୍ଦେହ କରାଯାଉଛି। ପୁଲିସ୍ ସବୁ ଦିଗକୁ ଦୃଷ୍ଟିରେ ରଖି ତଦନ୍ତ ଚଳାଇଛି। ଅପରପକ୍ଷେ, ଆଖପାଖରେ ଲାଗିଥିବା ସିସିଟିଭି ଯାଞ୍ଚ କରି ଅଭିଯୁକ୍ତକୁ ଠାବ କରିବାକୁ ଉଦ୍ୟମ ଚଳାଇଛି।

ସୂଚନାନୁସାରେ, ଏସ୍‌ପିଙ୍କ ସରକାରୀ ବାସଭବନ ଆଗରେ ଶୁକଲାଲଙ୍କ ଏକ ଚାଷ ଜମି ରହିଛି। ପ୍ରତିଦିନ ଭଳି ଆଜି ଶୁକଲାଲ ଓ ତାଙ୍କ ପତ୍ନୀ ଫୁଲେଶ୍ୱରୀ ମହୁଲ ଗୋଟାଇବାକୁ ଭୋର୍ ପ୍ରାୟ ୪ଟାରେ ଯାଉଥିଲେ। ଫୁଲେଶ୍ୱରୀ ଆଗରେ ଚାଲି ପଳାଇଥିବା ବେଳେ ଶୁକଲାଲ ପଛରେ ପଡ଼ି ଯାଇଥିଲେ। ଏହି ସମୟରେ କେହି ଜଣେ ଦୁର୍ବୃତ୍ତ ତାଙ୍କୁ ଗୋଡ଼େଇ ଗୋଡ଼େଇ ଏକ ଧାରୁଆ ଅସ୍ତ୍ରରେ ଶୁକଲାଲଙ୍କ ମୁଣ୍ଡ ପଛପଟ ଓ କାନ୍ଧକୁ ଆକ୍ରମଣ କରିଥିଲା। ପାଟିତୁଣ୍ଡ ଶୁଣି ଏସ୍‌ପିଙ୍କ ଘର ଗେଟ୍ ସମ୍ମୁଖରେ ଥିବା ସୁରକ୍ଷା କର୍ମୀଜଣକ ବାହାରକୁ ଆସିବା ବେଳକୁ କଳା ଟି-ସାର୍ଟ ପିନ୍ଧିଥିବା ଜଣେ ଯୁବକ ସେଠାରୁ ଫେରାର୍ ହୋଇଯାଇଥିଲା। ଖବର ପାଇ ନୂଆପଡ଼ା ଥାନାଧିକାରୀ ଗଙ୍ଗାଧର ମେହେର ଓ ପରେ ଏସ୍‌ପି ଶ୍ରୀ ରାଘବେନ୍ଦ୍ର ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଥିଲେ।

# ୨୪ ଘଣ୍ଟାରେ ଦୁର୍ଘଟଣା ନେଲା ୮ ଜୀବନ

## ଓଭରଟେକ୍ ବେଳେ ଦୁଇ ସ୍କୁଟି ଧକ୍କା: ୩ ମୃତ

**କରଞ୍ଜିଆ,୨।୩(ସମିସ):** ମୟୂରଭଞ୍ଜ ଜିଲ୍ଲା କରଞ୍ଜିଆ ବ୍ଲକ୍‌ରେ ଆଜି ଏକ ମର୍ମନ୍ତୁଦ ଦୁର୍ଘଟଣା ୩ଜଣଙ୍କ ଜୀବନ ନେଇଛି। କରଞ୍ଜିଆ-ଖିଚିଂ ରାସ୍ତାର ଦୁର୍ଗା କନ୍‌ଷ୍ଟ୍ରକ୍‌ସନ କ୍ୟାମ୍ପ ମହାଦେବଶାଳ ନିକଟରେ ଆଜି ଅପରାହ୍ଣରେ ଦୁଇ ସ୍କୁଟି ମଧ୍ୟରେ ମୁହାଁମୁହିଁ ଧକ୍କା ହେବାରୁ ଏହି ଅଘଟଣ ଘଟିଛି। ମୃତକମାନେ ହେଲେ, ରରୁଆଁ ଥାନା ବାରିଆ ପଞ୍ଚାୟତ କୁଦସାହି ଗାଁର ମାଟାରାମ ଗାରାଇ(୬୦), ଗମ୍ଭାସାହିର ରଜତ କୁମାର ଚାଟାର (୨୬)। ଅନ୍ୟ ଜଣଙ୍କ ନାମ ଜଣାପଡ଼ିନାହିଁ। ସେହିପରି ଏହି ଦୁର୍ଘଟଣାରେ ଶିବପ୍ରସାଦ ଜେରାଇ (୨୮) ଗୁରୁତର ଆହତ ହୋଇଛନ୍ତି। ସୂଚନା ଅନୁଯାୟୀ, ମାଟାରାମ, ଶିବପ୍ରସାଦ ଓ ରଜତ ଏକ ସ୍କୁଟିରେ କରଞ୍ଜିଆ ଆସୁଥିଲେ। ଏହି ସମୟରେ ବିପରୀତ ଦିଗରୁ ସ୍କୁଟିରେ ଆସୁଥିବା ଜଣେ ୧୯ ବର୍ଷୀୟ ଯୁବକ ବଲେରୋକୁ ଅତିକ୍ରମ କରିବା ବେଳେ ସେମାନଙ୍କ ସ୍କୁଟିକୁ ମୁହାଁମୁହିଁ ଧକ୍କା ଦେଇଥିଲା। ଏଥିରେ ରଜତ, ମାଟାରାମଙ୍କ ସମେତ ସଂପୃକ୍ତ ଯୁବକଙ୍କ ମୃତ୍ୟୁ ହୋଇଯାଇଥିଲା। ଶିବପ୍ରସାଦଙ୍କୁ ଗୁରୁତର ଅବସ୍ଥାରେ କରଞ୍ଜିଆ ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ଖବର ପାଇ ସିଙ୍ଗଡ଼ା ଫାଣ୍ଡି ଅଧିକାରୀ ତପନ କୁମାର ବାରିକ ଘଟଣାସ୍ଥଳରେ ପହଞ୍ଚି ଦୁର୍ଘଟଣାଗ୍ରସ୍ତ ଗାଡ଼ିଦ୍ୱୟକୁ ଜବତ କରି ତଦନ୍ତ ଚଳାଇଛନ୍ତି।

## କାର-ଟ୍ରକ୍ ଧକ୍କା; ଜଣେ ମୃତ

**କୋରାପୁଟ, ୨।୩(ସମିସ):** କୋରାପୁଟ ଜିଲ୍ଲା ସୁନାବେଡ଼ା ଦେଇ ଯାଇଥିବା ୨୬ ନମ୍ବର ଜାତୀୟ ରାଜପଥର ଲାଣ୍ଡିଗୁଡ଼ା ନିକଟରେ ରବିବାର ପୂର୍ବାହ୍ନରେ ଏକ କାର୍ ଓ ଟ୍ରକ୍ ମଧ୍ୟରେ ମୁହାମୁହିଁ ଧକ୍କା ହେବାରୁ ଜଣଙ୍କ ମୃତ୍ୟୁ ହୋଇଛି। ମୃତ କାର୍ ଚାଳକ ନନ୍ଦପୁର ବ୍ଲକ୍ ଥୁବା ଗ୍ରାମର ସୟଦ ହନିଫ। ଏଥିରେ ଅନ୍ୟ ଦୁଇଜଣ ମହିଳା ଗୁରୁତର ଆହତ ହୋଇଛନ୍ତି। ସୂଚନାନୁଯାୟୀ, ଥୁବା ଗ୍ରାମର ଜଣେ ବ୍ୟକ୍ତିଙ୍କର ନନ୍ଦପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଜନ୍ମିତ ନବଜାତକ ଅସୁସ୍ଥ ହେବାରୁ ତାକୁ କୋରାପୁଟ ସହିଦ ଲକ୍ଷ୍ମଣ ନାୟକ ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା। ପରିବାରର ଅନ୍ୟମାନେ ହନିଫଙ୍କ କାର୍‌ରେ କୋରାପୁଟ ଯାଉଥିବା ବେଳେ ଏହି ଅଘଟଣ ଘଟିଥିଲା। ଲାଣ୍ଡିଗୁଡ଼ା ଏବଂ ଓଏମପି ମଝିରେ ଏକ ଟ୍ରକ୍ ସହ କାର୍‌ର ମୁହାଁମୁହିଁ ଧକ୍କା ହୋଇଥିଲା।

## ମେଳାରୁ ଫେରୁଥିବା ବେଳେ ଚଢ଼ିଗଲା ଟ୍ରେଲର: ୩ ମୃତ

**ରାଉରକେଲା,୨।୩(ସମିସ):** ବେଦବ୍ୟାସ ମେଳା ଦେଖି ଫେରିବା ବେଳେ ଶନିବାର ବିଳମ୍ବିତ ରାତିରେ ବୀରମିତ୍ରପୁର ଟୁଙ୍ଗି ଗେଟ୍ ନିକଟରେ ଏକ ଭୟଙ୍କର ସଡ଼କ ଦୁର୍ଘଟଣାରେ ୩ ବାଇକ୍ ଆରୋହୀଙ୍କ ମୃତ୍ୟୁ ଘଟିଛି। ସେମାନେ ହେଲେ, ବୀରମିତ୍ରପୁର ଥାନା ଅଧୀନ ଘାସିଟୋଲା ଜଲଙ୍ଗବିରାର ଦିଲୀପ ସାନମତି (୨୪), ସାହାରାଇ ଲାକ୍ରା (୨୦) ଏବଂ ଟୁଙ୍ଗୁରିଟୋଲି ଜରଙ୍ଗବିରାର ଅଞ୍ଜଳି କୁସୁମା (୧୪)। ସେହିପରି ଏକ ଟ୍ରେଲରକୁ ଅଟୋ-ରିକ୍ସା ଧକ୍କା ଦେବାରୁ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ହୋଇଥିବା ବେଳେ ୩ ଜଣ ଆହତ ହୋଇଛନ୍ତି।

### କାଳହେଲା ମାଲ୍‌ବାହୀ ଅଟୋରେ ଯାତ୍ରା

ସୂଚନାଯୋଗ୍ୟ, ଶନିବାର ଏହି ୩ ଜଣ ବେଦବ୍ୟାସ ମେଳା ଦେଖି ଏକ ବାଇକ୍‌ରେ ବୀରମିତ୍ରପୁର ଫେରୁଥିବା ବେଳେ ବୀରମିତ୍ରପୁର ଥାନା ଅଧୀନ ଟୁଙ୍ଗି ଗେଟ୍ ମୋଡ଼ାଣିଠାରେ ରାତି ପ୍ରାୟ ସାଢ଼େ ୧୧ଟା ବେଳେ ବୀରମିତ୍ରପୁର ଆଡୁ ରାଉରକେଲା ଆଡ଼କୁ ଦ୍ରୁତଗତିରେ ଆସୁଥିବା ଏକ ଟ୍ରେଲର ବାଇକ୍‌କୁ ଧକ୍କା ଦେଇଥିଲା। ଫଳରେ ୩ ଜଣ ଯାକ ରାସ୍ତା ଉପରେ ଛିଟିକି ପଡ଼ିଥିଲେ। ଘଟଣାସ୍ଥଳରେ ଦିଲୀପ ଓ ସହରାଇ ଲାକ୍ରାଙ୍କର ମୃତ୍ୟୁ ଘଟିଥିଲା। ଗୁରୁତର ନାବାଳିକା ଅଞ୍ଜଳି କୁସୁମାକୁ ପ୍ରଥମେ ବୀରମିତ୍ରପୁର ହସ୍ପିଟାଲ ଏବଂ ପରେ ରାଉରକେଲା ସରକାରୀ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା। ରବିବାର ସକାଳେ ତାଙ୍କର ମଧ୍ୟ ମୃତ୍ୟୁ ଘଟିଥିବା ସୂଚନା ମିଳିଛି। ବୀରମିତ୍ରପୁର ଆଇଆଇସି ରାମପ୍ରସାଦ ନାଗ ପହଞ୍ଚି ମୃତାହତଙ୍କୁ ଡାକ୍ତରଖାନାକୁ ପଠାଇଥିଲେ। ବୀରମିତ୍ରପୁର ପୁଲିସ୍ ଏନେଇ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି। ଦୁର୍ଘଟଣା ପରେ ଫେରାର ହୋଇଥିବା ଟ୍ରେଲର୍‌କୁ ଖୋଜିବା ପାଇଁ ପୁଲିସ୍ ଚଢ଼ଉ କରୁଥିବା ଜଣାପଡ଼ିଛି।

ସେହିପରି ସ୍ଥାନୀୟ ବ୍ରାହ୍ମଣୀତରଙ୍ଗ ଥାନା ଅଧୀନ ଗୋପପାଲି ଠାରେ ଏକ ସଡ଼କ ଦୁର୍ଘଟଣାରେ ଜଣଙ୍କର ମୃତ୍ୟୁ ଘଟିଛି। ସେ ହେଲେ, ସୂରଜ ଯାଦବ(୫୯)। ପୁଲିସ ଆରଜିଏଚ୍ ମର୍ଗ ହାଉସରେ ଶବ ରଖି ତଦନ୍ତ ଚଳାଇଛି। ସୂଚନା ମୁତାବକ, ବୀରମିତ୍ରପୁର ଅଞ୍ଚଳର ସୂରଜ, ଅନିଲ ଯାଦବ ଓ ମୁକେଶ ଯାଦବ ଏକ ମାଲବାହୀ ଅଟୋରେ ବେଦବ୍ୟାସ ଅଞ୍ଚଳରୁ କୁଆଁରମୁଣ୍ଡା ଆଡ଼କୁ ଯାଉଥିଲେ। ଜାତୀୟ ରାଜପଥ ୧୪୩ରେ ଥିବା ଗୋପପାଲି ନିକଟରେ ଛିଡ଼ା ହୋଇଥିବା ଏକ ଟ୍ରେଲରକୁ ପଛପଟୁ ଅଟୋଟି ଧକ୍କା ଦେଇଥିଲେ। ସେମାନଙ୍କୁ ଗୁରୁତର ଅବସ୍ଥାରେ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା।

# କୂଅରୁ ହାତୀର ଗଳିତ ଶବ ଉଦ୍ଧାର

**ଆଠଗଡ,୨।୩(ସମିସ):** ଆଠଗଡ଼ ବନଖଣ୍ଡକୁ ପୁଣି ଫେରିଛି ହାତୀ ମୃତ୍ୟୁର ଅପବାଦ। ଗତ ୩ ଦିନ ତଳେ ଆଠଗଡ଼ ବନଖଣ୍ଡର ଖୁଣ୍ଟୁଣୀ ଅଞ୍ଚଳରେ ଗୋଟିଏ ଦନ୍ତାହାତୀ ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ମୃତ୍ୟୁବରଣ କରିଥିବା ବେଳେ ରବିବାର ଆଠଗଡ଼-ମୁଣ୍ଡଳୀ ଭାୟା କନ୍ଦରପୁର ରାସ୍ତା ଅଧୀନ କେନ୍ଦୁଟୋକୋଳି ଗ୍ରାମ ନିକଟସ୍ଥ ରାସ୍ତାକଡ଼ରୁ ମାତ୍ର ୨ମିଟର ଦୂରରେ ଥିବା ଏକ ପରିତ୍ୟକ୍ତ କୂଅରୁ ପୁଣି ଏକ ହାତୀର ଗଳିତ ଶବ ଉଦ୍ଧାର ହୋଇଛି। ହାତୀଟି ପ୍ରାୟ୨ ରୁ୩ ମାସ ତଳୁ ପ୍ରାଣ ହରାଇଥିବା ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି। ହାତୀ ଶରୀରର ଶତକଡ଼ା ୮୦ ଭାଗ ନଷ୍ଟ ହୋଇଯାଇଥିବାରୁ ବୟସ ଓ ଲିଙ୍ଗ ନିରୂପଣ ହୋଇପାରିନାହିଁ। ଏନେଇ ଅଧିକ ବୈଜ୍ଞାନିକ ପଦ୍ଧତିର ଆବଶ୍ୟକତା ରହିଛି ବୋଲି ଶବ ବ୍ୟବଚ୍ଛେଦ କରିଥିବା ଆଠଗଡ଼ ପ୍ରାଣୀଧନ ବିଶେଷଜ୍ଞ ଡ. ଅନ୍ତର୍ଯ୍ୟାମୀ ବାରିକ ସୂଚନା ଦେଇଛନ୍ତି। ମିଳିତ ଟ୍ୟାକ୍ସଫୋର୍ସର କାର୍ଯ୍ୟକର୍ତ୍ତା ଅରବିନ୍ଦ ମିଶ୍ରଙ୍କ ଉପସ୍ଥିତିରେ ହାତୀଟି ମୃତ୍ୟୁବରଣ କରିଥିବା ସ୍ଥାନରେ ହାତୀଟିକୁ ପୋତି ଦିଆଯାଇଛି।

ରବିବାର ସକାଳେ ସ୍ଥାନୀୟ ଗ୍ରାମବାସୀଙ୍କଠାରୁ ସୂଚନା ପାଇ ଆଠଗଡ଼ ବନାଞ୍ଚଳ ଅଧିକାରୀ ରବୀନ୍ଦ୍ରନାଥ ନାୟକ, ବନଖଣ୍ଡ ଅଧିକାରୀ ଡ. ଯଜ୍ଞଦତ୍ତ ପତି ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲେ। ଅନ୍ୟପକ୍ଷରେ ଏକ ଚଳଚଞ୍ଚଳ ରାସ୍ତାର ମାତ୍ର ୨ ମିଟର ଦୂରରେ ଥିବା ଏକ ପରିତ୍ୟକ୍ତ କୂଅରେ ହାତୀଟି ପଡ଼ି ମରିବାର ଦୁଇ ତିନିମାସ ପରେ ହାତୀର ମୃତ୍ୟୁ ବିଷୟରେ ସାମାନ୍ୟ ସୁରାକ ପାଇପାରି ନ ଥିବା ଆଠଗଡ଼ ବନାଞ୍ଚଳ କର୍ତ୍ତୃପକ୍ଷଙ୍କ ଦାୟିତ୍ୱହୀନତା ତଥା ବିଭାଗ ପ୍ରତି ଅବହେଳାକୁ ନେଇ ସ୍ଥାନୀୟ ଅଞ୍ଚଳରେ ନାନା ଚର୍ଚ୍ଚା ହେଉଛି। ଏପରି ଅବସ୍ଥା ଲାଗି ରହିଲେ ଆଠଗଡ଼ ବନଖଣ୍ଡରେ ଭବିଷ୍ୟତରେ ହାତୀବଂଶ ଲୋପ ପାଇବ ବୋଲି ଆଲୋଚନା ହେଉଛି।

■ ଦେହ ଭଲ କରିବାକୁ...

# ମାସକର ଶିଶୁ ପେଟରେ ୪୦ ଚେଙ୍କ

**ଉମରକୋଟ, ୨।୩(ସମିସ):** ଦେହ ଭଲ କରିବା ପାଇଁ ମାସକର ଏକ ଶିଶୁକୁ ଚେଙ୍କ ଦିଆଯିବା ଘଟଣା ଏଠାରେ ତୀବ୍ର ଆଲୋଡ଼ନ ସୃଷ୍ଟି କରିଛି। ଶିଶୁଟିକୁ ଗୁରୁତର ଅବସ୍ଥାରେ ନବରଙ୍ଗପୁର ଜିଲ୍ଲା ଉମରକୋଟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ଶିଶୁଟି ଚନ୍ଦାହାଣ୍ଡି ବ୍ଲକ୍‌ର ଗମ୍ଭାରୀଗୁଡ଼ା ପଞ୍ଚାୟତର ଫୁଣ୍ଡେଲପଡ଼ା ଗ୍ରାମର ସରୋଜ କୁମାର ନାୟକଙ୍କ ୧ ମାସର ଶିଶୁପୁତ୍ର। ତା' ପେଟରେ ୪୦ରୁ ଊର୍ଦ୍ଧ୍ୱ



### ଗୁରୁତର ଅବସ୍ଥାରେ ମେଡିକାଲରେ ଭର୍ତ୍ତି

ଚେଙ୍କ ଚିହ୍ନ ରହିଛି। ପରିସ୍ଥିତି ଏପରି ହେଇଛି ଯେ ଛୁଆଟିର ପେଟରେ ଆଉ ଖାଲି ସ୍ଥାନ ଦେଖିବାକୁ ମିଳୁନାହିଁ।

ମିଳିଥିବା ସୂଚନା ଅନୁଯାୟୀ, ପିଲାଟି ଜନ୍ମ ହେବାର ୧୦ ଦିନ ପରେ ଦେହ ଭାଙ୍ଗି ମୋଡ଼ି ହେଉଥିଲା ଓ କାନ୍ଦୁଥିଲା। ଏହା ଦେଖି ଅନ୍ଧବିଶ୍ୱାସର ବଶବର୍ତ୍ତୀ ହୋଇ ଅନ୍ୟ କାହାର କଥାରେ ପଡ଼ି ପିଲାଟିର ପେଟରେ ୪୦ରୁ ଊର୍ଦ୍ଧ୍ୱ ଚେଙ୍କ ଦିଆଯାଇଥିଲା। ପରିବାରଲୋକଙ୍କ କହିବା ଅନୁଯାୟୀ, ଚେଙ୍କ ଦେବା ପରେ କିଛି ଦିନ ଶିଶୁଟି ଆଉ କାନ୍ଦିନଥିଲା। କିନ୍ତୁ ବର୍ତ୍ତମାନ ଦୁଇ ଦିନ ହେଲା ଶିଶୁଟି ଚେଙ୍କର ଯନ୍ତ୍ରଣା ସମ୍ଭାଳି ନପାରି ପୁଣି କାନ୍ଦିବା ଆରମ୍ଭ କରିଥିଲା। ତେଣୁ ପରିବାରଲୋକେ ଆଜି ଦିନ ପ୍ରାୟ ୧ଟାରେ ତାକୁ ଉମରକୋଟ ଚିକିତ୍ସାଳୟକୁ ଆଣିଥିଲେ।

ବରିଷ୍ଠ ଶିଶୁ ରୋଗ ବିଶେଷଜ୍ଞ ତଥା ନବରଙ୍ଗପୁର ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ସନ୍ତୋଷ କୁମାର ପଣ୍ଡା ତୁରନ୍ତ ଉମରକୋଟ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରି ନିଜେ ହିଁ ଚିକିତ୍ସା ଆରମ୍ଭ କରିଦେଇଥିଲେ। ଚିକିତ୍ସା ପରେ ଶିଶୁଟିର ସ୍ୱାସ୍ଥ୍ୟାବସ୍ଥା ଭଲ ଥିବା ଡା. ପଣ୍ଡା କହିଛନ୍ତି।




### ସ୍ୱତନ୍ତ୍ର କୋର୍ଟଙ୍କ ନିର୍ଦ୍ଦେଶ

# ପୂର୍ବତନ ସେବି ମୁଖ୍ୟ ମାଧବୀ ବୁଚ୍‌ଙ୍କ ବିରୋଧରେ ଚାଲିବ ମାମଲା

ମୁମ୍ବାଇ,୨।୩(ଏଜେନ୍ସି)

ବଢ଼ିଲା ପୂର୍ବତନ ସେବି ମୁଖ୍ୟ ମାଧବୀ ପୁରୀ ବୁଚ୍‌ଙ୍କ ଅଡୁଆ। ମାଧବୀଙ୍କ ବିରୋଧରେ ଚାଲିବ ମାମଲା। ସେୟାର ବଜାରରେ କଥିତ ଠକେଇ ଏବଂ ନିୟମର ଉଲ୍ଲଙ୍ଘନ ଅଭିଯୋଗରେ ତାଙ୍କ ବିରୋଧରେ ପ୍ରାଥମିକ ମାମଲା ରୁଜୁ କରିବାକୁ ମୁମ୍ବାଇର ସ୍ୱତନ୍ତ୍ର

**● ଶେୟାର ବଜାରରେ ଠକେଇ ଏବଂ ନିୟମର ଉଲ୍ଲଙ୍ଘନ ଅଭିଯୋଗ**

କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ମାଧବୀଙ୍କ ସହ ଅନ୍ୟ ୫ ଜଣଙ୍କ ବିରୋଧରେ ମଧ୍ୟ ମାମଲା ରୁଜୁ ପାଇଁ କୋର୍ଟ ଆଦେଶ ଦେଇଛନ୍ତି। କୋର୍ଟ ନିଜେ ଯାଞ୍ଚର ନିରୀକ୍ଷଣ କରିବା ସହ ୩୦ ଦିନ ମଧ୍ୟରେ ଯାଞ୍ଚର ସ୍ଥିତି ରିପୋର୍ଟ ଦେବାକୁ କହିଛନ୍ତି। ଆମେରିକାର ଶର୍ଟ ସେଲିଂ କମ୍ପାନୀ ହିଣ୍ଡେନବର୍ଗ ରିସର୍ଚ୍ଚ ୨୦୨୪ରେ ତତ୍କାଳୀନ ସେବି ମୁଖ୍ୟ ବୁଚ୍‌ଙ୍କ ବିରୋଧରେ ଏକ




ରିପୋର୍ଟ ଜାରି କରିଥିଲା, ଯେଉଁଥିରେ ଆଦାନୀ ଗ୍ରୁପ୍ର ବିଦେଶୀ ଫଣ୍ଡରେ ସେବି ମୁଖ୍ୟ ମାଧବୀ ଏବଂ ତାଙ୍କ ସ୍ୱାମୀଙ୍କ ସେୟାର ରହିଥିବା କୁହାଯାଇଥିଲା। ରିପୋର୍ଟରେ ଆହୁରି ମଧ୍ୟ କୁହାଯାଇଥିଲା ଆଦାନୀ ଗ୍ରୁପ୍ ଏବଂ ସେବି ଉଭୟ ମିଶି ଏହି ଠକେଇ କରିଥିଲେ। ତେବେ ଏହି ଅଭିଯୋଗକୁ ମାଧବୀ ଏବଂ ତାଙ୍କ ସ୍ୱାମୀ ଖଣ୍ଡନ କରିବା ସହ ଭିତ୍ତିହୀନ ବୋଲି କହିଥିଲେ।

ସେହିଭଳି ହିଣ୍ଡେନବର୍ଗ ଦ୍ୱାରା ଲଗାଯାଇଥିବା ଏହି ଅଭିଯୋଗ ଉପରେ ଆଦାନୀ ଗ୍ରୁପ୍ ପ୍ରତିକ୍ରିୟା ରଖିଥିଲା। ଆଦାନୀ ଗ୍ରୁପ ତରଫରୁ କୁହାଯାଇଥିଲା ଲାଭ ତଥା କମ୍ପାନୀକୁ ବଦନାମ କରିବାକୁ ଏଭଳି ଷଡ଼ଯନ୍ତ୍ର କରାଯାଉଛି। ଅପରପକ୍ଷେ ମାଧବୀଙ୍କ କାର୍ଯ୍ୟକାଳ ପୂର୍ବରୁ ମଧ୍ୟ ବେଶ ବିବାଦ ମଧ୍ୟରେ ରହିଥିଲା। ୨୦୨୪ ସେପ୍ଟେମ୍ବରରେ ଅର୍ଥ ମନ୍ତ୍ରଣାଳୟକୁ ସେବିର ୫୦୦ କର୍ମଚାରୀ ଏକ ଚିଠି ଲେଖିଥିଲେ, ଯେଉଁଥିରେ ଲେଖାଥିଲା ସେବି କାର୍ଯ୍ୟାଳୟରେ କାମ କରିବାର ସ୍ଥିତି ଭଲ ନାହିଁ। ମାଧବୀ ବୈଠକରେ କର୍ମଚାରୀଙ୍କୁ ଗାଳିଗୁଲଜ କରୁଛନ୍ତି। ସେବି ମୁଖ୍ୟ ସମସ୍ତଙ୍କ ସାମ୍ନାରେ ଅପମାନ ମଧ୍ୟ କରୁଛନ୍ତି। ଉଲ୍ଲେଖଯୋଗ୍ୟ, ମାଧବୀଙ୍କ କାର୍ଯ୍ୟକାଳ ଫେବୃଆରୀ ୨୮ରେ ଶେଷ ହୋଇଛି। ତାଙ୍କ ସ୍ଥାନରେ ଓଡ଼ିଶା କ୍ୟାଡର ଆଇଏଏସ ତୁହିନକାନ୍ତ ପାଣ୍ଡେଙ୍କୁ ନୂଆ ସେବି ମୁଖ୍ୟ କରାଯାଇଛି। ତୁହିନକାନ୍ତ ୩ ବର୍ଷ ପର୍ଯ୍ୟନ୍ତ ଏହି ପଦ ସମ୍ଭାଳିବେ।

# ପୁତୁରାଙ୍କ ଠାରୁ ପୁଣି ଦାୟିତ୍ୱ ହଟାଇନେଲେ ମାୟାବତୀ



ନୂଆଦିଲ୍ଲୀ,୨।୩(ଏଜେନ୍ସି): ବହୁଜନ ସମାଜ ପାର୍ଟି (ବିଏସପି) ମୁଖ୍ୟ ମାୟାବତୀ ତାଙ୍କ ପୁତୁରା ଆକାଶ ଆନନ୍ଦଙ୍କୁ ଦଳର ଜାତୀୟ ସଂଯୋଜକ ପଦରୁ ହଟାଇ ଦେଇଛନ୍ତି। ସେ ଜୀବିତ ଥିବା ପର୍ଯ୍ୟନ୍ତ ଦଳର କୌଣସି ଉତ୍ତରାଧିକାରୀ ରହିବେ ନାହିଁ ବୋଲି ମାୟାବତୀ ଘୋଷଣା କରିଛନ୍ତି। ରବିବାର ଲକ୍ଷ୍ନୌରେ ଅନୁଷ୍ଠିତ ଦଳୀୟ ଜାତୀୟ କାର୍ଯ୍ୟକାରିଣୀରେ ମାୟାବତୀ ଅନେକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବା ସହିତ ପୁତୁରା ଆକାଶ ଆନନ୍ଦଙ୍କୁ ତାଙ୍କ ପଦବୀରୁ ହଟାଇ ଦେଇଛନ୍ତି। ଗତକାଲି ଦଳର ବରିଷ୍ଠ ନେତା ତଥା ପୂର୍ବତନ ରାଜ୍ୟସଭା ସାଂସଦ ଅଶୋକ ସିଦ୍ଧାର୍ଥଙ୍କୁ ଦଳରୁ ନିଲମ୍ବିତ କରିଥିଲେ। ଅଶୋକ ହେଉଛନ୍ତି ଆକାଶ ଆନନ୍ଦଙ୍କ ଶ୍ୱଶୁର। ଏହା ପରଦିନ ମାୟାବତୀ ଆକାଶଙ୍କ ବିରୋଧରେ ଏଭଳି ନିଷ୍ପତ୍ତି ନେଇଛନ୍ତି। ସେ କହିଛନ୍ତି ଯେ ଅଶୋକ ସିଦ୍ଧାର୍ଥ ଉତ୍ତରପ୍ରଦେଶ ସମେତ ଅନ୍ୟ ରାଜ୍ୟରେ ଦଳକୁ ବିଭକ୍ତ କରି ଦୁର୍ବଳ କରିବାକୁ କାର୍ଯ୍ୟ କରିଥିଲେ। ଦଳୀୟ ସ୍ୱାର୍ଥକୁ ଦୃଷ୍ଟିରେ ରଖି ବର୍ତ୍ତମାନ ଆକାଶ ଆନନ୍ଦଙ୍କ କ୍ଷେତ୍ରରେ ଏହି ନିଷ୍ପତ୍ତି ନିଆଯାଇଛି। ଆକାଶଙ୍କ ରାଜନୈତିକ କ୍ୟାରିୟରକୁ ନଷ୍ଟ କରିବା କ୍ଷେତ୍ରରେ ଦଳ ନୁହେଁ, ତାଙ୍କ ଶ୍ୱଶୁର ସମ୍ପୂର୍ଣ୍ଣ ଦାୟୀ ବୋଲି ମାୟାବତୀ କହିଛନ୍ତି। ଆନନ୍ଦଙ୍କ ପରେ ଏବେ ରାଜ୍ୟସଭା ସାଂସଦ ରହିଥିବା ରାମଜୀ ଗୌତମଙ୍କୁ ଦଳର ଜାତୀୟ ସଂଯୋଜକ ଭାବେ ଦାୟିତ୍ୱ ଦିଆଯାଇଛି। ରାମଜୀ ମାୟାବତୀଙ୍କ ସାନ ଭାଇ ଆନନ୍ଦ କୁମାରଙ୍କ ସହ ଏହି ପଦବୀରେ ରହି କାର୍ଯ୍ୟ କରିବେ।

# ସୁଟକେସ୍ ଭିତରେ କଂଗ୍ରେସ ମହିଳା କର୍ମୀଙ୍କ ମୃତଦେହ

ନୂଆଦିଲ୍ଲୀ,୨।୩(ଏଜେନ୍ସି): ହରିୟାଣାର ୨୨ ବର୍ଷୀୟା କଂଗ୍ରେସ କର୍ମୀ ହିମାନୀ ନରୱାଲଙ୍କ ନିର୍ମମ ହତ୍ୟା ଘଟଣା ହରିୟାଣାରେ ଚାଞ୍ଚଲ୍ୟ ସୃଷ୍ଟି କରିଛି। ଗତକାଲି ରୋହତକ୍ ବସ୍ ଷ୍ଟାଣ୍ଡ ନିକଟରୁ ଏକ ସୁଟକେସ୍‌ରୁ ତାଙ୍କର ମୃତଦେହ ମିଳିଥିଲା ବେଳେ ହିମାନୀଙ୍କ ହତ୍ୟାକୁ ନେଇ ଏବେ ବିଭିନ୍ନ ମହଲରେ ପ୍ରଶ୍ନ ଉଠିବା ସହିତ ରାଜନୈତିକ ବିବାଦ ତୀବ୍ର ହୋଇଛି। ମାତ୍ର ୨୨ ବର୍ଷୀୟା ଏହି ମହିଳା କର୍ମୀଙ୍କୁ କିଏ ଏବଂ କାହିଁକି ହତ୍ୟା କଲା ତାହାର ଅନୁସନ୍ଧାନ ଏବେ ଗୁରୁତ୍ୱପୂର୍ଣ୍ଣ ହୋଇପଡ଼ିଛି। କଂଗ୍ରେସ ପକ୍ଷରୁ ଏହି ଘଟଣାର ମଧ୍ୟ ଉଚ୍ଚସ୍ତରୀୟ ତଦନ୍ତ ଦାବି କରାଯାଇଛି। ତେବେ ଏହାମଧ୍ୟରେ ହିମାନୀଙ୍କ ମାଆ ସବିତା ରବିବାର ଦଳୀୟ କର୍ମୀ ଏବଂ ନେତାଙ୍କୁ ନେଇ ବଡ଼ ଅଭିଯୋଗ ଆଣିଛନ୍ତି। ହରିୟାଣାର ଗତ ବିଧାନସଭା ନିର୍ବାଚନ ଏବଂ ଦଳୀୟ କର୍ମୀଙ୍କ ପାଇଁ ତାଙ୍କ ଝିଅର ଜୀବନ ଯାଇଛି ବୋଲି ସବିତା କହିଛନ୍ତି। ଖୁବ କମ ଦିନ ମଧ୍ୟରେ ହିମାନୀ ଦଳୀୟ ସ୍ତରରେ ବହୁ ଉପରକୁ ଯିବା ସହିତ ହରିୟାଣା କଂଗ୍ରେସର ପ୍ରଭାବଶାଳୀ ହୁଡା ପରିବାର ସହିତ ନିକଟତର ହୋଇଥିଲେ। ଏହାବ୍ୟତୀତ ହିମାନୀ ରାହୁଲ ଗାନ୍ଧୀଙ୍କ ଭାରତ ଯୋଡୋ ଯାତ୍ରାରେ ସାମିଲ ହୋଇଥିଲା ବେଳେ ରାହୁଲଙ୍କ ସହ ତାଙ୍କର ଉପସ୍ଥିତିକୁ ଦଳର ଅନେକ କର୍ମୀ ଓ ନେତା ସହ୍ୟ କରିପାରି ନଥିଲେ। ଏଥିପାଇଁ ହିମାନୀ ଦଳ ଭିତରେ ବହୁ ନେତା ଓ କର୍ମୀଙ୍କ ଈର୍ଷାର ପାତ୍ର



ହୋଇପଡ଼ିଥିଲେ। ତାଙ୍କ ପ୍ରତି ଈର୍ଷ୍ୟାନ୍ୱିତ ହୋଇ ଦଳର କିଛି ଲୋକ ହିମାନୀଙ୍କୁ ହତ୍ୟା କରିଛନ୍ତି ବୋଲି ସବିତା କହିଛନ୍ତି।

ସୋନିପତର କଥୁରା ଗାଁର ବାସିନ୍ଦା ହିମାନୀ ନରୱାଲ ରୋହତକ ଯୁବ କଂଗ୍ରେସ ଗ୍ରାମୀଣ ଜିଲ୍ଲା ଉପାଧ୍ୟକ୍ଷ ଥିଲେ। ତାଙ୍କୁ ଜଣେ ସାହସୀ, ସଚେତନ ଏବଂ ସକ୍ରିୟ କର୍ମୀ ଭାବେ ବିବେଚନା କରାଯାଉଥିଲା। ଭାରତ ଯୋଡ ଯାତ୍ରା ସମେତ ଦଳର ବହୁ ପ୍ରମୁଖ କାର୍ଯ୍ୟକ୍ରମରେ ସେ ସକ୍ରିୟ ହୋଇ କାର୍ଯ୍ୟ କରିବା ସହିତ ପ୍ରତ୍ୟେକ ଦାୟିତ୍ୱକୁ ଭଲ ଭାବରେ ନିର୍ବାହ କରିଥିଲେ। ଭାରତ ଯୋଡ଼ ଯାତ୍ରାରେ ତାଙ୍କୁ ରାହୁଲ ଗାନ୍ଧୀଙ୍କ ସହ ଦେଖିବାକୁ ମିଳିଥିଲା। ହିମାନୀ ପ୍ରାୟତଃ ରୋହତକ ସାଂସଦ ଦୀପେନ୍ଦର ହୁଡାଙ୍କ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରୁଥିଲେ। ସେ ଦଳୀୟ ରାଲି ଏବଂ ସାମାଜିକ କାର୍ଯ୍ୟକ୍ରମରେ

## ଦଳୀୟ କର୍ମୀଙ୍କୁ ଦାୟୀ କଲେ ପୀଡ଼ିତାଙ୍କ ମାଆ

ହରିୟାଣର ଲୋକ କଳାକାରଙ୍କ ସହିତ ପ୍ରଦର୍ଶନ କରି ମଧ୍ୟ ନିଜର ଭିନ୍ନ ପରିଚୟ ସୃଷ୍ଟି କରିଥିଲେ। ଖୁବ କମ ଦିନରେ ଦଳ ଭିତରେ ତାଙ୍କର ଏଭଳି ବ୍ୟକ୍ତିତ୍ୱକୁ ନେଇ ଅନ୍ୟ ନେତା ଓ କର୍ମୀ ଈର୍ଷ୍ୟାନିତ୍ୱ ହୋଇପଡ଼ିଥିଲେ ବୋଲି କୁହାଯାଉଛି। ଗତକାଲି ତାଙ୍କର ମୃତଦେହ ଜବତ ହେବା ପରେ ଏହା ଯେ ଏକ ସୁଚିନ୍ତିତ ହତ୍ୟା ଘଟଣା ତାହା ପୁଲିସ ସନ୍ଦେହ କରୁଛି। ଗତ ୨୮ ତାରିଖରେ ସେ ଘରେ ଥିଲେ ବୋଲି ତାଙ୍କ ମାଆ କହିଛନ୍ତି। କିନ୍ତୁ ପରଦିନ ତାଙ୍କର ମୃତଦେହ ଉଦ୍ଧାର ହେବା ଘଟଣା ଅନେକଙ୍କୁ ବିସ୍ମିତ କରିଛି।

# ବଲିଭିଆରେ ଭୟଙ୍କର ବସ୍ ଦୁର୍ଘଟଣା : ୩୭ ମୃତ



ସୁକ୍ରେ, ୨।୩ (ଏଜେନ୍ସି): ଦକ୍ଷିଣ ବଲିଭିଆରେ ଏକ ଭୟଙ୍କର ସଡ଼କ ଦୁର୍ଘଟଣାରେ ଦୁଇ ଶିଶୁଙ୍କ ସମେତ ୩୭ ଜଣଙ୍କର ମୃତ୍ୟୁ ହୋଇଛି। ଦୁର୍ଘଟଣାରେ ୩୦ ରୁ ଅଧିକ ଯାତ୍ରୀ ଆହତ ହୋଇଛନ୍ତି। ଆହତମାନଙ୍କ ମଧ୍ୟରୁ କେତେକଙ୍କ ଅବସ୍ଥା ଗମ୍ଭୀର ଥିବାରୁ ମୃତ୍ୟୁସଂଖ୍ୟା ଆହୁରି ବଢିବାରେ ବୋଲି କୁହାଯାଇଛି। ଦୁଇଟି ଯାତ୍ରୀବାହୀ ବସ୍ ମୁହାଁମୁହିଁ ଧକ୍କା ହେବା ଫଳରେ ଏଭଳି ଦୁର୍ଘଟଣା ଘଟିଥିବା ସୂଚନା ମିଳିଛି। ମିଳିଥିବା ଖବର ଅନୁସାରେ ଶନିବାର ସକାଳେ ୟୁନି ଏବଂ କୋଲଚାନି ମଧ୍ୟରେ ଥିବା ଏକ ରାଜପଥରେ ଏକ ବସ୍ ଭୁଲ୍ ଲେନ୍ ଭିତରକୁ ଚାଲିଯିବାରୁ ଦୁର୍ଘଟଣା ଘଟିଥିଲା। ଏହି ଘଟଣାକୁ ସବୁଠାରୁ ଭୟଙ୍କର ସଡ଼କ ଦୁର୍ଘଟଣା ମଧ୍ୟରୁ ଗୋଟିଏ ବୋଲି ବିବେଚନା କରାଯାଉଛି। ସପ୍ତାହାନ୍ତରେ ଓରୁରୋ କାର୍ନିଭାଲ୍ ଅନୁଷ୍ଠିତ ହେଉଥିବା ବେଳେ ଏକ ବସ୍ ଓରୁରୋ ସହରକୁ ଯାଉଥିବା ବେଳେ ଏହି ଦୁର୍ଘଟଣା ଘଟିଥିଲା। ଏହି କାର୍ନିଭାଲ୍ ଲାଟିନ୍ ଆମେରିକାର ସବୁଠାରୁ ବଡ଼ ଉତ୍ସବ ମଧ୍ୟରୁ ଗୋଟିଏ ଏବଂ ଏଥିରେ ହଜାର ହଜାର ଲୋକ ଯୋଗ ଦେଇଥାନ୍ତି।

# ବିଜେପିକୁ ମିଳିପାରେ ପ୍ରଥମ ମହିଳା ଅଧ୍ୟକ୍ଷା




ନୂଆଦିଲ୍ଲୀ,୨।୩(ଏଜେନ୍ସି): ଚଳିତ ମାସ ମଧ୍ୟଭାଗ ସୁଦ୍ଧା ବିଜେପି ରାଷ୍ଟ୍ରୀୟ ସଭାପତିଙ୍କୁ ନିର୍ବାଚିତ କରିବାକୁ ପ୍ରୟାସ ଆରମ୍ଭ କରିଦେଇଛି। ଏହାଭିତରେ ସବୁ ରାଜ୍ୟର ସଭାପତି ନିର୍ବାଚନ କାର୍ଯ୍ୟ ଶେଷ କରିବା ସହିତ ମାର୍ଚ୍ଚ ୧୫ ସୁଦ୍ଧା ରାଷ୍ଟ୍ରୀୟ ସଭାପତିଙ୍କୁ ଦାୟିତ୍ୱ ଦେବାକୁ ଦଳ ଲକ୍ଷ୍ୟ ରଖିଛି ବୋଲି ସୂଚନା ମିଳିଛି। ଗତ ଜାନୁଆରୀ ମାସ ଶେଷ ସୁଦ୍ଧା ଏହି କାର୍ଯ୍ୟ ଶେଷ କରିବାକୁ ଦଳ ଲକ୍ଷ୍ୟ ରଖିଥିଲେହେଁ ଦିଲ୍ଲୀ ନିର୍ବାଚନକୁ ଦୃଷ୍ଟିରେ ରଖି ଏହାକୁ ସ୍ଥଗିତ ରଖାଯାଇଥିଲା। ତେବେ ଦଳ ଖୁବ୍‌ଶୀଘ୍ର ନୂତନ ରାଷ୍ଟ୍ରୀୟ ସଭାପତିଙ୍କ ନାମ ଘୋଷଣା କରିପାରେ। ୧୩ ରୁ ଅଧିକାଂଶ ରାଜ୍ୟରେ ସାଂଗଠନିକ ନିର୍ବାଚନ ସମାପ୍ତ ହେବା ପରେ ୧୫ କିମ୍ବା ୧୬ ମାର୍ଚ୍ଚ ମଧ୍ୟଭାଗ ସୁଦ୍ଧା ବିଜେପି ତାର ନୂତନ ରାଷ୍ଟ୍ରୀୟ ଅଧ୍ୟକ୍ଷଙ୍କ ନାମ ଘୋଷଣା କରିବ ବୋଲି ସୂଚନା ମିଳିଛି। ତେବେ ପ୍ରଥମଥର ପାଇଁ ଏହି ଶୀର୍ଷ ପଦବୀରେ ଜଣେ ମହିଳା ନେତ୍ରୀ ସ୍ଥାନ ପାଇବା ଏବେ ଚର୍ଚ୍ଚା ଚାଲିଛି। ସମ୍ଭବତଃ ଦକ୍ଷିଣ ଭାରତରୁ କୌଣସି ନେତ୍ରୀଙ୍କୁ ଦଳ ଏହି ଦାୟିତ୍ୱ ଦେଇପାରେ। ଏହିକ୍ରମରେ ଆନ୍ଧ୍ର ପ୍ରଦେଶ ବିଜେପି ମୁଖ୍ୟ ଦଗ୍ଗୁବତୀ ପୁରନ୍ଦେଶ୍ୱରୀ କିମ୍ବା ବିଜେପି ମହିଳା ମୋର୍ଚ୍ଚାର ରାଷ୍ଟ୍ରୀୟ ଅଧ୍ୟକ୍ଷା ଏବଂ କୋଏମ୍ବାଟୁର ବିଧାୟକ ବନଥି ଶ୍ରୀନିବାସନ ସବୁଠାରୁ ଆଗରେ ଥିବା କୁହାଯାଉଛି। ପୁରନ୍ଦେଶ୍ୱରୀଙ୍କ ନାମ ପ୍ରମୁଖ ପ୍ରାର୍ଥୀମାନଙ୍କ ମଧ୍ୟରୁ ଆଗରେ ରହିଛି। ୬୬ ବର୍ଷ ବୟସର ପୁରନ୍ଦେଶ୍ୱରୀ କଂଗ୍ରେସ ଛାଡିବା ପରେ ୨୦୧୪ରେ ବିଜେପିରେ ଯୋଗ ଦେଇଥିଲେ। ତାଙ୍କର ସାଙ୍ଗଠନିକ କ୍ଷେତ୍ରରେ ଯଥେଷ୍ଟ ଅଭିଜ୍ଞତା ଅଛି। ବର୍ତ୍ତମାନ ସେ ଆନ୍ଧ୍ର ପ୍ରଦେଶ ବିଜେପି ମୁଖ୍ୟ ଭାବରେ କାର୍ଯ୍ୟ କରୁଥିଲା ବେଳେ ତାଙ୍କୁ ଅତ୍ୟନ୍ତ ସ୍ୱଷ୍ଟବାଦୀ ମହିଳା ନେତ୍ରୀ ଭାବରେ ବିବେଚନା କରାଯାଏ। ଅନ୍ୟମାନଙ୍କ ମଧ୍ୟରେ ଧର୍ମେନ୍ଦ୍ର ପ୍ରଧାନ, ବିନୋଦ ତାୱଡେ ଏବଂ ଭୂପେନ୍ଦ୍ର ଯାଦବଙ୍କ ନାମ ମଧ୍ୟ ଚର୍ଚ୍ଚାରେ ରହିଥିବା କୁହାଯାଉଛି।

# ନୂଆ ଅସ୍ତ୍ରବିରତି ପାଇଁ ଚାପ; ଗାଜାକୁ ଯୋଗାଣ ବନ୍ଦ କଲା ଇସ୍ରାଏଲ୍

ତେଲ୍‌ଆଭିଭ୍ ,୨।୩(ଏଜେନ୍ସି): ହମାସ ଏବଂ ଇସ୍ରାଏଲ ମଧ୍ୟରେ ୪୨ ଦିନିଆ ପ୍ରଥମ ପର୍ଯ୍ୟାୟ ଅସ୍ତ୍ରବିରତି ଚୁକ୍ତି ଗତକାଲି ଶେଷ ହୋଇଛି। ଏହି ପର୍ଯ୍ୟାୟରେ ଉଭୟ ପକ୍ଷର ବନ୍ଦୀଙ୍କୁ ମୁକ୍ତ କରାଯାଇଥିଲା ବେଳେ ଦ୍ୱିତୀୟ ପର୍ଯ୍ୟାୟ ଅସ୍ତ୍ରବିରତି ବୁଝାମଣା ପାଇଁ ଉଭୟ ପକ୍ଷ ରାଜି ହେବେ ବୋଲି ଆଶା କରାଯାଉଥିଲା। କିନ୍ତୁ ଇସ୍ରାଏଲ ଅନେକ କ୍ଷେତ୍ରରେ ସର୍ତ୍ତ ଉଲ୍ଲଙ୍ଘନ କରିଥିବା ଅଭିଯୋଗ କରି ହମାସ ଦ୍ୱିତୀୟ ପର୍ଯ୍ୟାୟ ଅସ୍ତ୍ରବିରତି ବୁଝାମଣା ନ କରିବାକୁ ଏକପ୍ରକାର ନିଷ୍ପତ୍ତି ନେଇଥିବା କୁହାଯାଉଛି। କିନ୍ତୁ ପରବର୍ତ୍ତୀ ପର୍ଯ୍ୟାୟ ଅସ୍ତ୍ରବିରତି ପ୍ରସ୍ତାବ ଗ୍ରହଣ କରିବାକୁ ଏବେ ଇସ୍ରାଏଲ ହମାସ ଉପରେ ଚାପ ପକାଇବା ଆରମ୍ଭ କରିଛି। ଏହାକୁ ଗ୍ରହଣ ନ କଲେ ଆଗାମୀ ଦିନରେ ପୁଣି ପରିଣାମ ଭୟଙ୍କର ହେବ ବୋଲି ଇସ୍ରାଏଲ ହମାସକୁ ଚେତାଇ ଦେଇଛି। ଏହାବ୍ୟତୀତ ପ୍ରଥମ ପର୍ଯ୍ୟାୟ ଅସ୍ତ୍ରବିରତି ଅବଧିରେ ଇସ୍ରାଏଲ ଗାଜାକୁ ଯୋଗାଇ ଦେଉଥିବା ସମସ୍ତ ପ୍ରକାର ସହାୟତା ଏବଂ ଯୋଗାଣ ଉପରେ ପ୍ରତିବନ୍ଧକ ଲଗାଇଛି। ଗାଜାକୁ ସମସ୍ତ ସାମଗ୍ରୀ ପ୍ରବେଶ ଉପରେ ଇସ୍ରାଏଲ ରବିବାର ପ୍ରତିବନ୍ଧକ ଲଗାଯାଇଛି। ଯଦି ଅସ୍ତ୍ରବିରତି ଅବଧି ବୃଦ୍ଧି ପାଇଁ ଆମେରିକାର ପ୍ରସ୍ତାବକୁ ହମାସ ଗ୍ରହଣ ନ କରେ, ତେବେ ଏହାର ଅତିରିକ୍ତ ପରିଣାମ ଭୋଗିବାକୁ ପଡ଼ିବ ବୋଲି ପ୍ରଧାନମନ୍ତ୍ରୀ ବେଞ୍ଜାମିନ ନେତନ୍ୟାହୁଙ୍କ କାର୍ଯ୍ୟାଳୟ ପକ୍ଷରୁ ହମାସକୁ କୁହାଯାଇଛି।



## ପୁଣି ଥରେ ରାଜକୋଷ ଖୋଲିଦେଲା ଆମେରିକା

ହମାସ ଏବଂ ଇସ୍ରାଏଲ ମଧ୍ୟରେ ଦ୍ୱିତୀୟ ପର୍ଯ୍ୟାୟ ଅସ୍ତ୍ରବିରତି ବୁଝାମଣା ହେବା ନେଇ ସଙ୍କଟ ଦେଖାଯାଇଥିବାରୁ ଗାଜାରେ ପୁଣି ଥରେ ଯୁଦ୍ଧ ଆରମ୍ଭ ହେବାର ଆଶଙ୍କା ବଢ଼ିଯାଇଛି। ଗୋଟିଏ ପକ୍ଷରେ ଆମେରିକା ଦେଇଥିବା ପ୍ରସ୍ତାବକୁ ହମାସ ଗ୍ରହଣ କରି ନଥିଲା ବେଳେ ଇସ୍ରାଏଲ ପ୍ରତି ଆମେରିକା ପୁଣି ଥରେ ନିଜର ବିଶାଳ ହୃଦୟ ଦେଖାଇବା ସହିତ ରାଜକୋଷ ଖୋଲି ଦେଇଛି। ସଂପ୍ରତି ଟ୍ରମ୍ପ ପ୍ରଶାସନ ବହୁ ବିଦେଶୀ ରାଷ୍ଟ୍ରଗୁଡିକୁ ଆମେରିକୀୟ ସହାୟତା ବନ୍ଦ କରିବାରେ ଲାଗିଛି। କିନ୍ତୁ ଇସ୍ରାଏଲ ପାଇଁ ଟ୍ରମ୍ପ ପ୍ରଶାସନ ଆହୁରି ସମ୍ବେଦନଶୀଳ ହେବା ସହିତ ସହାୟତା ବୃଦ୍ଧି କରିବାକୁ ଘୋଷଣା କରିଛି। ଆମେରିକା ଇସ୍ରାଏଲକୁ ପ୍ରାୟ ୪ ବିଲିୟନ ଡଲାରର ସାମରିକ ସହାୟତା ଯୋଗାଣକୁ ତ୍ୱରାନ୍ୱିତ କରିବା ଲାଗି କାର୍ଯ୍ୟ ଆରମ୍ଭ ହୋଇଛି ବୋଲି ବୈଦେଶିକ ମନ୍ତ୍ରୀ ମାର୍କୋ ରୁବିଓ ଘୋଷଣା କରିଛନ୍ତି। ଏହାବ୍ୟତୀତ ବାଇଡେନଙ୍କ କାର୍ଯ୍ୟକାଳ ସମୟରେ ଇସ୍ରାଏଲ ବିରୋଧରେ ଲାଗୁ ହୋଇଥିବା ଆଂଶିକ ପ୍ରତିବନ୍ଧକକୁ ମଧ୍ୟ ପ୍ରତ୍ୟାହାର କରି ନିଆଯାଇଛି ବୋଲି ରୁବିଓ କହିଛନ୍ତି। ଏହାଦ୍ୱାରା ଇସ୍ରାଏଲ ଖୁବ୍ ଶୀଘ୍ର ଗାଜାରେ ପୁଣି ଆକ୍ରମଣ ଆରମ୍ଭ କରିପାରେ ବୋଲି କୁହାଯାଉଛି।

### ଟ୍ରମ୍ପ-ଜେଲେନ୍‌ସ୍କି ବିତର୍କକୁ ନେଇ ‘ ଡ୍ୟାମେଜ୍ କଣ୍ଟ୍ରୋଲ’ !

# ଶାନ୍ତି ବଜାୟ ରଖିବାକୁ ବ୍ରିଟେନ, ଫ୍ରାନ୍ସର ପ୍ରୟାସ

ଲଣ୍ଡନ,୨।୩(ଏଜେନ୍ସି): ଯୁଦ୍ଧ ବନ୍ଦ କରିବା ପ୍ରସଙ୍ଗରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଏବଂ ୟୁକ୍ରେନ ରାଷ୍ଟ୍ରପତି ଭ୍ଲାଦିମିର ଜେଲେନ୍‌ସ୍କି ସହ ଓଭାଲ ଅଫିସ୍‌ରେ ଆଲୋଚନା ବେଳେ ହୋଇଥିବା ବିତର୍କ ଏବେ ବୈଶ୍ୱିକ ରାଜନୀତିକୁ ସରଗରମ କରିଛି। ଉଭୟ ନେତାଙ୍କ ମଧ୍ୟରେ ଆଲୋଚନା ପରେ ସାମ୍ବାଦିକ ସମ୍ମିଳନୀରେ ଯେଭଳି ଯୁକ୍ତିତର୍କ ଲାଗିଥିଲା ତାହାକୁ ନେଇ ବିଶେଷକରି ୟୁରୋପୀୟ ସଂଘ ନେତାମାନେ ଗଭୀର ଭାବେ ଚିନ୍ତା କରିବା ଆରମ୍ଭ କରିଛନ୍ତି।



ୟୁରୋପର ବହୁ ପ୍ରମୁଖ ରାଷ୍ଟ୍ର ନେତା ଟ୍ରମ୍ପ ଏବଂ ଜେଲେନ୍‌ସ୍କିଙ୍କ ଏହି ବିତର୍କକୁ ସହଜରେ ଗ୍ରହଣ କରିପାରିନାହାନ୍ତି। ଯାହାର ପ୍ରତିଫଳନ ଜେଲେନ୍‌ସ୍କି ଏବଂ ବ୍ରିଟେନ ପ୍ରଧାନମନ୍ତ୍ରୀ କେର୍ ଷ୍ଟାର୍ମରଙ୍କ ବୈଠକରୁ ସ୍ପଷ୍ଟ ହୋଇଛି। ଜେଲେନ୍‌ସ୍କିଙ୍କ ପ୍ରତି ଟ୍ରମ୍ପଙ୍କ ବ୍ୟବହାର ଯୁଦ୍ଧ ବନ୍ଦ କରିବା ପରିବର୍ତ୍ତେ ନୂଆ ସମସ୍ୟା ସୃଷ୍ଟି କରିବ ବୋଲି ଆଶଙ୍କା କରି ଷ୍ଟାର୍ମରଙ୍କ ସମେତ ଫ୍ରାନ୍ସ ରାଷ୍ଟ୍ରପତି ଏମାନୁଏଲ ମାକ୍ରନ ସ୍ଥିତି ମୁକାବିଲ କରିବାକୁ ପ୍ରୟାସ ଆରମ୍ଭ କରିଛନ୍ତି। ଏହିକ୍ରମରେ ଲଣ୍ଡନରେ ୟୁରୋପୀୟ ସମ୍ମିଳନୀରେ ଷ୍ଟାର୍ମର ଏବଂ ମାକ୍ରନ ଏକାଠି ହୋଇଥିଲା ବେଳେ ଜେଲେନ୍‌ସ୍କିଙ୍କୁ ସହଯୋଗ କରି ଶାନ୍ତି ଫେରାଇ ଆଣିବା ଲାଗି ଉଦ୍ୟମ ଆରମ୍ଭ କରିଛନ୍ତି। ରୁଷ-ୟୁକ୍ରେନ ଯୁଦ୍ଧରେ ଯବନିକା ଟାଣିବା ସହିତ ସବୁ ସମସ୍ୟାର ସମାଧାନ ଲାଗି ଏହି ଦୁଇ ନେତା ଡୋନାଲ୍ଡ ଟ୍ରମ୍ପଙ୍କୁ ଏକ ପ୍ରସ୍ତାବ ଦେବେ ବୋଲି କହିଛନ୍ତି। କିନ୍ତୁ ସେମାନଙ୍କ ପ୍ରସ୍ତାବକୁ ଟ୍ରମ୍ପ କେତେ ଦୂର ଗ୍ରହଣ କରିବେ ତାହା ସନ୍ଦେହରେ ରହିଛି। କାରଣ ଟ୍ରମ୍ପ ଯେଉଁ ଢଙ୍ଗରେ ଜେଲେନ୍‌ସ୍କିଙ୍କ ସହ କଥାବାର୍ତ୍ତା କରିଥିଲେ ସେଥିରେ କୌଣସି ବୁଝାମଣା କରିବେ ତାହା କହିବା କଷ୍ଟକର ହୋଇପଡ଼ିଛି। ଏହାବ୍ୟତୀତ ଆମେରିକା ଏବଂ ୟୁକ୍ରେନ ମଧ୍ୟରେ ପ୍ରସ୍ତାବିତ ଖଣିଜ ସମ୍ପଦ ବୁଝାମଣା ହୋଇପାରି ନଥିବାରୁ ଟ୍ରମ୍ପ ଏହି ଦୁଇ ନେତାଙ୍କ ଶାନ୍ତି ପ୍ରସ୍ତାବକୁ କେତେ ଦୂର ଗ୍ରହଣ କରିବେ ତାହା ମଧ୍ୟ ଅନିଶ୍ଚିତ ହୋଇପଡ଼ିଛି।

### ତେଲଙ୍ଗାନା ଟନେଲରୁ ଏବେ ବି ଉଦ୍ଧାର ହୋଇପାରିନାହାନ୍ତି ୮ କର୍ମଚାରୀ

# ଉତ୍ତରାଖଣ୍ଡ ହିମସ୍ଖଳନ ଉଦ୍ଧାର କାର୍ଯ୍ୟ ଶେଷ; ମୃତ୍ୟୁସଂଖ୍ୟା ୮ କୁ ବୃଦ୍ଧି



ଡେରାଡୁନ,୨।୩(ଏଜେନ୍ସି): ଉତ୍ତରାଖଣ୍ଡର ଚାମୋଲି ଜିଲ୍ଲାରେ ହିମସ୍ଖଳନ ଘଟଣାରେ ମୃତ୍ୟୁ ସଂଖ୍ୟା ୮କୁ ବୃଦ୍ଧି ପାଇଛି। ଗତକାଲି ୪୬ ଜଣଙ୍କୁ ଉଦ୍ଧାର କରାଯିବା ସହିତ ୪ ଶ୍ରମିକଙ୍କ ମୃତଦେହ ଉଦ୍ଧାର କରାଯାଇଥିଲା। ହେଲେ ରବିବାର ଆଉ ୪ ଜଣଙ୍କ ମୃତଦେହ ଉଦ୍ଧାର କରାଯିବା ପରେ ମୃତ୍ୟୁସଂଖ୍ୟା ୮ କୁ ବୃଦ୍ଧି ପାଇଛି। ଏଥିସହ ଏଠାରେ ଚାଲିଥିବା ଉଦ୍ଧାର କାର୍ଯ୍ୟ ଶେଷ ହୋଇଛି ବୋଲି ସ୍ଥାନୀୟ ପ୍ରଶାସନ ପକ୍ଷରୁ କୁହାଯାଇଛି। ଗତ ମାସ ୨୮ ତାରିଖରେ ଜୋଶୀମଠର ମାନା ଗାଁ ନିକଟରେ ବିଆରଓ ଶିବିରରେ ହିମସ୍ଖଳନ ହୋଇଥିଲା। ଏହାପରେ ସେଠାରେ କାର୍ଯ୍ୟ କରୁଥିବା ଶ୍ରମିକମାନଙ୍କ ମଧ୍ୟରୁ ୫୫ ଜଣ ନିଖୋଜ ହୋଇଯାଇଥିବା କୁହାଯାଇଥିଲା। କିନ୍ତୁ ହିମସ୍ଖଳନ ପୂର୍ବରୁ ଜଣେ ଶ୍ରମିକ କାର୍ଯ୍ୟସ୍ଥଳରୁ ଅନ୍ୟତ୍ର ପଳାଇଥିବାରୁ ୫୪ ଜଣଙ୍କ ଖୋଜ ଖବର ନେଇ କାର୍ଯ୍ୟ ଆରମ୍ଭ କରାଯାଇଥିଲା। ପରେ ପରେ ସେନା ଏବଂ ରାଜ୍ୟ ସରକାରଙ୍କ ପକ୍ଷରୁ ଉଦ୍ଧାର କାର୍ଯ୍ୟ ଆରମ୍ଭ କରାଯାଇ ଶନିବାର ୪୬ ଜଣଙ୍କୁ ଉଦ୍ଧାର କରାଯାଇଥିଲା। ବର୍ତ୍ତମାନ ସବୁ ଶ୍ରମିକଙ୍କ ସ୍ଥିତି ଜଣାପଡ଼ିଯିବା ପରେ ଉଦ୍ଧାର କାର୍ଯ୍ୟ ବନ୍ଦ କରିଦିଆଯାଇଛି। ଅନ୍ୟପକ୍ଷରେ ତେଲଙ୍ଗାନା ଟନେଲ ଦୁର୍ଘଟଣାକୁ ଇତିମଧ୍ୟରେ ୯ ଦିନ ବିତିଥିଲା ବେଳେ ଫସି ରହିଥିବା ୮ କର୍ମଚାରୀଙ୍କୁ ଉଦ୍ଧାର କରିବା ସମ୍ଭବ ହୋଇ ନାହିଁ। ମୁଖ୍ୟମନ୍ତ୍ରୀ ରେଭନ୍ତ ରେଡ୍ଡି ରବିବାର ଦୁର୍ଘଟଣାସ୍ଥଳ ପରିଦର୍ଶନ କରିବା ସହିତ ଉଦ୍ଧାର କାର୍ଯ୍ୟ ତ୍ୱରାନ୍ୱିତ କରିବାକୁ କହିଛନ୍ତି।

# ମୁହଁ ଖୋଲିଲେ ସିନ୍ଦେ; ଆମ ଭିତରେ କିଛି ଫାଟ ନାହିଁ

ମୁମ୍ବାଇ,୨।୩(ଏଜେନ୍ସି): ମହାରାଷ୍ଟ୍ରର ମହାୟୁତି ମେଣ୍ଟ ରାଜନୀତିକୁ ନେଇ ଏବେ କିଛି ଦିନ ହେଲା ଚର୍ଚ୍ଚା ଜୋର ଧରିଛି। ମହାୟୁତି ସରକାର ଗଠନ ହେବା ଦିନ ଠାରୁ ଶିବସେନା ପ୍ରମୁଖ ତଥା ଉପମୁଖ୍ୟମନ୍ତ୍ରୀ ଏକନାଥ ସିନ୍ଦେଙ୍କ ଅସନ୍ତୋଷ ବେଳକୁ ବେଳ ବଢୁଥିଲା ବେଳେ ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡ଼ନଭିସଙ୍କ ଆଭିମୁଖ୍ୟକୁ ଏବେ ବି ତାଙ୍କୁ ବିମୁଖ କରୁଥିବା ଆଲୋଚନା ଚାଲିଥିଲା। ଏହାକୁ ନେଇ ମହାୟୁତି ମେଣ୍ଟରେ ଫାଟ ପଡ଼ିବ ବୋଲି ରାଜନୈତିକ ମହଲରେ ଜୋରଦାର ଚର୍ଚ୍ଚା ଚାଲିଥିଲା ବେଳେ ଏହି ପ୍ରସଙ୍ଗରେ ପ୍ରଥମଥର ପାଇଁ ମୁହଁ ଖୋଲିଛନ୍ତି ଏକନାଥ ସିନ୍ଦେ। ବିଜେପି ଏବଂ ଶିବସେନା ମଧ୍ୟରେ କୌଣସି ଦ୍ୱନ୍ଦ୍ୱ ନାହିଁ କି କିଛି ବିବାଦ ନାହିଁ ବୋଲି ସିନ୍ଦେ ରବିବାର କହିଛନ୍ତି। ରବିବାର ଏକ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ଫଡ଼ନଭିସଙ୍କ ସହିତ ସିନ୍ଦେ ଏବଂ ଉପମୁଖ୍ୟମନ୍ତ୍ରୀ ଅଜିତ ପାୱାର ଏକାଠି ହୋଇଥିବା ଦେଖାଯିବା ସହିତ ସମସ୍ତଙ୍କ ମଧ୍ୟରେ ସୌହାର୍ଦ୍ଦ୍ୟପୂର୍ଣ୍ଣ କଥାବାର୍ତ୍ତା ଚାଲିଥିବା ଦେଖାଯାଇଛି। ଆଗକୁ ବୃହନ ମୁମ୍ବାଇ ପୌର ନିର୍ବାଚନ ପୂର୍ବରୁ ସିନ୍ଦେଙ୍କ ଅସନ୍ତୋଷକୁ ନେଇ ମହାୟୁତି ମେଣ୍ଟରେ କିଛି ସମସ୍ୟା ଉପୁଜିବ ବୋଲି ଆକଳନ କରାଯାଉଥିଲା। କିନ୍ତୁ ଏହାକୁ ସିନ୍ଦେ ଖଣ୍ଡନ କରିବା ସହିତ ମେଣ୍ଟରେ ସବୁକିଛି ଠିକଠାକ ଚାଲିଛି ବୋଲି କହିଛନ୍ତି।

## ଡୁବୁରୀ-ସୁକିନ୍ଦା ରାଜପଥ ବିପଦସଙ୍କୁଳ



**ଡୁବୁରୀ, ୨।୩(ସମିସ):** ଡୁବୁରୀ ଛକ ନିକଟସ୍ଥ ଡୁବୁରୀ-ସୁକିନ୍ଦା ରାଜପଥ ବିପଦସଂକୁଳ ହୋଇପଡ଼ିଛି। ଡୁବୁରୀ ଛକ ଭାରତୀୟ ଷ୍ଟେଟ ବ୍ୟାଙ୍କ ସାମ୍ନା ଡୁବୁରୀ-ସୁକିନ୍ଦା ରାସ୍ତା ପ୍ରଶସ୍ତୀକରଣ କାମ ବିଳମ୍ବ ଓ ଅସମ୍ପୂର୍ଣ୍ଣ ଯୋଗୁଁ କଡ଼ରେ ପାଣି ଜମି ରହିଛି। ଫଳରେ ଏଠାରେ ବଡ଼ ଖାଲ ସୃଷ୍ଟି ହୋଇ ଯାତ୍ରୀଙ୍କ ପାଇଁ ବିପଦ ସୃଷ୍ଟି କରିଛି। ଡୁବୁରୀ-ସୁକିନ୍ଦା ରାସ୍ତା ଦେଇ ପ୍ରତିଦିନ ଶହ ଶହ ଗାଡ଼ି ଯାତାୟାତ କରୁଛି। ରାସ୍ତା କାମ ହେଉଥିବାରୁ ଓ ଖାଲ ନିକଟରେ କୌଣସି ବ୍ୟାରିକେଟ ନ ଥିବାରୁ ଅନେକ ସମୟରେ ଦୁର୍ଘଟଣା ଘଟୁଛି। ଏଥିପ୍ରତି ଜିଲ୍ଲା ପ୍ରଶାସନ ଦୃଷ୍ଟି ଦେବାକୁ ସ୍ଥାନୀୟ ଅଞ୍ଚଳବାସୀ ଓ ବ୍ୟବସାୟୀ ଦାବି କରିଛନ୍ତି।

## ମହାବୀର ଗୁରୁକୁଳ ଶିକ୍ଷାଶ୍ରମର ବାର୍ଷିକ ଉତ୍ସବ



**ଯାଜପୁର, ୨।୩(ସମିସ):** ଯାଜପୁର ନଗର ମହାବୀର ଗୁରୁକୁଳ ଶିକ୍ଷାଶ୍ରମର ୨୩ତମ ବାର୍ଷିକ ଉତ୍ସବ ଗୌତମ ବୁଦ୍ଧ ସଂସ୍କୃତି ଭବନରେ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଆଚାର୍ଯ୍ୟା ବଂଶୋରୀ ବିଶ୍ୱାଳଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ମୁଖ୍ୟଅତିଥି ଭାବେ ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ଶିକ୍ଷକ ପଣ୍ଡିତ ଭୂପତି ଭୂଷଣ ମିଶ୍ର ଯୋଗଦେଇ ଶିଶୁଙ୍କ ଭିତରେ ଯେପର୍ଯ୍ୟନ୍ତ ଶିକ୍ଷା ଓ ସଂସ୍କାର, ଦେଶପ୍ରେମ, ଦେଶ ଭକ୍ତି ଜାଗ୍ରତ ନ ହୋଇଛି; ସେପର୍ଯ୍ୟନ୍ତ ଦେଶର ପ୍ରକୃତ ବିକାଶ ହୋଇପାରିବନାହିଁ ବୋଲି ମତବ୍ୟକ୍ତ କରିଥିଲେ। ସମ୍ମାନିତ ଅତିଥି ଭାବେ ଯାଜପୁର ପୌରପାଳିକା ଉପାଧ୍ୟକ୍ଷ ସନ୍ତୋଷ ମଲ୍ଲିକ ଯୋଗଦେଇ କୁନି କୁନି ପ୍ରତିଭାଙ୍କ ପ୍ରଶଂସା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଖଇରାବାଦ ଶାଖା ପ୍ରଧାନ ଆଚାର୍ଯ୍ୟା ହେମଲତା କର, ବିଦ୍ୟାଳୟର ସମ୍ପାଦକ ରାଜେଶ ନାୟକ ପ୍ରମୁଖ ଯୋଗ ଦେଇଥିଲେ। ଏ ଅବସରରେ ପ୍ରତିଯୋଗିତାର କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା।

## ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ବାର୍ଷିକ ଉତ୍ସବ



**ହାତୀବାରି, ୨।୩ (ସମିସ):** ହାତୀବାରି ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ପ୍ରଥମ ବାର୍ଷିକ ଉତ୍ସବ, ମାତୃ ସମ୍ମିଳନୀ ଓ ସମର୍ପଣ ଦିବସ ପାଳିତ ହୋଇଯାଇଛି। ପ୍ରତିଷ୍ଠାତା କୃଷ୍ଣଚନ୍ଦ୍ର ଦୋରା, ମୁଖ୍ୟଅତିଥି କୁଳମଣି ଦାସ, ସମ୍ମାନିତ ଅତିଥି ଭାବେ ଶଶଧର ମୁଦୁଲି, ଜୟନ୍ତୀ ନାଥ, ବ୍ରଜସୁନ୍ଦର ଦାସ, ଦୁଃଖିଶ୍ୟାମ ଦୋରା, ରମେଶ ଚନ୍ଦ୍ର ଓଝା, ଲବଙ୍ଗଲତା ପରିଡ଼ା ଯୋଗଦେଇ ଶିଶୁର ଗଠନରେ ମାଆର ଭୂମିକା ଓ ସମର୍ପଣ ବିଷୟରେ ଆଲୋକପାତ କରିଥିଲେ। ଏ ଅବସରରେ ବିଭିନ୍ନ ଖେଳରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ଏଥିସହିତ ବିଦ୍ୟାଳୟ ପକ୍ଷରୁ ରବିନାରାୟଣ ସୂତାର (ଶିକ୍ଷାବିତ୍), ଆଶୁତୋଷ ନାଥ (ସାମ୍ବାଦିକତା), ଦେବଦତ୍ତ ସ୍ୱାଇଁ (ସଫଳ ଚାଷୀ), ଶରତ ସ୍ୱାଇଁ (ଅବସର ଶିକ୍ଷକ), ରଘୁନାଥ ରାଉତ (ସମାଜ ସଂସ୍କାରକ) ସମ୍ବର୍ଦ୍ଧିତ ହୋଇଥିଲେ।

## ଶିକ୍ଷା ସଚେତନତା ରଥର ଶୁଭାରମ୍ଭ




**କଣ୍ଟାଁଗୋଲା, ୨।୩(ସମିସ):** ଦଶରଥପୁର ବ୍ଲକ ଅସନପୁର ପଞ୍ଚାୟତର କଣ୍ଟାବଣିଆଠାରେ ଓଡ଼ିଶା ନଲେଜ କର୍ପୋସନ ପକ୍ଷରୁ ଶିକ୍ଷା ସଚେତନତା ରଥର ଶୁଭାରମ୍ଭ ହୋଇଛି। ମୁଖ୍ୟଅତିଥି ଭାବେ ଅସନପୁର ସରପଞ୍ଚ କାଞ୍ଚନବାଳା ମଲ୍ଲିକ ଯୋଗଦେଇ ଫିତାକାଟି ଶୁଭାରମ୍ଭ କରିଥିଲେ। ସମ୍ମାନିତ ଅତିଥି ଭାବେ ଆଇବ୍ରେନ ନିର୍ଦ୍ଦେଶକ ସରିତା ଦାସ ଯୋଗଦେଇ ରାଜ୍ୟ ସରକାରଙ୍କ ପକ୍ଷରୁ କମ୍ପ୍ୟୁଟର ପ୍ରଶିକ୍ଷଣ ଦିଆଯାଇ ସେମାନଙ୍କୁ ସାର୍ଟିଫିକେଟ ପ୍ରଦାନ କରାଯିବା ସହିତ ମାଗଣାରେ ଶିକ୍ଷା ଦିଆଯିବ ଓ ଗ୍ରାମାଞ୍ଚଳରେ ସଚେତନତା ସୃଷ୍ଟି କରିବା ଏହି ରଥର ଉଦ୍ଦେଶ୍ୟ ବୋଲି ମତବ୍ୟକ୍ତ କରିଥିଲେ। ସଚେତନତା ରଥ ଦଶରଥପୁର ବ୍ଲକ ଓ ବିଂଝାରପୁର ବ୍ଲକର ବିଭିନ୍ନ ପଞ୍ଚାୟତ ପରିଭ୍ରମଣ କରିଛି। ପ୍ରଭାତ ଦାସ, ଅରୁଣିବାଳା ସୂତାର, ରଶ୍ମିପ୍ରଭା ଦାସ, ସ୍ମୃତିରେଖା ଜେନା, ଏଲିନା ଦାସ, ତମନା ମହାନ୍ତି, ସ୍ୱପ୍ନା ମହାନ୍ତି, ଓଁକାର ଦାସ, ଶ୍ୟାମସୁନ୍ଦର ସାହୁ, ପ୍ରତାପ ଦାସ, ସତ୍ୟରଞ୍ଜନ ଦାସ, ଅଞ୍ଜନା ଦାସ ଯୋଗ ଦେଇଥିଲେ।

### ୧୦ ବର୍ଷ ଧରି ଅଙ୍ଗନବାଡ଼ି କେନ୍ଦ୍ରରେ କର୍ମୀଙ୍କ ପାଦ ପଡ଼ିନି

# ଚାକିରିରେ ଯୋଗଦେଉନାହାନ୍ତି କି ଛାଡୁନାହାନ୍ତି

**କୁହିକା, ୨।୩(ସମିସ)**

କୋମଳମତି ଶିଶୁଙ୍କ ବିକାଶ ପାଇଁ ସରକାର ଅଙ୍ଗନବାଡ଼ି କେନ୍ଦ୍ର ସ୍ଥାପନ କରି ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ କରୁଥିବାବେଳେ ଅଙ୍ଗନବାଡ଼ି କେନ୍ଦ୍ରରେ ନିୟୋଜିତ ହୋଇଥିବା କର୍ମୀ କେନ୍ଦ୍ରକୁ ବର୍ଷ ବର୍ଷ ହେଲା ଯାଉ ନ ଥିବା ଅଭିଯୋଗ ହୋଇଛି। ସେ ଚାକିରିରେ ଯୋଗ ଦେଉନାହାନ୍ତି କି ଛାଡୁନାହାନ୍ତି। ଫଳରେ ଶିଶୁଙ୍କ ପାଠପଢ଼ା ବ୍ୟାହତ ହେଉଛି। ଏଥିପ୍ରତି ବିଭାଗୀୟ ଅଧିକାରୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରାଯାଇଛି।

ସୁକିନ୍ଦା ବ୍ଲକ କାଙ୍କଡ଼ପାଳ ପଞ୍ଚାୟତର କାଟେଣୀ ଗ୍ରାମରେ ଥିବା କାଟେଣୀ ଅଙ୍ଗନବାଡ଼ି କେନ୍ଦ୍ରରେ କର୍ମୀ ଭାବେ ନିୟୋଜିତ ହୋଇଥିବା ସୁଲେଖା ମହାନ୍ତ ଦୀର୍ଘ ୧୦ ବର୍ଷ ଧରି ପାଦ ପକାଇ ନ ଥିବା ସୁକିନ୍ଦା ସମନ୍ୱିତ ଶିଶୁ ବିକାଶ ଯୋଜନା କାର୍ଯ୍ୟାଳୟ ପକ୍ଷରୁ ଜାରି ହୋଇଥିବା ନୋଟିସରୁ ଜଣାପଡ଼ିଛି। ସେ ଚାକିରିରେ ଯୋଗ ଦେଉନାହାନ୍ତି କି ପଦବୀ ଛାଡୁ ନ ଥିବା ଅଭିଯୋଗ ହେଉଛି। ଫଳରେ ପନାସିଆରେ ନିୟୋଜିତ ଅଙ୍ଗନବାଡ଼ି କର୍ମୀ ରତ୍ନପ୍ରଭା ଚଢ଼ା କାଟେଣୀ ଅଙ୍ଗନବାଡ଼ି କେନ୍ଦ୍ରକୁ ଚଳାଉଥିବା ଜଣାପଡ଼ିଛି। ୧୦ ବର୍ଷ ଧରି କାର୍ଯ୍ୟ କରୁ ନ ଥିବାରୁ ଉକ୍ତ ଅଙ୍ଗନବାଡ଼ି କେନ୍ଦ୍ର ପରିଚାଳନାରେ ବହୁତ ଅସୁବିଧା ହେଉଥିବା ସମ୍ପର୍କରେ ଦର୍ଶାଯାଇଛି। ପ୍ରି ସ୍କୁଲ କାର୍ଯ୍ୟକ୍ରମ ହୋଇପାରୁ ନ ଥିବାବେଳେ ବିଭିନ୍ନ ସମସ୍ୟା ସୃଷ୍ଟି ହେଉଛି। ଜଣେ ଅଙ୍ଗନବାଡ଼ି କର୍ମୀ ଦୁଇଟି କେନ୍ଦ୍ର ପରିଚାଳନା କରିବା ବହୁତ କଷ୍ଟ ହେଉଥିବା ଦର୍ଶାଇ ସମନ୍ୱିତ ଶିଶୁ ବିକାଶ ଯୋଜନା କାର୍ଯ୍ୟାଳୟ ଅଧିକାରିଣୀ ପତ୍ର ସଂଖ୍ୟା ୫୪୧ରେ ଚାକିରିରେ ଯୋଗଦେଉନାହାନ୍ତି କି ଛାଡୁନାହାନ୍ତି।

କାଟେଣୀ ଅଙ୍ଗନବାଡ଼ି କର୍ମୀଙ୍କୁ ନୋଟିସ କରିଥିବା ସୂଚନା ହସ୍ତଗତ ହୋଇଛି। ଉକ୍ତ ନୋଟିସର ଏକକିତା ନକଲ ଉପଜିଲ୍ଲାପାଳଙ୍କ ସହ ଜିଲ୍ଲା ସମାଜ କଲ୍ୟାଣ ଅଧିକାରିଣୀଙ୍କୁ ପ୍ରଦାନ କରାଯାଇଛି। ତେବେ କାଟେଣୀ ଅଙ୍ଗନବାଡ଼ି କର୍ମୀ କାର୍ଯ୍ୟରେ ଯୋଗଦେଉ ନ ଥିବାରୁ କୋମଳମତି ଶିଶୁଙ୍କ ଉପରେ ଗଭୀର ପ୍ରଭାବ ପଡୁଛି। ନୋଟିସ ପାଇବା ପରେ ମଧ୍ୟ ସେ କାର୍ଯ୍ୟରେ ଯୋଗ ଦେଉନାହାନ୍ତି। ବିଭିନ୍ନ ଆଳ ଦେଖାଉଥିଲେ ମଧ୍ୟ ବିଭାଗ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନାହିଁ। ଏ ସମ୍ପର୍କରେ ସମନ୍ୱିତ ଶିଶୁ ବିକାଶ ଯୋଜନା କାର୍ଯ୍ୟାଳୟରେ ସୁପରଭାଇଜର ଭାବେ କାର୍ଯ୍ୟ କରୁଥିବା ଚମ୍ପାବତୀ ଜାରିକା ବିଭାଗୀୟ ଉଚ୍ଚପଦସ୍ଥ ଅଧିକାରୀଙ୍କୁ ଅବଗତ କରିଥିବା କହିଛନ୍ତି। କାହା ସ୍ୱାର୍ଥରେ ଏଭଳି ଅବହେଳା ପ୍ରଦର୍ଶନ କରୁଥିବା ଅଙ୍ଗନବାଡି କର୍ମୀଙ୍କୁ ଘଣ୍ଟ ଘୋଡାଯାଉଛି ବୋଲି ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

## ମା' ପଳାଶବୁଢ଼ୀ ପୀଠରେ ଶତ ଚଣ୍ଡୀପାଠ ଯଜ୍ଞ

**ଧର୍ମଶାଳା, ୨।୩(ସମିସ):** ଧର୍ମଶାଳା ବ୍ଲକ ଅନ୍ତର୍ଗତ ନୂଆଗାଁସ୍ଥ ମା' ପଳାଶବୁଢ଼ୀ ପୀଠରେ ଷଷ୍ଠ ବାର୍ଷିକୀ ଶତ ଚଣ୍ଡୀପାଠ ଯଜ୍ଞ ଆରମ୍ଭ ହୋଇଛି। ୯ ଦିନ ବ୍ୟାପି ଏହି କାର୍ଯ୍ୟକ୍ରମରେ ମା'ଙ୍କ ପୂଜା, ସୂର୍ଯ୍ୟପୂଜା, ଗୋପୂଜା, ନବକନ୍ୟା ପୂଜା ଓ ଚଣ୍ଡୀପାଠ କରାଯିବା କାର୍ଯ୍ୟକ୍ରମ ରହିଛି। ପ୍ରତ୍ୟେକ ଦିନ ସାନ୍ଧ୍ୟରେ ଭଜନ, କୀର୍ତ୍ତନ ଓ ଅନ୍ୟାନ୍ୟ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯିବ। ଏହି ଯଜ୍ଞ ଆସନ୍ତା ୧୦ ତାରିଖରେ ସମାପନ ହେବ ବୋଲି କମିଟିର ଆବାହକ ପ୍ରକାଶ ନାୟକ କହିଛନ୍ତି।

### ଧର୍ମଶାଳା ଅଞ୍ଚଳରେ ପାନୀୟଜଳ ସଙ୍କଟ

# ଟ୍ୟାଙ୍କର ଯୋଗେ ପିଇବା ପାଣି ଯୋଗାଣ




**ଧର୍ମଶାଳା, ୨।୩(ସମିସ):** ଧର୍ମଶାଳା ନିର୍ବାଚନମଣ୍ଡଳୀରେ ଚଳିତବର୍ଷ ଗୁରୁତର ପାନୀୟଜଳ ସମସ୍ୟା ଦେଖାଦେଇଛି। ଏହି ବ୍ଲକରେ ମେଗା ପାନୀୟଜଳ ପ୍ରକଳ୍ପ ଆଜି ପର୍ଯ୍ୟନ୍ତ କାର୍ଯ୍ୟକ୍ଷମ ହୋଇ ନ ଥିବାବେଳେ ପିଇବା ପାଣି ପାଇଁ ଏବେଠାରୁ ପରିସ୍ଥିତି ସାଂଘାତିକ ହେଲାଣି। ଏହାର ନିରାକରଣ ପାଇଁ ଗତ ପଞ୍ଚାୟତ ସମିତି ବୈଠକରେ ନିଷ୍ପତ୍ତି ହୋଇଥିଲା। ପିଇବା ପାଣି ଯୋଗାଣ ପାଇଁ ୧୧୦ଟି ଟ୍ୟାଙ୍କରର ବ୍ୟବସ୍ଥା ହୋଇଛି। ୫୪ଟି ପଞ୍ଚାୟତରେ ଏହି ଟ୍ୟାଙ୍କର ଯୋଗେ ପାଣି ଯୋଗାଣ ହେବ। ଏଥିସହ ବିଭିନ୍ନ ପଞ୍ଚାୟତରେ ଦେଖାଦେଉଥିବା ଜଳ ସଙ୍କଟ ଦୂର କରିବାକୁ ସରକାରଙ୍କ ପକ୍ଷରୁ ବିଭିନ୍ନ ଗ୍ରାମରେ ୩୯୦ଟି ନୂତନ ନଳକୂପ ଖୋଳାଯିବା ବ୍ୟବସ୍ଥା କରାଯାଇଥିବାବେଳେ ପାଣି ସମସ୍ୟାକୁ ଦେଖି ବର୍ତ୍ତମାନଠାରୁ ଅନେକ ପଞ୍ଚାୟତରେ ନଳକୂପ ଖୋଳା କାର୍ଯ୍ୟ ଆରମ୍ଭ ହୋଇଛି। ଆସନ୍ତା ସୋମବାର ଜିଲ୍ଲାପାଳ ପି. ଅନ୍ୱେଷା ରେଡ୍ଡୀ, ପିଡି ଅଶୋକ ବେହୁରିଆଙ୍କ ଉପସ୍ଥିତିରେ ବିଧାୟକ ଶ୍ରୀ ସାହୁ ଏହି ପାଣି ଯୋଗାଣ ଟ୍ୟାଙ୍କରର ଶୁଭ ଉଦଘାଟନ କରିବା କାର୍ଯ୍ୟକ୍ରମ ରହିଛି। ଏପ୍ରିଲ ୨ ତାରିଖରୁ ଜୁନ ମାସ ଯାଏଁ ଜଳ ସଙ୍କଟ ଭୋଗୁଥିବା ଲୋକଙ୍କୁ ଟ୍ୟାଙ୍କର ଯୋଗେ ପାଣି ଯୋଗାଇ ଦିଆଯିବା ବ୍ୟବସ୍ଥା କରାଯାଇଛି।

## ବିଞ୍ଝାରପୁର ଥାନା ଅଞ୍ଚଳରେ ଚୋରି ବୃଦ୍ଧି

**ବିଞ୍ଝାରପୁର, ୨।୩ (ସମିସ):** ବିଞ୍ଝାରପୁର ଅଞ୍ଚଳରେ ଦିନକୁ ଦିନ ଚୋରି ବଢ଼ିବାରେ ଲାଗିଛି। ମକର ମେଳାରେ ପକେଟମାରଙ୍କ ଦୌରାତ୍ମ୍ୟ ଦେଖିବାକୁ ମିଳିଥିଲା। ରାଜ ରାସ୍ତାରେ ମଧ୍ୟ ଆତଙ୍କ ଖେଳାଇ ଚାଲିଛନ୍ତି ଚୋର। ଚିକଣା ପଞ୍ଚାୟତର ଜଣେ ଯୁବକ କାର୍‌ରେ ରାତିରେ ଫେରୁଥିବାବେଳେ ବରୁଣେଶ୍ୱର ଛକ ପରେ ବାଇକ୍‌ରେ ଦୁଇଜଣ ଯୁବକ ମୁହଁରେ ଗାମୁଛା ଗୁଡ଼ାଇ ଠିଆ ହେବା ଦେଖିଥିଲେ। ଏହାର ୨୦୦ ମିଟର ଦୂରରେ ଆଉ ଦୁଇଜଣଙ୍କୁ ମଧ୍ୟ ମୁହଁରେ ଗାମୁଛା ବାନ୍ଧି ବାଇକ୍‌ରେ ଧିରେ ଧିରେ ଯିବା ଦେଖିବା ପରେ ସେ ଗାଡ଼ି ପଛକୁ କରି ଚିକଣା ଛକକୁ ପଳାଇ ନିଜର ଜୀବନ ବଞ୍ଚାଇଥିବା କହିଛନ୍ତି। ଫଳରେ ଲୋକେ ରାସ୍ତାରେ ନିଜକୁ ସୁରକ୍ଷିତ ମଣୁନାହାନ୍ତି। ଏଭଳି ଦିନକୁ ଦିନ ଚୋରି ବଢ଼ିଚାଲିଥିବାରୁ ଲୋକଙ୍କ ଆଖିରୁ ନିଦ ହଜିଯାଇଛି। ଗାଁର ଯୁବକ ଏକତ୍ରିତ ହୋଇ ଗାଁ ଜଗୁଛନ୍ତି। ତୁରନ୍ତ ପୁଲିସ ପ୍ରଶାସନ ଚୋରଙ୍କୁ କାବୁ କରିବା ପାଇଁ ଦାବି ହେଉଛି। ଯଦି ପୁଲିସ ଚୋର ଧରିବାକୁ ବିଫଳ ହେଉଛି, ସାଧାରଣ ଲୋକେ ଆଇନକୁ ହାତକୁ ନେବାକୁ ବାଧ ହେବେ ବୋଲି କହିଛନ୍ତି।

## ନବକିଶୋର ପଣ୍ଡାଙ୍କ ସ୍ମୃତିଚାରଣ ସଭା



**ଦଶରଥପୁର, ୨।୩(ସମିସ):** ଦଶରଥପୁର ବ୍ଲକ ଅନ୍ତର୍ଗତ କଟିକଟାସ୍ଥ ଯାଜପୁର ଆଇଟିଆଇ ପରିସରରେ ନାରାୟଣ ଚନ୍ଦ୍ର ସ୍ମୃତି ସଂସଦ ଆନୁକୂଲ୍ୟରେ ସାରସ୍ୱତ ସାଧକ ନବକିଶୋର ପଣ୍ଡାଙ୍କ ଦ୍ୱାଦଶାହରେ ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇଯାଇଛି। କବି ଜିତେନ୍ଦ୍ର ବେହେରାଙ୍କ ସଞ୍ଚାଳନ ଓ ବରିଷ୍ଠ ସାହିତ୍ୟିକ ରାମଚନ୍ଦ୍ର ଦାଶଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାକୁ କବି ରବି ଶତପଥୀ ସ୍ୱର୍ଗତ ପଣ୍ଡାଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରି ଉଦ୍‌ଘାଟନ କରିଥିଲେ। ଅବସରପ୍ରାପ୍ତ ଅଧ୍ୟକ୍ଷ ଅନୀଲ ମହାନ୍ତି, ଦିନଚର୍ଯ୍ୟାର ସମ୍ପାଦକ ସାମ୍ବାଦିକ ତପନ ମହାରଣ୍ୟଶର୍ମା, ପ୍ରମୋଦ ନାୟକ ମୁଖ୍ୟଅତିଥି, ମୁଖ୍ୟବକ୍ତା ଓ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ସ୍ମୃତି ସଂସଦ ସମ୍ପାଦକ ପ୍ରଭାତ ମଲ୍ଲିକ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। ଉକ୍ତ ସଭାରେ କବି ସୁବ୍ରତ ଦାସ, ବିଦ୍ୟୁତ୍‌ଲତା ଦାସ, ବଂଶୀଧର ଦାସ, କାମେଶ୍ୱର ପଣ୍ଡା, ନାରାୟଣ ଦାସ, ନାରାୟଣ ମହାଳିକ, ଯଯାତି ସାହୁ, ସୁବାସ ମହାପାତ୍ର, ଓମ୍ ପଣ୍ଡା, ସୁବାସ ବେହେରା, ଚନ୍ଦ୍ରଶେଖର ସାହୁ, ପ୍ରଦୀପ୍ତ ଦାସ, ଡାକ୍ତର ବିଜୟମୋହନ ରାୟ, ନାରାୟଣ ସାହୁ ପ୍ରମୁଖ ଯୋଗ ଦେଇଥିଲେ।

## ପଙ୍କପାଳ ବିଦ୍ୟାଳୟରେ 'ଆମ ସଂସ୍କୃତି, ଆମ ଖେଳନା' କର୍ମଶାଳା



**ଯଖପୁରା, ୨।୩ (ସମିସ):** ଦାନଗଦି ବ୍ଲକ ପଙ୍କପାଳ ପଞ୍ଚାୟତ ଅନ୍ତର୍ଗତ ସରକାରୀ ପ୍ରାଥମିକ ବିଦ୍ୟାଳୟରେ ଆମ ସଂସ୍କୃତି ଓ ଆମ ଖେଳଣା କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ସୁରେନ୍ଦ୍ର ବାରିକଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ପ୍ରଧାନଶିକ୍ଷକ କିଶୋର ଶତପଥୀ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ମୁଖ୍ୟଅତିଥି ଭାବେ ମଣ୍ଡଳ ଶିକ୍ଷାଧିକାରୀ ଶୁଭ୍ରାଂଶୁ ପୁହାଣ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ଜିଲ୍ଲା ଏକ୍ୱାକ୍ୟାଡର ସଂଘ ସଭାପତି ବସନ୍ତ ବିଶ୍ୱାଳ, ଚଣ୍ଡିମାତା ସାଧନ କେନ୍ଦ୍ର ସଂଯୋଜକ ଧର୍ମେଞ୍ଜୟ ରାଉତ, ଯଖପୁରା ସାଧନ କେନ୍ଦ୍ର ସଂଯୋଜକ କୁଳମଣି ମୁଦୁଲି, ପ୍ରଧାନଶିକ୍ଷକ କିଶୋର ଶତପଥୀ ଆମ ସଂସ୍କୃତି ଓ ଆମ ଖେଳନା ସମ୍ପର୍କରେ ବହୁମୂଲ୍ୟ ମତାମତ ପ୍ରଦାନ କରିବା ସହ ଆମ ସଂସ୍କୃତି ଓ ପରମ୍ପରାକୁ ଉଜ୍ଜୀବିତ ରଖିବାକୁ ଛାତ୍ରଛାତ୍ରୀଙ୍କୁ ଆହ୍ୱାନ ଦେଇଥିଲେ। ଛାତ୍ରଛାତ୍ରୀ ନିଜ ସଂସ୍କୃତି ଉପରେ ବିଭିନ୍ନ ଖେଳଣା ତିଆରି କରି ପ୍ରଦର୍ଶନ କରିଥିଲେ। ମଣ୍ଡଳ ଶିକ୍ଷାଧିକାରୀ ଓ ଅତିଥିମାନେ ପ୍ରସ୍ତୁତ ଖେଳଣା ଦେଖି ପ୍ରଶଂସା କରିଥିଲେ। ପ୍ରଥମରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ବିଭିନ୍ନ ବିଭାଗରେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବା ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ପରିଚାଳନା କମିଟି ସଭାପତି ଶ୍ରୀମତୀ ଏଲୋରା ପ୍ରିୟଦର୍ଶିନୀ ରାଉତ ଧନ୍ୟବାଦ ଅର୍ପଣ କରିଥିଲେ।

## ଶ୍ୟାମସୁନ୍ଦର ହାଇସ୍କୁଲ ପୁରାତନ ଛାତ୍ରଛାତ୍ରୀଙ୍କ ବନ୍ଧୁମିଳନ

**ଧର୍ମଶାଳା, ୨।୩(ସମିସ):** ମିର୍ଜାପୁର ପଞ୍ଚାୟତ ଅନ୍ତର୍ଗତ ଶ୍ୟାମସୁନ୍ଦର ହାଇସ୍କୁଲ ୧୯୮୫ ମାଟ୍ରିକ ବ୍ୟାଚ୍ ଛାତ୍ରଛାତ୍ରୀଙ୍କ ବନ୍ଧୁମିଳନ ଗୋକର୍ଣ୍ଣେଶ୍ୱର ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି। ପ୍ରାଧ୍ୟାପକ ବଳଭଦ୍ର ଦାଶଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପରଲୋକଗତ ଶିକ୍ଷକ ଓ ସହପାଠୀ କୁଳମଣି ମହାରଣାଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ନିରବ ପ୍ରାର୍ଥନା କରାଯାଇଥିଲା। ଆଗାମୀ ସେପ୍ଟେମ୍ବର ୫ ତାରିଖ ଗୁରୁ ଦିବସରେ ପୁରାତନ ଶିକ୍ଷକଙ୍କୁ ଗୁରୁପୂଜା କରାଯିବାକୁ ନିଷ୍ପତ୍ତି ନିଆଯାଇଥିଲା। ନିତ୍ୟାନନ୍ଦ ବେହେରା ଓ କସ୍ତୁରୀ ମିଶ୍ର କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ। ପ୍ରଭାତ ପଣ୍ଡା, ନରେନ୍ଦ୍ର ଜେନା, ଦୟାନିଧି ଦାଶ, ବ୍ରଜକିଶୋର ମହାନ୍ତି, ହୃଷିକେଶ ସାହୁ, ଅଜୟ ସ୍ୱାଇଁ, ସୁରେନ୍ଦ୍ର ସାହୁ, ବିଳାସୀ ସାହୁ, ସୁଦର୍ଶନ ପଣ୍ଡା, କଲ୍ୟାଣୀ ମଲ୍ଲ, ଜ୍ୟୋତିର୍ମୟୀ ମହାନ୍ତି, ନରେନ୍ଦ୍ର ସିଂ, ରବୀନ୍ଦ୍ର ନାୟକ ପ୍ରମୁଖ ସାମିଲ ହୋଇଥିଲେ।



## ସହକାରୀ ନିର୍ବାହୀ ଯନ୍ତ୍ରୀଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା



**ଧର୍ମଶାଳା, ୨।୩(ସମିସ):** ଜାରକା ଗ୍ରାମ୍ୟ ନିର୍ମାଣ ବିଭାଜନ ଯାଜପୁର-୨ କାର୍ଯ୍ୟାଳୟର ସହକାରୀ ନିର୍ବାହୀ ଯନ୍ତ୍ରୀ ଜଳନ୍ଧର ବେହେରାଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ଶୁକ୍ରବାର ଶ୍ରୀ ବେହେରାଙ୍କ କାର୍ଯ୍ୟକାଳ ଶେଷ ହୋଇଥିବାରୁ କାର୍ଯ୍ୟାଳୟ ପରିସରରେ ନିର୍ବାହୀ ଯନ୍ତ୍ରୀ ଅବିନାଶ ବାରିକ ତାଙ୍କୁ ମହାପ୍ରଭୁ ଜଗନ୍ନାଥଙ୍କ ଫଟୋଚିତ୍ର ସହ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ। ସହକାରୀ ଯନ୍ତ୍ରୀ ବିପିନ ବିହାରୀ ତରାଇ, ଦିଲ୍ଲୀପ ସାହୁ, ବିଭୁପ୍ରସାଦ ବେହେରା, ଜନ୍ମେଜୟ ଷଡ଼ଙ୍ଗୀ, କନିଷ୍ଠ ଯନ୍ତ୍ରୀ ଭୀମସେନ ମହାରଣା, ପୁଷ୍ପାଞ୍ଜଳି ବେହେରା, ଅଭିଷେକ ଦେବାଶିଷ, କାହ୍ନୁଚରଣ ସାମନ୍ତରାୟ, ଗଣେଶ୍ୱର ନାୟକ, ଅରୁଣ ନାୟକ, ମନୋଜ ବହାଲିଆ, ଚନ୍ଦ୍ରମଣି ସିଂହ, ସତ୍ୟନାରାୟଣ ମହାପାତ୍ରଙ୍କ ସମେତ କାର୍ଯ୍ୟାଳୟର ସମସ୍ତ କର୍ମଚାରୀ ଯୋଗଦେଇ ସହକାରୀ ନିର୍ବାହୀ ଯନ୍ତ୍ରୀଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଶ୍ରୀ ବେହେରା ଦୀର୍ଘବର୍ଷ ଧରି ଏଠାରେ କାର୍ଯ୍ୟ କରିଥିଲେ। ତାଙ୍କ କାର୍ଯ୍ୟକାଳ ସମୟରେ ଅନେକ ରାସ୍ତା ଓ ଗୃହ ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇପାରିଥିଲା।

## ସହକାରୀ ପ୍ରଧାନଶିକ୍ଷକଙ୍କ ପରଲୋକ

**ଧର୍ମଶାଳା, ୨।୩(ସମିସ):** ବିବେକାନନ୍ଦ ଶିକ୍ଷାକେନ୍ଦ୍ରର ସହକାରୀ ପ୍ରଧାନଶିକ୍ଷକ ନିର୍ମଳ କୁମାର ନାୟକଙ୍କ ଖୋର୍ଦ୍ଧାସ୍ଥ ଏକ ଘରୋଇ ହସ୍‌ପିଟାଲରେ ଚିକିତ୍ସାଧୀନ ଅବସ୍ଥାରେ ପରଲୋକ ଘଟିଛି। ସେ କିଛିଦିନ ଧରି ଯକୃତ କର୍କଟ ରୋଗରେ ପୀଡ଼ିତ ଥିଲେ। ସେ ଏକାଧାରରେ ଜଣେ ଭଲ ଶିକ୍ଷକ ଲେଖକ, ଗାୟକ ଓ ସଙ୍ଗୀତପ୍ରେମୀ ଥିଲେ। ତାଙ୍କ ମରଶରୀରକୁ ବିଦ୍ୟାଳୟ ପରିସରରେ ଶେଷ ଦର୍ଶନ ପାଇଁ ରଖାଯାଇଥିଲା। ବିଦ୍ୟାଳୟର ସଭାପତି କିଶୋର ନାୟକ, ସମ୍ପାଦକ ଅନିରୁଦ୍ଧ ରାଉତ, ପ୍ରଧାନଶିକ୍ଷକ ନବଘନ ମହାନ୍ତିଙ୍କ ସମେତ ଛାତ୍ରଛାତ୍ରୀ, ଅଭିଭାବକ, ଶିକ୍ଷ ଶିକ୍ଷୟିତ୍ରୀ ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ। ତାଙ୍କ ବିୟୋଗରେ ବିଦ୍ୟାଳୟ ପାଇଁ ଅପୂରଣୀୟ କ୍ଷତି ଘଟୁଛି ବୋଲି ଶିକ୍ଷକ ଓ ଶିକ୍ଷୟିତ୍ରୀ ମତବ୍ୟକ୍ତ କରିଛନ୍ତି। ଜନ୍ମସ୍ଥାନ ନାକପୋଲଠାରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା।



### ପ୍ରଶାସନର ନାହିଁ ନଜର

# ଭଙ୍ଗା କୁଡ଼ିଆରେ ଟିମାଙ୍କ ପରିବାର



**ଯଖପୁରା, ୨।୩ (ସମିସ)**

ରାଜ୍ୟରେ କୌଣସି ଗୋଟିଏ ଲୋକ ଭଙ୍ଗା ଘର ଓ ଖୋଲା ଆକାଶ ତଳେ ଯେପରି ନ ରୁହନ୍ତି, ସେଥିପ୍ରତି ସରକାର ଧ୍ୟାନ ଦେଇ ମୋ' କୁଡ଼ିଆ ଓ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଗୃହ ନିର୍ମାଣ ପାଇଁ ଅର୍ଥ ପ୍ରଦାନ କରୁଛନ୍ତି। ତେବେ ପ୍ରଶାସନର ଅବହେଳା ଯୋଗୁଁ ଘର ପାଇବାକୁ ଯୋଗ୍ୟ ଲୋକ ଏଥିରୁ ବଞ୍ଚିତ ହେଉଛନ୍ତି। ଏମିତି ଏକ ଘଟଣା ଦେଖିବାକୁ ମିଳିଛି ଦାନଗଦି ବ୍ଲକ ଅନ୍ତର୍ଗତ ପଙ୍କପାଳ ପଞ୍ଚାୟତର ମନୋହରପୁର ଗ୍ରାମର ହରିଜନ ସାହିର ଟିମା ମଲିକଙ୍କ କ୍ଷେତ୍ରରେ।

କାଳନ୍ଦୀ ମଲିକ ଓ ଭାରତୀ ମଲିକ (୫୭) ତିନି ପୁଅ ମଧ୍ୟରୁ ଟିମା ସବୁଠୁ ବଡ଼। ବାପାମାଆ ସାନ ଦୁଇ ପୁଅଙ୍କୁ ନେଇ ଅନ୍ୟତ୍ର ରହୁଥିବାବେଳେ ବଡ଼ ପୁଅ ଟିମା ସ୍ତ୍ରୀ ମିନତୀ ଓ ପୁଅ ଅଂଶୁ (୮ ମାସ) ନେଇ ଏଠାରେ ଭଙ୍ଗା କୁଡ଼ିଆରେ ରହୁଛନ୍ତି। ଟିମାଙ୍କ ଆର୍ଥିକ ଅବସ୍ଥା ଶୋଚନୀୟ। ପରିବାର ପ୍ରତିପୋଷଣ ଚଳାଇବା କଷ୍ଟକର ହେଉଥିବାବେଳେ ଘର କରିବା ଟିମାଙ୍କ ପାଇଁ ସାତସପନ। ତାଙ୍କର ଗୋଟିଏ ଆଖି ନଷ୍ଟ ହୋଇଯାଇଛି। ଫଳରେ ତାଙ୍କୁ ସବୁଦିନେ କାମ ମିଳୁନି। ଟିମାଙ୍କୁ ୫ବର୍ଷ ହୋଇଥିବାବେଳେ ସାଙ୍ଗଙ୍କ ସହ ଖେଳିବାବେଳେ ଗୋଟିଏ ଆଖିରେ ଆଘାତ ଲାଗିବାରୁ ଆଖିଟି ନଷ୍ଟ ହୋଇଯାଇଥିଲା। ସେହି ଆଖି ତାଙ୍କ ପାଇଁ କାଳ ସାଜିଛି। ଟିମାଙ୍କ ଗୋଟିଏ ଆଖି ନ ଥିବାରୁ କୌଣସି କାରଖାନାରେ କାମ ମିଳୁନି। କୁଟୁମ୍ବ ଚଳାଇବାକୁ ବାରଦୁଆର ବୁଲନ୍ତି, କାଳେ କେଉଁଠି କାମ ମେଳିଯିବ। ପ୍ରତ୍ୟେକ ଦିନ କାମ ଖୋଜୁଥିଲେ ମଧ୍ୟ ସବୁଦିନ କାମ ମିଳେନା। ବାଧ୍ୟ ହୋଇ ସେ ଏକ ସର୍ଭିସିଂ ସେଣ୍ଟରରେ ଗାଡ଼ି ଧୂଆ କାମରେ ନିୟୋଜିତ ହୋଇଛନ୍ତି। ସେଠାରୁ ମିଳୁଥିବା ପାରିଶ୍ରମିକ ଯଥେଷ୍ଟ ନ ଥିବାରୁ ବହୁ କଷ୍ଟରେ ପରିବାର ପ୍ରତିପୋଷଣ କରୁଛନ୍ତି। ଏ କ୍ଷେତ୍ରରେ ଘର କରିବା ତାଙ୍କ ପକ୍ଷେ ସମ୍ଭବପର ନୁହେଁ। ସରକାରଙ୍କ ପକ୍ଷରୁ ଘର ପାଇବା ପାଇଁ ଯୋଗ୍ୟ ହୋଇଥିଲେ ମଧ୍ୟ ଏଥିରୁ ବଞ୍ଚିତ ଅଛନ୍ତି। ଶୀତଦିନେ ପାଲ ଖଣ୍ଡେ କିଣି ଘର ଉପରେ ପକାଇଥିଲେ। ଏବେ ତାହା ନଷ୍ଟ ହୋଇଯାଇଛି। ପ୍ରଶାସନ ପକ୍ଷରୁ ଟିମାଙ୍କୁ ଘର ଖଣ୍ଡେ ମିଳିପାରିଲେ, ତାଙ୍କ ପରିବାର ଖୁସିରେ ଚଳିପାରନ୍ତେ। ତେଣୁ ପ୍ରଶାସନ ଗୁରୁତ୍ୱର ସହ ବିଚାର କରି ଟିମା ମଲିକଙ୍କୁ ଘର ପ୍ରଦାନ କରିବାକୁ ଦାବି ହେଉଛି।

## ମା' ବୁଢ଼ୀ ଜାଗୁଳାଇଙ୍କ ଯଜ୍ଞୋତ୍ସବ



**ବଡ଼ଚଣା, ୨।୩(ସମିସ):** ବଡ଼ଚଣା ବ୍ଲକ ଅନ୍ତର୍ଗତ ଉପୁଳା ଗ୍ରାମର ଅଧିଷ୍ଠାତ୍ରୀ ଦେବୀ ମା' ବୁଢ଼ୀ ଜାଗୁଳାଇଙ୍କ ୭୨ତମ ଯଜ୍ଞୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଶତାଧିକ ମହିଳା କାଖରେ ପୂର୍ଣ୍ଣ କଳସୀ ଧରି ଗ୍ରାମ ପରିକ୍ରମା କରିବା ସହିତ ଘଟ ସ୍ଥାପନ ହୋଇଥିଲା। ଅଙ୍କୁରାରୋପଣ, କଳସ ଶୋଭାଯାତ୍ରା, ସୂର୍ଯ୍ୟପୂଜା, ଗୋପୂଜା, ଅଗ୍ନି ସ୍ଥାପନ, ଚଣ୍ଡୀପାଠ, ବିଷ୍ଣୁ ସହସ୍ର ନାମ ଯଥା ରୀତିକାନ୍ତି ଅନୁଯାୟୀ କରାଯାଇଥିଲା। ଧର୍ମେନ୍ଦ୍ର ଲେଙ୍କା ଓ ତାଙ୍କ ପତ୍ନୀ ଶ୍ରଦ୍ଧାଞ୍ଜଳି ଲେଙ୍କା କର୍ତ୍ତା ଥିଲେ। ମିଳନ ନନା, ରବୀନ୍ଦ୍ର କର, ପ୍ରକାଶ ନନା, ସୁଶାନ୍ତ ନନା ଓ ଦେବାଶିଷ ନନା ଯଜ୍ଞ କାର୍ଯ୍ୟ ସମ୍ପନ୍ନ କରିଥିଲେ। ସନ୍ଧ୍ୟାରେ ଭଜନ, ପ୍ରବଚନ ସହିତ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା।

# ମନ୍ତେଇ ନଦୀରେ ୧୫ ଫୁଟ୍‌ର କୁମ୍ଭୀର; ନଈକୂଳିଆ ଛାନିଆ

ଭଦ୍ରକ, ୨ ।୩(ସମିସ)



ଭଦ୍ରକ ଜିଲ୍ଲା ଚାନ୍ଦବାଲି ଓ ବାସୁଦେବପୁର ବ୍ଲକ ଦେଇ ଯାଇଥିବା ମନ୍ତେଇ ନଦୀର ବାଲିଆପାଳ ଘାଟ ନିକଟରେ କୁମ୍ଭୀର ଆତଙ୍କ ଦେଖାଦେଇଛି । ପ୍ରାୟ ୧୫ ଫୁଟର ଏକ କୁମ୍ଭୀର ଘାଟ ନିକଟ ନଦୀରେ ଭାସୁଥିଲା । ଯାହାକୁ ଦେଖି ଡଙ୍ଗାରେ ଘାଟ ପାରି ହେଉଥିବା ଯାତ୍ରୀମାନେ ଡରିଯାଇଥିଲେ । ଚାନ୍ଦବାଲି ଓ ବାସୁଦେବପୁର ବ୍ଲକକୁ ସଂଯୋଗ କରୁଥିବା ଏହି ବାଲିଆପାଳ ଘାଟ ଦେଇ ପ୍ରତିଦିନ ହଜାର ହଜାର ଲୋକ ଡଙ୍ଗାରେ ଘାଟ ପାରି ହୋଇଥାନ୍ତି । ଏତେ ବଡ଼ କୁମ୍ଭୀର ଘାଟ ନିକଟରେ ଭାସୁଥିବାର ଦେଖି ଲୋକମାନେ ଭୟଭୀତ ହୋଇପଡ଼ିଛନ୍ତି । ଉଭୟ ବ୍ଲକ ନଦୀ କୂଳରେ ବସବାସ କରୁଥିବା ଲୋକମାନେ ଆତଙ୍କିତ ଅବସ୍ଥାରେ ରହିଛନ୍ତି । ନଦୀର ଜନବସତି ନିକଟରେ ଉଭୟ ପାର୍ଶ୍ୱରେ ସୁରକ୍ଷା ବାଡ଼ ଦେବା ସହ ଡାକବାଜି ଯନ୍ତ୍ର ଯୋଗେ ନଦୀକୂଳିଆ ଲୋକଙ୍କୁ ସତର୍କ କରିବାକୁ ଦାବି କରିଛନ୍ତି ସ୍ଥାନୀୟ ଜନସାଧାରଣ ।

# ସାଳନ୍ଦୀ ଡିଗ୍ରୀ ମହାବିଦ୍ୟାଳୟ ଉର୍ଦ୍ଦୁ ବିଭାଗର ପାଠଚକ୍ର



**ଭଦ୍ରକ,୨ ।୩(ସମିସ):** ଭଦ୍ରକ ଉତ୍ତରବାହିନୀସ୍ଥିତ ସାଳନ୍ଦୀ ଡିଗ୍ରୀ ମହାବିଦ୍ୟାଳୟର ଉର୍ଦ୍ଦୁ ବିଭାଗର ମୁଖ୍ୟ ଅଧ୍ୟାପକ ସାଇମୁର ରହମାନ ଖାନଙ୍କ ପୌରୋହିତ୍ୟରେ ଏକ ସ୍ୱତନ୍ତ୍ର ପାଠଚକ୍ର ଅନୁଷ୍ଠିତ ହୋଇଯାଇଛି । ଭଦ୍ରକ ମହିଳା ମହାବିଦ୍ୟାଳୟ ଉର୍ଦ୍ଦୁ ବିଭାଗ ମୁଖ୍ୟ ଅଧ୍ୟାପିକା ଡ. ନସିମା ଆରା ନିଖତ୍ ବିଷୟ ବିଶାରଦ ଭାବେ ଭାବଗର୍ଭକ ବକ୍ତବ୍ୟ ଉପସ୍ଥାପନ କରିଥିଲେ । ସାଳନ୍ଦୀ ଯୁକ୍ତ ୨ ଅଧ୍ୟାପକ ରିଜାଉଦ୍ଦିନ ଖାନ ଓ ଅଧ୍ୟାପିକା କୁଦସୀୟା ଜମାଲ ମଧ୍ୟ ନିଜ ବକ୍ତବ୍ୟ ଉପସ୍ଥାପନ କରିଥିଲେ । ଅଧ୍ୟକ୍ଷା ରାଜଶ୍ରୀ ନାୟକ ମୁଖ୍ୟଅତିଥି ଭାବେ ପାଠଚକ୍ରକୁ ଉଦଘାଟନ କରିଥିବା ବେଳେ ଇଂରାଜୀ ବିଭାଗର ମୁଖ୍ୟ ଅଚ୍ୟୁତାନନ୍ଦ ନାୟକ ମଧ୍ୟ ପାଠଚକ୍ରର ଗୁରୁତ୍ୱ ବିଷୟରେ ବକ୍ତବ୍ୟ ଉପସ୍ଥାପନ କରିଥିଲେ । ଅଧ୍ୟାପକ ସୈମୁର ରହମାନ ଖାନ ଅତିଥି ପରିଚୟ ସହିତ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ବିଭାଗୀୟ ଛାତ୍ରଛାତ୍ରୀ ପ୍ରମୁଖ ପାଠଚକ୍ର ପରିଚାଳନା କରିଥିଲେ ।

## କ୍ଷେତ୍ରୀୟ ତଦନ୍ତ ପରେ ବି ଚାଲିଛି ଅଙ୍ଗନବାଡ଼ି ଗୃହ ନିର୍ମାଣ କାର୍ଯ୍ୟ

● ୧୧ କେଭି ବିଦ୍ୟୁତ ତାର ତଳେ ନିର୍ମାଣ ପ୍ରସଙ୍ଗ

**ଭଦ୍ରକ,୨ ।୩(ସମିସ):** ଚାନ୍ଦବାଲି ବ୍ଲକ୍ ଖେରଙ୍ଗ ପଞ୍ଚାୟତ ନୂଆଗାଁ ସରକାରୀ ପ୍ରାଥମିକ ବିଦ୍ୟାଳୟ ପରିସରରେ ୧୧କେଭି ବିଦ୍ୟୁତ ତାର ତଳେ ଅଙ୍ଗନବାଡ଼ି ଗୃହ ନିର୍ମାଣ ହେବା ନେଇ "ଉଚ୍ଚ ନ୍ୟାୟାଳୟଙ୍କ ଆଦେଶକୁ ବେଖାତିର: ୧୧କେଭି ବିଦ୍ୟୁତ ତାର ତଳେ ଚାଲିଛି ଅଙ୍ଗନବାଡ଼ି ଗୃହ ନିର୍ମାଣ କାର୍ଯ୍ୟ' ଶୀର୍ଷକ ଏକ ଖବର ଗତ ୧୯ ତାରିଖ "ସକାଳ'ରେ ପ୍ରକାଶ ପାଇଥିଲା । ପରେ ବ୍ଲକ ପ୍ରଶାସନ ଓ ବିଦ୍ୟୁତ ବିଭାଗର କର୍ମଚାରୀମାନେ ଘଟଣାସ୍ଥଳକୁ ଯାଇ କ୍ଷେତ୍ରୀୟ ତଦନ୍ତ କରିଥିଲେ । ବିଦ୍ୟୁତ ବିଭାଗ-ଚାନ୍ଦବାଲି ସିଡିପିଓ-୨, ଚାନ୍ଦବାଲି ତହସିଲଦାର, ଚାନ୍ଦବାଲି ଥାନାଧିକାରୀଙ୍କୁ ଏକ ଚିଠି ଲେଖିଥିଲା; ଯେଉଁଥିରେ ଉଲ୍ଲେଖ ଥିଲା କି ବିଦ୍ୟୁତ ବିଭାଗର ବିନା ଅନୁମତିରେ ଉଚ୍ଚ କ୍ଷମତାସମ୍ପନ୍ନ ବିଦ୍ୟୁତ ତାର ତଳେ କୌଣସି ସ୍ଥାୟୀ ଘର ନିର୍ମାଣ ନ କରିବାକୁ । ଫଳରେ ଉକ୍ତ ଅଙ୍ଗନବାଡି ଗୃହ ନିର୍ମାଣ କାର୍ଯ୍ୟ ବନ୍ଦ ରଖିବାକୁ ଉକ୍ତ ଗ୍ରାମର କର୍ମୀ ମାଳତୀ ନାୟକଙ୍କୁ ନିର୍ଦ୍ଦେଶ ହୋଇଥିଲା । ପ୍ରଶାସନର ନିର୍ଦ୍ଦେଶକୁ ବେଖାତିର କରି ଅଙ୍ଗନବାଡି ଘରର ନିର୍ମାଣ କାର୍ଯ୍ୟ ପୁଣି ପୂର୍ବଭଳି ଆଗେଇ ଚାଲିଛି । ଯାହାକୁ ନେଇ ଚାନ୍ଦବାଲି ଥାନାର ଦ୍ୱାରସ୍ଥ ହୋଇଛନ୍ତି ଗ୍ରାମବାସୀ । ପୂର୍ବରୁ ଉଚ୍ଚ ନ୍ୟାୟାଳୟ ନିର୍ଦ୍ଦେଶକୁ ଅବମାନନା କରିଥିବା ବେଳେ ଏବେ ବିଦ୍ୟୁତ ବିଭାଗ ଓ ବ୍ଲକ ପ୍ରଶାସନର ନିର୍ଦ୍ଦେଶକୁ ମଧ୍ୟ ଅବମାନନା କରି କାର୍ଯ୍ୟ ଜାରି ରଖିଥିବାରୁ ଚାନ୍ଦବାଲି ଥାନାରେ ଏକ ଲିଖିତ ଅଭିଯୋଗ କରିଛନ୍ତି ବିଦ୍ୟାଳୟର ସଭାପତି ବୀରେନ୍ଦ୍ର କୁମାର ପୁହାଣଙ୍କ ସମେତ ଗ୍ରାମବାସୀ ।



## ବୀଣାପାଣି ସ୍କୁଲର ବାର୍ଷିକ ଉତ୍ସବ

**ବାସୁଦେବପୁର, ୨।୩(ସମିସ);** ବାସୁଦେବପୁର ବ୍ଲକ ସାନକୃଷ୍ଣପୁର ବୀଣାପାଣି ସ୍କୁଲର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ସଭାରେ ବିଦ୍ୟାଳୟର ପ୍ରଧାନଶିକ୍ଷକ ରବିନ୍ଦ୍ର ଷଣ୍ଢ, ସରପଞ୍ଚ ସସ୍ମିତା ନାୟକ, ଅନ୍ୟତମ ଅତିଥି ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ଅମିୟ କୁମାର ମହାଳିକ, ଅଧକ୍ଷ ପରିଚାଳନା କମିଟିର ରାମ ନାରାୟଣ ଦାସ, ମାନଗୋବିନ୍ଦ ମଳିକ, ମାନସ ରଞ୍ଜନ ଖମାରୀ, ସୁଚିତ୍ରା ବେହେରା, ସୂର୍ଯ୍ୟକାନ୍ତ ବେହେରା, ବିନୟ ସାହୁ, ତପନ ଦ୍ୱିବେଦୀ ପ୍ରମୁଖ ଯୋଗ ଦେଇଥିଲେ । ପ୍ରତିଷ୍ଠାତା ଶ୍ରୀ ସୂର୍ଯ୍ୟକାନ୍ତ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ବିଦ୍ୟାଳୟର ଶିକ୍ଷକ ଶ୍ରୀ ମାନଗୋବିନ୍ଦ ଅତିଥିଙ୍କ ପରିଚୟ ପ୍ରଦାନ କରିଥିଲେ । ଅନୁଷ୍ଠାନର ବିଭିନ୍ନ ବିଭାଗର କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯିବା ପରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।

# କ୍ରୟବିକ୍ରୟରେ ଦ୍ୱନ୍ଦ୍ୱ; ଜମି ମାଲିକଙ୍କୁ ଧମକ ଅଭିଯୋଗ

**ବନ୍ତ/ଆଗରପଡ଼ା, ୨।୩(ସମିସ):** ଜଣେ ପକ୍ଷାଘାତ ରୋଗୀ ନିଜ ଜମିକୁ ପ୍ରଥମେ ବିକ୍ରି କରିବା ଓ ପରେ ପୁଣି ଉକ୍ତ ଜମିକୁ ନିଜ ମାଲିକାନାକୁ ଆଣିବା ପରେ ଅପରପକ୍ଷ ବ୍ୟକ୍ତି ତାଙ୍କୁ ଧମକଚମକ ଦେବା ନେଇ ଜିଲ୍ଲା ଆରକ୍ଷୀ ଅଧୀକ୍ଷକଙ୍କ ପାଖରେ ଅଭିଯୋଗ ହୋଇଥିବା ଜଣାପଡ଼ିଛି । ଗତବର୍ଷ ୨୦୧୦ରେ ବନ୍ତ ତହସିଲ ବିଟିପୁର ପଞ୍ଚାୟତ ତଥା ଆଗରପଡ଼ା ଥାନା ଅନ୍ତର୍ଗତ ରାଉତାପୁର ଗ୍ରାମର ଉମାକାନ୍ତ ମହାପାତ୍ର(୬୫) ଗଣିଜାଙ୍ଗ ପଞ୍ଚାୟତ ଅନ୍ତର୍ଗତ ଗଣିଜାଙ୍ଗ ଗ୍ରାମର ରମେଶ ମିଶ୍ରଙ୍କ ପୁଅ ପ୍ରଶାନ୍ତ(୫୦)ଙ୍କ ସିମେଣ୍ଟ ଦୋକାନ ପାଇଁ ଜମିର ଆବଶ୍ୟକତା ଥିବାରୁ ତାଙ୍କୁ ଖାତା ନଂ ୮୧,ପ୍ଲଟ ନଂ.୧୦୯୧ ଚକ ନଂ ୬୪,ଏରିଆ ଅ୦.୩୧ଡ଼ି. ମଧ୍ୟରୁ ୨ଡ଼ିସିମିଲ ଜାଗା ଦେବାକୁ ରାଜି ହୋଇଥିଲେ । ଏହା ଚକଭୁକ୍ତ ଜମି ହୋଇଥିବାରୁ ଉକ୍ତ ୨ ଡ଼ିସିମିଲ ଜାଗା ଦେବା ସମ୍ଭବ ନ ଥିଲା । କିଛି ଅର୍ଥ ପ୍ରଦାନ କରି ପରେ ଶ୍ରୀ ମିଶ୍ର ଏହାକୁ ନିଜ ନାମରେ କରାଇ ନେଇଥିଲେ; କିନ୍ତୁ ଆବଶ୍ୟକସ୍ଥଳେ ଶ୍ରୀ ମହାପାତ୍ର ଶ୍ରୀ ମିଶ୍ରଙ୍କୁ ତାଙ୍କ ଅର୍ଥ ଫେରସ୍ତ କଲେ ସେ ତାଙ୍କ ଜାଗା ତାଙ୍କୁ ଫେରାଇ ଦେବେ ବୋଲି ଚୁକ୍ତିନାମାରେ ଉଲ୍ଲେଖ କରିଥିଲେ । ୨୦୨୪ରେ ଶ୍ରୀ ମହାପାତ୍ର ଶ୍ରୀ ମିଶ୍ରଙ୍କୁ ତାଙ୍କ ଅର୍ଥ ଫେରସ୍ତ କରି ସରକାରୀ ନିୟମାନୁସାରେ ତାଙ୍କ ଜାଗାକୁ ଶ୍ରୀ ମିଶ୍ରଙ୍କଠାରୁ ଅକ୍ତିଆର(ନୂତନ ଖାତା,ଖତିଆନ ଓ ପାଉତି) କରିଥିଲେ । ବର୍ତ୍ତମାନ ଶ୍ରୀ ମିଶ୍ର ଉକ୍ତ ଜାଗାକୁ ପୁନଃ ଅକ୍ତିଆର କରିବା ପାଇଁ ବିଭିନ୍ନ ଆଳ ଦେଖାଇବା ସହ ଉମାକାନ୍ତଙ୍କୁ ଧମକଚମକ ଦେଉଥିବା ନେଇ ଉମାକାନ୍ତ ଜିଲ୍ଲା ଆରକ୍ଷୀ ଅଧିକ୍ଷକଙ୍କ ଠାରେ ଲିଖିତ ଅଭିଯୋଗ କରିଛନ୍ତି । ସେ ଜଣେ ପକ୍ଷାଘାତ ରୋଗୀ ହୋଇଥିବାରୁ ଧମକଚମକକୁ ନେଇ ନିଜ ଭାରସାମ୍ୟ ହରାଇବା ସହ ଯଦି ତାଙ୍କର କିଛି କ୍ଷତି ଘଟେ ତେବେ ସେଥିପାଇଁ ପ୍ରଶାନ୍ତ ଦାୟୀ ରହିବେ ବୋଲି ସେ ପତ୍ରରେ ଉଲ୍ଲେଖ କରିଥିବା ଜଣାପଡ଼ିଛି ।



## ବସନ୍ତିଆ ବିଦ୍ୟାଳୟ ବାର୍ଷିକ ଉତ୍ସବ



**ବନ୍ତ/ଆଗରପଡ଼ା,୨।୩(ସମିସ):** ବସନ୍ତିଆ ସରକାରୀ ଉଚ୍ଚପ୍ରାଥମିକ ବିଦ୍ୟାଳୟର ବାର୍ଷିକଉତ୍ସବ ପାଳିତ ହୋଇଯାଇଛି । ପ୍ରଧାନଶିକ୍ଷକ ମନୋରଞ୍ଜନ ସାହୁଙ୍କ ଅଧ୍ୟକ୍ଷତାରେ ମୁଖ୍ୟଅତିଥି ଭାବେ ସରପଞ୍ଚ ଅଶୋକ ସାହୁ, ଅନ୍ୟତମ ଅତିଥି ସାଧନକେନ୍ଦ୍ର ସଂଯୋଜକ ସୁଧାଂଶୁ ଶେଖର ଦାସ, ପରିଚାଳନା କମିଟି ସଭାପତି ଭାଗବତ ପଣ୍ଡା, ପଞ୍ଚାୟତ ଉଚ୍ଚବିଦ୍ୟାଳୟ ଶିକ୍ଷକ ଆଲୋକ ପ୍ରଧାନ, ସସ୍ମିତା ମଲ୍ଲିକ, ରୀନାରାଣୀ ପଣ୍ଡା ପ୍ରମୁଖ ଛାତ୍ରଛାତ୍ରୀଙ୍କୁ ମାର୍ଗଦର୍ଶନ କରିଥିଲେ । କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା । ବରିଷ୍ଠ ଶିକ୍ଷକ ଅକ୍ଷୟ ସେଠୀ ଅତିଥି ପରିଚୟ, ପଦ୍ମିନୀ ସେଠୀ ବିବରଣୀ ପାଠ ଓ ରଶ୍ମିରାଣୀ ସୁଆଁର ଧନ୍ୟବାଦ ଅର୍ପଣ କରିଥିଲେ । ଛାତ୍ରଛାତ୍ରୀଙ୍କ ଦ୍ୱାରା ନୃତ୍ୟ ପରିବେଷଣ ସହ 'ବାଲ୍ୟ ବିବାହ' କ୍ଷୁଦ୍ର ନାଟକ ପ୍ରଦର୍ଶିତ ହୋଇଥିଲା ।

## ପୂର୍ବତନ ବିଧାୟକ ବୀରେନ ପଲେଇଙ୍କ ଶ୍ରାଦ୍ଧବାର୍ଷିକୀ

**ଭଦ୍ରକ, ୨ ।୩(ସମିସ):** ଜଣେ ସ୍ୱନାମଧନ୍ୟ ରାଜନେତା ପୂର୍ବତନ ଜିଲ୍ଲା କଂଗ୍ରେସ କମିଟିର ସଭାପତି, ଭଦ୍ରକର ପୌରପାଳ ତଥା ବିଧାୟକ ସ୍ୱର୍ଗତ ବୀରେନ ପଲେଇଙ୍କ ଶ୍ରାଦ୍ଧବାର୍ଷିକୀ ଭଦ୍ରକ ପୌରପାଳିକା ଅନ୍ତର୍ଗତ ୩୦ ନମ୍ବର ୱାର୍ଡ ବାଲିପାଟଣାସ୍ଥ କୋଣାର୍କ କ୍ଲବରେ ପାଳିତ ହୋଇଯାଇଛି । ଗତ ୨ ମାର୍ଚ୍ଚ ୨୦୦୧ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣାରେ ତାଙ୍କ ନିଧନ ହୋଇଥିଲା । ତାଙ୍କର ୨୪ତମ ଶ୍ରାଦ୍ଧବାର୍ଷିକୀରେ ଆଜି କ୍ଲବ ପରିସରରେ ଥିବା ତାଙ୍କର ପ୍ରତିମୂର୍ତ୍ତି ନିକଟରେ ଗ୍ରାମବାସୀ, କ୍ଲବ ସଦସ୍ୟ ତଥା କ୍ଲବର ଉପଦେଷ୍ଟା ସୁଧାକର ରାଉତ ତାଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । କ୍ଲବର ସଭାପତି ମାୟାଧର ରାଉତ, ସଂପାଦକ ବିନୋଦ ବିହାରୀ ନାୟକ, ପାଠାଗାରର ସଭାପତି ମୁକ୍ତିକାନ୍ତ ନାୟକ, ସଂପାଦକ ସତ୍ୟଜିତ ନାୟକ, ପ୍ରଶାନ୍ତ ନାୟକ, ଅନିରୁଦ୍ଧ ନାୟକ, ଗଦାଧର ନାୟକ, ବିମଳ ରାଉତ, ଦେବେନ୍ଦ୍ର ରାଉତ, ଚନ୍ଦନ ନାୟକ, ଚିନ୍ମୟ ସ୍ୱାଇଁ, ଅନିବେଶ ପ୍ରଧାନ, ଦିବ୍ୟରଞ୍ଜନ ରାଉତ, ସତ୍ୟରଞ୍ଜନ ରାଉତ, ରଜନୀ ରାଉତ, ଶତ୍ରୁଜିତ ନାୟକ ଅଂଶଗ୍ରହଣ କରିଥିଲେ ।



## ଯଜ୍ଞ ପୂର୍ଣ୍ଣାହୁତି କାର୍ଯ୍ୟକ୍ରମ

**ବନ୍ତ/ଆଗରପଡ଼ା,୨।୩(ସମିସ):** ବନ୍ତ ବ୍ଲକ ଛୟାଳସିଂ ପଞ୍ଚାୟତ ପଳସା ବଜାର ଖଗେଶ୍ୱର ମହାଦେବଙ୍କ ଯଜ୍ଞ ପୂର୍ଣ୍ଣାହୁତି କାର୍ଯ୍ୟକ୍ରମରେ ପ୍ରାୟ ୨୦ ହଜାର ଭକ୍ତଙ୍କ ସମାଗମ ହୋଇଥିଲା । ଶିବରାତ୍ରିଠାରୁ ଆରମ୍ଭ ହୋଇ ୩ଦିନ ପରେ ପୂର୍ଣ୍ଣାହୁତି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଖଗେଶ୍ୱର ମହାଦେବ ପୀଠରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବନ୍ତ ବ୍ଲକର ବିଭିନ୍ନ ପ୍ରାନ୍ତରୁ ଭକ୍ତଙ୍କ ସମାଗମ ହୋଇଥିଲା । ମନ୍ଦିରର ମୁଖ୍ୟ ସେବକ ଫକୀର ଚରଣ ତ୍ରିପାଠୀ, ଶୁକଦେବ ତ୍ରିପାଠୀ, ରମେଶ ତ୍ରିପାଠୀ, ସୁବାସ ତ୍ରିପାଠୀଙ୍କ ତତ୍ତ୍ୱାବଧାନରେ ୧୦ ବ୍ରାହ୍ମଣଙ୍କ ଦ୍ୱାରା ସମସ୍ତ ଯଜ୍ଞ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ପରେ ସଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ପଳସା ବଜାର କମିଟି ସହଯୋଗ କରିଥିଲା ।

## ଗୁପ୍ତେଶ୍ୱର ମହାଦେବଙ୍କ ବିଗ୍ରହ ପ୍ରତିଷ୍ଠା

**ବନ୍ତ/ଆଗରପଡ଼ା,୨।୩(ସମିସ):** ବନ୍ତ ବ୍ଲକ ରାମକୃଷ୍ଣପୁର ପଞ୍ଚାୟତ ଭୁଗୁପୁର ଛକରେ ଗୁପ୍ତେଶ୍ୱର ମହାଦେବଙ୍କ ବିଗ୍ରହ ପ୍ରତିଷ୍ଠା ମହୋତ୍ସବ ୫ ଦିନଧରି ଅନୁଷ୍ଠିତ ହୋଇଯାଇଛି । ପୂଜକ ଶମ୍ଭୁନାଥ ତ୍ରିପାଠୀ, ବସନ୍ତ ଦାଶ ମହାରାଜ, ନିତ୍ୟାନନ୍ଦ ବାବା ପ୍ରମୁଖ ପୂଜା କାର୍ଯ୍ୟ ସମ୍ପାଦନ କରିଥିଲେ । ଶନିବାର ପୂର୍ଣ୍ଣାହୁତି କାର୍ଯ୍ୟକ୍ରମରେ ଗଣିଜାଙ୍ଗ, ରାମକୃଷ୍ଣପୁର ପଞ୍ଚାୟତର ଶତାଧିକ ଶ୍ରଦ୍ଧାଳୁ ଯୋଗ ଦେଇ ପ୍ରଭୁ କୃପା ଲାଭ କରିଥିଲେ । ବରିଷ୍ଠ ପ୍ରବଚକ ନିରାକାର ଗାହାଣ ଓ ପ୍ରତିମା ପଣ୍ଡା ମହାଦେବଙ୍କ ଅଲୌକିକ ଗାଥା ବିଷୟରେ ପ୍ରବଚନ ଶୁଣାଇଥିଲେ ।






## ବରିଷ୍ଠ କିରାଣିଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା

**ଭଦ୍ରକ, ୨ ।୩(ସମିସ):** ଉତ୍ତର ବାହିନୀସ୍ଥିତ ସାଳନ୍ଦୀ ଉଚ୍ଚମାଧ୍ୟମିକ ବିଦ୍ୟାଳୟରେ ବରିଷ୍ଠ କିରାଣି ରାମଚନ୍ଦ୍ର ସାହୁଙ୍କର ବିଦାୟକାଳୀନ ସମ୍ବର୍ଦ୍ଧନା ସଭା ବିଦ୍ୟାଳୟର ଅଧକ୍ଷ ପ୍ରାଧ୍ୟାପକ ସଚ୍ଚିଦାନନ୍ଦ ପାଣିଗ୍ରାହୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଉକ୍ତ ସଭାରେ ପ୍ରାକ୍ତନ ଅଧ୍ୟକ୍ଷ ପ୍ରାଧ୍ୟାପକ ବିଜୟ ଦାସ ଓ ପ୍ରାକ୍ତନ ଅଧ୍ୟାପକ ଶୁଭକାନ୍ତ କୁଅଁର ମୁଖ୍ୟଅତିଥି ଭାବରେ ଯୋଗ ଦେଇଥିଲେ । ଯୁକ୍ତ ୩ କଲେଜର ଅଧ୍ୟକ୍ଷା ରାଜଶ୍ରୀ ନାୟକ ଅନ୍ୟତମ ଅତିଥି ଭାବରେ ଯୋଗ ଦେଇଥିଲେ । ଅଧ୍ୟାପିକା ମଧୁମିତା ସ୍ୱାଇଁ ବିଶ୍ୱଜିତ ରାଉତ ମଧ୍ୟ ଆଲୋଚନାରେ ଅଂଶଗ୍ରହଣ କରିଥିଲେ । ଅଧ୍ୟାପକ ଶୁଭାଶିଷ ଭଟ୍ଟାଚାର୍ଯ୍ୟ, ଅଧ୍ୟାପକ ରବୀନ୍ଦ୍ର ପାଢୀ, ମହମ୍ମଦ ରେଯାଉଦ୍ଦିନ୍, ଅଧ୍ୟାପିକା ଅଳକା ସାହୁ, ଅଧ୍ୟାପକ ଅମ୍ଳାନଜ୍ୟୋତି ମହନ୍ତ, ଅଧ୍ୟାପିକା ଲକ୍ଷ୍ମୀପ୍ରିୟା ଦାସ, ପ୍ରକାଶଚନ୍ଦ୍ର ଲାହା, ସୂର୍ଯ୍ୟକାନ୍ତ ବାରିକ, ଅଧ୍ୟାପିକା କୁଦ୍ଦୁସିଆ ଜମାଲ, ମନମୋହନ ସାହୁ, ସାଦବ୍ କାଦ୍ରୀ, ସଂଯୁକ୍ତା ପାଢୀ, ସୁଷମା ସାହୁ, ବବିତା ମହାନ୍ତି, ଅମର ପରିଡା, କୁଳମଣି ନାଥ ଓ ପ୍ରଭାତ ପ୍ରଧାନ ସହଯୋଗ କରିଥିଲେ । ଯୁକ୍ତ ୩ କଲେଜର ଅଧ୍ୟାପକ ଅଚ୍ୟୁତାନନ୍ଦ ନାୟକ ଓ ସ୍ମୃତିରଂଜନ ସ୍ୱାଇଁ ଆଲୋଚନାରେ ଅଂଶଗ୍ରହଣ କରିଥିଲେ ।

# ଧୂଷୁରୀ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ବାର୍ଷିକ ଉତ୍ସବ

ଅସୁରାଳି, ୨।୩(ସମିସ)




ଧାମନଗର ବ୍ଲକ ଧୂଷୁରୀ ପଞ୍ଚାୟତ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷା ଓ ଗବେଷଣା କେନ୍ଦ୍ରର ୧୫ତମ ବାର୍ଷିକ ଉତ୍ସବ ଏବଂ ପୁରସ୍କାର ବିତରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଦୁଇଟି ସୋପାନରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ସମାଜସେବୀ ତଥା ମାତୃମନ୍ଦିର ସଭାପତି ଚତର୍ଭୁଜ ନାୟକ, ମାତୃ ସାଧିକା ମଧୁମିତା ନାୟକ, ଶିକ୍ଷୟିତ୍ରୀ ସୀମା ଅପା ଏବଂ ପୁଷ୍ପା ଅପା, ବିନେନ୍ଦ୍ର ମହାନ୍ତି, ଉପସଭାପତି ବଲେଖ ନାୟକ ପ୍ରମୁଖ ପ୍ରଥମ ସୋପାନର କାର୍ଯ୍ୟକ୍ରମରେ ସାମିଲ ହୋଇଥିଲା ବେଳେ ଦ୍ୱିତୀୟ ସୋପାନ କାର୍ଯ୍ୟକ୍ରମକୁ ଓଡିଶା ସାହିତ୍ୟ ଏକାଡେମୀର ପ୍ରାକ୍ତନ ସଚିବ ପୂର୍ଣ୍ଣଚନ୍ଦ୍ର ବହଳି ଉଦ୍‌ଘାଟନ କରିଥିଲେ । ଅଧ୍ୟାପକ ରବୀନ୍ଦ୍ର ବେହୁରିଆଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ଇଞ୍ଜିନିଅର ସୁବାସଚନ୍ଦ୍ର କର, ସମ୍ମାନିତ ଅତିଥି ତିହିଡ଼ି ବ୍ଲକର ପୂର୍ବତନ ଉପାଧକ୍ଷା ବିଦ୍ୟୁତଲତା ନାୟକ. ମୁଖ୍ୟବକ୍ତା ପ୍ରଫେସର ପବିତ୍ର ପାଣିଗ୍ରାହୀ, ସମ୍ମାନିତ ବକ୍ତା ବରିଷ୍ଠ ଅଧିବକ୍ତା ଦେବାଶିଷ ସାମଲ, ବରେଣ୍ୟ ଅତିଥି କାସିମପୁର ସରପଞ୍ଚ ମଧୁସୂଦନ ନାଥ, ସମିତିସଭ୍ୟ ଜ୍ୟୋତିରାଜ ନାୟକ, ପ୍ରଦୀପ ଦାସ ପ୍ରମୁଖ ଯୋଗଦାନ କରିଥିଲେ । ସମ୍ପାଦକୀୟ ବିବରଣୀ ପାଠ କରିଥିଲେ ସମ୍ପାଦକ ସୁଧୀର ନାୟକ । ଅତିଥି ପରିଚୟ ଦେଇଥିଲେ ଶିକ୍ଷାକେନ୍ଦ୍ରର ଅଧକ୍ଷ ନୃସିଂହ ଚରଣ ନାୟକ । ଧନ୍ୟବାଦ ଅର୍ପଣ କରିଥିଲେ ଅବସରପ୍ରାପ୍ତ ଶିକ୍ଷକ ହେମନ୍ତ ସୁତାର । ଉକ୍ତ ବାର୍ଷିକଉତ୍ସବରେ ଧୂଷୁରୀ ପଞ୍ଚାୟତ ସରପଞ୍ଚ ଅନ୍ତର୍ଯ୍ୟାମୀ ପତି ଏବଂ ହସନାବାଦ ସରପଞ୍ଚ ଅଜୟ ମଲ୍ଲିକଙ୍କୁ ପ୍ରତିଭା ସମ୍ମାନରେ ସମ୍ମାନିତ କରାଯାଇଛି । ବାର୍ଷିକ କ୍ରୀଡ଼ା ଏବଂ ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କାର ବିତରଣ କରାଯାଇଥିଲା । ଶିକ୍ଷାକେନ୍ଦ୍ରର ସମସ୍ତ ଅପା, ଭାଇ, ସହାୟକ, ଅଭିଭାବକ ଏବଂ ସ୍ଥାନୀୟ ଗ୍ରାମର ବହୁ ଜନସାଧାରଣ ଯୋଗଦାନ କରିଥିଲେ ।









## ବିଦ୍ୟୁତ୍ ଉପଭୋକ୍ତା ମହାସଂଘ ଆନୁକୂଲ୍ୟରେ ସର୍ବଦଳୀୟ ବୈଠକ

# ବିଜୁଳି ଶୁଳ୍କ ବୃଦ୍ଧି ବନ୍ଦ ନ କଲେ ବିଶାଳ ଗଣବିକ୍ଷୋଭ ଚେତାବନୀ

**ଭୁବନେଶ୍ୱର, ୨।୩ (ସମିସ):** ବିଜୁଳି ଶୁଳ୍କ ବୃଦ୍ଧିରେ ରୋକ୍ ଲଗାଯିବା ସହ ପାୱାର-କଟ୍ ସଂପୂର୍ଣ୍ଣ ରୂପେ ବନ୍ଦ କରାଯାଉ। ସ୍ମାର୍ଟ ମିଟର ବ୍ୟବସ୍ଥାକୁ ବାତିଲ୍, ଶୁଦ୍ଧ ଓଡ଼ିଆ ଭାଷାରେ ବିଜୁଳି ବିଲ୍ ଯୋଗାଇବା, ପ୍ରତ୍ୟେକ ପରିବାରକୁ ମାଗଣାରେ ୩୦୦ ୟୁନିଟ୍ ପର୍ଯ୍ୟନ୍ତ ବିଜୁଳି ଶୁଳ୍କ ଛାଡ଼, କୃଷି କ୍ଷେତ୍ରକୁ ସମ୍ପୂର୍ଣ୍ଣ ମାଗଣାରେ ବିଜୁଳି ଯୋଗାଣ ଆଦି ଦାବି ନେଇ ଆଜି ଓଡ଼ିଶା ରାଜ୍ୟ ବିଦ୍ୟୁତ୍ ଉପଭୋକ୍ତା ମହାସଂଘ ଆହ୍ୱାନରେ ସର୍ବଦଳୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ସରକାର ତୁରନ୍ତ ଏହି ସବୁ ଦାବିଗୁଡ଼ିକ ପୂରଣ ଦିଗରେ ପଦକ୍ଷେପ ନ ନେଲେ ଆଗାମୀ ଅଧିବେଶନ (ମାର୍ଚ୍ଚ ୨୧ ତାରିଖ) ରେ ବିଧାନସଭା ସମ୍ମୁଖରେ ବିଶାଳ ଗଣବିକ୍ଷୋଭ କରାଯିବ ବୋଲି ମହାସଂଘ ଚେତାବନୀ ଦେଇଛି।

ସିପିଆଇ(ଏମ୍)ର ୯ ନମ୍ବରସ୍ଥିତ ସାମ୍ୟବାଦୀ ଭବନ କାର୍ଯ୍ୟାଳୟରେ ଅନୁଷ୍ଠିତ ଆଜିର ବୈଠକରେ ମହାସଂଘର ରାଜ୍ୟ ଅଧ୍ୟକ୍ଷ ପଞ୍ଚାନନ କାନୁନ୍‌ଗୋଙ୍କ ଅଧ୍ୟକ୍ଷତା କରିଥିଲେ। ମହାସଂଘର ଆବାହକ ରବି ବେହେରା ପ୍ରାରମ୍ଭିକ ଆଲୋଚନା ଆରମ୍ଭ କରି ରାଜ୍ୟରେ ବିଜୁଳି ଶୁଳ୍କ ବୃଦ୍ଧିର ସମ୍ଭାବନାକୁ ଜୋର୍‌ଦାର୍ ବିରୋଧ କରିଥିଲେ। ବିଜୁଳି କମ୍ପାନୀମାନଙ୍କର ମନମାନି ଓ ଶୋଷଣ ଦିନକୁ ଦିନ ବଢ଼ିବାରେ ଲାଗିଛି। ଓଡ଼ିଶାର ୪କୋଟି ଲୋକଙ୍କ ଉପରେ ଟାଟା କମ୍ପାନୀର ଶୋଷଣ ଓ ଅତ୍ୟାଚାର ବଢ଼ିବାରେ ଲାଗିଛି ବୋଲି ଆଲୋଚନାରେ ଅଂଶଗ୍ରହଣ କରିଥିବା ସବୁ ଦଳର ନେତୃମଣ୍ଡଳୀ କହିଥିଲେ।

ବୈଠକରେ ବିଜେଡି ମୁଖପାତ୍ର ଲେଲିନ୍ ମହାନ୍ତି, ସିପିଆଇର ପୂର୍ବତନ ବିଧାୟକ ନାରାୟଣ ରେଡ୍ଡୀ, ଜୟନ୍ତ ଦାସ, ସିପିଆଇ (ଏମ୍)ର ରାଜ୍ୟ ସମ୍ପାଦକ ସୁରେଶ ପାଣିଗ୍ରାହୀ, ନାରୀନେତ୍ରୀ ପୁଷ୍ପା ଦାସ, ପ୍ରଭାତ ପାଣିଗ୍ରାହୀ, ସିପିଆଇ (ଏମ୍-ଏଲ୍) ଲିବରେସନ୍ ପକ୍ଷରୁ ମହେନ୍ଦ୍ର ପରିଡ଼ା, ସିପିଆଇ (ଏମ୍‌ଏଲ୍) ରେଡ୍‌ଷ୍ଟାର ପକ୍ଷରୁ ନାରୀନେତ୍ରୀ ପ୍ରମିଳା ବେହେରା ଓ ହେନା ବାରିକ, ଆର୍‌ଜେଡି ପକ୍ଷରୁ ସମ୍ପାଦକ ହେମନ୍ତ କୁମାର, ଉପଭୋକ୍ତା ମହାସଂଘ ପକ୍ଷରୁ ମାନସ ଜେନା ଓ ପ୍ରସନ୍ନ ବିଶୋଇ, ଶକ୍ତି ସମୀକ୍ଷକ ଆନନ୍ଦ ମହାପାତ୍ର ଓ ବରିଷ୍ଠ ସମାଜସେବୀ ପ୍ରଫୁଲ୍ଲ ଦାସ, ପଶ୍ଚିମ ଓଡ଼ିଶା ବିଦ୍ୟୁତ୍ ଉପଭୋକ୍ତା ସଂଘ ପକ୍ଷରୁ ଏନ୍. ଗୋପାଳ ପ୍ରମୁଖ ଅଂଶଗ୍ରହଣ କରିଥିଲେ।

# ଏପ୍ରିଲ ପହିଲାରୁ ଆଇନଜୀବୀ କଲ୍ୟାଣ କର୍ପସ ଫଣ୍ଡ ଆଇନ କାର୍ଯ୍ୟକାରୀ

## ପ୍ରତି ମକଦ୍ଦମାର ଓକିଲାତି ନାମାରେ ୧୦୦ ଟଙ୍କାର ଷ୍ଟାମ୍ପ ବାଧ୍ୟତାମୂଳକ

**କଟକ,୨।୩(ସମିସ):** ଓଡ଼ିଶା ଆଇନଜୀବୀ ପରିଷଦ ପକ୍ଷରୁ ଆଇନଜୀବୀ କଲ୍ୟାଣ କର୍ପସ୍ ଫଣ୍ଡ ଆଇନ -୨୦୨୦କୁ ଆଇନଜୀବୀଙ୍କ ସାମୂହିକ ସ୍ୱାର୍ଥ ପାଇଁ ଲାଗୁ କରାଯିବା ପାଇଁ ନିଷ୍ପତ୍ତି ଗ୍ରହଣ କରାଯାଇଛି। ଫଳସ୍ୱରୂପ ଆଇନଜୀବୀମାନେ ନିଜ ମହକିଲଙ୍କ ପ୍ରତ୍ୟେକ ମକଦ୍ଦମା ରୁଜୁ କଲା ବେଳେ ଓକିଲାତିନାମାରେ ୧୦୦ ଟଙ୍କାର ଆଡଭୋକେଟ ୱେଲଫେୟାର କର୍ପୋସ ଫଣ୍ଡର ଷ୍ଟାମ୍ପ ଲଗାଇବା ବାଧ୍ୟତାମୂଳକ ହେବ। ଆସନ୍ତା ଏପ୍ରିଲ ୧ ତାରିଖଠାରୁ ଏହାକୁ କାର୍ଯ୍ୟକାରୀ କରିବାକୁ ଆଇନଜୀବୀ ପରିଷଦ ନିଷ୍ପତ୍ତି ଗ୍ରହଣ କରିଛି। ରାଜ୍ୟର ଆଇନଜୀବୀମାନେ ସହଯୋଗର ହାତ ବଢ଼ାଇ କାର୍ଯ୍ୟକାରୀ କରାଇବାକୁ ଆଇନଜୀବୀ ପରିଷଦର ଅଧ୍ୟକ୍ଷ ସୀତାଂଶୁ ମୋହନ ଦ୍ୱିବେଦୀ ଆଜି ଏଠାରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଅନୁରୋଧ କରିଛନ୍ତି।

ଏହି ଫଣ୍ଡରେ କେନ୍ଦ୍ର ସରକାର, ରାଜ୍ୟ ସରକାର, ଭାରତୀୟ ବାର୍ କାଉନସିଲ, ଘରୋଇ କମ୍ପାନୀ କିମ୍ବା ବ୍ୟକ୍ତିବିଶେଷ ଅନୁଦାନ ମଧ୍ୟ ଦେଇପାରିବେ। ଏହି କର୍ପସ୍ ଫଣ୍ଡରେ ଆଦାୟ ହୋଇଥିବା ଅର୍ଥର ୨୦ ଭାଗ ପଞ୍ଜିକୃତ ବାର୍ ଆସୋସିଏସନ୍‌ଙ୍କୁ ଫେରାଇବା ପାଇଁ ପ୍ରବଧାନ କରାଯାଇଛି। ସେହିପରି ୪ ଭାଗ ବାର ଆସୋସିଏସନ୍ ଲାଇବ୍ରେରୀ ନବୀକରଣ, ୩ ଭାଗ କନିଷ୍ଠ ଅଭିବକ୍ତାଙ୍କୁ ସହାୟତା, ୧୨ଭାଗ ଅଭିବକ୍ତାଙ୍କର ଚିକିତ୍ସା, ୧୦ ଭାଗ ମୃତ୍ୟୁକାଳୀନ ଭଡ଼ା, ୧୦ଭାଗ ଜରୁରୀକାଳୀନ ପରିସ୍ଥିତି, ୧ଭାଗ ରାଜ୍ୟ ଆଇନଜୀବୀ ପରିଷଦର ପାଠାଗାର ଓ ୨୦



ଭାଗ ଓଡ଼ିଶା ଆଇନଜୀବୀ ପରିଷଦର ସାମୂହିକ ଖର୍ଚ୍ଚ ନିମନ୍ତେ ବିନିଯୋଗ କରାଯିବ। ଏହାଛଡ଼ା ଉକ୍ତ ଅର୍ଥକୁ ପ୍ରତ୍ୟେକ ବାର୍ ଆସୋସିଏସନ୍‌ରେ ମଧୁବାବୁଙ୍କ ପ୍ରତିମୂର୍ତ୍ତି ସ୍ଥାପନ ତଥା ସେମିନାର ଓ ଆଲୋଚନାଚକ୍ର ପାଇଁ ଅର୍ଥ ଅନୁଦାନର ବ୍ୟବସ୍ଥା ରହିଛି।

ଅନ୍ୟପଟେ, ରାଜ୍ୟ ଆଇନଜୀବୀ ପରିଷଦର ସାମୂହିକ ସୁରକ୍ଷା ଓ କଲ୍ୟାଣକୁ ଧ୍ୟାନ ଦେଇ ତୁରନ୍ତ ମଧୁବାବୁ ସ୍ୱାସ୍ଥ୍ୟ ବୀମା ୧୦ ଲକ୍ଷ ଟଙ୍କା, ଆଡ୍‌ଭୋକେଟ୍ ଏକାଡେମୀର ପ୍ରତିଷ୍ଠା, ରାଜ୍ୟ ସରକାରଙ୍କ ପୂର୍ବରୁ ମିଳୁଥିବା ଅନୁଦାନ ରାଶି ୧୦ କୋଟିରୁ ୫୦ କୋଟିକୁ ବୃଦ୍ଧି କରିବା ଓ ଆଇନଜୀବୀମାନଙ୍କ ସୁରକ୍ଷା ନିମନ୍ତେ ଆଇନ ପ୍ରଣୟନ କରିବାକୁ ସରକାରଙ୍କ ନିକଟରେ ଦୃଢ଼ ଦାବି କରାଯାଇଛି।

ପ୍ରକାଶଥାଉକି, ତିନି ବର୍ଷ ତଳୁ ଏହି କର୍ପସ ଫଣ୍ଡ ଷ୍ଟାମ୍ପ ଲାଗୁ କରାଯିବା ପାଇଁ ନିଷ୍ପତ୍ତି ହୋଇଥିଲେ ମଧ୍ୟ ସେହି ସମୟରେ ହାଇକୋର୍ଟ ବାର୍ ସମେତ ଅନ୍ୟ ବାର୍‌ଗୁଡ଼ିକର ବିରୋଧ ପାଇଁ ଏହା ଲାଗୁ କରାଯାଇପାରି ନଥିଲା। ଆଜିର ସାମ୍ବାଦିକ ସମ୍ମିଳନୀରେ ଆଇନଜୀବୀ ପରିଷଦର ଅଧ୍ୟକ୍ଷଙ୍କ ସମେତ ଅନ୍ୟ ୨୪ଜଣ ସଦସ୍ୟ ଉପସ୍ଥିତ ଥିଲେ।

# ସ୍ୱତନ୍ତ୍ର ଶିକ୍ଷକ ନିଯୁକ୍ତିରେ ବିଳମ୍ବ ନେଇ ସର୍ବୋଚ୍ଚ ନ୍ୟାୟାଳୟଙ୍କ ଅସନ୍ତୋଷ

**ଭୁବନେଶ୍ୱର, ୨।୩(ସମିସ):** ବିଦ୍ୟାଳୟରେ ଦିବ୍ୟାଙ୍ଗ ଛାତ୍ରଛାତ୍ରୀଙ୍କୁ ଶିକ୍ଷାଦାନ ପାଇଁ ନାହାନ୍ତି ସ୍ୱତନ୍ତ୍ର ଶିକ୍ଷକ। ଫଳରେ ସେମାନେ ଆବଶ୍ୟକ ଶିକ୍ଷାରୁ ବଞ୍ଚିତ ହେଉଛନ୍ତି। ସ୍ୱତନ୍ତ୍ର ଶିକ୍ଷକ ନିଯୁକ୍ତ ପାଇଁ ସର୍ବୋଚ୍ଚ ନ୍ୟାୟାଳୟଙ୍କ ନିର୍ଦ୍ଦେଶ ଥିଲେ ମଧ୍ୟ ବହୁ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳ ଏହାକୁ ପାଳନ କରୁନାହାନ୍ତି। ସ୍ଥାୟୀ ସ୍ୱତନ୍ତ୍ର ଶିକ୍ଷକ ନିଯୁକ୍ତିରେ ବିଳମ୍ବ ନେଇ ସୁପ୍ରିମକୋର୍ଟ ତୀବ୍ର ଅସନ୍ତୋଷ ପ୍ରକାଶ କରିଛନ୍ତି। ବିଚାରପତି ସୁଧାଂଶୁ ଧୂଳିଆ ଓ କେ. ବିନୋଦ ଚନ୍ଦ୍ରନଙ୍କୁ ନେଇ ଗଠିତ ଖଣ୍ଡପୀଠ ଦର୍ଶାଇଛନ୍ତି ଯେ ଯେଉଁ ବିଷୟକୁ ପ୍ରତ୍ୟେକ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳ ପ୍ରାଥମିକତା ଦେବା କଥା, ତାହାକୁ ଉପେକ୍ଷା କରାଯାଇଛି। ଆଦେଶ ପାଳନ କରିବା ବଦଳରେ ନୂଆନୂଆ ପ୍ରତ୍ୟେକେ ବାହାନା ଦେଖାଉଛନ୍ତି। ବର୍ତ୍ତମାନ ସ୍ଥିତିରେ ସ୍ୱତନ୍ତ୍ର ଶିକ୍ଷକ ନିଯୁକ୍ତି ପାଇଁ ପଦ ମଞ୍ଜୁର ହେବାର ଆବଶ୍ୟକତା ଥିଲେ ମଧ୍ୟ କରାଯାଇନାହିଁ। ଆସନ୍ତା ୪ ତାରିଖରେ ମାମଲାର ପରବର୍ତ୍ତୀ ଶୁଣାଣି ପାଇଁ ଅଦାଲତ ସ୍ଥିର କରିଛନ୍ତି। ସ୍ୱତନ୍ତ୍ର ଶିକ୍ଷକ ନିଯୁକ୍ତି ନେଇ କ'ଣ ପଦକ୍ଷେପ ନିଆଯାଇଛି, ତାହା ଜଣାଇବାକୁ ରାଜ୍ୟଗୁଡ଼ିକୁ ନିର୍ଦ୍ଦେଶ ଦିଆଯାଇଛି। ଅପରପକ୍ଷେ, ଓଡ଼ିଶାରେ ମଧ୍ୟ ସ୍ୱତନ୍ତ୍ର ଶିକ୍ଷକ ନିଯୁକ୍ତି ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବାକୁ ଓଡ଼ିଶା ସ୍ପେସାଲ ଏଜୁକେଟର ଫେଡେରେସନ୍ ଫର୍ ଦିବ୍ୟାଙ୍ଗର ଯୁଗ୍ମ ସମ୍ପାଦକ ଆୟୁଷ୍ମାନ ଚୌଧୁରୀ ଅନୁରୋଧ କରିଛନ୍ତି।

# ଜିଲ୍ଲାପାଳଙ୍କ ନାଁରେ ଜାଲ୍ ହ୍ୱାଟସ୍‌ଆପ୍ ଆକାଉଣ୍ଟ

**ବୌଦ୍ଧ,୨।୩(ସମିସ):** ବୌଦ୍ଧ ଜିଲ୍ଲାପାଳ ସୁବ୍ରତ ପଣ୍ଡାଙ୍କ ନାମରେ କେହି ଦୁର୍ବୃତ୍ତ ଏକ ଜାଲ୍ ହ୍ୱାଟସ୍‌ଆପ୍ ଖୋଲି ଚାନ୍ଦା ମାଗୁଥିବା ଅଭିଯୋଗ ହୋଇଛି। ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସୂତ୍ରରୁ ମିଳିଥିବା ସୂଚନାନୁଯାୟୀ, ଦୁର୍ବୃତ୍ତଜଣଙ୍କ ଉକ୍ତ ଆକାଉଣ୍ଟରେ ଜିଲ୍ଲାପାଳଙ୍କ ଫଟୋ ରଖିଛି। ସେହି ଆକାଉଣ୍ଟ ଜରିଆରେ ସେ ଜିଲ୍ଲାର ବିଭିନ୍ନ ଅଧିକାରୀଙ୍କୁ ଚାନ୍ଦା ମାଗୁଛି। ଏହି ଘଟଣା ଜିଲ୍ଲାପାଳଙ୍କ ନଜରକୁ ଆସିବା ପରେ ଏ ସଂପର୍କରେ ସେ ବୌଦ୍ଧ ଥାନାରେ ଅଭିଯୋଗ କରିଛନ୍ତି। ଜିଲ୍ଲାପାଳଙ୍କ ଅଭିଯୋଗ ଆଧାରରେ ପୁଲିସ୍ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି।

# ମାର୍ଚ୍ଚ ୩୧ ସୁଭଦ୍ରା ଆବେଦନର ଶେଷ ତାରିଖ

**ଭୁବନେଶ୍ୱର,୨।୩(ସମିସ):** ବର୍ଷ ୨୦୨୪-୨୫ ପାଇଁ ରାଜ୍ୟ ସରକାରଙ୍କ ସୁଭଦ୍ରା ଯୋଜନାରେ ଆବେଦନ ପାଇଁ ମାର୍ଚ୍ଚ ୩୧ ଶେଷ ତାରିଖ। ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଆଜି ଏହି ସୂଚନା ଦେଇଛନ୍ତି। ଏହାସହ ଆସନ୍ତା ୬ତାରିଖରେ ହିତାଧିକାରୀଙ୍କୁ 'ସୁଭଦ୍ରା' ପ୍ରଥମ କିସ୍ତିର ପଞ୍ଚମ ପର୍ଯ୍ୟାୟ ଟଙ୍କା ମିଳିବ ବୋଲି ସେ କହିଛନ୍ତି। ଏହି ପର୍ଯ୍ୟାୟରେ ୧ଲକ୍ଷ ୭୦ ହଜାର ମହିଳା ସୁଭଦ୍ରା ଟଙ୍କା ପାଇବେ। ସେହିପରି ମାର୍ଚ୍ଚ ୮ ତାରିଖ ଅନ୍ତର୍ଜାତୀୟ ମହିଳା ଦିବସରେ ଦ୍ୱିତୀୟ କିସ୍ତି ପ୍ରଦାନ କରାଯିବ। ହିତାଧିକାରୀଙ୍କୁ ପ୍ରଥମ, ଦ୍ୱିତୀୟ, ତୃତୀୟ ଓ ଚତୁର୍ଥ ପର୍ଯ୍ୟାୟରେ ସୁଭଦ୍ରା ଟଙ୍କା ମିଳିସାରିଥିବା ବେଳେ ଏବେ ୬ ତାରିଖରେ ୫ମ ପର୍ଯ୍ୟାୟ ଟଙ୍କା ମିଳିବ।

**୬ ତାରିଖରେ ପ୍ରଥମ କିସ୍ତିର ପଞ୍ଚମ ପର୍ଯ୍ୟାୟ**

## ଦୁଇ ଛାତ୍ରୀଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର ଘଟଣାରେ ନୂଆ ମୋଡ଼

# ସଂପର୍କୀୟଙ୍କୁ ବାଂଲାଦେଶରୁ ହତ୍ୟା ଧମକ

**କାଲିମେଲା,୨।୩(ସମିସ):** ମାଲକାନଗିରି ଜିଲ୍ଲା କାଲିମେଲା ବ୍ଲକ୍ ଅନ୍ତର୍ଗତ ଏମ୍‌ଭି-୭୨ ନୋଡାଲ ପ୍ରାଥମିକ ବିଦ୍ୟାଳୟର ଦୁଇ ଛାତ୍ରୀଙ୍କ ଝୁଲନ୍ତା ଶବ ଜଙ୍ଗଲରୁ ଉଦ୍ଧାର ଘଟଣାରେ ନୂଆ ମୋଡ଼ ଆସିଛି। ଏହି ଘଟଣାକୁ ୩ ସପ୍ତାହରୁ ଊର୍ଦ୍ଧ୍ୱ ସମୟ ବିତିଯାଇଥିବା ବେଳେ କେହି ଦୁର୍ବୃତ୍ତ ଏବେ ଛାତ୍ରୀଙ୍କ ସଂପର୍କୀୟଙ୍କୁ ଫୋନ୍ କରି ଧମକ ଦେଉଛି। ଏହି ହତ୍ୟାକାଣ୍ଡର ରହସ୍ୟ ଉନ୍ମୋଚନ କରିବାକୁ ଚେଷ୍ଟା କଲେ, ହତ୍ୟା କରାଯିବ ବୋଲି କହୁଛି। ଏ ସଂପର୍କରେ ଉକ୍ତ ବ୍ୟକ୍ତିଜଣଙ୍କ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ତେବେ କଲ୍ ଆସୁଥିବା ମୋବାଇଲ ନମ୍ବରଟି ବାଂଲାଦେଶର ବୋଲି କୁହାଯାଉଛି। ସୂଚନା ମୁତାବକ, ଛାତ୍ରୀଦ୍ୱୟଙ୍କ ଝୁଲନ୍ତା ଶବ ଜଙ୍ଗଲରୁ ଉଦ୍ଧାର ପରେ ଗତ ଫେବୃଆରୀ ୨ତାରିଖରେ ବିଦ୍ୟାଳୟ ପରିସରରେ ଶିକ୍ଷକ ଓ ଅଭିଭାବକମାନଙ୍କ ଉପସ୍ଥିତିରେ ଏକ ଆଲୋଚନା ସଭା ହୋଇଥିଲା। ଉକ୍ତ ସଭାରେ ଏମପିଭି -୭୪ ଗ୍ରାମର ଅସିତ ଦାସ ନାମକ ବ୍ୟକ୍ତି ମଧ୍ୟସ୍ଥି ହୋଇଥିଲେ। ସେହି ଦିନ ସନ୍ଧ୍ୟାରେ ହିଁ ଏକ ଅଜଣା ଫୋନ୍ ନମ୍ବରରୁ ଅସିତଙ୍କୁ କଲ୍ ଆସିଥିଲା। ଫୋନ୍ କରିଥିବା ବ୍ୟକ୍ତିଜଣଙ୍କ ତାଙ୍କୁ ଅସଭ୍ୟ ଭାଷାରେ ଗାଳିଗୁଲଜ କରିଥିଲା। ପରେ ଗତ ଫେବୃଆରୀ ୨୬ ତାରିଖ ସନ୍ଧ୍ୟାରେ ପୁଣି ଆଉ ଏକ ନମ୍ବରରୁ ତାଙ୍କୁ ଫୋନ୍ ଆସିଥିଲା। କଲ୍ କରିଥିବା ଉକ୍ତ ବ୍ୟକ୍ତିଜଣଙ୍କ ଧମକ ଦେଇ କହିଥିଲା ଯେ ମୃତ ନାବାଳିକାଙ୍କ ସଂପର୍କରେ କାହିଁକି ମୁଣ୍ଡ ପୂରାଉଛୁ? ସେମାନଙ୍କୁ ହତ୍ୟା କରିବା ଭଳି ତତେ ବି ହତ୍ୟା କରିଦେବୁ। ଏନେଇ ସେ ଏମ୍‌ଭି - ୭୯ ଥାନାର ଦ୍ୱାରସ୍ଥ ହୋଇଛନ୍ତି। ଅପରପକ୍ଷେ, ଛାତ୍ରୀଦ୍ୱୟଙ୍କ ମୃତ୍ୟୁକୁ ପୁଲିସ୍ ଆତ୍ମହତ୍ୟା ବୋଲି ଚୁପ୍ ବସି ପଡ଼ିଥିବା ବେଳେ ଏବେ ଏହି ଅଜଣା ନମ୍ବରରୁ କଲ୍ ଆସିବା ପୁଲିସ୍‌ର ଚିନ୍ତା ବଢ଼ାଇ ଦେଇଛି।

**ଥାନାରେ ଅଭିଯୋଗ**

# ଗୁଣି ସନ୍ଦେହରେ ମହିଳାଙ୍କୁ ୫ଘଣ୍ଟା ଚାବୁକ ମାଡ଼

**ସୁନ୍ଦରଗଡ଼,୨।୩(ସମିସ):** ବଡ଼ଗାଁ ଥାନା ଅଧୀନ ଲିଟିପଡ଼ା ଗ୍ରାମର ଜଣେ ମହିଳାଙ୍କୁ ଗୁଣି ସନ୍ଦେହରେ ଚାବୁକ ମାଡ଼ ଘଟଣା ଏଠାରେ ଆଲୋଡ଼ନ ସୃଷ୍ଟି କରିଛି। ଲିଟିପଡ଼ା ଗ୍ରାମର ଜଣେ ଯୁବକଙ୍କ ମାନସିକ ସ୍ଥିତି ଭଲ ରହୁ ନ ଥିଲା। ଏଣୁ ପରିବାରଲୋକେ ଗୁଣି ଗାରେଡ଼ି ଯୋଗୁଁ ଏପରି ଘଟିଥିବା ସନ୍ଦେହ କରି ମଟାମର ଗ୍ରାମର ଜଣେ ଗୁଣିଆଙ୍କୁ ତାଙ୍କ ଘରକୁ ଡକାଇଥିଲେ। ଗୁଣିଆ ଜଣକ ତାଙ୍କ ଜଣେ ସହଯୋଗୀଙ୍କ ଘରକୁ ଆସି ଗୁଣି ଗାରେଡି ଯୋଗୁଁ ଏପରି ଘଟିଥିବା ଦର୍ଶାଇଥିଲେ। ସେମାନେ ଉକ୍ତ ଯୁବକଙ୍କ ମାନସିକ ସ୍ଥିତି ଠିକ କରିବା ପାଇଁ ପୂଜାପାଠ ଚଳାଇଥିଲେ। ଗୁଣିଆଙ୍କ ଉକ୍ତ ପୂଜା ଦେଖିବାକୁ ଯାଇଥିବା ଜଣେ ପଡ଼ୋଶୀ ମହିଳାଙ୍କୁ ସେମାନେ ହଠାତ ଚାବୁକରେ ନିସ୍ତୁକ ମାଡ଼ ମାରିଥିଲେ। ଏପରକି ସେମାନେ ସମ୍ପୃକ୍ତ ମହିଳାଙ୍କୁ ତାଙ୍କ ଘରକୁ ଧରି ନେଇ ପୂଜା କୋଠରିରେ ଥିବା ବିଭିନ୍ନ ଦେବଦେବୀ ଓ ଫଟୋଗୁଡ଼ିକୁ ବାହାରେ ଫିଙ୍ଗି ଦେଇଥିଲେ। ଏହିପରି ପ୍ରାୟ ୫ଘଣ୍ଟା ଧରି କିଛି ସମୟ ବ୍ୟବଧାନରେ ତାଙ୍କୁ ଚାବୁକରେ ମାଡ଼ ମାରି ଚାଲିଥିଲେ। ମହିଳାଙ୍କ ସ୍ୱାମୀ ଏହାର ବିରୋଧ କରିଥିଲେ ହେଁ ଗୁଣିଆମାନେ ତାଙ୍କ କଥା ଶୁଣିନଥିଲେ। ସୁନ୍ଦରଗଡ଼ ପୁଲିସ ଜିଲ୍ଲାରେ ଗୁଣିଗାରେଡ଼ି ସନ୍ଦେହରେ ଅନେକ ଅଘଟଣ ଘଟୁଥିବାରୁ ଅତୀତରେ ଜିଲ୍ଲା ପୁଲିସ ପ୍ରଶାସନ ପକ୍ଷରୁ ବ୍ୟାପକ ସଚେତନତା କାର୍ଯ୍ୟକ୍ରମ ହାତକୁ ନିଆଯାଇଥିଲା। ତଥାପି ଏହାର କୌଣସି ପ୍ରଭାବ ନ ପଡ଼ିବା ଚିନ୍ତାର କାରଣ ହୋଇଛି। ଆହୁରି ଉଦବେଗର ବିଷୟ, ଘଟଣାସ୍ଥଳଟି ବଡ଼ଗାଁ ଥାନାରୁ ଅନତି ଦୂରରେ ଥିଲେ ହେଁ ଦିନକ ପରେ ବି ଥାନାରେ ମାମଲା ରୁଜୁ ହୋଇନାହିଁ। ଏନେଇ ଥାନାରେ କୌଣସି ଅଭିଯୋଗ ହୋଇ ନଥିବା ବଡ଼ଗାଁ ଥାନା ଆଇଆଇସି ଆଶିଷ କୁମାର ଜେନା କହିଛନ୍ତି।

**ବୃଦ୍ଧାଙ୍କ ମହାନତା**

# ଖେଳପଡ଼ିଆ ପାଇଁ ଦାନ କଲେ ୫ ଏକର ଜମି

**ସିନାପାଲି,୨।୩(ସମିସ):** ନୂଆପଡ଼ା ଜିଲ୍ଲା ସିନାପାଲି ବ୍ଲକ୍ ସିଙ୍ଗଝର ଗାଁର ଜଣେ ୯୫ ବର୍ଷୀୟା ବୃଦ୍ଧା ଖେଳପଡ଼ିଆ ପାଇଁ ନିଜର ୫ ଏକର ଜମି ଦାନ କରିଛନ୍ତି। ସେ ହେଲେ, ଗାଁର ପୂର୍ବତନ ଗୌନ୍ତିଆ ସ୍ୱର୍ଗତ ନୀଳାମ୍ବର ମାଝୀଙ୍କ ପତ୍ନୀ ସାବିତ୍ରୀ ମାଝୀ(୯୫)। ସିନାପାଲି ବିଡିଓଙ୍କ ଜରିଆରେ ସେ ସରକାରଙ୍କୁ ଏହି ଜମି ଦାନ କରିଛନ୍ତି। ଏହାକୁ ନେଇ ଗାଁର ଯୁବପିଢ଼ିଙ୍କ ମଧ୍ୟରେ ଖୁସି ପ୍ରକାଶ ପାଇଛି। ସୂଚନାନୁଯାୟୀ, ଗାଁର ପିଲାମାନେ ଫୁଟବଲ୍, କ୍ରିକେଟ୍, ଭଲିବଲ, ଖୋଖୋ ଓ କବାଡ଼ି ଆଦି ବିଭିନ୍ନ ପ୍ରକାରର ଖେଳ ଖେଳନ୍ତି। କିନ୍ତୁ ଗାଁରେ ଆବଶ୍ୟକ ଖେଳ ପଡ଼ିଆଟିଏ ନ ଥିବାରୁ ସେମାନେ କାହା ଜମି ତ କାହା ଆଁଟ ଜମିରେ ଖେଳୁଥିଲେ। ଏହାକୁ ହୃଦୟଙ୍ଗମ କରି ସାବିତ୍ରୀ ଏହି ଜମି ଦାନ କରିଛନ୍ତି। ସାବିତ୍ରୀଙ୍କ ଏହି ମହାନତା ପାଇଁ ପ୍ରେମଚାନ୍ଦ ବୈଠାରୁ, ସଞ୍ଜୟ ବୈଠାରୁ, ଭୁବନ ବୈଠାରୁ, ସୁରେଶ ମାଝି ଓ ରାମ ବିଶିଙ୍କ ସମେତ ଗ୍ରାମବାସୀ ଏବଂ ଜିଲ୍ଲା ପ୍ରଶାସନ ଓ ଜିଲ୍ଲା କ୍ରୀଡ଼ା ଅଧିକାରୀ ରାଜେନ୍ଦ୍ର ପ୍ରସାଦ ବଡ଼େଇ ତାଙ୍କୁ ସାଧୁବାଦ ଜଣାଇଛନ୍ତି।



**ପାରିବାରିକ କଳହର କରୁଣ ପରିଣତି**

# ସ୍ୱାମୀକୁ ହତ୍ୟା କରି ପୋତିଦେଲା

**ସୁକିନ୍ଦା,୨।୩(ସମିସ):** ପାରିବାରିକ କଳହରୁ ଜଣେ ସ୍ତ୍ରୀ ତାଙ୍କ ସ୍ୱାମୀକୁ ହତ୍ୟା କରିବା ପରେ ମାଟି ଖୋଳି ପୋତିଦେବା ଓ ପରେ ଥାନାରେ ଆତ୍ମସମର୍ପଣ କରିବା ଘଟଣା ଆଜି ସୁକିନ୍ଦା ଅଞ୍ଚଳରେ ତୀବ୍ର ଆଲୋଡ଼ନ ସୃଷ୍ଟି କରିଛି। ସୁକିନ୍ଦା ଥାନା ଅନ୍ତର୍ଗତ ସଂସାଇଲୋ ପଞ୍ଚାୟତର ଡୁବିଖାଲ ଗ୍ରାମରେ ଏଭଳି ଏକ ଜଘନ୍ୟ ଘଟଣା ଘଟିଛି। ମୃତକ ହେଲେ, ବାବୁଲି ମୁଣ୍ଡା। ପୁଲିସ୍ ଏନେଇ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଛି। ଆସନ୍ତାକାଲି ସାଇଣ୍ଟିଫିକ ଟିମ୍ ଉପସ୍ଥିତିରେ ମାଟି ତଳୁ ବାବୁଲିଙ୍କ ଶବ ଉଦ୍ଧାର କରାଯିବ ବୋଲି ପୁଲିସ୍ କହିଛି। ସୂଚନା ମୁତାବକ, ଡୁବିଖାଲ ଗ୍ରାମର ମରାଦେଓଗମଙ୍କ ଝିଅ ଗୁମାରୀ ମୁଣ୍ଡା (୨୬) ସେହି ଗ୍ରାମର ବାବୁଲିଙ୍କୁ ବିବାହ କରିଥିଲେ। କିନ୍ତୁ ବିବାହର କିଛି ଦିନ ପରେ ସେମାନଙ୍କ ଦାମ୍ପତ୍ୟ ଜୀବନରେ ଝଡ଼ ଦେଖାଦେଇଥିଲା। କୌଣସି କଥାକୁ ନେଇ ଦୁହିଁଙ୍କ ମଧ୍ୟରେ କଳିଝଗଡ଼ା ହେଉଥିଲା। ତେବେ ଶନିବାର ଉଭୟଙ୍କ ମଧ୍ୟରେ ପୁଣିଥରେ ଝଗଡ଼ା ହେବାରୁ ଏଥିରେ ଉତ୍‌କ୍ଷିପ୍ତ ହୋଇ ଗୁମାରୀ ତାଙ୍କୁ ହତ୍ୟା କରି ଶବକୁ ବାଡ଼ି ପଛପଟେ ପୋତି ଦେଇଥିଲେ। କିନ୍ତୁ ଆଜି ସେ ସୁକିନ୍ଦା ଥାନାରେ ଆତ୍ମସମର୍ପଣ କରି ଘଟଣା ସମ୍ପର୍କରେ ସ୍ୱୀକାର କରିଥିବା ଜଣାପଡ଼ିଛି। ଏନେଇ ସ୍ଥାନୀୟ ସରପଞ୍ଚ ମଧ୍ୟ ସୁକିନ୍ଦା ଥାନାରେ ଅଭିଯୋଗ କରିଛନ୍ତି।



**ଥାନାରେ ସ୍ତ୍ରୀର ଆତ୍ମସମର୍ପଣ**

■ ସୋରରେ ବଡ଼ ଧରଣର ଚଢ଼ଉ

# ୨୨ ବାଲି ବୋଝେଇ ହାଇୱା ଜବତ



**ସୋର,୨।୩(ସମିସ):** ସୋର ଥାନା ଅନ୍ତର୍ଗତ ୧୬ ନମ୍ବର ଜାତୀୟ ରାଜପଥର କଲେଜ ଛକ ଓଡିଶା ଢ଼ାବା ସମ୍ମୁଖରେ ପ୍ରଶାସନ ତରଫରୁ ଚଢ଼ଉ କରାଯାଇ ୨୨ଟି ବେଆଇନ ବାଲି ବୋଝେଇ ହାଇୱା ଜବତ କରାଯିବା ସହ ଲକ୍ଷାଧିକ ଟଙ୍କାର ଜରିମାନା ଆଦାୟ କରାଯାଇଛି। ବାଲେଶ୍ୱର ଉପ-ଜିଲ୍ଲାପାଳଙ୍କ ନିର୍ଦ୍ଦେଶରେ ଖଣି ଅଧିକାରିଣୀ ସନ୍ତୋଷୀପ୍ରଭା ସେଠୀ ଓ ସୋର ଅତିରିକ୍ତ ତହସିଲଦାର ଦୈତାରୀ ମଲିକ ସୋର ପୁଲିସ ସହାୟତାରେ ଚଢ଼ଉ କରି ଏହି ବାଲି ବୋଝେଇ ହାଇୱାଗୁଡ଼ିକୁ ଜବତ କରିଛନ୍ତି। ଏହି ହାଇୱାଗୁଡ଼ିକ ଭଦ୍ରକରୁ ବାଲେଶ୍ୱର ଅଭିମୁଖେ ଆସୁଥିବା ବେଳେ ବିଳମ୍ବିତ ରାତିରୁ ଆଜି ମଧ୍ୟାହ୍ନ ପର୍ଯ୍ୟନ୍ତ ଏହି ଚଢ଼ଉ କରାଯାଇଛି। ଶେଷ ଖବର ସୁଦ୍ଧା ଗାଡ଼ି ମାଲିକଙ୍କ ନିକଟରୁ ଲକ୍ଷାଧିକ ଟଙ୍କା ଜରିମାନା ଆଦାୟ କରାଯାଇଛି। ସେହିପରି ଏହି ଚଢ଼ଉ ଜାରି ରହିଥିବା ବେଳେ ଏକ ଟ୍ରାକ୍ଟର ବେଆଇନ ଭାବେ ମାଟି ବୋଝେଇ କରି ସେହି ରାସ୍ତାରେ ଯାଉଥିବା ବେଳେ ଅତିରିକ୍ତ ତହସିଲଦାର ଶ୍ରୀ ମଲିକ ଟ୍ରାକ୍ଟରଟିକୁ ଜବତ କରି ପୁଲିସ ଜିମା ଦେଇଛନ୍ତି।

**ଦସ୍ତାବିଜ ହଜିଛି**

ମୋହନ ବନଛୋର ପି.ଅଭିମନ୍ୟୁ ବନଛୋର, ନି. ପଦ୍ମପୁର ମୁଁ ଗତ ୧୫.୨.୨୫ରେ ବରିକେଳରୁ ପଦ୍ମପୁର ଆସୁଥିଲି ରାସ୍ତାରେ ମୋର ଫଟୋ,ଜମି ସଂକ୍ରାନ୍ତୀୟ କାଗଜ ପତ୍ର ଓ ବାବା ଆନନ୍ଦ ସାହୁ, ପି. ରୋହିଣୀ ସାହୁ ନି. ବରିକେଳଙ୍କ ଠାରୁ କିଣି ଥିବା ଅସଲି ଜମି ସେଲଡିଡ୍ ନଂ ୧୭୧୭୦୦୫୮ ତା ୧୬.୧.୨୦୦୭, ଖାତା ଓ କାଗଜପତ୍ର ରାସ୍ତାରେ ହଜିଯାଇଛି। ଏ ସଂକ୍ରାନ୍ତରେ ପଦ୍ମପୁର ଥାନା କେଶ ନଂ ୧୮/୧.୩.୨୫ରେ ରିପୋର୍ଟ କରାଯାଇଛି।

**AFFIDAVIT**

By virtue of an affidavit sworn before the executive magistrate, Bhubaneswar CF no. 85,dated 10.2.2025. I, Mukesh Mallik , S/o Panchu Mallik, resident of At-Haripur Patna , P.O.- Haripur, P.S.-Nirakarpur, Dist.: Khordha do hereby declare that I have changed my daughter's name from Sradha Mallick (old name) to Sai Santoshini Mallik. Henceforth, she shall be known as **Sai Santoshini Mallik** for all purposes.
**Sd/- Mukesh Mallik**

**NOTICE**

**By virtue of an affidavit sworn before the Executive Magistrate Chilika, No: 131, on dated 1st March 2025, I, Mrs. Sandhyarani Baral, W/o Sanjaya Pradhan Address At- Jagabandhupur Sasan, PO- Salapadihi, PS-Nachuni, Dist- Khordha, PIN-752034, Odisha, have changed my name from "SANDHYARANI PRADHAN" to "SANDHYARANI BARAL". Henceforth, I shall be known as SANDHYARANI BARAL for all purposes.**
**Sd - SANDHYARANI BARAL**

**NOTICE**

By virtue of an affidavit sworn before The Executive Magistrate Baripada , Vide Affidavit No-1233 , dated 01/03/2025. I Samir Kumar Sahu, Address- Ward No-26, Bhaugudakata, PO. Bhanjpur, P.S: Bhanjpur, Mayurbhanj, Odisha, Pin Code: 757002 declare that, I have changed my daughter's name from Saraswati Patra (old name) to SANVI SAMIKSHA SAHU (new name). Henceforth, she shall be known as SANVI SAMIKSHA SAHU (new name) for all purposes.
**Sd/- Samir Kumar Sahu**

**NOTICE**

By virtue of an affidavit before Notary Public, Bhubaneswar dated 01.03.2025 I, Karigi Santoshi Rao, At-Saradhapur C, Po-B. Nuagam, Ps-Jarada, Dist-Ganjam Pin-761006, currently residing at Plot-94, Mahavir Nagar, Ps-Shree Lingaraj, Bhubaneswar, Dist-Khordha, Pin-751002 declare that I have changed my daughter's name from K. Purmyavati Rao to Karigi Punyavati. Henceforth she shall be known as Karigi Punyavati for all purposes.

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଧ୍ୱଂସ ହୋଇଯିବ...

ଅନ୍ୟ ଏକ ଗ୍ରହକୁ ନେଇଯିବ। ଆହୁରିମଧ୍ୟ ଚଳିତବର୍ଷ ସେପ୍ଟେମ୍ବର ୧୯ରେ ଏକ ବିରାଟ ଘୂର୍ଣ୍ଣିବାତ୍ୟା ଆମେରିକାର ପୂର୍ବ ଉପକୂଳକୁ ଧ୍ୱଂସ କରିଦେବ ବୋଲି ସେ ଦାବି କରିଛନ୍ତି। ନଭେମ୍ବର ୩ରେ ପ୍ରଶାନ୍ତ ମହାସାଗରରେ ଏକ ବିଶାଳ ସାମୁଦ୍ରିକ ପ୍ରାଣୀ ଆବିଷ୍କୃତ ହେବ, ଯାହା ନୀଳ ତିମି ଅପେକ୍ଷା ୬ଗୁଣ ବଡ଼ ହେବ ଏବଂ ଏହାର ନାମ ସିରିନ୍ କ୍ରାଉନ୍ ରହିବ। ତେବେ ଇଣ୍ଟରନେଟ୍ ବ୍ୟବହାରକାରୀମାନେ ଥମ୍ପସନଙ୍କ ଭବିଷ୍ୟବାଣୀ ଉପରେ ସନ୍ଦେହ ପ୍ରକଟ କରିଛନ୍ତି।

### ଚନ୍ଦ୍ରରେ ଘରୋଇ...

ଉପରେ ସୌର ପ୍ରଭାବର ଆକଳନ କରାଯାଇ ପାରିବ। 'ବ୍ଲୁ ଘୋଷ୍ଟ'ର ଚନ୍ଦ୍ର ଅଭିଯାନ ସଫଳତାକୁ କମ୍ପାନୀର ସିଇଓ ଜେସନ୍ କିମ୍ ସ୍ୱୀକାର କରିଛନ୍ତି। ସ୍ଥିର ଓ ସିଧା ଭାବରେ ଚନ୍ଦ୍ର ଯାନର ଅବତରଣ ପରେ କମ୍ପାନୀ ର ସହଯୋଗୀ ପ୍ରଶାସକ ନିକି ଫକ୍ସ 'ଆମେ ଚନ୍ଦ୍ରରେ ପହଞ୍ଚିଛୁ' ବୋଲି ଉଲ୍ଲେଖ କରି ଖୁସି ପ୍ରକଟ କରିଛନ୍ତି।

### ଡବଲ୍ ଇଞ୍ଜିନ୍‌ର..

ରାଜ୍ୟରେ ଶେଷ ଥର ପାଇଁ ୨୦୨୧ ମାର୍ଚ୍ଚ ମାସରେ ବିଦ୍ୟୁତ୍ ଦର ବୃଦ୍ଧି ପାଇଥିଲା। ୨୦୨୨ ଓ ୨୦୨୩ ମସିହାରେ ଶୁଳ୍କ ଅପରିବର୍ତ୍ତିତ ଥିବାବେଳେ ୨୦୨୪ରେ ତତ୍‌କାଳୀନ ସରକାର ଘରୋଇ ଉପଭୋକ୍ତାଙ୍କ ପାଇଁ ୟୁନିଟ୍ ପିଛା ୧୦ ପଇସା ଶୁଳ୍କ ହ୍ରାସ କରିଥିଲେ। ସମ୍ପ୍ରତି ଘରୋଇ ଉପଭୋକ୍ତାମାନେ ପ୍ରଥମ ୫୦ ୟୁନିଟ୍ ପାଇଁ ୨ ଟଙ୍କା ୯୦ ପଇସା, ୫୧ରୁ ୨୦୦ ୟୁନିଟ୍ ପର୍ଯ୍ୟନ୍ତ ୪ ଟଙ୍କା ୭୦ ପଇସା ଓ ୨୦୦-୪୦୦ ୟୁନିଟ୍ ପାଇଁ ୫ ଟଙ୍କା ୭୦ ପଇସା ଓ ୪୦୦ରୁ ଅଧିକ ୟୁନିଟ୍ ପାଇଁ ୬ ଟଙ୍କା ୧୦ ପାଇସା ପ୍ରଦାନ କରୁଛନ୍ତି। ମାତ୍ର ସରକାର ପରିବର୍ତ୍ତନ ପରେ ବିଦ୍ୟୁତ୍ ଶୁଳ୍କ ବୃଦ୍ଧି ଆଶଙ୍କା ସାଧାରଣ ଖାଉଟିଙ୍କୁ ଚିନ୍ତାରେ ପକାଇଛି। ଗୋଟିଏ ପଟେ ପରିବା, ତେଲ, ଗ୍ୟାସ୍ ଆଦି ଜରୁରୀ ସାମଗ୍ରୀର ଦରବୃଦ୍ଧି, ଲୋକଙ୍କ ଆର୍ଥିକ ସ୍ଥିତି ବିଗାଡ଼ୁଥିବା ବେଳେ ଅନ୍ୟପଟେ ବିଦ୍ୟୁତ୍ ଦେୟ ବୃଦ୍ଧି ଆଶଙ୍କା ସାଧାରଣ ଲୋକଙ୍କ ମନରେ ତୀବ୍ର ଅସନ୍ତୋଷ ସୃଷ୍ଟି କରିଛି।

ଗତ ସାଧାରଣ ନିର୍ବାଚନ ବେଳେ ଉଭୟ ବିଜେଡି ଓ ବିଜେପି ଲୋକଙ୍କୁ ମାଗଣା ବିଦ୍ୟୁତ୍‌ର ପ୍ରତିଶୃତି ଦେଇଥିଲେ। କ୍ଷମତାକୁ ପ୍ରତ୍ୟାବର୍ତ୍ତନ କଲେ ସରକାର ୧୦୦ ୟୁନିଟ୍ ମାଗଣା ବିଜୁଳି ଯୋଗାଇ ଦେବେ ଓ ଜୁଲାଇମାସରୁ ଉପଭୋକ୍ତାମାନେ ବିଜୁଳି ବିଲ୍ ଦେବେ ବୋଲି ବିଜେଡି ନିର୍ବାଚନୀ ଇସ୍ତାହାରରେ ଉଲ୍ଲେଖ କରିଥିଲା। ଅପରପକ୍ଷରେ ସରକାର ଗଢ଼ିଲେ ରାଜ୍ୟବାସୀଙ୍କୁ ୩୦୦ ୟୁନିଟ୍ ମାଗଣା ବିଜୁଳି ପ୍ରଦାନ କରାଯିବ ବୋଲି ବିଜେପି ନେତାମାନେ ନିର୍ବାଚନୀ ସଭାରେ ଘୋଷଣା କରିଥିଲେ। ସେହିପରି ସୂର୍ଯ୍ୟଘର ଯୋଜନାରେ ୩୦୦ ୟୁନିଟ୍ ମାଗଣା ବିଜୁଳି ଯୋଗାଇବା ପାଇଁ ଦଳ ନିର୍ବାଚନୀ ସଂକଳ୍ପ ପୁସ୍ତକରେ ଉଲ୍ଲେଖ କରିଥିଲା। ମାତ୍ର କ୍ଷମତାକୁ ଆସିବା ପରେ ରାଜ୍ୟ ଶକ୍ତିମନ୍ତ୍ରୀ ମାଗଣା ବିଜୁଳି ଘୋଷଣା କଥାକୁ ଫାଙ୍କି ଦେଲେ। ଲୋକଙ୍କୁ ମାଗଣା ବିଜୁଳି ତ ମିଳିଲା ନାହିଁ, ଏବେ ବିଜୁଳି ଶୁଳ୍କ ବୃଦ୍ଧି ମସୁଧା ପରେ ଉପଭୋକ୍ତାଙ୍କ କ୍ରୋଧ ଚରମ ସୀମାରେ ପହଞ୍ଚିଛି। ବିଜୁଳି ବିତରକ ଓ ଉତ୍ପାଦକ ସଂସ୍ଥାର ଦାବିକୁ ସରକାର ଯଦି ମାନି ନିଅନ୍ତି, ତେବେ ୟୁନିଟ୍ ପିଛା ଅତି କମ୍‌ରେ ୭୨ ପଇସାରୁ ୯୧ ପଇସା ପର୍ଯ୍ୟନ୍ତ ବୃଦ୍ଧି ଆଶଙ୍କା ରହିଛି।

ଅନ୍ୟପଟେ ବର୍ତ୍ତମାନ ସୁଦ୍ଧା ରାଜ୍ୟର ସମସ୍ତ ବିତରକ କମ୍ପାନୀ ଓ ଉତ୍ପାଦକ ସଂସ୍ଥାମାନେ ସେମାନଙ୍କ ଦାବି ଉପସ୍ଥାପନ କରିଥିବାବେଳେ ଓଇଆର୍‌ସି କୌଣସି ରାୟ ପ୍ରଦାନ କରିନାହାନ୍ତି। ସମ୍ପ୍ରତି ଓଇଆର୍‌ସିରେ କେହି ଅଧ୍ୟକ୍ଷ ନାହାନ୍ତି। ତେଣୁ ନୂଆ ଅଧ୍ୟକ୍ଷ ନିଯୁକ୍ତି ପରେ ଏ ସଂକ୍ରାନ୍ତରେ ନିଷ୍ପତ୍ତି ନିଆଯାଇପାରେ ବୋଲି କୁହାଯାଉଛି। ବିଦ୍ୟୁତ୍ ଦେୟ ବୃଦ୍ଧିକୁ ନେଇ ସାଧାରଣ ଉପଭୋକ୍ତାଙ୍କ ମଧ୍ୟରେ ତୀବ୍ର ପ୍ରତିକ୍ରିୟା ସୃଷ୍ଟି ହୋଇଥିବାବେଳେ ରାଜ୍ୟ ସରକାରଙ୍କ ନିରବତା ଏହି ପ୍ରସଙ୍ଗକୁ ବଳ ଯୋଗାଉଛି। ତେଣୁ ରାଜ୍ୟରେ ବିଦ୍ୟୁତ୍ ଦର ବୃଦ୍ଧି ଘୋଷଣା ହେବା ପୂର୍ବରୁ ସରକାରଙ୍କ ଉପରେ ଚାପ ସୃଷ୍ଟି କରିବାକୁ ସମସ୍ତ ବିରୋଧୀ ରାଜନୈତିକ ଦଳ ସମେତ ଅନ୍ୟାନ୍ୟ ସଂଗଠମାନେ ଆନ୍ଦୋଳନ ପାଇଁ ମେଳି ବାନ୍ଧୁଛନ୍ତି। ଯଦି ରାଜ୍ୟରେ ପଇସାଟିଏ ବି ବିଦ୍ୟୁତ ଦେୟ ବୃଦ୍ଧି ହୁଏ ତେବେ ରାଜ୍ୟ ସରକାରଙ୍କ ପାଇଁ ଏହା ବଡ଼ ଆହ୍ୱାନ ହେବ ବୋଲି ଆଶଙ୍କା ପ୍ରକାଶ ପାଇଛି।

### ସରକାରଙ୍କୁ 'ବିଜୁ'...

ନିମନ୍ତେ ବିଜୁ ପଟ୍ଟନାୟକ ପଦକ୍ଷେପ ନେଇଥିଲେ। ପଞ୍ଚାୟତିରାଜ ବ୍ୟବସ୍ଥାକୁ ବିଜୁ ବାବୁଙ୍କର ରହିଥିବା ଅବଦାନ ନିମନ୍ତେ ଦୀର୍ଘବର୍ଷ ହେଲା ବିଜୁ ଜୟନ୍ତୀରେ ପଞ୍ଚାୟତିରାଜ ଦିବସ ପାଳନ ହେଉଛି। ଏଥିପାଇଁ ପ୍ରତିବର୍ଷ ଏକ ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ନିଜେ ଯୋଗ ଦେଇ ପଞ୍ଚାୟତସ୍ତରୀୟ ନେତୃବୃନ୍ଦଙ୍କୁ ସମ୍ବୋଧିତ କରୁଥିଲେ। ବ୍ଲକ୍ ଓ ପଞ୍ଚାୟତ ସ୍ତରରେ ମଧ୍ୟ କାର୍ଯ୍ୟକ୍ରମକୁ ଧୁମ୍‌ଧାମରେ ପାଳନ କରାଯାଉଥିଲା ଏବଂ ପରବର୍ତ୍ତୀ ସମୟରେ ଏହି ଦିନଟିକୁ ସରକାରୀ ଛୁଟି ଭାବେ ମଧ୍ୟ ବିବେଚନା କରାଯାଇ ଆସୁଛି। ମାତ୍ର ଚଳିତ ବର୍ଷ ପଞ୍ଚାୟତିରାଜ ଦିବସ ପାଳନ ନିମନ୍ତେ ସରକାର କୌଣସି ପଦକ୍ଷେପ ନେଇ ନ ଥିବା ଅଭିଯୋଗ ହୋଇଛି।

ବିଶ୍ୱସ୍ତ ସୂତ୍ରରୁ ମିଳିଥିବା ସୂଚନା ଅନୁସାରେ ମାର୍ଚ୍ଚ ୫ ପରିବର୍ତ୍ତେ ଏପ୍ରିଲ ୨୪ରେ ପଞ୍ଚାୟତିରାଜ ଦିବସ ପାଳନ କରିବାକୁ ରାଜ୍ୟ ସରକାର ଯୋଜନା କରୁଛନ୍ତି। ଓଡ଼ିଶାରେ ପଞ୍ଚାୟତିରାଜ ଦିବସ ପାଳନର ଢ଼େର ବର୍ଷ ପରେ ଦେଶରେ ୨୦୧୦ରୁ ଏପ୍ରିଲ ୨୪କୁ ପଞ୍ଚାୟତିରାଜ ଦିବସ ଭାବେ ପାଳନ କରାଯାଉଛି। ବିଜେପି ଶାସିତ ରାଜ୍ୟଗୁଡ଼ିକ ମଧ୍ୟ ଏପ୍ରିଲ ୨୪ରେ ପଞ୍ଚାୟତିରାଜ ଦିବସ ପାଳନ କରୁଛନ୍ତି। ତେଣୁ ଅନ୍ୟ ରାଜ୍ୟ ପରି ଓଡ଼ିଶା ସରକାର ଏପ୍ରିଲ ୨୪କୁ ପଞ୍ଚାୟତିରାଜ ଦିବସ ପାଳନ ନିମନ୍ତେ ପ୍ରସ୍ତୁତ ହେଉଛନ୍ତି। ଏ ସମ୍ପର୍କରେ ସରକାରଙ୍କ ଜଣେ ଉଚ୍ଚ ଅଧିକାରୀଙ୍କ ସହ ଯୋଗାଯୋଗ କରାଯାଇଥିଲା। ସେ କହିଛନ୍ତି ଯେ ମାର୍ଚ୍ଚ ୫ ତାରିଖରେ ପଞ୍ଚାୟତିରାଜ ଦିବସ ପାଳନ ସଂକ୍ରାନ୍ତରେ ସରକାରୀସ୍ତରରେ ଏଯାଏ ଆଲୋଚନା ହୋଇ ନାହିଁ କିମ୍ବା କୌଣସି ପଞ୍ଚାୟତିରାଜ ସଂସ୍ଥାକୁ ଚିଠି କରାଯାଇ ନାହିଁ। ଯେହେତୁ ପୂର୍ବତନ ମୁଖ୍ୟମନ୍ତ୍ରୀଙ୍କ ଜନ୍ମ ଦିନରେ ଏହି କାର୍ଯ୍ୟକ୍ରମ ପୂର୍ବରୁ ପାଳନ କରାଯାଉଥିଲା, ଏଥର ତାହା ଆୟୋଜନ ହେବ କି ନାହିଁ ବର୍ତ୍ତମାନ ପର୍ଯ୍ୟନ୍ତ ସ୍ପଷ୍ଟ ହୋଇନାହିଁ ବୋଲି ସେ କହିଛନ୍ତି।

### କେନ୍ଦ୍ରମନ୍ତ୍ରୀଙ୍କ ଝିଅକୁ...

ବୋଲି ମୁକ୍ତିନଗର ଡେପୁଟି ଏସପି କହିଛନ୍ତି। ବର୍ତ୍ତମାନ ଜଣଙ୍କୁ ଗିରଫ କରାଯାଇଥିଲା ବେଳେ ଏହି ମାମଲାରେ ଜଡ଼ିତ ଥିବା ଅନ୍ୟମାନଙ୍କୁ ଖୋଜା ଚାଲିଛି ବୋଲି ସେ କହିଛନ୍ତି। ତେବେ ଏଭଳି ଘଟଣାରେ କେନ୍ଦ୍ରମନ୍ତ୍ରୀ ରକ୍ଷା ଖାଡ଼ସେ ମହାରାଷ୍ଟ୍ର ସରକାରଙ୍କ ପ୍ରତି ଅଙ୍ଗୁଳି ଉଠାଇଛନ୍ତି। ବିଶେଷକରି ଆଇନ ଶୃଙ୍ଖଳାକୁ ନେଇ ସେ ପ୍ରଶ୍ନ ଉଠାଇବା ସହିତ ସାଧାରଣ ଲୋକଙ୍କ ଅବସ୍ଥା କ'ଣ ରହିଥିବ ବୋଲି ପ୍ରଶ୍ନ ଉଠାଇଛନ୍ତି। ତେବେ ଏହି ଘଟଣାକୁ ନେଇ ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡ଼ନଭିସ୍ କହିଛନ୍ତି ଯେ, ଯେଉଁମାନେ ଏଭଳି କାର୍ଯ୍ୟରେ ଲିପ୍ତ ଥିଲେ ସେମାନେ ଏକ ରାଜନୈତିକ ଦଳର ଛତ୍ରଚାୟା ତଳେ ରହିଛନ୍ତି। ଏହି ଘଟଣାକୁ ସେ ଦୃଢ ନିନ୍ଦା କରିବା ସହିତ ସମସ୍ତ ଅଭିଯୁକ୍ତଙ୍କୁ ଗିରଫ କରାଯାଇ ସେମାନଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି। ଉପମୁଖ୍ୟମନ୍ତ୍ରୀ ଏକନାଥ ସିନ୍ଦେ ମଧ୍ୟ ଏହି ଘଟଣାକୁ ନିନ୍ଦା କରି ଅଭିଯୁକ୍ତମାନେ ନିୟମିତ ଅପରାଧ କରି ଆସୁଥିବାର ତଥ୍ୟ ରହିଛି ଏବଂ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ପୁଲିସକୁ ନିର୍ଦ୍ଦେଶ ଦିଆଯାଇଛି ବୋଲି କହିଛନ୍ତି।

ସକାଳ
THE SAKALA

# ସମ୍ପାଦକୀୟ



ଅନ୍ୟର ଅଧିକାର ଉଲ୍ଲଙ୍ଘନ କଲେ ଯାଇ ଆଇନ ଆଖିରେ ଭୁଲ୍ ବୋଲି ଧରାଯାଏ, କିନ୍ତୁ ନୈତିକତା ଆଧାରରେ ସେ ବିଷୟରେ ଚିନ୍ତା କରିବା ହିଁ ଭୁଲ୍ ।
-ଇମାନୁଏଲ୍ କାଣ୍ଟ

## ଜେଲେନ୍ସ୍କିଙ୍କ ଘୋଡ଼ା

ୟୁକ୍ରେନ ରାଷ୍ଟ୍ରପତି ଭ୍ଲାଦିମିର ଜେଲେନ୍ସ୍କିଙ୍କ ଉପଦେଷ୍ଟାମାନେ ଯଦି ତାଙ୍କୁ ବିଶ୍ୱଗ୍ରନ୍ଥ ଭଗବତ୍ ଗୀତାର ଅନୁବାଦ ପୁସ୍ତକଟିଏ ପଢ଼ିବାକୁ ଉପଦେଶ ଦେଇଥା'ନ୍ତେ ତେବେ ଆମେରିକା ନେତୃତ୍ୱାଧୀନ 'ନାଟୋ'ର ଉସୁକାଣରେ ପଡ଼ୋଶୀ ରୁଷ୍ ସହିତ ସମ୍ମୁଖ ଯୁଦ୍ଧକୁ ଡେଇଁବା ପୂର୍ବରୁ ଅନ୍ତତଃ 'ସ୍ୱଧର୍ମେ ନିଧନଂ ଶ୍ରେୟଃ ପରଧର୍ମୋ ଭୟାବହଃ' ପରି ଉପଦେଶ-ଶ୍ଳୋକଟି ତାଙ୍କ ସ୍ମରଣକୁ ଆସିଥା'ନ୍ତା । ହୁଏତ ତା'ଦ୍ୱାରା ୟୁକ୍ରେନ୍ ଆଜି ଧ୍ୱଂସସ୍ତୂପ ହେବାରୁ ବର୍ତ୍ତି ଯାଇଥା'ନ୍ତା । ପାଶ୍ଚାତ୍ୟ ଦାର୍ଶନିକମାନେ କହିଛନ୍ତି ଇତିହାସ ବଡ଼ ନିର୍ଦ୍ଦୟ ଭାବରେ ପାର୍ଶ୍ୱ ପରିବର୍ତ୍ତନ କରେ । ତାହାର ଉଦାହରଣ ମଧ୍ୟ ଏବେ ରୁଷ-ୟୁକ୍ରେନ୍ ଯୁଦ୍ଧରେ ଦେଖିବାକୁ ମିଳିଛି । ଯେଉଁ ଆମେରିକାର ଉସୁକାଣରେ ଏବଂ ନାଟୋର ଆର୍ଥିକ ଓ ସାମରିକ ସହାୟତାରେ ୟୁକ୍ରେନ୍ ରୁଷ ସହିତ ସାମ୍ନାସାମ୍ନି ହେବାକୁ ଆସ୍ପର୍ଦ୍ଧା ଦେଖାଇଥିଲା ସେହି ଆମେରିକା ହିଁ ଏବେ ୟୁକ୍ରେନ୍‌କୁ ଅତି ଅସହାୟ ଅବସ୍ଥାରେ ହାତ ଛାଡ଼ି ଦେଇଛି । ଆମେରିକା ସମ୍ବଳରେ ବଳୀୟାନ୍ ନାଟୋକୁ ଆଉ ଆର୍ଥିକ ସହାୟତା ଦେବାକୁ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ମନା କରିଦେଇଥିବାରୁ ନାଟୋ ମଧ୍ୟ ୟୁକ୍ରେନ୍‌କୁ ସାମରିକ କିମ୍ବା ଆର୍ଥିକ ସହାୟତା ଦେବା ସ୍ଥିତିରେ ନାହିଁ । ତେଣୁ ୟୁକ୍ରେନ ଏବେ ନା ତ ମୂଳ ରୁଷିଆର ହେବ ନା ନାଟୋ ସଦସ୍ୟତାର ଅତ୍ୟାଗ୍ରହ ତା' ପାଇଁ ଲାଭପ୍ରଦ ହେବ ।

ଡୋନାଲ୍ଡ ଟ୍ରମ୍ପ ଦ୍ୱିତୀୟ ଥର ଆମେରିକା ରାଷ୍ଟ୍ରପତି ଭାବେ କ୍ଷମତାକୁ ଆସିବା ପରେ ରୁଷ-ୟୁକ୍ରେନ୍ ଯୁଦ୍ଧ ସମାପ୍ତି ପାଇଁ ପ୍ରଶଂସନୀୟ ଉଦ୍ୟମ ଆରମ୍ଭ କରିଛନ୍ତି । କିନ୍ତୁ ବିଡ଼ମ୍ବନା ହେଲା ଏହି ଉଦ୍ୟମରେ ସେ ଆଲୋଚନାର ପରିସରକୁ କେବଳ ରୁଷ୍ ସହିତ ସୀମିତ ରଖିଥିବା ବେଳେ ଆଶ୍ଚର୍ଯ୍ୟଜନକ ଭାବେ ମୂଳ ପକ୍ଷ ୟୁକ୍ରେନ୍‌କୁ ବାଦ୍ ଦେଇଛନ୍ତି । ଏଥିରୁ ତାଙ୍କ ଦୃଷ୍ଟିରେ ୟୁକ୍ରେନ୍‌ର ମୂଲ୍ୟ କ'ଣ ତାହା ଅବଶିଷ୍ଟ ବିଶ୍ୱକୁ ବୁଝିବାକୁ ବାକି ନାହିଁ । ଜେଲେନ୍ସ୍କିଙ୍କୁ ଏତିକି ହଟହଟା କରି ଟ୍ରମ୍ପ ବୋଧହୁଏ ଶାନ୍ତ ନଥିଲେ, ତେଣୁ ହ୍ୱାଇଟ୍ ହାଉସରେ ଦୁଇ ପ୍ରତିପକ୍ଷଙ୍କ ଆଲୋଚନା କାଳରେ ସେ ଯେଭଳି ଜେଲେନ୍ସ୍କିଙ୍କୁ ଅତି ଦୟନୀୟ ଭାବେ ଅପମାନିତ, ହତାଦର ଓ ଅପ୍ରୟୋଜନୀୟ ବସ୍ତୁ ଭଳି ବ୍ୟବହାର କଲେ, ତାହା ସମଗ୍ର ବିଶ୍ୱ ଦେଖିଲା । ହ୍ୱାଇଟ୍‌ହାଉସର ଏହା ସବୁଠାରୁ ବଡ଼ କୂଟନୈତିକ ବିଡ଼ମ୍ବନା ଓ ବିଫଳତା ଭାବେ ଅବଶିଷ୍ଟ ବିଶ୍ୱ ଅଭିହିତ କରୁଥିଲେ ମଧ୍ୟ ଟ୍ରମ୍ପଙ୍କ ଦୃଷ୍ଟିରେ ତୃତୀୟ-ବିଶ୍ୱର ସ୍ଥିତି ଓ ମୂଲ୍ୟ କ'ଣ ଏବଂ ଆମେରକାର ସ୍ୱାର୍ଥ ପାଇଁ ସେ କେଉଁସ୍ତରକୁ ଯାଇପାରନ୍ତି ତାହା ବିଶ୍ୱକୁ ଦେଖାଇବାକୁ ଚାହୁଁଥିଲେ । ଇତିମଧ୍ୟରେ ୟୁକ୍ରେନ୍‌କୁ ଆମେରିକା ଦେଉଥିବା ସମସ୍ତ ସହାୟତା ବନ୍ଦ କରିବା ସହିତ ସେହି ଦେଶ ସହିତ ଦ୍ୱିପାକ୍ଷିକ ବାଣିଜ୍ୟ କାରବାରର ପୁନର୍ବିଚାର କରାଯିବ ବୋଲି ଆମେରିକା ଅଧିକାରୀମାନେ ସ୍ପଷ୍ଟ କରିଛନ୍ତି ।

ବିଶ୍ୱ ଭୂରାଜନୀତିରେ ଆରମ୍ଭ ହୋଇସାରିଥିବା 'ଟ୍ରମ୍ପିଜିମ୍' ୟୁରୋପ ଓ ନାଟୋରେ ନୂଆ ସମୀକରଣ ଲେଖିବାକୁ ଯାଉଛି । ବିଶେଷକରି ଟ୍ରମ୍ପ-ଜେଲେନ୍ସ୍କି ଘଟଣା ୟୁରୋପୀୟ ସଂଘକୁ ଆମେରିକା ବିମୁଖ କରିଛି । ଜେଲେନ୍ସ୍କି ତୃତୀୟ ବିଶ୍ୱଯୁଦ୍ଧ ପାଇଁ ଖେଳୁଛନ୍ତି ବୋଲି ଟ୍ରମ୍ପ ଅଭିଯୋଗ କରିଥିବା ବେଳେ ଏଥିପାଇଁ ପୁଟିନ୍‌ଙ୍କୁ ଦାୟୀ କରିଛନ୍ତି ଫ୍ରାନ୍ସ ରାଷ୍ଟ୍ରପତି ଇମାନୁଏଲ୍ ମାକ୍ରନ । କେତେକ ବୈଦେଶିକବ୍ୟାପାର ବିଶେଷଜ୍ଞ 'ଟ୍ରମ୍ପିଜିମ୍' ଆମେରିକାକୁ ଏକଘରିକିଆ କରିଦେବ ବୋଲି ମତ ଦେଉଥିବା ବେଳେ ଆଉ କେତେକ ଡୋନାଲ୍ଡ ଟ୍ରମ୍ପଙ୍କଠାରେ ଆଲେକଜେଣ୍ଡାର ସୁଲଭ ବିଶ୍ୱବିଜୟୀ ଆଭିମୁଖ୍ୟ ଦେଖୁଛନ୍ତି । ପ୍ରାରମ୍ଭିକ ପର୍ଯ୍ୟାୟରେ ଟ୍ରମ୍ପଙ୍କ ଏହି ବିସ୍ତାରବାଦୀ ଆଭିମୁଖ୍ୟ ଗାଜା ଷ୍ଟ୍ରିପ୍ ଓ ୟୁକ୍ରେନ୍‌ର ଦୁର୍ମୂଲ୍ୟ ଖଣିଜ ସମ୍ପଦ ଉପରେ ନିବଦ୍ଧ ଥିବା ବେଳେ ପରବର୍ତ୍ତୀ ପର୍ଯ୍ୟାୟରେ ଆଇଏମ୍‌ଇଇସି(ଇଣ୍ଡିଆ ମିଡିଲ୍ ଇଷ୍ଟ ୟୁରୋପ ଇକୋନୋମିକ୍ କରିଡର) ଜରିଆରେ ଭାରତ ପର୍ଯ୍ୟନ୍ତ ଲମ୍ବିପାରେ । ତେଣୁ ଭାରତ ଏଥିପ୍ରତି ସଜାଗ ରହିବା ଏବଂ ବୈଦେଶିକ-କୂଟନୀତିକୁ ସମୟୋପଯୋଗୀ ପରିବର୍ତ୍ତନଶୀଳ କରିବା ଆବଶ୍ୟକ ବୋଲି କୂଟନୀତିଜ୍ଞମାନେ ଚେତାଇ ଦେଇଛନ୍ତି ।

ଏବେ କିନ୍ତୁ ବିଶ୍ୱବାସୀ ଦେଖୁଛନ୍ତି ୟୁକ୍ରେନ୍ କିଭଳି ଇରାକ୍, ଆଫଗାନିସ୍ତାନର ଦଶା ଭୋଗିବାକୁ ଯାଉଛି । ତତ୍କାଳୀନ ଶୀତଳଯୁଦ୍ଧ ସମୟରେ ସୋଭିଏତ୍ ରୁଷ୍ ଓ ଆମେରିକାର ଶକ୍ତି ପ୍ରଦର୍ଶନର ପ୍ରୟୋଗସ୍ଥଳ ପାଲଟିଥିଲା ଆଫ୍‌ଗାନିସ୍ତାନ । ସୋଭିଏତ୍ ରୁଷ୍‌ର ବିଘଟନ ସହିତ ଶୀତଳଯୁଦ୍ଧର ପରିସମାପ୍ତି ପରେ ଆଶା କରାଯାଉଥିଲା ଯେ ଆଫ୍‌ଗାନିସ୍ତାନ ଯୁଦ୍ଧବିଗ୍ରହର କବଳରୁ ମୁକ୍ତ ହେଲା । କିନ୍ତୁ ସେହି ଯୁଦ୍ଧବିଗ୍ରହ କୋଳରୁ ସେତେବେଳେ 'ତାଲିବାନ୍' ରୂପକ ଆତଙ୍କର ନୂଆ ଅବତାରଟିଏ ଜନ୍ମ ନେଇସାରିଥିଲା ଏବଂ ଅଲ୍‌କାଏଦା ଭଳି ଅନେକ କୁଖ୍ୟାତ ଆତଙ୍କବାଦୀ ସଂଗଠନକୁ ଛାୟା ପ୍ରଦାନ କରି ପରିପୁଷ୍ଟ କରିଚାଲିଥିଲା । ପରବର୍ତ୍ତୀ ସମୟରେ ଆଫ୍‌ଗାନିସ୍ତାନକୁ ଭସ୍ମାସୁର ତାଲିବାନୀଶାସନ ମୁକ୍ତ କରି ଗଣତନ୍ତ୍ର ପ୍ରତିଷ୍ଠା କରିବା ଲକ୍ଷ୍ୟରେ ଆମେରିକା ଯେଉଁ ସାମରିକ କାର୍ଯ୍ୟାନୁଷ୍ଠାନ ନେଲା ତାହା ତ ସାକାର ହେଲା ନାହିଁ, ବରଂ ସେହିଦେଶର ଭିତ୍ତିଭୂମି ଓ ଅର୍ଥନୀତିର ପୁନରୁଦ୍ଧାର ପ୍ରକ୍ରିୟା ଏବେ ସୁଦ୍ଧା ଜାରି ରହିଛି । ଅନୁରୂପ ଘଟଣା ଘଟିଥିଲା ଇରାକ୍‌ରେ, ଯାହାର ପରାଭବ ଏବେ ସେହି ଦେଶବାସୀଙ୍କୁ ଭୋଗିବାକୁ ପଡୁଛି । ୨୦୨୨ ଫେବୃଆରୀ ୨୪ ତାରିଖରୁ ରୁଷ୍ ବନାମ 'ନାଟୋ' ଶକ୍ତି ପ୍ରଦର୍ଶନର ନୂଆ ପ୍ରୟୋଗ କ୍ଷେତ୍ର ରୂପେ ଉଭା ହୋଇଥିବା ୟୁକ୍ରେନ୍‌ର ଏ ପର୍ଯ୍ୟନ୍ତ ଯେଉଁ କ୍ଷତି ହୋଇଛି ଓ ହୋଇଚାଲିଛି ତାହାର ପୁନଭରଣା ପାଇଁ ଅତିକମ୍‌ରେ ୨୦ ବର୍ଷ ଲାଗିପାରେ । ତେବେ ଏହି କାମ ହାତକୁ ନେବ କିଏ? ସାରା ବିଶ୍ୱ ଏକାଠି ହେଲେ ଯାଇ ଏ କାର୍ଯ୍ୟ ସମ୍ଭବ ହୋଇପାରିବ, ଯାହାର ସମ୍ଭାବନା ଆଦୌ ଦିଶୁନାହିଁ ।

ଏବେ କିନ୍ତୁ ଯେଉଁ ସମ୍ବେଦନଶୀଳ ପ୍ରଶ୍ନଟିଏ ୟୁକ୍ରେନ୍ ଅଧିବାସୀଙ୍କ ସମେତ ଅବଶିଷ୍ଟ ବିଶ୍ୱବାସୀଙ୍କ ମନକୁ ବ୍ୟଥିତ କରୁଛି, ତାହା ହେଲା - ରାଷ୍ଟ୍ର ଓ ଶାସନ ମୁଖ୍ୟମାନଙ୍କର ଅହଂ, ଅପରିଣାମଦର୍ଶିତା ଓ ଅଦୂରଦର୍ଶିତାର ପରାଭବ ଦେଶବାସୀ ଭୋଗିବେ କାହିଁକି? ଏହା ତ ସ୍ୱାଧୀନତା ସଂଗ୍ରାମ କିମ୍ବା ଦେଶପ୍ରୀତିର ପ୍ରସଙ୍ଗ ନୁହେଁ । ପ୍ରତିବେଶୀ ପ୍ରତି ଅସୂୟା, ଈର୍ଷା ପରାୟଣତା ଓ 'ନାଟୋ'ର ସଙ୍ଗ ଲାଭ ପାଇଁ ଜେଲେନ୍ସ୍କିଙ୍କ ଅଦୂରଦର୍ଶୀ ଓ ଅନାବଶ୍ୟକ ଲାଳସାର ପରାଭବ ଏବେ ସେ ନିଜେ ଭୋଗିବା ସହିତ ୟୁକ୍ରେନବାସୀଙ୍କୁ ସହଭାଗୀ କରିଛନ୍ତି । ଏହା ନିଃସନ୍ଦେହ ଯେ ଜେଲେନ୍ସ୍କି ଓ ୟୁକ୍ରେନ୍‌ର ଦୁର୍ଦ୍ଦଶା ତୃତୀୟ-ବିଶ୍ୱର ଶାସନ ଓ ରାଷ୍ଟ୍ରମୁଖ୍ୟମାନଙ୍କ ପାଇଁ ଜାଗରଣ ଓ ଆତ୍ମସମୀକ୍ଷାର ଉଦାହରଣଟିଏ ସୃଷ୍ଟି କରିଦେଇଛି । ଆମେରିକା ଓ ପାଶ୍ଚାତ୍ୟ ଜଗତ କାହାର ନୁହେଁ ଏହି ଶିକ୍ଷା ମଧ୍ୟ ଦେଇଛି ।

ଜଗତୀକରଣ ପରବର୍ତ୍ତୀ ବିଶ୍ୱାୟନ ପ୍ରତିଯୋଗିତାରେ ଆକାଶକୁ ଛୁଇଁବାର ଉଚ୍ଚାକାଂକ୍ଷା ବଢ଼ିବା ସ୍ୱାଭାବିକ । କିନ୍ତୁ ଆକାଶକୁ ଲମ୍ଫ ଦେବା ପୂର୍ବରୁ ନିଜ ଡେଣାର ସାମର୍ଥ୍ୟ ବିଷୟରେ ଆକଳନ କରିବା ଆବଶ୍ୟକ । ବର୍ତ୍ତମାନ ବେଳ ଆସିଛି ତୃତୀୟ-ବିଶ୍ୱ ଏଭଳି ଏକ ଜୀବନମନ୍ତ୍ରକୁ ବ୍ରତ କରିବା ଆବଶ୍ୟକ, ଯାହା ବାରମ୍ବାର ଚେତାଇ ଦେଉଥିବ - 'ନିଜ ବୁଦ୍ଧିରେ ଘାସ କାଟିବ ପଛେ ପର ବୁଦ୍ଧିରେ ଘୋଡ଼ା ଚଢ଼ିବ ନାହିଁ।' ନହେଲେ ଆମେରିକା ରୂପକ ଘୋଡ଼ାରେ ଚଢ଼ି ଜେଲେନ୍ସ୍କିଙ୍କ ଦଶା ଭୋଗିବାକୁ ପଡ଼ିବ । ●

## ଗୀତା ପ୍ରବଚକ ଗାନ୍ଧୀ

**ଡକ୍ଟର ଅବଶ ପରିଡ଼ା**

ବିଶ୍ୱମାନବ ମହାତ୍ମା ଗାନ୍ଧୀ ହେଉଛନ୍ତି 'ଆଗ୍ରହର ଏକ ବିଶ୍ୱକୋଷ' । ଏହା କହିବାର ତାତ୍ପର୍ଯ୍ୟ ହେଉଛି ଯେ ପ୍ରକୃତିଠାରୁ ଆରମ୍ଭ କରି ପ୍ରଯୁକ୍ତି, ଶାସନଠାରୁ ସ୍ୱଚ୍ଛତା ଏବଂ ସାମାଜିକ ତତ୍ତ୍ୱଠାରୁ ଆରମ୍ଭ କରି ଭବିଷ୍ୟତ ଯାଏଁ ହୋଇଥିବା ଗାନ୍ଧୀଙ୍କ ନିଜସ୍ୱ ବିଶ୍ଳେଷଣ ସର୍ବକାଳୀନ ପ୍ରାସଙ୍ଗିକ । ଗାନ୍ଧିଜୀଙ୍କ ଅନେକ ଉତ୍ତମ ରଚନା ମଧ୍ୟରୁ ଭଗବତ ଗୀତା ଉପରେ ତାଙ୍କର ମନ୍ତବ୍ୟ ଏକ ସର୍ବୋତ୍ତମ ସାହିତ୍ୟ । ଯାହା ଭଗବତ ଗୀତାର ଦର୍ଶନ, ନୈତିକତା, ପ୍ରଯୁଜ୍ୟତା ଓ ବ୍ୟକ୍ତିର କର୍ତ୍ତବ୍ୟ ଏବଂ କାର୍ଯ୍ୟ ଉପରେ ପର୍ଯ୍ୟବସିତ ।

୧୯୨୬ ମସିହା ଫେବ୍ରୁଆରି ୨୪ ତାରିଖଠାରୁ ନଭେମ୍ବର ୨୭ ତାରିଖ ଯାଏଁ ଗାନ୍ଧିଜୀ ସାବରମତୀ ଆଶ୍ରମରେ ଭଗବତ ଗୀତା ଉପରେ ସ୍ୱତଃସ୍ଫୂର୍ତ୍ତ ବ୍ୟାଖ୍ୟା କରୁଥିଲେ । ୯ ମାସର ସେହି ପ୍ରବଚନଗୁଡ଼ିକ ଗାନ୍ଧୀଙ୍କ ଅନ୍ତର୍ଦୃଷ୍ଟି ଉପରେ ଆଧାରିତ ଥିଲା । ଏଥିପାଇଁ ସେ ପୂର୍ବପ୍ରସ୍ତୁତି କରୁ ନ ଥିଲେ । ଏହିସବୁ ବ୍ୟାଖ୍ୟାକୁ ଲିପିବଦ୍ଧ କରୁଥିଲେ ଗାନ୍ଧିଜୀଙ୍କ ଘନିଷ୍ଠ ସହଯୋଗୀ ମହାଦେବ ଦେଶାଇ ଏବଂ ସାବରମତୀ ଆଶ୍ରମର ପୁଞ୍ଜାଭାଇ ଶାହା । ଏହାବ୍ୟତୀତ ଭଗବତ ଗୀତାକୁ ସଂସ୍କୃତରୁ ଗୁଜୁରାଟୀ ଭାଷାକୁ ଅନୁବାଦ କରିଥିଲେ ଗାନ୍ଧିଜୀ । କାହାଣୀ, ପରିସ୍ଥିତିର ପ୍ରାସଙ୍ଗିକତା ଏବଂ ବାର୍ତ୍ତାଳାପ ମାଧ୍ୟମରେ ଆଶ୍ରମର ଅନ୍ତେବାସୀଙ୍କୁ ଗୀତାର ସାରମର୍ମ ବୁଝାଉଥିଲେ ମହାତ୍ମା ।

୧୯୨୯ ମସିହା ଜୁନ ୨୪ ତାରିଖ, ଆଲମୋଡ଼ାରେ ଗୀତାର ପ୍ରସ୍ତାବନା ଅଂଶକୁ ଅନୁବାଦ ଶେଷ କରିଥିଲେ ଗାନ୍ଧିଜୀ । ହିନ୍ଦୀ, ବଙ୍ଗଳା ଓ ମରାଠୀ ଭାଷାରେ ମଧ୍ୟ ଏହାର ଅନୁବାଦ ହୋଇଥିଲା । ଏହା ପ୍ରଥମେ ପ୍ରକାଶିତ ହୋଇଥିଲା ୧୯୩୧ ମସିହା 'ୟଙ୍ଗ ଇଣ୍ଡିଆ'ର ଜୁନ ସଂକଳନରେ । ଏହାର ଶୀର୍ଷକ ଥିଲା 'ଅନାସକ୍ତି ଯୋଗ' । ଏହାବ୍ୟତୀତ ଗାନ୍ଧୀଙ୍କ ପ୍ରଦତ୍ତ ଗୀତାର ପ୍ରବଚନ କିଛି ପୁସ୍ତକ ମାଧ୍ୟମରେ ମଧ୍ୟ ପ୍ରକାଶିତ ହୋଇଛି । ବରିଷ୍ଠ ଗାନ୍ଧିବାଦୀ ଲେଖକ ଗୌରାଙ୍ଗ ଚରଣ ପରିଡ଼ାଙ୍କ ମତରେ ବାଲ ଗଙ୍ଗାଧର ତିଳକ, ସର୍ବପଲ୍ଲୀ ରାଧାକ୍ରିଷ୍ଣନ ଓ ଶ୍ରୀ ଅରବିନ୍ଦଙ୍କ ଭଗବତ ଗୀତା ବ୍ୟାଖ୍ୟା ସହ ଗାନ୍ଧିଜୀଙ୍କ କୃତି ତୁଳନୀୟ । ଜନନେତାଙ୍କ ଦ୍ୱାରା ଆତ୍ମଶକ୍ତି ଓ ଆତ୍ମବିଶ୍ୱାସ ବୃଦ୍ଧି ପାଇଁ ଗୀତା ପ୍ରବଚନର ପ୍ରୟୋଗ ସମଗ୍ର ବିଶ୍ୱ ପାଇଁ ଅନନ୍ୟ ଘଟଣା ।

ଗାନ୍ଧୀଙ୍କ ମତରେ ମହାଭାରତ- ମହାକାବ୍ୟରେ ମନୁଷ୍ୟ ଭିତରେ ଥିବା ଉଭୟ କୌରବ ଓ ପାଣ୍ଡବମାନଙ୍କ ଯୁଦ୍ଧକୁ ବର୍ଣ୍ଣନା କରାଯାଇଛି । ଏହା ଭଲ-ମନ୍ଦ, ପାପ-ପୁଣ୍ୟର ଅଗଣିତ ଶକ୍ତି ମଧ୍ୟରେ ହେଉଥିବା ନିରନ୍ତର ସଂଘର୍ଷ, ଯାହା ପରିଶେଷରେ ବ୍ୟକ୍ତିର ଗୁଣ ଏବଂ ଦୁର୍ବଳତା ଭାବରେ ପରିଚିତ ହୋଇଯାଏ । ସାଧାରଣ ବ୍ୟକ୍ତି ନିମନ୍ତେ ଗୀତାର ଅର୍ଥ ହେଉଛି ଯେ ନିଜ ହାତକୁ ନେଇଥିବା କାର୍ଯ୍ୟ ବା ସ୍ଥିର କରିଥିବା କୌଣସି ଲକ୍ଷ୍ୟକୁ ମଝିରେ ଛାଡ଼ିବା ଉଚିତ୍ ନୁହେଁ । ଗାନ୍ଧିଜୀଙ୍କ ଏହି ଗୀତାମନ୍ତ୍ର ସ୍ୱାଧୀନତା ସଂଗ୍ରାମରେ ଭାଗ ନେଇଥିବା ପ୍ରତ୍ୟେକ ବ୍ୟକ୍ତିବିଶେଷ ଏବଂ ସମାଜକୁ ପରିବର୍ତ୍ତନ ପାଇଁ ପ୍ରଚେଷ୍ଟା କରୁଥିବା ଯୁବବର୍ଗ ପାଇଁ ଏକ ସଞ୍ଜୀବନୀ ସଦୃଶ ଥିଲା । ଏହାର ପ୍ରାସଙ୍ଗିକତା ଏବେ ମଧ୍ୟ ଅଛି ଏଥିରେ ଦ୍ୱିମତ ନାହିଁ ।

ଭଗବତ ଗୀତାର ବାର୍ତ୍ତା ବିଷୟରେ ଗାନ୍ଧିଜୀ ଆଲୋଚନା ଆଳରେ କହିଛନ୍ତି ଯେ ଗୀତା ଶାରୀରିକ ଯୁଦ୍ଧ ବା ରକ୍ତପାତ ବିଷୟରେ ନୁହେଁ, ବରଂ ଏକ ଆଭ୍ୟନ୍ତରୀଣ ଆଧ୍ୟାତ୍ମିକ ସଂଘର୍ଷର ସମାଧାନ । ମହାଭାରତ କେବେ ବି ଯୁଦ୍ଧର ମହିମା ଗାନ କରେନାହିଁ ବରଂ ଏହାର ନିରର୍ଥକତାକୁ ଦର୍ଶାଇଛି । ଭଗବତ ଗୀତାରେ ଶ୍ରୀକୃଷ୍ଣ ହେଉଛନ୍ତି ପୂର୍ଣ୍ଣତା ଏବଂ ଜ୍ଞାନର ପ୍ରତିମୂର୍ତ୍ତି । ହିନ୍ଦୁ ଧର୍ମରେ ଯେଉଁମାନେ ମାନବିକତାର ଅସାଧାରଣ ସେବା କରନ୍ତି ସେମାନଙ୍କୁ ଅବତାର କୁହାଯାଏ । ଅବତାରରେ ବିଶ୍ୱାସ ହେଉଛି ଭାରତୀୟଙ୍କ ଆଧ୍ୟାତ୍ମିକ ଅଭିଳାଷର ପ୍ରତିଫଳନ । ଗୀତା ହେଉଛି ଆଧ୍ୟାତ୍ମିକ ଓ ନୈତିକ ଶିକ୍ଷା ସମ୍ବଳିତ ଏକ ପ୍ରୟୋଗ ଶାସ୍ତ୍ର । ଗାନ୍ଧିଜୀଙ୍କ ମତରେ ଭଗବତ ଗୀତାର ଦୁଇଟି ପ୍ରମୁଖ ଧାରଣା ହେଉଛି ତ୍ୟାଗ ଓ ବଳିଦାନ । ପ୍ରାଚୀନ ଯୁଗରେ ବଳିଦାନର ଅର୍ଥ ସୀମିତ ଥିଲା । କିନ୍ତୁ ଗୀତାରେ ଏହାକୁ ଏକ ବିକଶିତ ଅର୍ଥ ବା ତ୍ୟାଗ ଭାବେ ବର୍ଣ୍ଣନା କରାଯାଇଛି, ଯାହା ସେବା ଓ ଭକ୍ତିର ଢାଞ୍ଚା ଉପରେ ଦଣ୍ଡାୟମାନ । ଗାନ୍ଧୀଙ୍କ ମତ ଅନୁଯାୟୀ ଅହିଂସାର ସମ୍ପୂର୍ଣ୍ଣ ଅନୁସରଣ ଦ୍ୱାରା ହିଁ ପ୍ରକୃତ ତ୍ୟାଗ ସମ୍ଭବ । ସେହିପରି ସନ୍ନ୍ୟାସର ଅର୍ଥ ସମ୍ପୂର୍ଣ୍ଣ ନିଷ୍କ୍ରିୟତା ନୁହେଁ, ବରଂ କାର୍ଯ୍ୟ ଓ ବିରାଗର ଏକ ସନ୍ତୁଳନ ।

ଗାନ୍ଧୀ ଦୃଢ଼ ଯୁକ୍ତି ବାଢ଼ନ୍ତି ଯେ ଭଗବତ ଗୀତା ଆମର ଦୈନନ୍ଦିନ ଜୀବନରେ ଧାର୍ମିକ ନୀତିଗୁଡ଼ିକୁ ସମନ୍ୱିତ କରିଥାଏ । ଲୋଭ, ଆସକ୍ତି ଓ ଆକର୍ଷଣ ସହିତ କରାଯାଇଥିବା କାର୍ଯ୍ୟଗୁଡ଼ିକ ହେଉଛି ସମସ୍ୟାଜନକ । ଅପରପକ୍ଷେ ନିଃସ୍ୱାର୍ଥପର କାର୍ଯ୍ୟ ଆଧ୍ୟାତ୍ମିକ ଶ୍ରେଣୀଭୁକ୍ତ । ଗୀତାରେ ବର୍ଣ୍ଣିତ ସତ୍ୟ ଓ ଅହିଂସାକୁ ମୂଳପିଣ୍ଡ ଭାବେ ଗ୍ରହଣ କରି ଗାନ୍ଧୀ କହିଛନ୍ତି ଯେ ପୁରସ୍କାର ବା ପ୍ରତିଫଳ ପାଇଁ ଇଚ୍ଛା ଅନେକ ସମୟରେ ଆମକୁ ଅସତ୍ୟ ଓ ହିଂସା ବାଟରେ ନେଇଯାଏ । ପ୍ରୟାସର ପରିତ୍ୟାଗ ବାର୍ତ୍ତା ନୁହେଁ, ବରଂ ଆକାଂକ୍ଷାର ତ୍ୟାଗ କଥା କୁହେ ଭଗବତ ଗୀତା ।

ଅହିଂସା ଉପରେ ଧ୍ୟାନ ଦେଇ ଗାନ୍ଧିଜୀ ଗୀତା ପଠନକୁ ଉଭୟ ବ୍ୟକ୍ତିଗତ ଆଚରଣ ଏବଂ ସାମାଜିକ କାର୍ଯ୍ୟ ପାଇଁ ଏକ ମୌଳିକ ନୀତି ଭାବେ ବିବେଚନା କରୁଥିଲେ । ବିଶେଷକରି ଉପନିବେଶବାଦୀ ଶାସନ ବିରୋଧରେ ସଂଘର୍ଷ ଓ ନୈତିକ ଦ୍ୱନ୍ଦ୍ୱକୁ ଅହିଂସାତ୍ମକ ଢଙ୍ଗରେ ସମାଧାନ କରିବା ପାଇଁ ଗୀତା ଏକ ଢାଞ୍ଚା ପ୍ରଦାନ କରିଥିଲା ବୋଲି ସେ ଦୃଢ଼ ବିଶ୍ୱାସ କରୁଥିଲେ । ଭଗବତ ଗୀତାରେ ଉଲ୍ଲେଖ ଥିବା ଭକ୍ତିର ଧାରଣା ବିଷୟରେ ଗାନ୍ଧୀ ଅତି ସରଳରେ ବ୍ୟାଖ୍ୟା କରିଛନ୍ତି । ଭକ୍ତି ଭାବନାର ଅର୍ଥ ଅନ୍ଧବିଶ୍ୱାସ କିମ୍ବା ବାହ୍ୟ ରୀତିନୀତି ନୁହେଁ, ବରଂ ଏହା ନିଃସ୍ୱାର୍ଥପରତା ଓ ସମାନତାର ଏକ ଆଧ୍ୟାତ୍ମିକ ଅବସ୍ଥା । ଭକ୍ତି ଓ ନିଷ୍ଠା ପାଇଁ କେବଳ ବୌଦ୍ଧିକ ବିକାଶ ପର୍ଯ୍ୟାପ୍ତ ନୁହେଁ । ଗାନ୍ଧୀଙ୍କ ଦୃଢ଼ୋକ୍ତି ଥିଲା ଯେ ତାତ୍ତ୍ୱିକ ଶିକ୍ଷା ପରିବର୍ତ୍ତେ ଶୃଙ୍ଖଳିତ ବ୍ୟବହାର ଓ ନିଃସ୍ୱାର୍ଥପରତା ଦ୍ୱାରା ହିଁ ପ୍ରାପ୍ତ କାର୍ଯ୍ୟରେ ସମ୍ପୂର୍ଣ୍ଣ ଶାନ୍ତି ମିଳିଥାଏ । ସାବରମତୀ ଆଶ୍ରମର ଅନ୍ତେବାସୀଙ୍କୁ 'ଅଧର୍ମ'ର ଅର୍ଥ ବୁଝେଇବାକୁ ଯାଇ ଗାନ୍ଧୀ ବର୍ଣ୍ଣନା କରିଥିଲେ ଯେ ଗୀତା ବ୍ୟାବହାରିକ ଜୀବନ ସହିତ ଜଡ଼ିତ । ଯେଉଁ ଧର୍ମ ବ୍ୟାବହାରିକ ଆବଶ୍ୟକତା ପୂରଣ କରେ ନାହିଁ ତାହା ହିଁ ଅଧର୍ମ । ଉଦାହରଣ ମାଧ୍ୟମରେ ଗାନ୍ଧୀ କହିଲେ 'ବର୍ଷା ପାଇଁ ପ୍ରକୃତିର ସୁରକ୍ଷା ଆବଶ୍ୟକ । ପଶୁବଳି ଦେଲେ ବର୍ଷା ହୁଏ ନାହିଁ । ଏହା ଅଧର୍ମ ଏବଂ ଏହି ବ୍ୟବହାର ପରିବର୍ତ୍ତନ ପାଇଁ ଜ୍ଞାନର ଆବଶ୍ୟକତା ଅତ୍ୟନ୍ତ ଜରୁରୀ ।'

ଗାନ୍ଧିଜୀ ସାବରମତୀରେ ପ୍ରବଚନ ବା ଗୁଜୁରାଟୀ ଭାଷାର ଅନୁବାଦ ବ୍ୟତୀତ ନିଜ ଚିଠି ମାଧ୍ୟମରେ ମଧ୍ୟ ଗୀତା ବାଣୀର ପ୍ରଚାର ଓ ପ୍ରସାର କରୁଥିଲେ । ୧୯୩୩ ହରିଜନ ପଦଯାତ୍ରା ସମୟରେ କସ୍ତୁରବାଙ୍କ ଅନୁରୋଧ ରକ୍ଷା କରି ପ୍ରତି ସୋମବାର ଚିଠି ଲେଖୁଥିଲେ ମୋହନଦାସ । କସ୍ତୁରବାଙ୍କୁ ଦେଉଥିବା ଚିଠିରେ ଭକ୍ତି, ସେବା, ସମର୍ପଣ, ସାହସ ଓ ତ୍ୟାଗ ଭଳି ଗୀତାବାଣୀର ସାରାଂଶ ଥିଲା । ଗୀତା ବିଷୟରେ ଗାନ୍ଧିଜୀଙ୍କ ବ୍ୟାଖ୍ୟା କେବଳ ବ୍ୟକ୍ତିଗତ ନୈତିକତା ନଥିଲା । ଏହା ଭାରତର ସ୍ୱାଧୀନତା ସଂଗ୍ରାମ ସମୟର ରାଜନୈତିକ ରଣନୀତି ବିଷୟରେ ମଧ୍ୟ ସୂଚନା ଦେଉଥିଲା । ଗାନ୍ଧୀ ବିଶ୍ୱାସ କରୁଥିଲେ ଯେ ଉପନିବେଶବାଦୀ ଶାସନ ବିରୁଦ୍ଧରେ ଏକାଠି ହେବାକୁ ହେଲେ ଲୋକଙ୍କୁ ସାମାଜିକ-ରାଜନୈତିକ ପରିପ୍ରେକ୍ଷୀରେ ନିଜର କର୍ତ୍ତବ୍ୟ ବୁଝିବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ସାବରମତୀ ଆଶ୍ରମରେ ଗୀତା ଉପରେ ମହାତ୍ମାଙ୍କ ବକ୍ତବ୍ୟ ହିଂସା ଓ ଅହିଂସା ମଧ୍ୟରେ ପରସ୍ପର ସମ୍ପର୍କ ଉପରେ ଆଲୋକପାତ କରିବା ସହ ସ୍ୱାଧୀନତା ସଂଗ୍ରାମରେ ନୈତିକ ଦିଗକୁ ଚିହ୍ନିବାକୁ ଅନୁଗାମୀମାନଙ୍କୁ ଆହ୍ୱାନ ଦେଉଥିଲା । ପ୍ରତିକୂଳ ପରିସ୍ଥିତିରେ ଭଗବତ ଗୀତାକୁ ସାନ୍ତ୍ୱନା ଓ ମାର୍ଗଦର୍ଶନର ଉତ୍ସ ବୋଲି ଗାନ୍ଧିଜୀ ବାରମ୍ବାର କହୁଥିଲେ ଏବଂ ମନ୍ତବ୍ୟ ଦେଇଥିଲେ ଯେ ଯେତେବେଳେ ବି ସେ ଅସୁବିଧାର ସମ୍ମୁଖୀନ ହୁଅନ୍ତି, ଗୀତା ଉଭୟ ଉତ୍ତର ଓ ସମାଧାନର ବାଟ ଦେଖାଇଥାଏ ।

ଗୀତାର ଶିକ୍ଷା କେବଳ ଏକ ପୁସ୍ତକରେ ସଂରକ୍ଷିତ ରହିବା ପାଇଁ ଉଦ୍ଦିଷ୍ଟ ନୁହେଁ । ସେହି ଶିକ୍ଷାକୁ କାର୍ଯ୍ୟରେ ପ୍ରତିଫଳନ କରିବା ସହ ଅଭ୍ୟାସରେ ଲାଗୁ କରିବା ମଧ୍ୟ ଜରୁରୀ । ମହାତ୍ମା ଗାନ୍ଧୀଙ୍କ ଦର୍ଶନ ଓ କାର୍ଯ୍ୟକୁ ଗଢ଼ି ତୋଳିବାରେ ଭଗବତ ଗୀତା ପ୍ରମୁଖ ଭୂମିକା ନିର୍ବାହ କରିଥିଲା । ଗୀତାକୁ ପାଥେୟ କରି ଗାନ୍ଧିଜୀ ନୈତିକ ନୀତିରେ ଆଧାରିତ ଏକ ସାମାଜିକ ନ୍ୟାୟସମ୍ପନ୍ନ ଦୃଷ୍ଟିକୋଣକୁ ପ୍ରୟୋଗ କରିଥିଲେ । ଗାନ୍ଧୀଙ୍କ ମତରେ 'ଯେତେବେଳେ ଆମର ପେଟ ଯନ୍ତ୍ରଣା ହୁଏ, ଆମେ ଘରୋଇ ଉପଚାର ପୁସ୍ତକର ପରାମର୍ଶ ନେଇ ଔଷଧ ବ୍ୟବହାର କରିଥାଉ । ଠିକ ସେହିପରି ଭଗବତ ଗୀତା ହେଉଛି ଆମର ଆଧ୍ୟାତ୍ମିକ ରୋଗ ପାଇଁ ଉଦ୍ଦିଷ୍ଟ ଏକ ଘରୋଇ ଉପଚାର ପୁସ୍ତକ । ଆସନ୍ତୁ ଗାନ୍ଧୀଙ୍କ ଭଳି ଆମ ଜୀବନରେ ମଧ୍ୟ ଗୀତାର ପ୍ରୟୋଗ କରିବା । ●

ଭୁବନେଶ୍ୱର, ମୋ: ୮୪୫୬୮୭୯୫୨୨

## ସୁନୀତା ଫେରିଲା ପରେ

**ପ୍ରଫେସର ରମେଶ ଚନ୍ଦ୍ର ପରିଡ଼ା**

ଦୀର୍ଘଦିନର ଉତ୍କଣ୍ଠାର ଅବସାନ ଘଟାଇ ଏବେ ଆନ୍ତର୍ଜାତିକ ମହାକାଶ କେନ୍ଦ୍ରରେ ପ୍ରାୟ ୯ ମାସ ଧରି ଅଟକି ରହିଥିବା ମହାକାଶଚାରୀ ସୁନୀତା ଉଇଲିୟମସ ଏବଂ ତାଙ୍କ ସହଯାତ୍ରୀ ବୁଚ୍ ଉଇଲ୍‌ମୋରେ ପୃଥିବୀକୁ ପ୍ରତ୍ୟାବର୍ତ୍ତନ କରିବାର ଆଶା ଉଜ୍ଜ୍ୱଳ ହୋଇଛି । ସେମାନେ ୨୦୨୪ ମସିହା ଜୁନ୍ ୫ ତାରିଖ ଦିନ ସେଠାକୁ ମାତ୍ର ୬ ସପ୍ତାହ ପାଇଁ ଯାତ୍ରା କରିଥିଲେ । ତେବେ ସେଥିପାଇଁ ବ୍ୟବହୃତ ବୋଇଂ ଷ୍ଟାରଲାଇନର ମହାକାଶ ଯାନର ନୋଦକ (ପ୍ରୋପୁଲସନ) ବ୍ୟବସ୍ଥାରେ ହିଲିୟମ ନିର୍ଗତ ହେବାରୁ କେତେକ ତ୍ରୁଟି ପରିଲକ୍ଷିତ ହେବାରୁ ସେଥିରେ ଫେରିବା ନିରାପଦ ନୁହେଁ ବୋଲି ମନେ କରିଥିଲେ ନ୍ୟାସନାଲ ଏରୋନଟିକସ ଆଣ୍ଡ ସ୍ପେସ୍ ଆଡମିନିଷ୍ଟ୍ରେସନ(ନାସା)ର ମହାକାଶ ବିଜ୍ଞାନୀମାନେ । ସେଥିପାଇଁ ମହାକାଶଚାରୀ ଦ୍ୱୟଙ୍କୁ ଅନିଶ୍ଚିତତା ମଧ୍ୟରେ ଏତେଦିନ ଅତିବାହିତ କରିବାକୁ ପଡ଼ିଲା । ସରକାରୀ ଭାବେ ଘୋଷଣା କରାଯାଇ ନଥିଲେ ବି ଆଗାମୀ ମାର୍ଚ୍ଚ ୧୯ ତାରିଖ (୨୦୨୫) ଦିନ ସେମାନେ ଏଲନ୍ ମସ୍କଙ୍କ ସ୍ପେସ୍ ଏକ୍ସ କମ୍ପାନୀର କ୍ରିୟୁ ଡ୍ରାଗୋନ ମହାକାଶ ଯାନରେ ପୃଥିବୀକୁ ପ୍ରତ୍ୟାବର୍ତ୍ତନ କରିବାର ସୂଚନା ମିଳିଛି କେତେକ ସୂତ୍ରରୁ ।

ମହାକାଶରେ ଏହି ସୁଦୀର୍ଘ ଅବସ୍ଥାନ ଯୋଗୁଁ ସେଠାର ସୂକ୍ଷ୍ମ ମାଧ୍ୟାକର୍ଷଣ ସୁନୀତା ଏବଂ ତାଙ୍କ ସହଯାତ୍ରୀଙ୍କୁ ଶାରୀରିକ ଓ ମାନସିକ ସ୍ୱାସ୍ଥ୍ୟକୁ ଗଭୀର ଭାବେ ପ୍ରଭାବିତ କରିସାରିଥିବାର ମନେ କରାଯାଏ । ଅତଏବ ପୃଥିବୀକୁ ଫେରିଲା ପରେ ଏଠାରେ ପରିବେଶ, ବିଶେଷକରି ମାଧ୍ୟାକର୍ଷଣର ପ୍ରଭାବ ସହିତ ଖାପଖୁଆଇ ସାଧାରଣ ଜୀବନଯାପନ ପ୍ରଥମେ ତାଙ୍କ ପାଇଁ ସମସ୍ୟାମାନ ସୃଷ୍ଟି କରିପାରେ । ଏଗୁଡ଼ିକ ମଧ୍ୟରେ ପ୍ରଥମଟି ହେବ ମାଂସପେଶୀ କ୍ଷୟ ଏବଂ ଅତ୍ୟଧିକ



ଶାରୀରିକ ଦୁର୍ବଳତା ଯୋଗୁଁ । ମହାକାଶରେ ଥିଲା ବେଳେ ମାଂସପେଶୀକୁ ମାଧ୍ୟାକର୍ଷଣ ବିପକ୍ଷରେ କାର୍ଯ୍ୟ କରିବାକୁ ପଡ଼େ ନାହିଁ । ଫଳରେ ଏହାର ବସ୍ତୁତ୍ୱ ଓ ଶକ୍ତି ହ୍ରାସ ପାଏ । ଏହି କାରଣରୁ ପୃଥିବୀରେ ପ୍ରଥମେ ସେମାନଙ୍କ ଗୋଡ଼, ପିଠି ଓ ବିଭିନ୍ନ ଅଙ୍ଗଭଙ୍ଗୀ ସହିତ ସମ୍ପୃକ୍ତ ଅନ୍ୟାନ୍ୟ ଅଙ୍ଗ, ପ୍ରତ୍ୟଙ୍ଗ ଓ ଚାଲିବା ପ୍ରକ୍ରିୟା ପ୍ରଭାବିତ ହୁଏ । ଏଣୁ ସୁନୀତା ଓ ତାଙ୍କ ସହଯାତ୍ରୀଙ୍କ ଫେରିଲା ପରେ ସେମାନଙ୍କ ପାଇଁ କଠୋର ପୁନର୍ବାସନ କାର୍ଯ୍ୟକ୍ରମମାନ ଦରକାର ହେବ । ଏଥିରେ ସେମାନଙ୍କୁ ବିବିଧ ପ୍ରକାର ଶାରୀରିକ ଓ ହୃତପିଣ୍ଡର ସକ୍ରିୟତା ବୃଦ୍ଧି ଲାଗି ବ୍ୟାୟାମ କରିବାକୁ ପଡ଼ିବ ।

ସେମାନଙ୍କ ଦ୍ୱିତୀୟ ସମସ୍ୟାଟି ହେବ ହାଡ଼ର ଅତ୍ୟଧିକ ସାନ୍ଦ୍ରତାହାନି । ସୂକ୍ଷ୍ମ ମାଧ୍ୟାକର୍ଷଣ ଶକ୍ତି ମଧ୍ୟରେ ଏହା ଅତି ଗୁରୁତର ଭାବେ ଘଟିଥାଏ, ଯାହାକି ଅସ୍ଥି ଭଙ୍ଗୁରତାର କାରଣ ହୋଇପାରେ । ଅଧ୍ୟୟନରୁ ଜଣାପଡ଼ିଛି ଯେ ମହାକାଶଚାରୀମାନେ ମହାକାଶରେ ଥିଲା ବେଳେ ମାସକୁ ତାଙ୍କ ହାଡ଼ର ୧ ରୁ ୨ ପ୍ରତିଶତ ହରାଇଥା'ନ୍ତି । ଏ ସମସ୍ୟାର ସମାଧାନ ପାଇଁ ସୁନୀତା ଓ କ୍ୟାରୀଙ୍କୁ ଦୀର୍ଘଦିନ ଧରି ଏପରି ଖାଦ୍ୟ ଖାଇବାକୁ ହେବ, ଯାହାକି ସେମାନଙ୍କ ଶରୀରରେ ଭିଟାମିନ୍-ଡି ସ୍ତର ବୃଦ୍ଧି ଘଟାଇ ହାନି ହୋଇଥିବା ଅସ୍ଥିର ପୁନଃଭରଣ କରିବ ।

ପୁନଶ୍ଚ ଏହି ମହାକାଶଚାରୀ ଦ୍ୱୟ ବିବିଧ ହୃଦ୍‌ରୋଗର ସମ୍ମୁଖୀନ ହୋଇପାରନ୍ତି । ସେଥିପାଇଁ ସେମାନଙ୍କୁ ଉଚିତ ଖାଦ୍ୟ ଓ ବ୍ୟାୟାମର ଆଶ୍ରୟ ନେବାକୁ ପଡ଼ିବ ଏବଂ ଡାକ୍ତରଙ୍କ ପରାମର୍ଶ ଅନୁସାରେ ଔଷଧ ମଧ୍ୟ ସେବନ କରିବାକୁ ହେବ । ଦୀର୍ଘକାଳ ଧରି ସୂକ୍ଷ୍ମ ମାଧ୍ୟାକର୍ଷଣ ମଧ୍ୟରେ ରହିଲେ ରକ୍ତ ଓ ଶରୀରର ଅନ୍ୟାନ୍ୟ ତରଳ ପଦାର୍ଥଗୁଡ଼ିକ ମସ୍ତିଷ୍କ ଆଡ଼କୁ ଗତି କରନ୍ତି । ଅତଏବ ତାହା ମୁହଁରେ ଫୁଲା ଓ ଚକ୍ଷୁରେ ଚାପ ସୃଷ୍ଟି କରିପାରନ୍ତି । ଅନ୍ୟପକ୍ଷରେ ସେମାନେ ପୃଥିବୀକୁ ଆସିଲା ପରେ ହଠାତ ସେମାନଙ୍କଠାରେ ରକ୍ତଚାପ ହ୍ରାସ ପାଇପାରେ ଏବଂ ଶରୀରର ଭାରସାମ୍ୟ ରକ୍ଷା କରି ଚଳପ୍ରଚଳ ହେବା କଠିନ ହୋଇପାରେ । ଏପରିକି ସେମାନେ ଚାଲିବା ମଧ୍ୟ ସମ୍ଭବ ହୋଇନପାରେ ।

ଏବେ ମଧ୍ୟ ସୁନୀତା ଏବଂ ତାଙ୍କ ସାଥୀଙ୍କ ସ୍ୱାସ୍ଥ୍ୟ ସାଧାରଣ ଅବସ୍ଥାରେ ନାହିଁ । କିଛିଦିନ ଧରି ତାହା ନିମ୍ନଗାମୀ ହୋଇଚାଲିଛି । ଏସବୁ ଦୃଷ୍ଟିରୁ ପୃଥିବୀରେ ପହଞ୍ଚିଲା ପରେ ସେମାନଙ୍କୁ ପୁଙ୍ଖାନୁପୁଙ୍ଖ ଡାକ୍ତରୀ ପରୀକ୍ଷା କରାଯିବ ଏବଂ ତଦନୁଯାୟୀ ତାଙ୍କ ଚିକିତ୍ସା ବ୍ୟବସ୍ଥା, ବ୍ୟାୟାମ ଆଦି ସହିତ ପୁନଃବାସନ ଲାଗି ବିବିଧ ପଦକ୍ଷେପ ନିଆଯିବ । ଏଥିପାଇଁ ଇତିମଧ୍ୟରେ 'ନାସା' ସମସ୍ତ ପ୍ରକାର ପ୍ରସ୍ତୁତି କରିସାରିଛି । ଅତଏବ ସୁନୀତା ଓ କ୍ୟାରୀ ପୃଥିବୀକୁ ଫେରିଲା ପରେ ମଧ୍ୟ ଦୀର୍ଘଦିନ ଧରି ଏକ ନିୟନ୍ତ୍ରିତ ଜୀବନଯାପନ କରିବେ ।

ସୁନୀତା ଜଣେ ଅଭିଜ୍ଞ ମହାକାଶଚାରୀ । ସେ ପ୍ରଥମେ ୨୦୦୬ ମସିହା ନଭେମ୍ବର ୧୧ ତାରିଖ 'ଡିସ୍‌କଭରୀ' ମହାକାଶ ସଟ୍‌ଲରେ ଆନ୍ତର୍ଜାତିକ ମହାକାଶ କେନ୍ଦ୍ରକୁ ଯାତ୍ରା କରିଥିଲେ ଏବଂ ସେଠାରେ ୨୦୦୭, ଜୁନ୍ ୨୨ ତାରିଖ ପର୍ଯ୍ୟନ୍ତ ଅବସ୍ଥାନ କରିଥିଲେ । ଏହାପରେ ଆହୁରି ଅନେକବାର ସେ ଏ ପ୍ରକାର ଯାତ୍ରା କରିଛନ୍ତି । ସେ ହେଉଛନ୍ତି ମହାକାଶରେ ସର୍ବାଧିକ କାଳ ବିତାଇଥିବା ମହିଳା । ସେହିପରି କ୍ୟାରୀଙ୍କର ମଧ୍ୟ ମହାକାଶଯାତ୍ରାରେ ବେଶ ଅଭିଜ୍ଞତା ରହିଛି । ପ୍ରତ୍ୟେକଙ୍କୁ ସମାନ ପ୍ରକାର ସମସ୍ୟାର ଅଳ୍ପେବହୁତ ସମ୍ମୁଖୀନ ହେବାକୁ ପଡ଼ିଥିବ । ପ୍ରତିଥର ସଫଳତାର ସହ ସେମାନେ ତାହାର ମୁକାବିଲା କରି ସାଧାରଣ ଜୀବନଯାତ୍ରା ପୁନଃବାହାଲ କରିପାରିଛନ୍ତି । ଅବଶ୍ୟ ବର୍ତ୍ତମାନର ସମସ୍ୟାଗୁଡ଼ିକ ଟିକିଏ ଅଧିକ ଗୁରୁତର । ତଥାପି ଯଥାଶୀଘ୍ର ସେମାନେ ଏହାକୁ ମୁକାବିଲା କରିପାରିବେ ବୋଲି ଆଶା କରାଯାଏ । ●

ଭୁବନେଶ୍ୱର, ମୋ: ୯୯୩୭୩୦୧୪୬୦

## ଆମ ବୃକ୍ଷଲତା ଆମ ଜୀବନ

**ପ୍ରକୃତି-ପରିବେଶ**

### କାଇଁଚ

**ସୌଭାଗ୍ୟସୁନ୍ଦର**

(ପୂର୍ବପ୍ରକାଶିତ ଉତ୍ତାରୁ...)

ଗଛର ପ୍ରତ୍ୟେକ ଅଙ୍ଗରେ ବହୁ ରାସାୟନିକ ଉପାଦାନ ଗଚ୍ଛିତ ଥାଏ । ତେବେ ମଞ୍ଜିରେ ଏହା ଅଧିକ ପରିମାଣରେ ଥାଏ । ପ୍ରମୁଖ ଉପକ୍ଷାର ବା ସକ୍ରିୟ ମୌଳିକ ଉପାଦାନ ଆବ୍ରିନ୍ ଓ ଆଲବୁମିନ ମଞ୍ଜିରେ ଅଧିକା ପରିମାଣରେ ସଞ୍ଚିତ ଥାଏ । ମଞ୍ଜିର ଆବରଣ ବା ଚୋପାକୁ ରଙ୍ଗ କରୁଥିବା ଉପାଦାନ ହେଲା ଆବରନିନ୍ । କାଇଁଚ ଗଛରେ ବିଭିନ୍ନ ଆମିନୋ ଅମ୍ଳ ସମେତ ଯେଉଁ ରାସାୟନିକ ଉପାଦାନ ମାନ ରହିଛି, ସେଗୁଡ଼ିକ ହେଲା - ସ୍ନେହସାର, ବିଭାଜନକ୍ଷମ ପୁଷ୍ଟିସାର ବା ଏନ୍‌ଜାଇମ, ହିମୋଗ୍ଲୋବିନ, ୟୁରେଜ, ଲିପୋଲାଇଟିକ୍, ଗ୍ଲାଇସିରାହିଜିନ୍, ପ୍ରିକୋଲ, ଆବ୍ରୋଲ, ଆବ୍ରାସିନ, ଟ୍ରାଇଗୋନେଲାଇନ୍, ପ୍ରିକାଟୋରିନ୍, ଇଥାଇଲ ଇଷ୍ଟର, ୫-ବି କୋଲାନିନ୍, ଅମ୍ଳ, ଆବ୍ରିନ-ଏ, ଆବ୍ରିନ୍-ବି ଇତ୍ୟାଦି । ଆବ୍ରିନ ରେ ଥିବା ଆବ୍ରାସ ଆଗ୍ଲୁଟିନନ ଓ ଲେକ୍ଟିନ୍‌ସ ଆବ୍ରିନ୍‌ସ- ଏ, ବି, ସି, ଡି ସମୂହ ଏବଂ ପାଞ୍ଚଟି ବିଷାକ୍ତ ଗ୍ଲାଇକୋପ୍ରୋଟିନ, ଆବ୍ରାସ ଆଗ୍ଲୁଟିନନ୍ ପଶୁମାନଙ୍କ ଅପେକ୍ଷା ମଣିଷଙ୍କ ପାଇଁ ବିଶେଷ କ୍ଷତିକାରକ ଅଟେ । ଶୁଦ୍ଧ ଆବ୍ରିନ ଈଷତ୍ ହଳଦିଆ ରଙ୍ଗର ଧୂଳି ପରି ପାଉଡ଼ର ସଦୃଶ ବିଷାକ୍ତ ଉପାଦାନ । ଏହାକୁ ୮୦ ଡିଗ୍ରୀ ସେଣ୍ଟିଗ୍ରେଡ୍ ଉତ୍ତାପରେ ଅଧଘଣ୍ଟା ପାଇଁ ରଖିଲେ ଏଥିରେ ରହିଥିବା ବିଷଗୁଣ ନଷ୍ଟ ହୁଏ ।

ଗଛର ଯେ କୌଣସି ଅଙ୍ଗ ପେଟ ଭିତରକୁ ପ୍ରବେଶ କଲେ ଏବଂ ଏଥିରେ ରହିଥିବା ଆବ୍ରିନ୍ ପରିମାଣ ନିରାପଦମାନଠାରୁ ଅଧିକା ଥିଲେ ଯନ୍ତ୍ରଣା, ନିର୍ଜଳୀୟନ, ପ୍ରବଳ ଆବେଗ, ଯକୃତ, ପ୍ଲୀହା, ବୃକକ, ଲିଙ୍ଗ ଗ୍ରନ୍ଥି ଇତ୍ୟାଦିର କ୍ରିୟାରେ ବିକୃତି ଦେଖାଯିବାର ଯଥେଷ୍ଟ ଆଶଙ୍କା ରହିଛି । କାଇଁଚ ମଞ୍ଜି ପେଟକୁ ଗଲେ ପାଟି ଓ ଗ୍ରାସନଳୀ ପୋଡ଼ିବା, ପ୍ରବଳ ଆନ୍ତ୍ରିକ ଯନ୍ତ୍ରଣା ସହ ବାନ୍ତି ହେବା, ରକ୍ତରୁ ଅମ୍ଳଜାନ କମିଯିବା ଫଳରେ ଚର୍ମ ନୀଳ ପଡ଼ିଯିବା, ତଳିପେଟ ପ୍ରଦାହ, ତରଳ ଝାଡ଼ା, ମେଲାଇନା ଇତ୍ୟାଦି ଅସୁବିଧାମାନ ଦେଖାଯାଏ । କ୍ରମାନ୍ୱୟରେ ଏହା ପରେ ଆଖିମାଡ଼ି ପଡ଼ିବା, ଦୁର୍ବଳ ଲାଗିବା, ସଂଜ୍ଞାହୀନତା, କମ୍ପନ, ଆବେଗ, ଦୃଷ୍ଟି ପଟଳରେ କ୍ଷତ, ଓଲିଗୁରିଆ ଭଳି ଅନେକ ସମସ୍ୟା ସୃଷ୍ଟି ହୁଏ । ପାଣିରେ ଭିଜା ବା ବତୁରା ମଞ୍ଜିର ରସ ବା ମଣ୍ଡ ସଂସ୍ପର୍ଶରେ ଆସିଲେ ଆଖିଫୁଲା, ନେତ୍ର ଶ୍ଳେଷ୍ମଳାର ପ୍ରଦାହ, ଏପରିକି ଦୃଷ୍ଟିଶକ୍ତି ଚାଲିଯିବାର ଆଶଙ୍କା ରହିଥାଏ । ପୁନଶ୍ଚ ଏହାର ସେବନ ଦ୍ୱାରା ଦୀର୍ଘକାଳୀନ ନିମ୍ନ ରକ୍ତଚାପ, ନଳାକାର କୋଷକ୍ଷୟ ଜନିତ ବୃକକ ନିଷ୍କ୍ରିୟତା ଓଲିଗୁରିଆ ଓ ଆନୁରିଆ ଜାତ ହୋଇପାରେ । କାଇଁଚରେ ଥିବା ବିଷାକ୍ତ ପଦାର୍ଥ ରକ୍ତ କୋଷକୁ ବିଷାକ୍ତ କରିଦିଏ । ଫଳରେ କୋଷରେ ରହିଥିବା ରାଇବଜମକୁ ନିଷ୍କ୍ରିୟ କରି ପ୍ରୋଟିନ ସଂଶ୍ଳେଷଣରେ ବାଧା ସୃଷ୍ଟି କରେ ଏବଂ ପରିଶେଷରେ କୋଷଟି ନଷ୍ଟ ହୋଇଯାଏ । ଆବ୍ରିନର ବିଷାକ୍ତ ପ୍ରଭାବ ଯୋଗୁଁ ଯକୃତରେ ତନ୍ତୁ ମୃତ୍ୟୁ ବା ନେକ୍ରୋସିସ୍ ହୁଏ । ଏହା ହାଇପୋଗ୍ଲାଇକୋମିଆ ଆଡ଼କୁ ଗତି କରିଥାଏ ।

କାଇଁଚ ମଞ୍ଜି କିମ୍ବା ଗଛର ଅନ୍ୟ କୌଣସି ଅଙ୍ଗ ପେଟକୁ ଚାଲିଗଲେ ତତ୍‌କ୍ଷଣାତ ପ୍ରାଥମିକ ଚିକିତ୍ସା ଆବଶ୍ୟକ । ଗିଳିଥିବା ପଦାର୍ଥକୁ ପେଟ ଓ ପାଟିରୁ ବାହାର କରି ପାଟିକୁ ଭଲ ଭାବରେ ଧୋଇଦେବା, ବାନ୍ତି କରାଇବା ଏବଂ ମୁକ୍ତ ବାୟୁ ସଞ୍ଚାଳନ କରୁଥିବା ସ୍ଥାନକୁ ସ୍ଥାନାନ୍ତର କରିବା । ତେବେ ଯଦି କମ୍ପନ ହେଉଥିବ କିମ୍ବା ଲୋକଟି ସଂଜ୍ଞାହୀନ ହୋଇପଡ଼ିଥିବ, ତା ହେଲେ ତାଙ୍କୁ ବାନ୍ତି କରାଇବା ନିଷେଧ । ଅନ୍ୟପକ୍ଷରେ ତାକୁ ପିଇବା ପାଇଁ ପାଣି ଓ ଇଲେକ୍‌ଟ୍ରୋଲାଇଟ୍ ଦେବା ଆବଶ୍ୟକ । କାଇଁଚ ଗଛର ସଂସ୍ପର୍ଶରେ ଆସି ଚକ୍ଷୁବେଦନା ହେଲେ ତତ୍‌କ୍ଷଣାତ ଚକ୍ଷୁକୁ ପ୍ରାୟ ଦଶ ମିନିଟ ପର୍ଯ୍ୟନ୍ତ ଅବିରତ ପରିଷ୍କାର ପାଣିରେ ଧୋଇବା ଆବଶ୍ୟକ । ଏହା ପରେ ପ୍ରାୟ ଏକ ସପ୍ତାହ ପର୍ଯ୍ୟନ୍ତ ଭେଷଜ ଚିକିତ୍ସା ଓ ପର୍ଯ୍ୟବେକ୍ଷଣ ଜରୁରୀ । କାରଣ ଏହି ଗଛର ବିଷାକ୍ତ ପ୍ରଭାବ ଦୀର୍ଘଦିନ ପର୍ଯ୍ୟନ୍ତ ରହିବାର ଆଶଙ୍କା ବହୁ ଅଧିକ ।

ଗୋଟିଏ ମଞ୍ଜି ଖାଇଲେ ଜଣେ ପ୍ରାପ୍ତ ବୟସ୍କ ବ୍ୟକ୍ତିର ଏବଂ ଦୁଇ ଆଉନ୍ସ ମଞ୍ଜି ପେଟ ଭିତରକୁ ପ୍ରବେଶ କଲେ ଗୋଟିଏ ଘୋଡ଼ାର ମୃତ୍ୟୁ ହେବାର ଆଶଙ୍କା ରହିଛି । ଗାଈ, ଛେଳି, ମେଣ୍ଢା, କୁକୁର କ୍ଷେତ୍ରରେ ଏହି ଗଛର ବିଷ ବିଶେଷ ପ୍ରଭାବ ପକାଇ ନ ଥାଏ । ଅପରିପକ୍ୱ ମଞ୍ଜିର ଆବରଣ ନରମ ଥିବା ହେତୁ ଏହାର ବିଷାକ୍ତ ପ୍ରଭାବ ଅବିଳମ୍ବେ ପଡ଼ିଥାଏ । ତେଣୁ ନିଜ ଘରବାଡ଼ି ବଗିଚାରେ କାଇଁଚ ଗଛ ଲଗାଇବା କିମ୍ବା ମଞ୍ଜିକୁ ସାଇତି ରଖିବା ଅନୁଚିତ । ● (ସମାପ୍ତ)

ମୋ: ୯୪୩୭୧୯୦୪୭୦

ସକାଳ
THE SAKALA
ଯୋଗାଯୋଗ ଠିକଣା
NEWS & INFO
news@thesakala.com
CIRCULATION
circulation@thesakala.com
ADVERTISEMENT
advt@thesakala.com
THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ । ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ ।



ବ୍ୟାସନଗର ପୌରପାଳିକା କାଉନସିଲର୍‌ମାନେ ଆଜି ନବୀନ ନିବାସରେ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକଙ୍କୁ ସାକ୍ଷାତ କରି ମ୍ୟୁନିସିପାଲିଟିରେ ଚାଲିଥିବା ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ସମ୍ପର୍କରେ ଆଲୋଚନା କରିଛନ୍ତି ।

## ବର୍ଷେ ପରେ ରସୁଲପୁର ପଞ୍ଚାୟତ ସମିତି ବୈଠକ

# ଯୋଜନାର ହୋଇପାରୁନି ସଫଳ ରୂପାୟନ

କୁଆଖିଆ, ୨।୩(ସମିସ)




ଆଜି ରସୁଲପୁର ପଞ୍ଚାୟତ ସମିତିର ନବମ ବୈଠକ ବ୍ଲକ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ରାଜ୍ୟସଭା ସାଂସଦ ସୁଲତା ଦେଓ, କୋରେଇ ବିଧାୟକ ଆକାଶ ଦାସନାୟକ, ଧର୍ମଶାଳା ବିଧାୟକ ହିମାଂଶୁ ଶେଖର ସାହୁ, ବରୀ ବିଧାୟକ ବିଶ୍ୱରଞ୍ଜନ ମଲ୍ଲିକ, ଲୋକସଭା ସାଂସଦଙ୍କ ପ୍ରତିନିଧି ଫନିନ୍ଦ୍ର ମିଶ୍ର, ଅତିରିକ୍ତ ତହସିଲଦାର ନିରଞ୍ଜନ ଗୁରୁ ଓ ବ୍ଲକ ଉପାଧ୍ୟକ୍ଷା ଜୟନ୍ତୀ ଦାଶ ପ୍ରମୁଖ ଯୋଗଦେଇଥିଲେ । ବ୍ଲକ ଅଧ୍ୟକ୍ଷ ଅରୁଣ କୁମାର ରାଉତଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ବିଡିଓ ସତ୍ୟାନନ୍ଦ ସାହୁ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିବାବେଳେ ଅଧ୍ୟକ୍ଷ ସ୍ୱାଗତ ଭାଷଣ ଦେଇଥିଲେ । ପ୍ରଥମେ ଗତ ବୈଠକର ବିବରଣୀ ପାଠ କରାଯାଇଥିଲା । ପଞ୍ଚାୟତ ସମିତି ବୈଠକରେ ନିଷ୍ପତ୍ତି ହେଉଥିବା ଯୋଜନା କାର୍ଯ୍ୟକାରୀ ହେଉଛି କି ନାହିଁ ଉପସ୍ଥିତ ରାଜ୍ୟସଭା ସାଂସଦ ସୁଲତା ଦେଓ ଜାଣିବାକୁ ଚାହିଁଥିଲେ । ଗତବର୍ଷ ଫେବୃଆରୀ ୩ ତାରିଖରେ ବୈଠକ ହୋଇଥିବାବେଳେ ଏକ ବର୍ଷରୁ ଉର୍ଦ୍ଧ୍ୱ ସମୟ ପରେ ଓ ନୂଆ ସରକାର ଆସିବା ପରେ ଏହି ବୈଠକ ଅନୁଷ୍ଠିତ ହେଉଥିବାରୁ ସମସ୍ତେ ପ୍ରାୟ ଉତ୍ସାହିତ ଥିଲେ ।

କୋରେଇ, ବରୀ ଓ ଧର୍ମଶାଳା ନିର୍ବାଚନମଣ୍ଡଳୀରେ ବିଭକ୍ତ ହୋଇଥିବାରୁ ରସୁଲପୁର ବ୍ଲକ ପ୍ରତି ଉପଯୁକ୍ତ ଗୁରୁତ୍ୱ ମିଳି ନ ଥିବା ଅଧ୍ୟକ୍ଷ ଶ୍ରୀ ରାଉତ କହିବା ସହ ସରକାରୀ ଯୋଜନା ଠିକଣା ଭାବେ ରୂପାୟନ ହେଉ ନ ଥିବା ଅଭିଯୋଗ କରିବା ସହିତ ଆଗକୁ ଏହି ସମସ୍ୟାକୁ ସମାଧାନ କରିବା ପାଇଁ ଉପସ୍ଥିତ ୩ ବିଧାୟକଙ୍କୁ ଅନୁରୋଧ କରିଥିଲେ । ଉକ୍ତ ବୈଠକରେ ବିପିଡିପି ଯୋଜନା, ବିକଶିତ ଗାଁ ବିକଶିତ ଓଡ଼ିଶା, ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ଖାଦ୍ୟ ସୁରକ୍ଷା ଯୋଜନାରେ ରାସନ କାର୍ଡ, ସାମାଜିକ ସୁରକ୍ଷା ଓ ଗ୍ରାମ୍ୟ ଜଳଯୋଗାଣ ସମ୍ପର୍କରେ ଆଲୋଚନା ହୋଇଥିଲା । ଓଡ଼ିଶୋ ସମିତି ସଭ୍ୟ କାଳୀପ୍ରସନ୍ନ ସାମଲ ଜଳଯୋଗାଣ ସମସ୍ୟା ସମ୍ପର୍କରେ ବିଶେଷ ଆଲୋଚନା କରିଥିଲେ । ଓଡିଶୋ ପଞ୍ଚାୟତରେ ପାନୀୟଜଳ ଯୋଗାଣ ସମସ୍ୟା ଥିବାବେଳେ ବାରମ୍ବାର ଏ ସମ୍ପର୍କରେ ଅଭିଯୋଗ କରାଯାଉଥିଲେ ବି ବିଭାଗୀୟ ଅଧିକାରୀ ଘଟଣାକୁ ଗୁରୁତ୍ୱ ଦେଉ ନ ଥିବା ସେ ଅଭିଯୋଗ କରିଥିଲେ । ଅଧିକାଂଶ ପଞ୍ଚାୟତରେ ଏହି ସମସ୍ୟା ହେଉଥିବା ରାହାମ୍ବା ସରପଞ୍ଚ ଚନ୍ଦ କୁମାର ରାଉତଙ୍କ ସମେତ ବହୁ ଓ ସମିତିସଭ୍ୟ କହିଥିଲେ । ମେଗା ଜଳଯୋଗାଣ ପ୍ରକଳ୍ପ ହେଲେ ଏହି ସମସ୍ୟା ସମାଧାନ ହେବ ବୋଲି ସବୁବେଳେ ବିଭାଗ ପକ୍ଷରୁ କୁହାଯାଉଥିଲେ ବି ଏହି କାମ କେବେ ସରିବ ଓ ଲୋକମାନେ କେବେ ପାଣି ପାଇବେ, ସେ ସମ୍ପର୍କରେ କିଛି ନିର୍ଦ୍ଦିଷ୍ଟ ଉତ୍ତର ମିଳି ନ ଥିଲା ।

ବର୍ଷା ଜଳ ଜମି ରହିବା ଦ୍ୱାରା ଭୋଟକା, ଗନ୍ଧଣ, ବଣ୍ଟରା ଓ ଏକତଳା ଗ୍ରାମର ଚାଷୀ ପ୍ରତିବର୍ଷ ହଇରାଣ ହେଉଥିଲେ ବି ଏହାର ସମାଧାନ ପାଇଁ ପଦକ୍ଷେପ ନିଆଯାଉ ନ ଥିବା ଗନ୍ଧଣ ସମିତିସଭ୍ୟ ଅଜୟ କୁମାର ପଣ୍ଡା କହିବା ସହ କୃଷକଙ୍କ ପାଇଁ ଆସୁଥିବା ବିହନ ବଣ୍ଟନ ଓ ସବସିଡ୍ ପ୍ରଦାନ ସମ୍ପର୍କରେ ପଞ୍ଚାୟତ ପ୍ରତିନିଧି ସୂଚନା ପାଇପାରୁ ନ ଥିବା ଅଭିଯୋଗ କରିଥିଲେ । ପଞ୍ଚାୟତ ଜଳଯୋଗାଣ ପ୍ରକଳ୍ପ, ପ୍ରାଣୀ ଚିକିତ୍ସାଳୟ ପ୍ରଭୃତି ବ୍ୟକ୍ତିଗତ ଜମିରେ ହୋଇଥିବାରୁ ଉକ୍ତ ଅନୁଷ୍ଠାନକୁ ସମ୍ପୃକ୍ତ ବ୍ୟକ୍ତି ନିଜ ଦଖଲକୁ ନେଇଥିବାରୁ ସାଧାରଣ ଲୋକ ସେବା ପାଇପାରୁ ନ ଥିବା ରାଉତରାପୁର ସରପଞ୍ଚ ସ୍ୱର୍ଣ୍ଣଲତା ସାହୁ ଅଭିଯୋଗ କରିଥିଲେ । ବ୍ୟକ୍ତିଗତ ଜମିରେ କେମିତି ସରକାରୀ ଅର୍ଥ ଖର୍ଚ୍ଚ ହୋଇ ପ୍ରକଳ୍ପ ହେଲା ତାହା ଜାଣିବାକୁ ଚାହିଁବା ସହ ସମସ୍ୟାର ତ୍ୱରିତ ସମାଧାନ ପାଇଁ ଏକ ଅସ୍ଥାୟୀ ପ୍ରାଣୀ ଚିକିତ୍ସାଳୟ ଖୋଲିବାକୁ ଦାବି କରିଥିଲେ । ଭୋଟକା ସରପଞ୍ଚ ସ୍ମୃତିରେଖା ରାଉତ, ବଡ଼କଇଁଚି ସରପଞ୍ଚ ଅଶୋକ ମଲ୍ଲିକ ଓ ବାହାଦଲାପୁର ସରପଞ୍ଚ ମହେନ୍ଦ୍ର ଦାସ ପ୍ରମୁଖ ବିଭିନ୍ନ ପ୍ରସଙ୍ଗ ଉଠାଇ ଆଲୋଚନା କରିଥିଲେ । କାମ ହୋଇଥିବା ପ୍ରକଳ୍ପର ବିଲ୍ ପେମେଣ୍ଟ ହେଉ ନ ଥିବା, ଭତ୍ତା ଦେବାରେ ସମସ୍ୟା, ବିଶେଷକରି ଯେଉଁ ବରିଷ୍ଠ ନାଗରିକ ୮୦ ବର୍ଷରୁ ଅଧିକ ସେମାନଙ୍କୁ ଘରେ ଭତ୍ତା ଦେବା, ଆବାସ ଯୋଜନା ଇତ୍ୟାଦି ସମ୍ପର୍କରେ ଆଲୋଚନା ହୋଇଥିଲା । ପୂର୍ବରୁ କ'ଣ ହୋଇଯାଇଛି ତାକୁ ଗୁରୁତ୍ୱ ନ ଦେଇ ସମସ୍ତେ ମିଳିମିଶି ବ୍ଲକର ଉନ୍ନତି ପାଇଁ କାମ କରିବାକୁ ଧର୍ମଶାଳା ବିଧାୟକ ହିମାଂଶୁ ଶେଖର ସାହୁ କହିଥିଲେ । ବ୍ଲକରେ ଥିବା ସବୁ ଭୂମିହୀନଙ୍କୁ ଘରଡିହ ଯୋଗାଇବା ସହ ଘର ଦେବାକୁ ଚେଷ୍ଟା କରିବାକୁ ବ୍ଲକ ପ୍ରଶାସନକୁ କୋରେଇ ବିଧାୟକ ଆକାଶ ଦାସନାୟକ ଆହ୍ୱାନ ଦେଇଥିଲେ । ଆଜି ବୈଠକରେ ଆଲୋଚନା ହୋଇଥିବା ସମସ୍ତ ବିଷୟ କେମିତି କାର୍ଯ୍ୟକାରୀ ହେବ, ସେଥିପାଇଁ ବିଡିଓଙ୍କୁ କହିବା ସହିତ ପ୍ରତି ମାସରେ ଏକ ତାରିଖ ସ୍ଥିର କରି ସବୁ ବିଧାୟକଙ୍କୁ ଡାକି ଉନ୍ନୟନ କାର୍ଯ୍ୟ ସମୀକ୍ଷା କରିବାକୁ ବରୀ ବିଧାୟକ ବିଶ୍ୱରଞ୍ଜନ ମଲ୍ଲିକ କହିଥିଲେ । ବୈଠକରେ ସମସ୍ତ ଲାଇନ ବିଭାଗର ଅଧିକାରୀଙ୍କ ସମେତ ପ୍ରାୟ ସମସ୍ତ ସରପଞ୍ଚ ଓ ସମିତିସଭ୍ୟ ଯୋଗଦେଇଥିଲେ ।

# ପ୍ରଧାନଶିକ୍ଷକଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ସଭା

**ବରୀ, ୨।୩(ସମିସ):** ଝଁପଡ଼ା ବିଦ୍ୟାଳୟର ପ୍ରଧାନଶିକ୍ଷକ ବିଭୂତିଭୂଷଣ ଜେନାଙ୍କୁ ସ୍କୁଲ ପରିସରରେ ଅବସରକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି । ଶ୍ରୀ ଜେନା କେବଳ ଦକ୍ଷଶିକ୍ଷକ ନୁହଁନ୍ତି, ଜଣେ ସମାଜସେବୀ, ପ୍ରକୃତିପ୍ରେମୀ । ତାଙ୍କ ଭଳି ଜଣେ ଛାତ୍ର ବତ୍ସଳ ଶିକ୍ଷକ ଅଧୁନା ସାମାଜିକ ବ୍ୟବସ୍ଥାରେ ବିରଳ ବୋଲି ମୁଖ୍ୟବକ୍ତା ଡଃ ଭାଗ୍ୟଧର ସାହୁ କହିଥିଲେ । ଉକ୍ତ ଅବସରକାଳୀନ ସଭାରେ ବରୀ ଶିକ୍ଷାଧିକାରୀ ଭିକାରୀ ଚରଣ କବି ମୁଖ୍ୟଅତିଥି ଭାବେ ଯୋଗଦେଇ ସମାନଦିନ ସମାନ ସମୟରେ ବିଦାୟୀ ଶିକ୍ଷକ ଶ୍ରୀ ଜେନାଙ୍କୁ ତାଙ୍କ ପେନସନ ପତ୍ର ପ୍ରଦାନ କରିଥିଲେ । ସମାଜସେବୀ ପର୍ଶୁରାମ ଦାସ ସଭାପତିତ୍ୱ କରିଥିବାବେଳେ ଶିକ୍ଷାବିତ ରବୀନ୍ଦ୍ର ନାୟକ ସଭା ପରିଚାଳନା କରିଥିଲେ । ବରେଣ୍ୟ ଅତିଥି ଭାବେ ଶିକ୍ଷକ ନେତା ଗଗନ ବିହାରୀ ଜେନା, କପିଳ ଚରଣ ସାମଲ, କର୍ଣ୍ଣଚନ୍ଦ୍ର ଘଡାଇ, ମକରଚରଣ ଘଡାଇ, ଡ. ପ୍ରଭଞ୍ଜନ ପତି, ହରିଶ ଚନ୍ଦ୍ର ମହାରଣା, ସିଆରସି ନର୍ମଦା ପ୍ରଧାନ, ସ୍ୱାଇଁଖଣ୍ଡ ସରପଞ୍ଚ ଶଙ୍କର୍ଷଣ ସ୍ୱାଇଁ, ପୂର୍ବତନ ପ୍ରଶାସକ ଈଶ୍ୱର ଚନ୍ଦ୍ର ଜେନା ପ୍ରମୁଖ ଯୋଗଦେଇ ବିଦାୟୀ ଶିକ୍ଷକଙ୍କ ବରୀର ଶିକ୍ଷା ବ୍ୟବସ୍ଥାରେ ଆବଶ୍ୟକତା ଉପରେ ଗୁରୁତ୍ୱ ଆରୋପ କରିଥିଲେ । ବିଦଗ୍ଧାର ନିର୍ଦ୍ଦେଶକ ଶରତ ଜେନା



ଅନୁଷ୍ଠାନ ପକ୍ଷରୁ ବିଦଗ୍ଧ କବିଙ୍କ ତୈଳଚିତ୍ର ଓ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଅବସରପ୍ରାପ୍ତ ଶିକ୍ଷକ ଗୁନଚରଣ ନାୟକ, ଶିକ୍ଷକ ହରିଶ୍ଚନ୍ଦ୍ର ଦାସ, ପୁରାତନ ଛାତ୍ର ସୁନୀଲ ପଣ୍ଡା, ସୁବାଶିଷ ସାମଲ, ମାନସ ଜେନା, ବାପି ନାୟକ, ଅଭିନ୍ନ ସୁନ୍ଦର ଲେଙ୍କା, ଉପେନ୍ଦ୍ର ଦାଶ ପ୍ରମୁଖ ଯୋଗ ଦେଇଥିଲେ । ପୂର୍ବତନ ସରପଞ୍ଚ ବିଜୟ ନାୟକ ଗୁରୁବନ୍ଦନା ଗାନ କରିଥିବାବେଳେ ସ୍କୁଲର ଛାତ୍ରଛାତ୍ରୀଙ୍କଦ୍ୱାରା ସ୍ୱାଗତ ନୃତ୍ୟ ପରିବେଷଣ କରାଯାଇଥିଲା ।

# ଆଜି ଜମିହରା ଓ ବିସ୍ଥାପିତଙ୍କ ଭୁବନେଶ୍ୱର ଚାଲ ଅଭିଯାନ

**ଯଖପୁରା, ୨।୩(ସମିସ):** କଳିଙ୍ଗନଗର ଶିଳ୍ପର ରାଜଧାନୀ । ଓଡ଼ିଶା ପ୍ରଗତିର ମୁଖଶାଳା । ରାଜ୍ୟ ବିକାଶର ମୁଖ୍ୟ କର୍ଣ୍ଣଧାର ସାଜିଛି କଳିଙ୍ଗନଗର । କଳିଙ୍ଗନଗରରେ ଶିଳ୍ପ ହେବ, ସାଧାରଣ ଲୋକଙ୍କ ଅର୍ଥନୈତିକ ବିକାଶ ହେବ । ଏହାକୁ ନେଇ ସ୍ଥାନୀୟ ଅଧିବାସୀ ସ୍ୱପ୍ନ ଦେଖିଥିଲେ । ସାଧାରଣ ଲୋକ ନିଜର ଓ ନିଜ ଅଞ୍ଚଳର ବିକାଶ ପାଇଁ ଭିଟାମାଟି ଛାଡ଼ିଥିଲେ । ଏହା ବଦଳରେ କମ୍ପାନୀ ଅନେକ ପ୍ରତିଶ୍ରୁତି ଦେଇଥିଲା । ତେବେ କମ୍ପାନୀ କୌଣସି ପ୍ରତିଶ୍ରୁତି ପାଳନ କରୁନାହିଁ । ପ୍ରତାରିତ ହେବା ପରେ ପୁଣି ଚାଷୀ, ଜମିହରା ଓ ବିସ୍ଥାପିତଙ୍କ ଆନ୍ଦୋଳନ ମୁଣ୍ଡ ଟେକିଛି । ନୀଳାଚଳ କାରଖାନା ସମ୍ମୁଖରେ ମାସ ମାସ ଧରି ନିରୀହ ଆଦିବାସୀ ଆନ୍ଦୋଳନ କରିଥିବା ଦେଖିବାକୁ ମିଳୁଛି । ପ୍ରତିଶ୍ରୁତି ପାଇବା ପରେ ଆନ୍ଦୋଳନକୁ ସ୍ଥଗିତ ରଖନ୍ତି । ପରେ ଏହି ପ୍ରତିଶ୍ରୁତି ପ୍ରଶାସନ ଭୁଲିଯାଏ । ଏହାର ଜବାବ ଦେବାକୁ ଯାଇ ବର୍ତ୍ତମାନ ଜମିହରା, ଚାଷୀଙ୍କ ଆନ୍ଦୋଳନ ଉଗ୍ରରୂପ ଧାରଣ କରିବାକୁ ଯାଉଛି । କମ୍ପାନୀ ଫାଟକ ସମ୍ମୁଖରେ ଆନ୍ଦୋଳନ ସୀମିତ ନ ରହି ରାଜଧାନୀକୁ ବ୍ୟାପିବାକୁ ଯାଉଛି । ଆସନ୍ତାକାଲି ଜମିହରା ଓ ବିସ୍ଥାପିତ ଭୁବନେଶ୍ୱର ଯାଇ ଲୋୟର ପିଏମ୍‌ଜିରେ ସମାବେଶ କରିବାର କାର୍ଯ୍ୟକ୍ରମ ରହିଛି ।

# ପ୍ରଧାନଶିକ୍ଷୟିତ୍ରୀଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

**ପ୍ରୀତିପୁର, ୨।୩(ସମିସ):** ବିଂଝାରପୁର ବ୍ଲକ ଅନ୍ତର୍ଗତ ଜରୀ ପଞ୍ଚାୟତ ଅଧୀନ ଜରୀକୂଳସାହି ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ଅମୀୟବାଳା ସାମଲଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ସଂଘ ସଭାପତି ରବିନାରାୟଣ ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ଅତିରିକ୍ତ ବ୍ଲକ ଶିକ୍ଷାଧିକାରୀ ସେକ୍ ନିଜାମୁଦ୍ଦିନ, ମୁଖ୍ୟବକ୍ତା ଭାବେ ଶିକ୍ଷକ ନେତା ଗୁରୁଚରଣ ଥାଟୋଇ ଯୋଗ ଦେଇଥିଲେ । ସମ୍ମାନିତ ଅତିଥି ଭାବେ ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ସଂଘ ଉପସଭାପତି ରତନଲାଲ ଭୂୟାଁ, ଅକ୍ଷୟ ସାମଲ, ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ବିଜୟ ମଲିକ, ଅସଦୁଲା ଖାଁ ଯୋଗ ଦେଇ ଶ୍ରୀମତୀ ସାମଲଙ୍କୁ ସମ୍ବର୍ଦ୍ଧିତ କରିଥିଲେ । ଚିତ୍ରରେଖା ସାହୁଙ୍କ ରଚିତ ସଙ୍ଗୀତ ପିଲାଙ୍କ ଦ୍ୱାରା ପରିବେଷିତ ହୋଇଥିଲା । ସମ୍ମାନିତ ବକ୍ତା ଭାବେ ବିଶ୍ୱନାଥ ସାମଲ, କଳାକାର ପାତ୍ର, ଗନ୍ଧର୍ବ ଦାସ, ବନବିହାରୀ ଧଳ, ମନୋଜ ମହାଳିକ, ରବୀନ୍ଦ୍ର ମଲିକ, ଦୀନବନ୍ଧୁ ସାହୁ, ଅମୀୟ ବିଶ୍ୱାଳ, ଅମ୍ବୁଜ ଦାସଙ୍କ ସମେତ ବ୍ଲକର ବହୁ ଶିକ୍ଷକ ଶିକ୍ଷୟିତ୍ରୀ ଯୋଗଦାନ କରିଥିଲେ । ବିଦ୍ୟାଳୟର ଶିକ୍ଷକ, ଶିକ୍ଷୟିତ୍ରୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

## ■ ସୂଚନା ଅଧିକାରୀ କର୍ମୀ ସର୍ବେଶ୍ୱରଙ୍କ ସାମ୍ବାଦିକ ସମ୍ମିଳନୀ

# ଧର୍ମଶାଳାର ସ୍ୱାର୍ଥ ପାଇଁ ଲଢ଼େଇ କରୁଛି ଓ ଆଗକୁ କରିବି

**ଧର୍ମଶାଳା, ୨।୩ (ସମିସ):** ନୂଆ ସରକାର ଆସିବା ପରେ ଧର୍ମଶାଳାରେ ହେଉଥିବା ବେପରୁଆ କଳାପଥର ଚୋରା ଚାଲାଣ ପ୍ରସଙ୍ଗରେ ଗତକାଲି ଧର୍ମଶାଳାର ପୂର୍ବତନ ବିଧାୟକ ପ୍ରଣବ ବଳବନ୍ତରାୟ ସାମ୍ବାଦିକ ସମ୍ମିଳନୀ କରି ପ୍ରଶାସନକୁ ଟାର୍ଗେଟ କରିଥିଲେ । ଏଥିସହିତ ପୂର୍ବରୁ କୌଣସି ପ୍ରସଙ୍ଗରେ ସୂଚନା ଅଧିକାର କର୍ମୀ ପ୍ରତିବାଦ କରୁଥିବାବେଳେ ଏବେ କାହିଁକି ମୁହଁ ଚୁପ୍ ବୋଲି ପ୍ରଣବ ପ୍ରଶ୍ନ କରିଥିଲେ । ଆଜି ଏହାର ଜବାବ ଦେବାକୁ ଯାଇ ସ୍ଥାନୀୟ ଅଞ୍ଚଳର ସୂଚନା ଅଧିକାର କର୍ମୀ ସର୍ବେଶ୍ୱର ବେହୁରା ସାମ୍ବାଦିକ ସମ୍ମିଳନୀ କରି ଧର୍ମଶାଳାର ସ୍ୱାର୍ଥ ପାଇଁ ମୁଁ ଦୀର୍ଘଦିନ ଧରି ଲଢ଼େଇ କରୁଛି



ଓ ଆଗକୁ କରିବି । ଧର୍ମଶାଳାରେ ହେଉଥିବା ବେଆଇନ ଚୋରାଚାଲାଣ ରୋକିବା ପାଇଁ ପୂର୍ବତନ ବିଧାୟକ ଅଦାଲତଙ୍କ ଦ୍ୱାରସ୍ଥ ହେବାକୁ ମଧ୍ୟ ପରାମର୍ଶ ଦେଇଛନ୍ତି ସର୍ବେଶ୍ୱର । ଶ୍ରୀ ବେହୁରା ଆଜି ତାଙ୍କ ଜାରକାସ୍ଥ ବାସଭବନରେ ସାମ୍ବାଦିକ ସମ୍ମିଳନୀ କରି ଅନେକ ଦୁର୍ନୀତି ଲୋକଲୋଚନକୁ ଆଣିଥିବା କହିଛନ୍ତି । ଧର୍ମଶାଳାବାସୀ ପୂର୍ବତନ ବିଧାୟକଙ୍କୁ ୭୬ ହଜାର ଭୋଟ ଦେଇଛନ୍ତି । ତାଙ୍କର ମଧ୍ୟ ଧର୍ମଶାଳାର ଖଣିଜ ସମ୍ପଦର ସୁରକ୍ଷା ପାଇଁ ଉତ୍ତରଦାୟିତ୍ୱ ଥିବା କହିବା ସହିତ ଏବେ ଧର୍ମଶାଳାବାସୀ ପିଇବା ପାଣି ପାଇବାରୁ ବଞ୍ଚିତ ହେଉଥିବା କହିଥିଲେ । ଆଗାମୀ ଦିନରେ ଧର୍ମଶାଳାର ବିକାଶ ପାଇଁ ବର୍ତ୍ତମାନର ବିଧାୟକଙ୍କ କୌଣସି ଆଲୋଚନା କରିବାର ଥିଲେ ସେ ପ୍ରସ୍ତୁତ ଅଛନ୍ତି ବୋଲି ଶ୍ରୀ ବେହୁରା କହିଛନ୍ତି ।

# ଭୈରବାନନ୍ଦ କଲେଜ ଭୂତତ୍ତ୍ୱ ବିଜ୍ଞାନ ବିଭାଗର ଆଲୋଚନାଚକ୍ର

**ବଡ଼ଚଣା, ୨।୩(ସମିସ):** ବାବା ଭୈରବାନନ୍ଦ ସ୍ୱୟଂଶାସିତ ମହାବିଦ୍ୟାଳୟର ଭୂତତ୍ତ୍ୱ ବିଜ୍ଞାନ ବିଭାଗ ପକ୍ଷରୁ ଭୂତଳ ଜଳ ଆବଶ୍ୟକତା ଶୀର୍ଷକ ଆଲୋଚନାଚକ୍ର ଆୟୋଜିତ ହୋଇଛି । ଉକ୍ତ ଆଲୋଚନାଚକ୍ରରେ ମହାବିଦ୍ୟାଳୟର ଅଧ୍ୟକ୍ଷ ଡକ୍ଟର ପ୍ରସନ୍ନ କୁମାର ମହାପାତ୍ର ସଭାପତିତ୍ୱ କରି ଅର୍ଥଶାସ୍ତ୍ର ଓ ଭୂତତ୍ତ୍ୱ ବିଜ୍ଞାନର ମିଳନରେ ସୃଷ୍ଟି କିପରି ଦେଶର ଅର୍ଥନୀତି ବୃଦ୍ଧି ଦିଗରେ ସାହାଯ୍ୟ କରିପାରିବ, ସେ ସମ୍ପର୍କରେ ଆଲୋକପାତ କରିଥିଲେ । ମୁଖ୍ୟଅତିଥି ଭାବେ କେନ୍ଦ୍ର ସରକାରଙ୍କ ଜଳଶକ୍ତି ବିଭାଗ ବରିଷ୍ଠ ବୈଜ୍ଞାନିକ ଡକ୍ଟର ସୁଧାଂଶୁ ମହାନ୍ତି ଯୋଗଦେଇ ଭୂତଳ ଜଳର ଆବଶ୍ୟକତା, ସଂରକ୍ଷଣ ଓ ବ୍ୟବହାର ସମ୍ବନ୍ଧରେ ତଥ୍ୟ ଉପସ୍ଥାପନ କରିଥଲେ ତତ୍‌ସହିତ କିପରି ଭାରତୀୟ ଦର୍ଶନ ସାହିତ୍ୟରେ ଭୂ-ତତ୍ତ୍ୱ ବିଜ୍ଞାନର ଗୁରୁତ୍ୱ ରହିଆସିଛି, ସେ ସମ୍ପର୍କରେ ଆଲୋକପାତ କରିଥଲେ । ମୁଖ୍ୟବକ୍ତା ଭାବେ ଭୂତତ୍ତ୍ୱ ବିଜ୍ଞାନ ବିଭାଗର ମୁଖ୍ୟ



ପ୍ରାଧାପକ ସୌମ୍ୟରଞ୍ଜନ ନାୟକ ଭୂତଳ ଜଳର ପ୍ରକାର ସମ୍ବନ୍ଧରେ ଆଲୋକପାତ କରିଥିଲେ । ସମ୍ମାନିତ ଅତିଥି ଭାବେ ପ୍ରାଧାପିକା ଶ୍ରୀମତୀ ସୋନାଲି ପତି ଛାତ୍ରଛାତ୍ରୀଙ୍କ ଦ୍ୱନ୍ଦ୍ୱ ଦୂର କରି ଧନ୍ୟବାଦ ଜ୍ଞାପନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ପଞ୍ଚାନନ ସାହୁ ଆଲୋଚନାଚକ୍ରରେ ଅଂଶଗ୍ରହଣ କରିଥିଲେ ।

# ଦାନଗଦି ଅଞ୍ଚଳରେ ହାତୀ ଆତଙ୍କ

**ଯଖପୁରା, ୨।୩(ସମିସ):** ଦାନଗଦି ବ୍ଲକ ଅନ୍ତର୍ଗତ ଶାଳିଜଙ୍ଗା ପଞ୍ଚାୟତର ନୀଳକଣ୍ଠପୁର ଗ୍ରାମରେ ଆଜି ସକାଳୁ ଏକ ବଣୁଆ ଦନ୍ତା ହାତୀ ଦେଖିବାକୁ ମିଳିଥିଲା । ହାତୀକୁ ଦେଖି ଲୋକେ ଭୟଭୀତ ଅବସ୍ଥାରେ ଥିବାବେଳେ ବନ ବିଭାଗ ପକ୍ଷରୁ ହାତୀକୁ ଗ୍ରାମରୁ ବାହାର କରିବାକୁ ଘୋଡାଇଛନ୍ତି । ଗତକାଲି ସୁକିନ୍ଦା ଅଞ୍ଚଳରେ ଥିବାବେଳେ ଆଜି ଦାନଗଦି ବ୍ଲକ ଶାଳିଜଙ୍ଗା ଅଞ୍ଚଳରେ ବୁଲୁଥିବା ଦେଖିବାକୁ ମିଳିଥିଲା । ବନ ବିଭାଗ ହାତୀକୁ ବଣକୁ ନେବାକୁ ବ୍ୟବସ୍ଥା କରିଥିଲେ । ହାତୀଟି କୌଣସି କ୍ଷୟକ୍ଷତି କରି ନ ଥିବା ସୂଚନା ମିଳିଛି । ହାତୀଟି କେନ୍ଦୁଝର ଜିଲ୍ଲା ଅଞ୍ଚଳକୁ ଚାଲିଯାଇଥିବା ଜଣାପଡ଼ିଛି ।

# ଶିକ୍ଷକଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା

**ଦାନଗଦି, ୨।୩(ସମିସ):** କଳିଙ୍ଗନଗର ଶିଳ୍ପାଞ୍ଚଳ ଚକୁଆ ୟୁପି ସ୍କୁଲର ପ୍ରଧାନଶିକ୍ଷକ ରମେଶ ଜେନାଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି । ଉକ୍ତ ସମ୍ବର୍ଦ୍ଧନା ଉତ୍ସବରେ ସ୍କୁଲର ପୁରାତନ ଛାତ୍ରଛାତ୍ରୀଙ୍କଠାରୁ ଆରମ୍ଭ କରି ବର୍ତ୍ତମାନର ସମସ୍ତ ଛାତ୍ରଛାତ୍ରୀ ଯୋଗଦେଇଥିଲେ । ସଭାପତି ବଳରାମ ଆଇଚ ଅଭିଭାଷଣ ରଖିଥିବାବେଳେ ଶିକ୍ଷକ କୁଳମଣି ନାୟକ, ସନ୍ତୋଷ କୁମାର ସାହୁ ଓ ପୁରାତନ ଛାତ୍ର ତପନ କୁମାର ଜେନା ପ୍ରମୁଖ ଶିକ୍ଷକ ଜୀବନର ଭୂମିକା ଓ ବିଦାୟ ପରେ ଜଣେ ଶିକ୍ଷକ କିପରି ତାଙ୍କ ଜୀବନ ଅତିବାହିତ କରନ୍ତି, ସେ ସମ୍ପର୍କରେ କହିଥିଲେ । ସ୍ଥାନୀୟ



ଜଗାଡିହ ଗ୍ରାମଠାରୁ ଚକୁଆ ପର୍ଯ୍ୟନ୍ତ ଏକ ବିରାଟ ଶୋଭାଯାତ୍ରାରେ ଶିକ୍ଷକଙ୍କୁ ନିଆଯାଇଥିଲା । ଏଥିରେ ବିଦ୍ୟାଳୟର ସମସ୍ତ ଛାତ୍ରଛାତ୍ରୀ ଓ ଶିକ୍ଷକ ଯୋଗ ଦେଇଥିଲେ । ଶିକ୍ଷକ ନରୋତ୍ତମ ଜେନା, ବଳରାମ ଆଇଚ, ବିଶ୍ୱବର ବିଶ୍ୱାଳ, ରବିନାରାୟଣ ନାୟକ, ଲକ୍ଷ୍ମୀଧର ବାରିକ, ପ୍ରମୋଦ ନାୟକ, ସୁନୀଲ ପଲହୁ, ହୃଷିକେଶ ପୃଷ୍ଟି, ଦୁର୍ଗାପ୍ରସାଦ ମହାନ୍ତ, ଯୋଗେନ୍ଦ୍ର ମହାନ୍ତ ପ୍ରମୁଖ ଶିକ୍ଷକ ଉପସ୍ଥିତ ଥିଲେ ।

## ରବି ଲାବଣ୍ୟ ସ୍ମାରକୀ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ

# କଣ୍ଟିଗଡ଼ିଆକୁ ହରାଇ ସୁନ୍ଦରିଆ ଚାମ୍ପିଅନ୍

ଧର୍ମଶାଳା, ୨।୩(ସମିସ)

ଧର୍ମଶାଳା ବ୍ଲକ ମିର୍ଜାପୁର ପଞ୍ଚାୟତର ଅରଙ୍ଗାବାଦସ୍ଥ ଶ୍ୟାମସୁନ୍ଦରଜୀଉ ଖେଳ ପଡ଼ିଆଠାରେ ଧର୍ମଶାଳାର ପୂର୍ବତନ ବିଧାୟକ ସ୍ୱର୍ଗତ ରବି ଲାବଣ୍ୟଙ୍କ ସ୍ମୃତିରେ ଚାଲିଥିବା ଦ୍ୱିତୀୟ ବାର୍ଷିକ ରବି ଲାବଣ୍ୟ ସ୍ମାରକୀ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଛି । ଏମ୍‌ସିସି କଣ୍ଟିଗଡ଼ିଆ ଓ ଏନ୍‌ଏଲ୍‌ୱାଇସି ସୁନ୍ଦରିଆ ମଧ୍ୟରେ ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା । ଏଥିରେ ଏନ୍‌ଏଲ୍‌ୱାଇସି ବିଜୟୀ ହୋଇ ଚାମ୍ପିଅନ୍ ହେବାର ଗୌରବ ଅର୍ଜନ କରିଛି ।

ଆଜି ଅପରାହ୍ନରେ ଅନୁଷ୍ଠିତ ଫାଇନାଲ୍ ମ୍ୟାଚ୍‌ରେ କଣ୍ଟିଗଡ଼ିଆ ଦଳ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରି ୧୨ ଓଭରରେ ୮ ୱିକେଟ ହରାଇ ୧୭୮ ରନ୍ ସଂଗ୍ରହ କରିଥିଲା । ଏହାର ଜବାବରେ ସୁନ୍ଦରିଆ ଦଳ ୧୧ ଓଭରରେ ୩ ୱିକେଟ ହରାଇ ଆବଶ୍ୟକ ୧୭୯ ରନ୍ ସଂଗ୍ରହ କରି ୭ ୱିକେଟ୍‌ରେ ବିଜୟୀ ହୋଇଥିଲା । ପୂର୍ବାହ୍ନରେ



ଦୁଇଟି ସେମିଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା । ମିର୍ଜାପୁର ଓ ସୁନ୍ଦରିଆ ମଧ୍ୟରେ ଅନୁଷ୍ଠିତ ପ୍ରଥମ ସେମିଫାଇନାଲ୍ ମ୍ୟାଚ୍‌ରେ ସୁନ୍ଦରିଆ ବିଜୟୀ ହୋଇ ଫାଇନାଲ୍‌ରେ ପ୍ରବେଶ କରିଥିଲା । ଦ୍ୱିତୀୟ ସେମିଫାଇନାଲ ମ୍ୟାଚ୍ ଗଙ୍ଗାଧରପୁର ଓ କଣ୍ଟିଗଡ଼ିଆ ମଧ୍ୟରେ ଅନୁଷ୍ଠିତ ହୋଇଥିବାବେଳେ କଣ୍ଟିଗଡ଼ିଆ ବିଜୟୀ ହୋଇ ଫାଇନାଲ ଖେଳିବାକୁ ଯୋଗ୍ୟ ବିବେଚିତ ହୋଇଥିଲା ।

ପ୍ରାଧ୍ୟାପକ ବଳଭଦ୍ର ଦାଶଙ୍କ ସଭାପତିତ୍ୱରେ ଅନୁଷ୍ଠିତ ପୁରସ୍କାର ବିତରଣୀ ଉତ୍ସବରେ ଧର୍ମଶାଳା ମହାବିଦ୍ୟାଳୟର ଅଧ୍ୟକ୍ଷ ଡଃ ସ୍ୱରୁପାନନ୍ଦ ପଣ୍ଡା ମୁଖ୍ୟଅତିଥି ଓ ସମାଜସେବିକା ମିନତୀ ସାହୁ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଟ୍ରଫି ଓ ପୁରସ୍କାର ରାଶି କରିଥିଲେ । ପ୍ରାରମ୍ଭରେ ଅତିଥିମାନେ ଧର୍ମଶାଳାର ପୂର୍ବତନ ବିଧାୟକ ରବି ଲାବଣ୍ୟଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରି ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ । ସମାଜସେବୀ ଅଭିମନ୍ୟୁ ଧଳ ପୁରସ୍କାର ବିତରଣୀ ଉତ୍ସବକୁ ସଂଯୋଜନା କରିଥିଲେ । ଅଭ୍ୟର୍ଥନା କମିଟି ଆବାହକ ନବକୁମାର ଜେନା ଅତିଥିଙ୍କୁ ସ୍ୱାଗତ କରିଥିଲେ । ବିବେକାନନ୍ଦ ଦାସ ଧାରା ବିବରଣୀ ପ୍ରଦାନ କରିଥିବାବେଳେ ଶ୍ରୀକାନ୍ତ ଜେନା, ଦୀପ୍ତିରଞ୍ଜନ ଜେନା ଓ ବିକାଶ ସାମଲ ସ୍କୋରର ଦାୟିତ୍ୱ ତୁଲାଇଥିଲେ । ଗୋକୁଳାନନ୍ଦ ମହାପାତ୍ର, ମୃତ୍ୟୁଞ୍ଜୟ ବରାଳ, ହଳଧର ଓଝା ଖେଳ ପରିଚାଳନା କରିଥିଲେ । ଅମ୍ବିତ ସାମଲଙ୍କୁ ଶ୍ରେଷ୍ଠ ଫିଲ୍ଡର ଓ ମ୍ୟାନ୍ ଅଫ ଦି ସିରିଜ, ସିପୁନ କୁମାର ପାଣ୍ଡିଆଙ୍କୁ ଶ୍ରେଷ୍ଠ ବୋଲର, ଅପୂର୍ବ ନାୟକଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ୍, ସାଗର କୁମାରଙ୍କୁ ଶ୍ରେଷ୍ଠ ବ୍ୟାଟ୍ସମ୍ୟାନ ଭାବେ ପୁରସ୍କୃତ କରାଯାଇଥିଲା । ଏହି ଅବସରରେ ରବି ଲାବଣ୍ୟ ଶିଶୁ ସେନାର ସ୍ୱେଚ୍ଛାସେବୀଙ୍କୁ ଅତିଥିମାନେ ସମ୍ବର୍ଦ୍ଧିତ କରିଥିଲେ । ଅଭ୍ୟର୍ଥନା କମିଟିର କିଶୋର ଜେନା, ସୁଧାଂଶୁ ଜେନା, ରାକେଶ ପଣ୍ଡା, ବିଶ୍ୱଜିତ ବିଶ୍ୱାଳ, ରମାକାନ୍ତ ବାରିକ, ତପନ ଦାସ, ରାଜେନ୍ଦ୍ର ଦାଶ ପ୍ରମୁଖ ଟୁର୍ଣ୍ଣାମେଣ୍ଟ ପରିଚାଳନାରେ ସହଯୋଗ କରିଥିଲେ । ଅଭ୍ୟର୍ଥନା କମିଟି ଅଧ୍ୟକ୍ଷ ଆଇନଜୀବୀ ଶ୍ୟାମପ୍ରସାଦ ଦାଶ ଧନ୍ୟବାଦ ଅର୍ପଣ କରିଥିଲେ ।

# ପାଠାଗାର କାର୍ଯ୍ୟକ୍ଷମ ପାଇଁ ସାଂସଦଙ୍କୁ ଦାବିପତ୍ର

**ଯାଜପୁର, ୨।୩(ସମିସ):** ଯାଜପୁର ଜିଲ୍ଲା ପ୍ରଶାସନ ପକ୍ଷରୁ ଖୋଲାଯାଇଥିବା ପାଠାଗାର ଓ ସୂଚନା କେନ୍ଦ୍ର ଦୀର୍ଘଦିନ ଧରି ବନ୍ଦ ହୋଇଯାଇଛି । ଏହା ଉପରେ ନିର୍ଭର କରୁଥିବା ଛାତ୍ରଛାତ୍ରୀ ନାନା ହଇରାଣ ହେଉଛନ୍ତି । ଏହାକୁ ଗୋଟିଏ ପରେ ଗୋଟିଏ ସ୍ଥାନକୁ ସ୍ଥାନାନ୍ତର କରାଯିବା ଫଳରେ ଛାତ୍ରଛାତ୍ରୀ ନାନା ସମସ୍ୟା ଭୋଗ କରୁଛନ୍ତି । ଏହାକୁ ପୁନଃ କାର୍ଯ୍ୟକ୍ଷମ କରିବା ନିମନ୍ତେ ଛାତ୍ରଛାତ୍ରୀ ଓ ଅଭିଭାବକ ଯାଜପୁର ସାଂସଦ ରବୀନ୍ଦ୍ର ବେହେରାଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଛନ୍ତି ।

# ବିଜୁବାବୁଙ୍କ ଜୟନ୍ତୀ ପାଇଁ ବ୍ୟାପକ ପ୍ରସ୍ତୁତି

**ଯାଜପୁର, ୨।୩(ସମିସ):** ଆସନ୍ତା ୫ ତାରିଖ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ଜୟନ୍ତୀ ପାଳନ କରାଯିବ । ଏହାକୁ ଯାଜପୁର ବିଜୁ ଜନତା ଦଳ ପକ୍ଷରୁ ଧୂମଧାମରେ ପାଳନ କରାଯିବାକୁ ପ୍ରସ୍ତୁତି ଚାଲିଛି । ଯଯାତିକେଶରୀ ମେଡିକାଲ କଲେଜ ସମ୍ମୁଖରେ ଥିବା ଓଡ଼ିଶାର ସର୍ବବୃହତ ବିଜୁବାବୁଙ୍କ ପ୍ରତିମୂର୍ତ୍ତି ସମ୍ମୁଖରେ ଏହା ପାଳନ କରାଯିବ । ଏହି କାର୍ଯ୍ୟକ୍ରମରେ ରାଜ୍ୟର ବରିଷ୍ଠ ବିଜୁ ଜନତା ଦଳର କର୍ମକର୍ତ୍ତା ଅଂଶଗ୍ରହଣ କରିବେ । ଜିଲ୍ଲାର ୧୦ ହଜାରରୁ ଉର୍ଦ୍ଧ୍ୱ ବିଜୁପ୍ରେମୀ ସାମିଲ ହୋଇ ବିଜୁବାବୁଙ୍କ ଓଡ଼ିଶା ପ୍ରତି ଥିବା ଅବଦାନକୁ ମନେ ପକାଇବେ । ଆଜି ଏ ଅବସରରେ ଯାଜପୁରର ପୂର୍ବତନ ବିଧାୟକ ପ୍ରଣବ ପ୍ରକାଶ ଦାସ ବିଜୁବାବୁଙ୍କ ପ୍ରତିମୂର୍ତ୍ତି ସ୍ଥଳକୁ ଯାଇ ବିଜୁ ଜୟନ୍ତୀ ପାଳନ ପାଇଁ ପ୍ରସ୍ତୁତି କାର୍ଯ୍ୟର ସମୀକ୍ଷା କରିଛନ୍ତି । ଏହି ସମୟରେ ଯାଜପୁର ପୌରପାଳିକାର ଉପାଧ୍ୟକ୍ଷ ସନ୍ତୋଷ ମଲ୍ଲିକ, ପୂର୍ବତନ ପୌରାଧ୍ୟକ୍ଷ ଭବପ୍ରସାଦ ଦାସଙ୍କ ସମେତ ଯାଜପୁର ନିର୍ବାଚନମଣ୍ଡଳୀର ବରିଷ୍ଠ ବିଜୁ ଜନତା ଦଳ କର୍ମୀ ସାମିଲ ହୋଇଥିଲେ ।



### ଘଣ୍ଟେଶ୍ୱର ଅଞ୍ଚଳରେ ଶାନ୍ତିଶୃଙ୍ଖଳା ପ୍ରସଙ୍ଗ

# ଜିଲ୍ଲା ପୁଲିସ୍ କାର୍ଯ୍ୟାଳୟରେ ଗୁରୁତ୍ୱପୂର୍ଣ୍ଣ ଆଲୋଚନା

**ଭଦ୍ରକ, ୨।୩(ସମିସ)**



ଘଣ୍ଟେଶ୍ୱର ଅଞ୍ଚଳକୁ ଅପରାଧ, ମୁକ୍ତ କରିବା, ଶାନ୍ତି ଫେରାଇ ଆଣିବା, ନୂତନ ଥାନା ପ୍ରତିଷ୍ଠା କରିବା ଦାବିରେ ଭଦ୍ରକ ଜିଲ୍ଲା ପୁଲିସ୍ କାର୍ଯ୍ୟାଳୟଠାରେ ଏସ୍‌ପି ମାଡକର ସନ୍ଦୀପ ସମ୍ପଦ, ଅତିରିକ୍ତ ଏସ୍‌ପି(ଡିଆଇବି) ଅଂଶୁମାନ ଦ୍ୱିବେଦୀ, ବାଂଶଡା ଥାନାଧିକାରୀ ମହମ୍ମଦ ହାଫିଜ୍‌ଙ୍କ ସହ ଘଣ୍ଟେଶ୍ୱର ଆଞ୍ଚଳିକ ସୁରକ୍ଷା ମହାସଂଘ କର୍ମକର୍ତ୍ତାଙ୍କ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲା ପୁଲିସ୍ ପ୍ରଶାସନ ସହିତ ଘଣ୍ଟେଶ୍ୱର ଆଞ୍ଚଳିକ ସୁରକ୍ଷା ମହାସଂଘର ସଭାପତି ଅଞ୍ଜନ କୁମାର ଦାସ, ସଂପାଦକ ଯୁବ ଆଇନଜୀବୀ ବିକାଶ ନାଥ, ଉପଦେଷ୍ଟା ବରିଷ୍ଠ ଚାଷୀ ନେତା ଚନ୍ଦ୍ରମଣି ଦାସ, ଜୟୀରାମ ଦାସ, ଚକ୍ରଧର ଦାସ, ଶ୍ରୀନାଥ ଦାସ ଓ ଯୁବନେତା ହାକିମ ଦାସ ପ୍ରମୁଖ ଆଲୋଚନାରେ ଉପସ୍ଥିତ ଥିଲେ । ମହାସଂଘର ଦାବିକୁ ଗ୍ରହଣ କରି ନୂତନ ଥାନା ପ୍ରତିଷ୍ଠା ପାଇଁ ରାଜ୍ୟ ଗୃହ ବିଭାଗ ଓ ଅର୍ଥ ବିଭାଗକୁ ଜିଲ୍ଲା ଏସ୍‌ପିଙ୍କ କାର୍ଯ୍ୟାଳୟ ପକ୍ଷରୁ ଚିଠି କରାଯାଇଛି । ୬ ମାସ ମଧ୍ୟରେ ନୂତନ ଥାନା ପ୍ରତିଷ୍ଠା ହେବ ବୋଲି ଜିଲ୍ଲା ପୁଲିସ୍ ପ୍ରଶାସନ ଆଶାବାଦୀ ବୋଲି ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ପ୍ରକାଶ କରିଥିଲେ । ଏହି ସମୟ ମଧ୍ୟରେ ବାଂଶଡା ଥାନା ଓ ଘଣ୍ଟେଶ୍ୱର ଫାଣ୍ଡିକୁ ଅଧିକ ସଂଖ୍ୟକ କର୍ମଚାରୀ ଦେବାକୁ ଏସ୍‌ପି ମହାସଂଘର କର୍ମକର୍ତ୍ତାଙ୍କୁ ପ୍ରତିଶ୍ରୁତି ଦେଇଥିଲେ । ଫାଙ୍କା ପଡିଥିବା ଚାନ୍ଦବାଲି ଏସଡିପିଓଙ୍କ ପଦ ତୁରନ୍ତ ପୂରଣ କରାଯିବ ବୋଲି ଏସ୍‌ପି ପ୍ରତିଶ୍ରୁତି ଦେଇଥିଲେ ।

## ଶିକ୍ଷାନୁଷ୍ଠାନରେ ଜାତୀୟ ବିଜ୍ଞାନ ଦିବସ ପାଳିତ



**ଭଦ୍ରକ, ୨।୩(ସମିସ):** ଭଦ୍ରକ ସ୍ୱୟଂଶାସିତ ମହାବିଦ୍ୟାଳୟରେ ଜୀବବିଜ୍ଞାନ ସଂସ୍ଥା ଭୁବନେଶ୍ୱର ସହାୟତା ଏବଂ ମହାବିଦ୍ୟାଳୟର ବିଜ୍ଞାନ ସମାଜ ଆନୁକୂଲ୍ୟରେ ଜାତୀୟ ବିଜ୍ଞାନ ଦିବସର ସ୍ୱତନ୍ତ୍ର ସଭା ଅଧକ୍ଷ ଡ. ଦୁର୍ଗାଶଙ୍କର ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ମୁଖ୍ୟଅତିଥି ଭାବେ ଏଫଏମ କଲେଜ ବାଲେଶ୍ୱରର ପୂର୍ବତନ ଅଧକ୍ଷ ଡ. ଡି.ଏନ ରାଉତ ଏବଂ ସଂଯୋଜକ ଡ. ଦିନେଶ ଦାସ ବିଶେଷ ଅତିଥି ଭାବେ ଅଂଶଗ୍ରହଣ କରିଥିଲେ । ଜୀବବିଜ୍ଞାନ ସଂସ୍ଥାର ବୈଜ୍ଞାନିକ ଡ. ସୀମା ପ୍ରଧାନ, ବୈଜ୍ଞାନିକ ଡ. ସୌବ୍ରତ ମଜୁମଦାର ଏବଂ ବିଜ୍ଞାନ ସମାଜର ଉପମୁଖ୍ୟ ଅନନ୍ତ କିଶୋର ସାହୁ, ପ୍ରାଧ୍ୟାପକ ଡ. ସୁବୋଧଚନ୍ଦ୍ର ମିଶ୍ର, ଡ. ଲକ୍ଷ୍ମୀକାନ୍ତ ନାୟକ, ଡ. ଅଜିତ ଦାସ, ଡ. ପଦ୍ମନାଭ ମହାନ୍ତି, ଡ. ସର୍ବେଶ୍ୱର ନାୟକ, ଜୟଶ୍ରୀ ମୁଣ୍ଡା, ଡ. ସନ୍ତୋଷ ସେଠୀ, ଡ. ସ୍ୱପ୍ନା ସୋନାଲିକା ଜେନା, କବିରତ୍ନ ବେହେରା, ତପନ ଦାସ, ଡ. ମନୋରଞ୍ଜନ ସେଠୀ, ଡ. ସ୍ୱପ୍ନାସରିତା ମହାପାତ୍ର, ଡ. ସସ୍ମିତା ଶତପଥୀ, ଡ. ସ୍ମିତା ସାହୁ ଯୋଗଦାନ କରିଥିଲେ । ପ୍ରତିଯୋଗିତାରେ ବିଜୟୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା । ଭଦ୍ରକ କଲେଜର ଗଣିତ ବିଭାଗର ମୁଖ୍ୟ ଧନ୍ୟବାଦ ଦେଇଥିଲେ ।

**ଅସୁରାଳି:** ଜାତୀୟ ବିଜ୍ଞାନ ଦିବସ ଅବସରରେ ଶ୍ରୀବୈରାଗୀ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅତିରିକ୍ତ ବ୍ଲକ ଶିକ୍ଷାଧିକାରୀ ସତ୍ୟସୁନ୍ଦର ପରିଡା ମୁଖ୍ୟଅତିଥି, ପ୍ରଧାନଶିକ୍ଷକ ଆନ୍ଦବଜାର ହାଇସ୍କୁଲ ବୈକୁଣ୍ଠ ବିଶ୍ୱାଳ ମୁଖ୍ୟବକ୍ତା, ସିଆରସି, ଅସୁରାଳି ସଞ୍ଜୟ ଜେନା ସମ୍ମାନିତ ଅତିଥି ରୂପେ ଯୋଗଦାନ କରିଥିଲେ । ବିଦ୍ୟାଳୟର ପ୍ରଧାନଆଚାର୍ଯ୍ୟ, ପରିଚାଳନା ସମିତିର ସମ୍ପାଦକ, ସଭାପତି, ଉପସଭାପତି, ସଦସ୍ୟ । ଉପସ୍ଥିତ ଥିଲେ । ସରକାରୀ ବୃତ୍ତି ପାଇଥିବା ତୃତୀୟ ଶ୍ରେଣୀର ଚାରିଜଣ ଓ ୫ମ ଶ୍ରେଣୀର ଶିଶୁଭାଇ ଭଉଣୀ ଓ ସେମାନଙ୍କର ଅଭିଭାବକଙ୍କୁ ଶୁଭେଚ୍ଛା ଓ ସମ୍ବର୍ଦ୍ଧନା କରାଯାଇଥିଲା ।

### ଭଦ୍ରକ ଓକିଲ ସଂଘର ବାର୍ଷିକୋତ୍ସବ

## 'ନ୍ୟାୟ ପ୍ରଦାନ ପ୍ରକ୍ରିୟା ତ୍ୱରିତ ହେଉ'

**ଭଦ୍ରକ,୨।୩(ସମିସ):** ଭଦ୍ରକ ଜିଲ୍ଲା ହେଉଛି କଳା, ସାହିତ୍ୟ ଓ ସଂସ୍କୃତିର ମାଟି । ଆଇନସେବା କ୍ଷେତ୍ରରେ ଭଦ୍ରକ ଓଡ଼ିଶାରେ ଏକ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିଛି । ଏଠାକାର ପୁରତନ ଆଇନଜୀବୀମାନେ ସାଧାରଣ ଲୋକଙ୍କୁ ଧନ, ଜୀବନ, ସମ୍ମାନ ଓ ସୁରକ୍ଷା ପ୍ରଦାନ କରି ନିଜର ଖ୍ୟାତି ଅର୍ଜନ କରିଛନ୍ତି । ଭଦ୍ରକର ଆଇନଜୀବୀମାନେ ପେସାରେ ସତ୍ୟନିଷ୍ଠ ଓ ନିରପେକ୍ଷ ହୋଇଥିବାରୁ ସାଧାରଣ ଲୋକ ନ୍ୟାୟପାଇଥାନ୍ତି । ତେବେ, ବର୍ତ୍ତମାନ ସ୍ଥିତିରେ ବିଚାରପତିମାନେ ତ୍ୱରିତ ନ୍ୟାୟ ପ୍ରଦାନ କରିବାକୁ ଓଡ଼ିଶା ହାଇକୋର୍ଟର ଜଷ୍ଟିସ୍ ବିରଜା ଶଙ୍କର ଶତପଥୀ ପରାମର୍ଶ ଦେଇଛନ୍ତି । ରବିବାର ଭଦ୍ରକ ଶହୀଦ ସ୍ମୃତି ଭବନଠାରେ ଭଦ୍ରକ ଓକିଲ ସଂଘର ବାର୍ଷିକ ଉତ୍ସବ-୨୦୨୫ ପାଳନ ଅବସରରେ ମୁଖ୍ୟଅତିଥି ଭାବେ ଯୋଗଦେଇ ଜଷ୍ଟିସ୍ ଶ୍ରୀ ଶତପଥୀ କହିଲେ ଯେ ଭଦ୍ରକ ଓକିଲ ସଂଘର ଦାବିଗୁଡିକର ସମାଧାନ ଦିଗରେ ଆବଶ୍ୟକ ପଦକ୍ଷେପ ନିଆଯିବ । ଓକିଲ ସଂଘ ସଭାପତି ବରିଷ୍ଠ ଅଧିବକ୍ତା ବସନ୍ତ କୁମାର ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଉତ୍ସବରେ ଜିଲ୍ଲା ଦୌରାଜଜ୍ ସଂଗ୍ରାମ କେଶରୀ ପଟ୍ଟନାୟକ ମୁଖ୍ୟବକ୍ତା ଭାବେ କହିଲେ ଯେ ଭଦ୍ରକର ଆଇନସେବା କ୍ଷେତ୍ରରେ ବିଚାରପତି ଓ ଆଇନଜୀବୀମାନଙ୍କ ସମନ୍ୱୟ ରହିବା ଜରୁରୀ । ଓକିଲ ସଂଘ ସମ୍ପାଦକ ସୂର୍ଯ୍ୟକାନ୍ତ କୁଅଁର ବାର୍ଷିକ ବିବରଣୀ ପାଠ କରିଥିଲେ । ମଞ୍ଚ ପରିଚାଳନା ବରିଷ୍ଠ ଆଇନଜୀବୀ ପବନ କୁମାର ଶର୍ମା କରିଥିବା ବେଳେ ବରିଷ୍ଠ ଅଧିବକ୍ତା ପର୍ଶୁରାମ ଦ୍ୱିବେଦୀ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ସଂଘର ଉପସଭାପତି ଦିପକ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ । ଉତ୍ସବରେ ମୁଖ୍ୟ ଅତିଥି ଜଷ୍ଟିସ୍ ବିରଜା ଶଙ୍କର ଶତପଥୀ ଓ ଜିଲ୍ଲା ଦୌରାଜଜ୍ ଶ୍ରୀ ପଟ୍ଟନାୟକଙ୍କୁ ଓକିଲ ସଂଘ ପକ୍ଷରୁ ସମ୍ମାନିତ କରାଯାଇଥିଲା । ଓକିଲ ସଂଘ ପତ୍ରିକା 'ଦ ଶୋଭନିୟର'କୁ ମୁଖ୍ୟଅତିଥି ଓ ଅତିଥିମାନେ ଉନ୍ମୋଚନ କରିଥିଲେ । ଆଇନସେବା କ୍ଷେତ୍ରରେ ବହୁ ପାରଦର୍ଶୀ ଆଇନଜୀବୀଙ୍କୁ ସଂଘ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା । ସଂଘ ପକ୍ଷରୁ ଆଗତ ଦାବିଗୁଡିକ ମଧ୍ୟରେ ଭଦ୍ରକରେ ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟ ପ୍ରତିଷ୍ଠ, ୪ଟି ଜୁଡିସିଆଲ ମାଜିଷ୍ଟ୍ରେଟଙ୍କ କୋର୍ଟ ପ୍ରତିଷ୍ଠା, ଗୋଟିଏ ଆଡିସନାଲ ଜଜ୍ କୋର୍ଟଙ୍କ ପ୍ରତିଷ୍ଠା, ସବଜଜ୍‌ଙ୍କ କୋର୍ଟ ପ୍ରତିଷ୍ଠା ଓ କୋର୍ଟ ପରିସରରେ ବ୍ୟାଙ୍କ-ପୋଷ୍ଟ ଅଫିସ ଓ ଏଟିଏମ୍ ପ୍ରତିଷ୍ଠା କରିବା ଆଦିକୁ ମୁଖ୍ୟଅତିଥିଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା ।




### ● ନାବାଳିକା ଦୁଷ୍କର୍ମ ମାମଲା

## ଯୁବକ କୋର୍ଟ ଚାଲାଣ

**ଧାମନଗର, ୨।୩(ସମିସ):** ଧାମନଗର ଏନଏସି ଅନ୍ତର୍ଗତ କାଙ୍କରା ଗାଁର ଅଭିମନ୍ୟୁ ମହାନ୍ତି (୨୧)କୁ ନାବାଳିକା ଦୁଷ୍କର୍ମ ମାମଲାରେ ପୁଲିସ କୋର୍ଟ ଚାଲାଣ କରିଛି । ଧାମନଗର ଥାନାଞ୍ଚଳର ଜଣେ ନାବାଳିକା ସହ ଅଭିମନ୍ୟୁ ଦୀର୍ଘ ଦିନ ଧରି ପ୍ରେମ ସମ୍ପର୍କ ରଖିଥିଲା ବେଳେ ନାବାଳିକା ଥିବାରୁ ପରିବାର ଲୋକେ ଧାମନଗର ଥାନାରେ ଦୁଷ୍କର୍ମ ଅଭିଯୋଗ କରିଥିଲେ । ଅଭିଯୋଗ ପାଇବା ପରେ ଯୁବକ ଜଣକୁ ଧାମନଗର ପୁଲିସ ଶନିବାର ରାତିରେ ଗିରଫ କରିବା ସହ ଡାକ୍ତରୀମାଇନା କରାଇଥିଲା । ଏହି ମାମଲାରେ ତାକୁ କୋର୍ଟ ଚାଲାଣ କରିଥିବା ବେଳେ ଧାମନଗର ଏସଡିପି ଓ ତ୍ରିଲୋଚନ ସେଠୀ ଅଧିକ ତଦନ୍ତ ଜାରି ରଖିଛନ୍ତି ।

## ବାଇକ୍ ଦୁର୍ଘଟଣାରେ କଣ୍ଠଶିଳ୍ପୀ ଗୁରୁତର



**ବାରିକପୁର,୨।୩(ସମିସ):** ଭଣ୍ଡାରିପୋଖରୀ ଥାନା ୧୬ ନମ୍ବର ଜାତୀୟ ରାଜପଥର ଛତାବର ଓଭରବ୍ରିଜ ନିକଟରେ ଏକ ବାଇକ୍ ଦୁର୍ଘଟଣାଗ୍ରସ୍ତ ହେବାରୁ ଜଣେ ଯୁବକ ଗୁରୁତର ହୋଇଥିବା ଜଣାପଡିଛି । ରଣଜିତ୍ ପଞ୍ଚାୟତ ମଞ୍ଜୁରୀ ଗାଁର ବାବାଜୀ ବେହେରାଙ୍କ ପୁଅ ମହେଶ୍ୱର(୪୨) ଏକ ଅପେରା ପାର୍ଟିରେ କଣ୍ଠଶିଳ୍ପୀ ଭାବେ କାର୍ଯ୍ୟ କରନ୍ତି । ଗତକାଲି ଅପେରା ପାର୍ଟିରେ କାର୍ଯ୍ୟ ସାରି ଭୋର ସମୟରେ ଘରକୁ ଫେରୁଥିବା ବେଳେ ବାଇକଟି ଦୁର୍ଘଟଣାଗ୍ରସ୍ତ ହୋଇଥିଲା । ମହେଶ୍ୱରଙ୍କ ଆଖି ଲାଗିଯାଇଥିବା ହେତୁ ବାଇକ୍ ରାଜପଥ ଡିଭାଇଡରରେ ଧକ୍କା ଲାଗିଥିବା ସ୍ଥାନୀୟ ଲୋକେ ଜଣାଇଛନ୍ତି । ଏଥିରେ ଯାତ୍ରା କଳାକାର ଗୁରୁତର ହୋଇଥିବା ବେଳେ ତାଙ୍କୁ ୧୦୮ ଯୋଗେ ଯାଜପୁର ମେଡିକାଲକୁ ପଠାଯାଇଥିଲା । ସେଠାରେ ପ୍ରାଥମିକ ଚିକିତ୍ସା ପରେ ଯୁବକ ଜଣକୁ କଟକ ସ୍ଥାନାନ୍ତରିତ କରାଯାଇଛି । ଦୁର୍ଘଟଣା ଯୋଗୁ ମହେଶ୍ୱରଙ୍କ ବାମ ଗୋଡ଼ ଭାଙ୍ଗିଯାଇଥିବା ସୂଚନା ମିଳିଛି ।

### ● ଶାଶୂ-ବୋହୂଙ୍କୁ ଆକ୍ରମଣ ଘଟଣା

## ତଦନ୍ତ ଉପରେ ପ୍ରଶ୍ନ ଉଠାଇଲେ ଏତଲାକାରୀ

**ଭଣ୍ଡାରିପୋଖରୀ, ୨।୩(ସମିସ):** ମଞ୍ଜୁରୀରୋଡ ଫାଣ୍ଡି ଅନ୍ତର୍ଗତ ଦେଓପଦା(ମେଘା) ଗ୍ରାମରେ ଗତ ସୋମବାର ସନ୍ଧ୍ୟାରେ ଶାଶୂବୋହୂଙ୍କ ଉପରେ ଆକ୍ରମଣ ହୋଇ ବଡ଼ବୋହୂ ପ୍ରାଣ ହରାଇବା ଘଟଣାର ତଦନ୍ତ ଉପଯୁକ୍ତ ଭାବେ ହେଉନାହିଁ ବୋଲି ଅଭିଯୋଗକାରୀ ମୃତ ମହିଳାଙ୍କ ସ୍ୱାମୀ ସନ୍ତୋଷ କୁମାର ସାହୁ ଜିଲ୍ଲା ପୁଲିସ ଅଧୀକ୍ଷକଙ୍କୁ ଲିଖିତ ଭାବେ ଅଭିଯୋଗ କରିଥିବା ଜଣାଯାଇଛି । ଅଭିଯୋଗ ହେବା ପରେ ପୁଲିସ ତରବରିଆ ଭାବେ ଅଭିଯୁକ୍ତ ଯଦାକୁ ନେଇ କ୍ରାଇମ ରିକ୍ରିଏସନ କରି ଛୁରି ଜବତ କରିବା ସହ କୋର୍ଟ ଚାଲାଣ କରିଛି । ଅନ୍ୟପକ୍ଷରେ ଘଟଣା ଦିନ ପୁଲିସ ସନ୍ଦେହରେ ଅଟକ ରଖିଥିବା ଅନ୍ୟ ୩ ଜଣକୁ ଛାଡି ଦେଇଛି । ଦୀର୍ଘ ୫ ଦିନ ଅଟକ ରଖିଥିଲେ ବି ଘଟଣା ପଛର ବାସ୍ତବ କାରଣ ଉନ୍ମୋଚନ କରିବାକୁ ପୁଲିସ ସମର୍ଥ ହୋଇ ପାରି ନାହିଁ । ମୁଖ୍ୟ ଅଭିଯୁକ୍ତର ୨ ଜଣ ସହଯୋଗୀଙ୍କୁ ଚିହ୍ନଟ କରିବାକୁ ମଧ୍ୟ ପୁଲିସ ବିଫଳ ହୋଇଛି । ବାହାରେ ଥିବା ଅନ୍ୟ ୨ ଜଣ ସମ୍ଭାବ୍ୟ ଅଭିଯୁକ୍ତଙ୍କ ଆଡୁ ପରିବାର ଉପରେ ଆକ୍ରମଣ ଆଶଙ୍କା ରହିଛି ବୋଲି ଅଭିଯୋଗକାରୀ ସନ୍ତୋଷ ଚିନ୍ତା ପ୍ରକଟ କରି ସୁରକ୍ଷା ଲୋଡିଛନ୍ତି । ମୁଖ୍ୟ ଅଭିଯୁକ୍ତକୁ କୋର୍ଟ ଚାଲାଣ କରି ପୁଲିସ ଘଟଣା ଉପରୁ ଲୋକଙ୍କ ଦୃଷ୍ଟି ହଟାଇ ତଦନ୍ତ ଅଟକିଯିବା ନେଇ ସେ ସନ୍ଦେହ ପ୍ରକଟ କରିଛନ୍ତି । ଅତିରିକ୍ତ ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ଅରୂପ ଅଭିଷେକ ବେହେରା ଏ ସମ୍ପର୍କରେ ଉପଯୁକ୍ତ ପଦକ୍ଷେପ ନିଆଯାଉଛି ବୋଲି ଅଭିଯୋଗକାରୀଙ୍କୁ ଆଶ୍ୱାସନା ଦେଇଛନ୍ତି ।

## ଗ୍ରୁପ୍ କିସ୍ତି ଫେଲ୍; ଥାନାର ଦ୍ୱାରସ୍ଥ ମହିଳାମଣ୍ଡଳୀ

**ବାରିକପୁର, ୨।୩(ସମିସ):** ଭଣ୍ଡାରିପୋଖରୀ ଥାନା ବାଲିପୋଖରୀ ପଞ୍ଚାୟତ ମା' ତାରିଣୀ ସ୍ୱୟଂ ସହାୟକ ଗୋଷ୍ଠୀର ଜଣେ ସଦସ୍ୟା ନେଇଥିବା ଋଣ ଅର୍ଥ ଏଯାଏଁ ପରିଶୋଧ ହେଉନାହିଁ । ଅନ୍ୟ ସଦସ୍ୟାମାନେ ବ୍ୟାଙ୍କରୁ ଋଣ ପାଇବାରୁ ବଞ୍ଚିତ ହୋଇଛନ୍ତି । ବାଧହୋଇ ମହିଳାମଣ୍ଡଳୀ ଏବେ ଥାନାକୁ ଆସି ଏବିଷୟରେ ଅଭିଯୋଗ କରିଛନ୍ତି । ଜଣେ ସଦସ୍ୟା ଗ୍ରୁପରୁ ଋଣ ନେବା ପରେ ତାଙ୍କ ଅକସ୍ମାତ କୌଣସି କାରଣରୁ ମୃତ୍ୟୁ ହୋଇଥିଲା । ଇତିମଧ୍ୟରେ ତାଙ୍କ ବ୍ୟାଙ୍କ ଖାତାରେ ଥିବା ସମସ୍ତ ଅର୍ଥକୁ ମଧ୍ୟ ତାଙ୍କ ସ୍ୱାମୀ ଉଠାଇ ନେଇଛନ୍ତି । ପତ୍ନୀଙ୍କ ନାମରେ ସମସ୍ତ ଋଣ ଅର୍ଥ ସ୍ୱାମୀ ନେଇଥିବା ବେଳେ ତାଙ୍କ ମୃତ୍ୟୁ ପରେ ସେ ସୁଝୁ ନାହାନ୍ତି । ଜଣେ ଗ୍ରୁପ ସଦସ୍ୟାଙ୍କର ଋଣ ସୁଝା ହୋଇ ନଥିବାରୁ ଅନ୍ୟମାନେ ନୂତନ ଋଣ ପାଇବାରୁ ବଞ୍ଚିତ ହୋଇଛନ୍ତି । ଗ୍ରୁପର ସମସ୍ତ ମହିଳା ପୁଲିସ ନିକଟରେ ଫେରାଦ ହୋଇ ଘଟଣାର ସମାଧାନ ଦାବି କରିଛନ୍ତି ।

## ଅବସରକାଳୀନ ସମ୍ବର୍ଦ୍ଧନା ସଭା

**ବନ୍ତ/ଆଗରପଡ଼ା,୨।୩(ସମିସ):** ବାଲୁଙ୍କେଶ୍ୱର କ୍ଲଷ୍ଟର ଅନ୍ତର୍ଗତ ରଘୁନାଥପୁର ସରକାରୀ ପ୍ରାଥମିକ ବିଦ୍ୟାଳୟ ପ୍ରଧାନଶିକ୍ଷୟିତ୍ରୀ ତିଳୋତ୍ତମା ଜେନାଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ସଭା ବିଦ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି । ପ୍ରାକ୍ତନ ପ୍ରଧାନଶିକ୍ଷକ ସୁଧୀର ରାଉତଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ବିଆରସିସି ହରେକୃଷ୍ଣ ଆପଟ ମୁଖ୍ୟଅତିଥି, ଶିକ୍ଷାବିତ ଓ ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ଶିକ୍ଷକ ଭାସ୍କରଚନ୍ଦ୍ର ପାଢୀ ମୁଖ୍ୟବକ୍ତା, ବିଇଓ ପ୍ରମୋଦ ପଣ୍ଡା, ଭାଗୀରଥି ପାତ୍ର, ପ୍ରାକ୍ତନ ବିଇଓ ନିଗମାନନ୍ଦ ମିଶ୍ର, ରାମପୁର ସରପଞ୍ଚ ଗିରିଧାରୀ ସାହୁ, ବାଲୋ କ୍ଲଷ୍ଟର ସିଆରସିସି ସନ୍ତୋଷ ମଲ୍ଲିକ, ପ୍ରାକ୍ତନ ବାଲୋ କ୍ଲଷ୍ଟର ସିଆରସିସି କରୁଣାକର ନାୟକ, ନିଖିଳୋତ୍କଳ ପ୍ରାଥମିକ ଶିକ୍ଷକ ସଂଘ, ବନ୍ତ ସଂପାଦକ ଧର୍ମେନ୍ଦ୍ର ନାରାୟଣ ଜେନା, ବିଦ୍ୟାଳୟ ପରିଚାଳନା କମିଟି ସଭାପତ ନରହରି ଖୁଣ୍ଟିଆ, ଅବସରପ୍ରାପ୍ତ ଶିକ୍ଷକ ରମାକାନ୍ତ ଜେନା, ବିଶ୍ୱନାଥ ସାମଲ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ଅତିଥି ପରିଚୟ କରୁଣାକର ନାୟକ କରିଥିବା ବେଳେ ରଘୁନାଥପୁର ବିଦ୍ୟାଳୟ ସହକାରୀ ଶିକ୍ଷକ ଦେବେନ୍ଦ୍ର ଭୂୟାଁ ଧନ୍ୟବାଦ ଅର୍ପଣ କରିଥିଲେ । ଅତିଥିମାନେ ପ୍ରଧାନଶିକ୍ଷୟିତ୍ରୀ ତିଳୋତ୍ତମା ଜେନାଙ୍କୁ ମାନପତ୍ର ଓ ଉପଢୌକନ ପ୍ରଦାନ ପୂର୍ବକ ଅବସରକାଳୀନ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ ।

## କେନାଲ ରାସ୍ତା କାମ ନିମ୍ନମାନର ଅଭିଯୋଗ

**ବାରିକପୁର,୨।୩(ସମିସ):** ବିଭିନ୍ନ ଆକଳନପତ୍ର(ଏଷ୍ଟିମେଟ) ଅନୁଯାୟୀ ଉଚିତ୍ ଯାନ୍ତ୍ରିକ ଜ୍ଞାନକୌଶଳ ବିନା ଅନେକ ନୂତନ ରାସ୍ତା ନିର୍ମିତ ହେଉଥିବା ବେଳେ ତାହା ଅଳ୍ପଦିନରେ ନଷ୍ଟ ହେଉଥିବା ବିଭିନ୍ନ ସମୟରେ ଅଭିଯୋଗ ହେଉଛି । କୋଟି କୋଟି ଟଙ୍କା ଖର୍ଚ୍ଚ ହେଉଥିଲେ ସୁଦ୍ଧା ଗମନାଗମନର ପୂର୍ଣ୍ଣାଙ୍ଗ ବିକାଶ ହେଉନାହିଁ । ସୂଚନା ମୁତାବକ, ଭଣ୍ଡାରିପୋଖରୀ ବ୍ଲକ ତାଳପଦାଠାରୁ ଧାମନଗର ସହରାଞ୍ଚଳ ଦକ୍ଷିଣବାଡ଼ ଛକକୁ ଏକ କେନାଲ ରାସ୍ତା ସଂଯୋଗ ହୋଇଛି । ଦୀର୍ଘ ବର୍ଷ ଧରି ଉକ୍ତ କେନାଲ ରାସ୍ତାଟି ଜରାଜୀର୍ଣ୍ଣ ଅବସ୍ଥାରେ ପଡି ରହିଛି । ଚଳିତ ବର୍ଷ ଯାଜପୁର ଜଳସମ୍ପଦ ବିଭାଗ ପକ୍ଷରୁ ରାସ୍ତା ନବୀକରଣ ପାଇଁ ଅର୍ଥ ବ୍ୟୟବରାଦ ହୋଇଛି । ଜଣେ ଠିକାଦାର ଏବେ କାମ ଆରମ୍ଭ କରିଥିବା ବେଳେ ଏହା ସଠିକ ଭାବେ ହେଉ ନଥିବା ଅଭିଯୋଗ ହୋଇଛି । ଅଣଓସାରିଆ କେନାଲ ରାସ୍ତାର ଦୁଇ ପାର୍ଶ୍ୱରେ କେବଳ ଚାଷ କିଆରି ମାଟି, ଡଷ୍ଟ ମେଟାଲିଂ କରାଯାଉଛି । ପୂର୍ବରୁ କେନାଲ ରାସ୍ତାର ପ୍ରସ୍ଥ ଯେତେ ଥିଲା ସବବେସ ପରେ ଏବେ ଏହା ଆହୁରି କମିଯାଉଛି । ପର୍ଯ୍ୟାୟକ୍ରମେ ଡଷ୍ଟ ଓ ମେଟାଲ ମିଶ୍ରିତ ଦ୍ରବ୍ୟ ବ୍ୟବହାର କରାଯାଇ ଏହା ଉପରେ ରୋଲିଂର ବ୍ୟବସ୍ଥା ରହିଥିବା ବେଳେ ଏବେ ସେଗୁଡିକ କରାଯାଉନାହିଁ । ଏପରିକି ପାଣି ମଧ୍ୟ ବ୍ୟବହାର ହେଉନାହିଁ । ଟ୍ରକ ଯୋଗେ ରାସ୍ତା ନିର୍ମାଣ ପାଇଁ ସମସ୍ତ ଉପାଦାନ ଏକାଥରେ ଢଳାଯାଉଥିବା ବେଳେ ଏହାକୁ ଶ୍ରମିକଙ୍କ ଜରିଆରେ ବେସ କରାଯାଉଛି । ଯଦି କେନାଲ ରାସ୍ତାର ଦୁଇ ପାର୍ଶ୍ୱରେ ଗର୍ତ୍ତ ଖୋଳାଯାଇ ନୂତନ ବେସ ନିର୍ମାଣ ହୋଇ ରାସ୍ତା କାମ ଆରମ୍ଭ କରାଯାଇଥାନ୍ତା ନବନିର୍ମିତ ହେବାକୁ ଥିବା ପଥଟି ଦୀର୍ଘ ବର୍ଷ ଯାଏଁ ଅକ୍ଷୁଣ୍ଣ ରହିଥାନ୍ତା ବୋଲି ବରିଷ୍ଠ ନାଗରିକ ମତ ଦେଇଛନ୍ତି ।



## ଲକ୍ଷ୍ମୀନାରାୟଣଙ୍କ ପ୍ରାଣ ପ୍ରତିଷ୍ଠା ଉତ୍ସବ





**ବାରିକପୁର/ମଞ୍ଜୁରୀରୋଡ୍,୨।୩(ସମିସ):** ଭଣ୍ଡାରିପୋଖରୀ ବ୍ଲକ ବନ୍ଦାଲୋ-ମଢିଆଳି ପଞ୍ଚାୟତ ଖପୁରିଆପଦାଠାରେ ଲକ୍ଷ୍ମୀ ନାରାୟଣଙ୍କ ପ୍ରାଣ ପ୍ରତିଷ୍ଠା ଉତ୍ସବ ସହ ନୂତନ ମନ୍ଦିରର ପୂଜନ ଅନୁଷ୍ଠିତ ହୋଇଯାଇଛି । ତ୍ରିଦିବସୀୟ ବ୍ୟାପୀ ଉକ୍ତ ଉତ୍ସବରେ ପ୍ରଧାନଆଚାର୍ଯ୍ୟ ବ୍ରଜମୋହନ ମିଶ୍ରଙ୍କ ତତ୍ତ୍ୱାବଧାନରେ ପୂଜକ ସୁଧାକର ପଣ୍ଡା, ପ୍ରଫୁଲ୍ଲ ପଣ୍ଡା, ଧ୍ରୁବଚରଣ ପତି, ଲଳିତ ନନ୍ଦ, ସୁମନ୍ତ ପଣ୍ଡା ପ୍ରମୁଖ ପୂଜାକାର୍ଯ୍ୟ ସମ୍ପନ୍ନ କରିଥିଲେ । ସଂକଳ୍ପ କର୍ତ୍ତା ଭାବେ ସୁରେଶ ସାହୁ, ସଂଯୁକ୍ତା ସାହୁ, ଭାଗୀରଥି ସାହୁ, ଉର୍ମିଳା ସାହୁ ଦାୟିତ୍ୱ ତୁଲାଇଥିଲେ । ଗ୍ରାମବାସୀ ପରିଚାଳନା କରିଥିବାବେଳେ ଶହଶହ ଶ୍ରଦ୍ଧାଳୁ ଯୋଗ ଦେଇଥିଲେ ।

## ମା' ସୁବର୍ଣ୍ଣମୁଖୀ କ୍ରିକେଟ: ଏନ୍‌ସିସିକୁ ହରାଇ କେସିଏ ଚାମ୍ପିଅନ

**ଦୋବଲ,୨।୩(ସମିସ)**

ଦୋବଲ ପଞ୍ଚା ସୋଧ ଧରମପଡିଆ ଠାରେ ୟଙ୍ଗଷ୍ଟାର କ୍ଲବ୍ ଆନୁକୂଲ୍ୟରେ ଚାଲିଥିବା ମା' ସୁବର୍ଣ୍ଣମୁଖୀ କ୍ରିକେଟ ପ୍ରତିଯୋଗିତାର ରବିବାର ଫାଇନାଲ ମ୍ୟାଚରେ କେସିଏ ଧାମନଗର ଚାମ୍ପିଅନ ହୋଇଛି । କେସିଏ ଟସ୍ ଜିତି ଏନ୍‌ସିସି ଦଶରଥପୁରକୁ ବ୍ୟାଟିଂ ପାଇଁ ଆମନ୍ତ୍ରଣ କରିଥିଲା । ଏନ୍‌ସିସି ୨୦ ଓଭରରେ ୯ ଉଇକେଟ ହରାଇ ୧୫୮ ରନ ସଂଗ୍ରହ କରିଥିଲା । ଜବାବରେ ଧାମନଗର ୧୦ ଓଭରରେ ୩ ଉଇକେଟ ହରାଇ ୧୬୦ ରନ ସଂଗ୍ରହ କରି ଚାମ୍ପିଅନ ହୋଇଥିଲା । ଅମ୍ପାୟର ଭାବେ ପ୍ରାଣନାଥ ଜେନା ଓ ଶରତ ଜେନା ଖେଳ ପରିଚାଳନା କରିଥିଲେ । ସ୍କୋରର ଥିଲେ ରାଜେନ୍ଦ୍ର ମହାରଣା ଓ ପ୍ରଦୀପ ଆନ୍ଦିଆ । ଧାରାବିବରଣୀ ପ୍ରଦାନ କରିଥିଲେ ଜ୍ଞାନରଞ୍ଜନ ଘଡ଼େଇ ଓ ଭୋଲାନାଥ ସାହୁ । ମ୍ୟାନ ଅଫ ଦି ମ୍ୟାଚ୍ ସଞ୍ଜୀବ ଚୌଧୁରୀ, ମ୍ୟାନ ଅଫ ଦି ସିରିଜ ଓ ବେଷ୍ଟ ବୋଲର କ୍ଷମା ସାଗର ବଳ, ବେଷ୍ଟ ବ୍ୟାଟସମେନ ଶୁଭ୍ରରଂଜନ ରାଉତ, ବେଷ୍ଟ ଫିଲଡର୍ ଶୁଭମ୍ ସତ୍ରୁଜିତ୍‌ଙ୍କୁ ପୁରସ୍କୃତ କରାଯାଇଥିଲା । ସନ୍ଧ୍ୟାରେ ଅନୁଷ୍ଠିତ ପୁରସ୍କାର ବିତରଣୀ ସଭା ପ୍ରତାପ ମହାନ୍ତିଙ୍କ ସଂଚାଳନାରେ ମୁଖ୍ୟ ଅତିଥି ୟଙ୍ଗ ଷ୍ଟାର କ୍ଲବର ସଭାପତି ରାଜେଶ ସାହୁ, ଅନ୍ୟତମ ଅତିଥି ସମ୍ପାଦକ ସଞ୍ଜୟ ମହାକୁଡ, ଅକ୍ଷୟ ମହାପାତ୍ର, ଦୁଷ୍ମନ୍ତ ସାହୁ, ଭୋଳନାଥ ସାହୁ ଯୋଗ ଦେଇଥିଲେ । କୃଷ୍ଣଚନ୍ଦ୍ର ପତି, ନିକୁଞ୍ଜ ନାୟକ ଓ ୟଙ୍ଗଷ୍ଟାର କ୍ଲବ୍ ସଦସ୍ୟମାନେ ପରିଚାଳନା କରିଥିଲେ ।



### ହରମୋହନ ମହାପାତ୍ର ସ୍ମାରକୀ କ୍ରିକେଟ୍

## ଭଦ୍ରକ ୟୁନିକ୍ ୧୧ ଚାମ୍ପିଅନ

**ଭଣ୍ଡାରିପୋଖରୀ,୨।୩(ସମିସ)**

ଚନ୍ଦ୍ରଭାନୁପୁର କ୍ରିକେଟ ପଡ଼ିଆରେ ଅନୁଷ୍ଠିତ ହରମୋହନ ମହାପାତ୍ର କ୍ରିକେଟ ଟୁର୍ଣ୍ଣାମେଣ୍ଟର ଚଳିତ ବର୍ଷ ଚାମ୍ପିଅନ ଭଦ୍ରକ ୟୁନିକ୍ ଇଲେଭେନ ହୋଇଛି । ଆଦର୍ଶ କ୍ରିକେଟ କ୍ଲବ ବାଲେଶ୍ୱର ଓ ଭଦ୍ରକ ୟୁନିକ୍ ଇଲେଭେନ ମଧ୍ୟରେ ଫାଇନାଲରେ ଆଦର୍ଶ କ୍ଲବ ଟସ ଜିଣି ପ୍ରଥମେ ବୋଲିଂ କରିଥିଲା । ଭଦ୍ରକ ୟୁନିକ୍ ଦଳ ନିର୍ଦ୍ଧାରିତ ୨୦ ଓଭରରେ ୯ ଉଇକେଟ ହରାଇ ୨୭୭ ରନ ସ୍କୋର କରିଥିଲା । ଦଳର ବ୍ୟାଟ୍ସମ୍ୟାନ ଅବିନାଶ ସିଂ ୮୦ ରନ ଓ ଅମିତ ସାହୁ ୪୬ ରନ ସ୍କୋର କରିଥିଲେ । ବିପକ୍ଷ ବୋଲର ନଜରୁଲ ଖାଁ ୪ ଓଭର ବୋଲିଂ କରି ୫୧ ରନ ଦେଇ ୪ ଉଇକେଟ ଓ ମାତୃଦତ୍ତ ଦାସ ୪ ଓଭର ବୋଲିଂ କରି ୪୧ ରନ ଦେଇ ୩ ଉଇକେଟ ହାସଲ କରିଥିଲେ । ଜବାବରେ ବାଲେଶ୍ୱର ଆଦର୍ଶ କ୍ଲବ ଦଳ ୧୬ ଓଭରରେ ସମସ୍ତ ଉଇକେଟ ହରାଇ ୧୭୧ ରନ ସଂଗ୍ରହ କରି ରନର୍ସଅପ ଦଳ ଭାବେ ସନ୍ତୁଷ୍ଟ ହୋଇଥିଲା । ଦିବ୍ୟଶକ୍ତି ଚକ୍ରବର୍ତ୍ତି ୪୬ ରନ ହାସଲ କରିଥିଲେ । ବିପକ୍ଷ ବୋଲର କିଶାନ ମନୋହର ୪ ଓଭର ବୋଲିଂ କରି ୨୪ ରନ ଦେଇ ୩ ଉଇକେଟ ଓ ଜୀବନଜ୍ୟୋତି ଜେନା ୩ ଓଭର ବୋଲିଂ କରି ୧୭ ରନ ଦେଇ ୨ ଉଇକେଟ ହାସଲ କରିଥିଲେ । ଅବିନାଶ ସିଂ ମ୍ୟାନ ଅଫ ଦି ମ୍ୟାଚ ବିବେଚିତ ହୋଇଥିଲେ । ରାମଚନ୍ଦ୍ର ଦାଶ ଓ ଦେବବ୍ରତ ଦାସ ଅମ୍ପାୟାର ଭାବେ ଖେଳ ପରିଚାଳନା କରିଥିଲେ । ଶୋଭନ ଶଙ୍ଖୁଆ ଓ ଜ୍ୟୋତିରଞ୍ଜନ ଦେ ସ୍କୋରର ଓ ପ୍ରଦୀପ ଜେନା ଭାଷ୍ୟକାର ଥିଲେ । ସମାଜସେବୀ ଗୋଲକଚନ୍ଦ୍ର ବେହେରା ମୁଖ୍ୟଅତିଥି, ବ୍ଲକ ଉପାଧ୍ୟକ୍ଷ ପ୍ରଣୀତ୍‌କାନ୍ତି ସାମଲ, ସରପଞ୍ଚ ମିନତୀ ସାହୁ, ନାରୀନେତ୍ରୀ ସବିତା ଚନ୍ଦ, ଜିଲ୍ଲା ପରିଷଦ ସଦସ୍ୟ ଲକ୍ଷ୍ମୀଧର ସାହୁ, ବିଜୟ ଶଙ୍କର ମହାନ୍ତି ଯୋଗ ଦେଇଥିଲେ ।



### ମୁଦ୍ରା ବିନିମୟ ମୂଲ୍ୟ



ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)
- ଡଲାର ୮୭.୫୪ ● ପାଉଣ୍ଡ ୧୧୦.୬୪
- ୟୁରୋ ୯୧.୧୭ ● ୟେନ୍ ୦.୫୮

### ସୁନା, ରୁପା ଦର (ଟଙ୍କାରେ)



୧୦ ଗ୍ରାମ ପିଛା (୨୨ କ୍ୟାରେଟ୍)
- ସୁନା: ୭୯,୫୭୦ (ନୂଆଦିଲ୍ଲୀ)
- ରୁପା : ୧୦୦,୧୦୦ (କେଜି)



### ଷ୍ଟକ୍ ମାର୍କେଟ୍

ବଜାର କାରବାର (ପଏଣ୍ଟରେ)
- ସେନ୍‌ସେକ୍ସ ୭୩,୧୯୮.୦୦
- ନିଫ୍ଟି ୨୨,୧୨୪.୦୦



### ପେଟ୍ରୋଲ-ଡିଜେଲ୍

ଲିଟର ପିଛା (ଟଙ୍କାରେ)
- ପେଟ୍ରୋଲ୍- ୧୦୧.୩୭ (ଭୁବନେଶ୍ୱର)
- ଡିଜେଲ୍ - ୯୨.୮୬



# ଡିସେମ୍ବର ସୁଦ୍ଧା ସୁନା ଦେଢ଼ ଲକ୍ଷ ଛୁଇଁବ

- ଗୋଟିଏ ଦଶନ୍ଧିରେ ମୂଲ୍ୟ ୨୫ ହଜାରରୁ ୮୪,୦୦୦ ଟପିଛି
- ୧୦୮ ମାସରେ ୫୦ ହଜାର ପାର କରିଥିଲା

**ନୂଆଦିଲ୍ଲୀ,୨।୩(ଏଜେନ୍ସି):** ବର୍ତ୍ତମାନ, ବିଶ୍ୱ ବଜାରରେ ସୁନା ରକେଟ୍ ବେଗରେ ଦୌଡୁଛି। ମାତ୍ର ଗୋଟିଏ ଦଶନ୍ଧି ମଧ୍ୟରେ ଏହା ୨୫,୦୦୦ ଟଙ୍କାରୁ ବୃଦ୍ଧି ପାଇ ୮୪,୩୦୦ ଟଙ୍କା ହୋଇଛି। ୨୦୨୨ ଅଗଷ୍ଟରେ ସୁନା ମୂଲ୍ୟ ପ୍ରଥମ ଥର ପାଇଁ ୧୦ ଗ୍ରାମ ପିଛା ୨୫,୦୦୦ ଟଙ୍କା ସ୍ତରକୁ ପହଞ୍ଚିଥିଲା ଏବଂ ୨୦୨୦ ଜୁଲାଇରେ ୫୦,୦୦୦ ଟଙ୍କା ପାର ହୋଇଥିଲା। ସୁନାକୁ ୨୫,୦୦୦ ଟଙ୍କାରୁ ୫୦,୦୦୦ ଟଙ୍କାରେ ପହଞ୍ଚିବାକୁ ୧୦୮ ମାସ ଲାଗିଥିଲା, କିନ୍ତୁ ୫୦,୦୦୦ ଟଙ୍କା ସ୍ତରରୁ ୭୫,୦୦୦ ଟଙ୍କାରେ ପହଞ୍ଚିବାକୁ ମାତ୍ର ୪୮ ମାସ ଲାଗିଥିଲା। ୨୦୨୪ ସେପ୍ଟେମ୍ବରରେ ସୁନା ମୂଲ୍ୟ ୭୫,୦୦୦ ଟଙ୍କାରେ ପହଞ୍ଚିଥିଲା। ଆଜି ଭାରତରେ ୨୪ କ୍ୟାରେଟ୍ ସୁନାର ମୂଲ୍ୟ ପ୍ରତି ଗ୍ରାମ ପିଛା ୮୪୩୦ ଟଙ୍କା। ସୁନା ପାଇଁ ପରବର୍ତ୍ତୀ ବଡ଼ ମାଇଲଖୁଣ୍ଟ ହେଉଛି ୧ ଲକ୍ଷ ଟଙ୍କା ସ୍ତର। ଏଠାରେ ପ୍ରଶ୍ନ ଉଠୁଛି ୨୦୨୫ର ବାକି ୩୦୦ରୁ ୩୩୦ ଦିନ ମଧ୍ୟରେ ସୁନା ୧ ଲକ୍ଷ ଟଙ୍କା ଛୁଇଁ ଯାଇପାରେ। ଯଦି ଚଳିତବର୍ଷ ସୁନା ମୂଲ୍ୟ ୧ ଲକ୍ଷ ଟଙ୍କାରେ ପହଞ୍ଚିଯାଏ, ତେବେ ଏହାକୁ ବର୍ତ୍ତମାନର ସ୍ତରଠାରୁ ମାତ୍ର ୧୩.୫ ପ୍ରତିଶତ ବୃଦ୍ଧି ଦେଖିବାକୁ ପଡିବ। ଆଶ୍ଚର୍ଯ୍ୟଜନକ କଥା ହେଉଛି କିଛି ବଜାର ବିଶେଷଜ୍ଞ ଆକଳନ କରୁଛନ୍ତି ଯେ ଚଳିତବର୍ଷ ସୁନା ମୂଲ୍ୟ ପ୍ରାୟ ୧.୫୦ ଲକ୍ଷ ଟଙ୍କାରେ ପହଞ୍ଚିଯିବ। ଜାନୁଆରୀରେ ଡୋନାଲ୍ଡ ଟ୍ରମ୍ପ ପୁଣିଥରେ କ୍ଷମତା ଗ୍ରହଣ କରିବା ପରଠାରୁ ବିଶ୍ୱ ଦ୍ରୁତ ଗତିରେ ପରିବର୍ତ୍ତନ ହେଉଛି। ଟ୍ରମ୍ପଙ୍କ ଶୁଳ୍କ ସମ୍ପର୍କିତ ନୀତି ଯୋଗୁଁ ସାଧାରଣ ଲୋକମାନେ ବହୁତ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ମୁଦ୍ରାସ୍ଫୀତିରେ ବୃଦ୍ଧି ଘଟିଛି। ଏବେ ଯେତେବେଳେ ଆମେ ଏଥିରେ ବିଶ୍ୱସ୍ତରୀୟ ଅନିଶ୍ଚିତତାକୁ ଯୋଡିବା, ଏହା ସ୍ପଷ୍ଟ ହୋଇଯିବ ଯେ ସୁନା ମୂଲ୍ୟରେ ବୃଦ୍ଧି ଆଉ ଖୁବ୍ ଶୀଘ୍ର ଶେଷ ହେବ ନାହିଁ।



ଏକ ରିପୋର୍ଟରେ, କାମା ଜୁଏଲରୀର ଏମ୍ କଲିନ୍ ଶାହ କହିଛନ୍ତି ଯେ ଟ୍ରମ୍ପଙ୍କ ଶୁଳ୍କ ଧମକ ଅର୍ଥନୈତିକ ଅନିଶ୍ଚିତତାକୁ ଇନ୍ଧନ ଦେଇଛି। ଏଥିଯୋଗୁ ସୁନାର ଆକର୍ଷଣ ବଢୁଛି ଏବଂ ମୂଲ୍ୟ ମଧ୍ୟ ବୃଦ୍ଧି ହେଉଛି। ଭୂ-ରାଜନୈତିକ ଉତ୍ତେଜନା, ସମ୍ଭାବ୍ୟ ଆମେରିକାର ଶୁଳ୍କ ଏବଂ ଅର୍ଥନୈତିକ ମାନ୍ଦାବସ୍ଥାର ଚିନ୍ତା ସହିତ ନିବେଶକମାନେ ସୁରକ୍ଷିତ ନିବେଶ ମାଧ୍ୟମର ସନ୍ଧାନରେ ଥିବାରୁ ସୁନା ୨୦୨୫ରେ ନୂତନ ଉଚ୍ଚ ସ୍ତର ଛୁଇଁବାକୁ ଯାଉଛି। ଅପରପକ୍ଷେ ଆମେରିକୀୟ ଡଲାରରେ ସୁନା ମଧ୍ୟ ୩୦୦୦ ଡଲାର ମାଇଲଖୁଣ୍ଟର ନିକଟତର ହେଉଛି। ବର୍ତ୍ତମାନ, ଗୋଟିଏ ଆଉନ୍ସ ସୁନା ପ୍ରାୟ ୨୮୫୮ ଡଲାରରେ କାରବାର ହେଉଛି। ଏହା ପ୍ରତି ୧୦ ଗ୍ରାମ ପାଇଁ ପ୍ରାୟ ୧୦୨୭ ଡଲାର ପଡୁଛି।

ଟ୍ରମ୍ପଙ୍କ ଶୁଳ୍କ ଲାଗୁ ସୁନା ମୂଲ୍ୟକୁ ପ୍ରଭାବିତ କରିବା ବ୍ୟତୀତ, ଆମେରିକୀୟ ଫେଡେରାଲ ରିଜର୍ଭର ଭୂମିକା ମଧ୍ୟ ଗୁରୁତ୍ୱପୂର୍ଣ୍ଣ ହୋଇଯାଇଛି। ୧୦୦ ବିପିଏସ୍ ଅର୍ଥାତ୍ ୧% ହାର ହ୍ରାସ କରିବା ପରେ, ଆମେରିକା ଫେଡ୍ ହାରରେ କୌଣସି ପରିବର୍ତ୍ତନ କରିନାହିଁ ଏବଂ ସୁଧହାରରେ ହ୍ରାସ ଖୁବ୍ ଶୀଘ୍ର ମଧ୍ୟ ହେବାକୁ ଯାଉନାହିଁ। ଯଦି ମୁଦ୍ରାସ୍ଫୀତି ବୃଦ୍ଧି ପାଏ, ତେବେ ଫେଡେରାଲ ରିଜର୍ଭ ସୁଧ ହାର ବୃଦ୍ଧି କରିପାରେ।

## ରେସ୍ତୋରାଁରେ ଇଡ୍‌ଲି ତିଆରିରେ ପ୍ଲାଷ୍ଟିକ୍ ସିଟ୍‌ର ବ୍ୟବହାର

**ନୂଆଦିଲ୍ଲୀ,୨।୩(ଏଜେନ୍ସି):** ବର୍ତ୍ତମାନ ବଜାରରେ ବିକ୍ରି ହେଉଥିବା ଇଡ୍‌ଲିରେ ପ୍ଲାଷ୍ଟିକ୍ ଥାଇପାରେ। କର୍ଣ୍ଣାଟକର କିଛି ରେସ୍ତୋରାଁରେ ଇଡ୍‌ଲିରେ ପ୍ଲାଷ୍ଟିକ୍ ସିଟ୍ ବ୍ୟବହାର ହୋଇଥିବା ରିପୋର୍ଟକୁ ଭାରତୀୟ ଖାଦ୍ୟ ସୁରକ୍ଷା ଏବଂ ମାନକ ପ୍ରାଧିକରଣ (ଏଫ୍‌ଏସ୍‌ଏସ୍‌ଏଆଇ) ଗମ୍ଭୀରତାର ସହ ନେଇଛନ୍ତି। ଏଫ୍‌ଏସ୍‌ଏସ୍‌ଏଆଇ କର୍ଣ୍ଣାଟକ ରାଜ୍ୟ ଖାଦ୍ୟ ସୁରକ୍ଷା ବିଭାଗକୁ ରିପୋର୍ଟ ଦାଖଲ କରିବାକୁ ଏବଂ ଉଲ୍ଲଂଘନକାରୀଙ୍କ ବିରୁଦ୍ଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦେଇଛି। ଏଫ୍‌ଏସ୍‌ଏସ୍‌ଏଆଇ ରାଜ୍ୟ ଖାଦ୍ୟ ସୁରକ୍ଷା ବିଭାଗକୁ ଏହି ବିଷୟରେ ତୁରନ୍ତ ଆବଶ୍ୟକୀୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଏବଂ ଏପରି କରୁଥିବା ଖାଦ୍ୟ ବ୍ୟବସାୟ ଅପରେଟର (ଏଫ୍‌ବିଓ) କିମ୍ବା ହୋଟେଲ ବିରୁଦ୍ଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦେଇଛି। ପ୍ଲାଷ୍ଟିକ୍ ସିଟ୍ ବ୍ୟବହାର କରିବାର ଏହି ପ୍ରକ୍ରିୟା ଖାଦ୍ୟ ସୁରକ୍ଷା ଦୃଷ୍ଟିକୋଣରୁ ଏକ ଗମ୍ଭୀର ଚିନ୍ତାର ବିଷୟ, କାରଣ ଏହା ପ୍ଲାଷ୍ଟିକ୍‌ରୁ କ୍ଷତିକାରକ ରାସାୟନିକ ପଦାର୍ଥ ଲିକ୍ ହେବାର ଆଶଙ୍କା ସୃଷ୍ଟି କରିପାରେ। ସୂଚନାଯୋଗ୍ୟ, କର୍ଣ୍ଣାଟକର ୫୨ ରେସ୍ତୋରାଁରେ ପ୍ଲାଷ୍ଟିକ୍ ସିଟ୍ ବ୍ୟବହାର ନେଇ ଅଭିଯୋଗ ହୋଇଛି।

**ଏଫ୍‌ଏସ୍‌ଏସ୍‌ଏଆଇର ଯାଞ୍ଚ ନିର୍ଦ୍ଦେଶ**

## ଚଳିତବର୍ଷ ୧.୧୨ ଲକ୍ଷ କୋଟିର ସେୟାର ବିକିଛନ୍ତି ଏଫ୍‌ଆଇଆଇ

**ନୂଆଦିଲ୍ଲୀ,୨।୩(ଏଜେନ୍ସି):** ଫେବୃଆରୀ ମାସରେ ବିଦେଶୀ ସଂସ୍ଥାଗତ ନିବେଶକ(ଏଫ୍‌ଆଇଆଇ)ମାନେ ଭାରତୀୟ ସେୟାର ବଜାରରୁ ୩୪,୫୭୪ କୋଟି ଟଙ୍କା ପ୍ରତ୍ୟାହାର କରିନେଇଛନ୍ତି। ଯେତେବେଳେ କି ୨୦୨୫ର ପ୍ରଥମ ଦୁଇ ମାସ, ଅର୍ଥାତ୍ ଜାନୁଆରୀ ଏବଂ ଫେବୃଆରୀରେ ଏଫ୍‌ଆଇଆଇମାନେ ମୋଟ ୧.୧୨ ଲକ୍ଷ କୋଟି ଟଙ୍କାର ସେୟାର ବିକ୍ରି କରିଛନ୍ତି। ତେବେ ଜାନୁଆରୀରେ, ଏଫ୍‌ଆଇଆଇ ୭୮,୦୨୭ କୋଟି ଟଙ୍କାର ସେୟାର ବିକ୍ରି କରିଥିଲେ। ବିଶେଷଜ୍ଞଙ୍କ ଅନୁଯାୟୀ, ଭାରତୀୟ ଷ୍ଟକର ଉଚ୍ଚ ମୂଲ୍ୟାୟନ ଏବଂ କର୍ପୋରେଟ୍ ଆୟ ବୃଦ୍ଧି ନେଇ ଚିନ୍ତା ଯୋଗୁଁ ଏଫ୍‌ଆଇଆଇ କ୍ରମାଗତ ଭାବରେ ଟଙ୍କା ପ୍ରତ୍ୟାହାର କରୁଛନ୍ତି। ୨୦୨୪ ଡିସେମ୍ବରରେ ଏଫ୍‌ଆଇଆଇମାନେ ଭାରତୀୟ ଷ୍ଟକ୍ ବଜାରରେ ୧୫,୪୪୬ କୋଟି ଟଙ୍କା ନିବେଶ କରିଥିଲେ। ଶୁକ୍ରବାର ଦିନ ଏଫଆଇଆଇମାନେ ୧୧,୬୩୯.୦୨ କୋଟି ଟଙ୍କାର ସେୟାର ବିକ୍ରି କରିଛନ୍ତି।ସେହି ସମୟରେ, ଗତ ସପ୍ତାହର ଶେଷ କାରବାର ଦିବସ ଅର୍ଥାତ୍ ଶୁକ୍ରବାର ଏଫଆଇଆଇମାନେ ବଜାରରେ ନେଟ୍ ବିକ୍ରେତା ରହିଥିଲେ। ସେହି ସମୟରେ, ଘରୋଇ ସଂସ୍ଥାଗତ ନିବେଶକ ଅର୍ଥାତ୍ ଡିଆଇଆଇମାନେ ନିବେଶ କ୍ରେତା ରହିଥିଲେ। ତଥ୍ୟ ଅନୁଯାୟୀ, ଫେବୃଆରୀ ୨୮ରେ,ଏଫ୍‌ଆଇଆଇ ୧୧,୬୩୯.୦୨ କୋଟି ଟଙ୍କାର ସେୟାର ବିକ୍ରି କରିଥିଲେ, ଯେତେବେଳେ କି ଡିଆଇଆଇମାନେ ୧୨,୩୦୮.୬୩ କୋଟି ଟଙ୍କାର ସେୟାର କିଣିଥିଲେ। ବାଣିଜ୍ୟ ଅଧିବେଶନ ସମୟରେ ଡିଆଇଆଇ ୨୮,୦୬୫.୫୫ କୋଟି ଟଙ୍କାର ସେୟାର କିଣିଥିଲେ ଏବଂ ୧୫୭୫୬.୯୨ କୋଟି ଟଙ୍କାର ସେୟାର ବିକ୍ରି କରିଥିଲେ। ଯେତେବେଳେ ଏଫ୍‌ଆଇଆଇ ୩୯,୨୩୯.୪୪ କୋଟି ଟଙ୍କାର ସେୟାର କିଣିଛନ୍ତି ଏବଂ ୫୦,୮୭୮.୪୬ କୋଟି ଟଙ୍କାର ସେୟାର ବିକ୍ରି କରିଛନ୍ତି। ନିବେଶକଙ୍କ ଧ୍ୟାନ ଆମେରିକୀୟ ସମ୍ପତ୍ତି ଆଡକୁ ସ୍ଥାନାନ୍ତରିତ ହେଉଛି। ବଜାରରେ ସମ୍ପ୍ରତି ବିକ୍ରିର ମୁଖ୍ୟ କାରଣ ହେଉଛି ଆମେରିକାରେ ବଣ୍ଡ ଇଲ୍ଡରେ ବୃଦ୍ଧି, ଆମେରିକୀୟ ଡଲାରର ମଜବୁତ ହେବା ଏବଂ ବିଶ୍ୱ ଆର୍ଥିକ ଅନିଶ୍ଚିତତା। ଏହି କାରଣରୁ, ନିବେଶକମାନଙ୍କ ଧ୍ୟାନ ଏବେ ଆମେରିକୀୟ ସମ୍ପତ୍ତି ଆଡକୁ ସ୍ଥାନାନ୍ତରିତ ହେଉଛି। ଆର୍ଥିକ ବର୍ଷର ତୃତୀୟ ତ୍ରୈମାସିକରେ କମ୍ପାନୀଗୁଡ଼ିକର ଆର୍ଥିକ ଫଳାଫଳ ଦୁର୍ବଳ ରହିଛି, ଯାହା ଅନିଶ୍ଚିତତାର ପରିବେଶକୁ ପ୍ରତିଫଳିତ କରୁଛି।ବଜାର ବିଶେଷଜ୍ଞଙ୍କ ମତରେ, ଭାରତୀୟ ପୁଞ୍ଜି ବଜାରର ଉଚ୍ଚ ମୂଲ୍ୟାଙ୍କନ ଯୋଗୁଁ ଏଫଆଇଆଇ ସେୟାର ବିକ୍ରି କରୁଛନ୍ତି। ସେମାନେ ଚୀନ୍ ଷ୍ଟକ୍‌ରେ ସେମାନଙ୍କର ଟଙ୍କା ନିବେଶ କରୁଛନ୍ତି, ଯେଉଁଠାରେ ମୂଲ୍ୟାଙ୍କନ କମ୍ ଅଛି। କେବଳ ଏତିକି ନୁହେଁ, ଏହି କ୍ଷେତ୍ର ଭଲ ପ୍ରଦର୍ଶନ କରୁଥିବା ଏବଂ ଏହାର ମୂଲ୍ୟାଙ୍କନ ଆକର୍ଷଣୀୟ ହୋଇଥିଲେ ମଧ୍ୟ ଏଫଆଇଆଇମାନେ ଆର୍ଥିକ ସେବାରେ ବହୁଳ ଷ୍ଟକ୍ ବିକ୍ରି କରୁଛନ୍ତି।




## ବଜାର ବିଶେଷଜ୍ଞଙ୍କ ମତ | ସରକାରଙ୍କ ଭୁଲ ପାଇଁ ବୁଡୁଛି ସେୟାର ବଜାର

- ୫ ମାସ ଧରି ବିଦେଶୀ ନିବେଶକ ପୁଞ୍ଜି ପ୍ରତ୍ୟାହାର କରୁଛନ୍ତି
- 'ପୁଞ୍ଜି ଆୟ ଟିକସ' ସବୁଠୁ ବଡ଼ ଭୁଲ ନିଷ୍ପତ୍ତି
- ଏଲଟିସିଜି ଟିକସ ୧୨.୫%କୁ ବୃଦ୍ଧି ସାଜିଲା କାଳ



**ମୁମ୍ବାଇ,୨।୩(ଏଜେନ୍ସି):** ଦୀର୍ଘ ୩୦ ବର୍ଷ ପରେ ଭାରତୀୟ ସେୟାର ବଜାରରେ ଅତି ବିପର୍ଯ୍ୟୟ ପରିସ୍ଥିତି ଉପୁଜିଛି, ଯାହା ନିବେଶକମାନେ କେବେ କଳ୍ପନା ମଧ୍ୟ କରି ନ ଥିଲେ। ଭାରତୀୟ ସେୟାର ବଜାରରେ ଲଗାତାର ୫ ମାସ ଧରି ବା ପ୍ରଫିଟ୍ ବୁକିଂ ବିକାବିକି ଉଚ୍ଚ ସ୍ତରରେ ପହଞ୍ଚିଥିବାବେଳେ ନେଗେଟିଭ ରିଟର୍ଣ୍ଣ ଆସୁଛି। ଏହା ପୂର୍ବରୁ ୧୯୯୬ରେ ଏପରି ପରିସ୍ଥିତି ଉପୁଜିଥିଲା। ଏଥିମଧ୍ୟରେ ୨୦୦୮ ବୈଶ୍ୱିକ ମାନ୍ଦାବସ୍ଥା ଓ କରୋନା ବି ଆସିଛି। ହେଲେ ଭାରତୀୟ ବଜାରରେ କେବେ ଏପରି ଅବସ୍ଥା ଉପୁଜି ନ ଥିଲା।

ବର୍ତ୍ତମାନ ଭାରତୀୟ ବଜାରରେ ଏପରି ହ୍ରାସ ପାଇଁ ଅନେକ କାରଣକୁ ଦାୟୀ କରାଯାଉଛି। ଏହାର ଏକ ମୁଖ୍ୟ କାରଣ ହେଉଛି ଭାରତ ସରକାରଙ୍କ ଏକ ବଡ଼ ନିଷ୍ପତ୍ତି, ଯାହା ବିଦେଶୀ ନିବେଶକଙ୍କୁ ନିରାଶ କରିଛି। ବଜାର ବିଶେଷଜ୍ଞମାନେ ଏ କଥା କହିବା ଆରମ୍ଭ କରିଦେଇଛନ୍ତି। ହେଲିୟୋସ କ୍ୟାପିଟାଲର ସଂସ୍ଥାପକ ତଥା ମୁଖ୍ୟ ନିବେଶ ଅଧିକାରୀ ସମୀର ଆରୋରା କେନ୍ଦ୍ର ସରକାରଙ୍କ ସେହି ନିଷ୍ପତ୍ତିକୁ ଅଙ୍ଗୁଳି ନିର୍ଦ୍ଦେଶ କରିଛନ୍ତି। ସେ କହିଛନ୍ତି ସରକାରଙ୍କ ଭୁଲ ଯୋଗୁ ଗତ ୫ ମାସ ହେଲା ବିଦେଶୀ ନିବେଶକ କ୍ରମାଗତ ଭାବେ ସେମାନଙ୍କ ସମ୍ପତ୍ତି ବିକି ବଜାରରୁ ପଳାୟନ କରୁଛନ୍ତି। ଏକ ଗଣମାଧ୍ୟମ କାର୍ଯ୍ୟକ୍ରମରେ ଆରୋରା ଏ କଥା କହିଛନ୍ତି। ସମୀର ଆରୋରା 'କ୍ୟାପିଟାଲ ଗେନ ଟ୍ୟାକ୍ସ'କୁ ସରକାରଙ୍କ ସବୁଠୁ ବଡ଼ ଭୁଲ ନିଷ୍ପତ୍ତି ବୋଲି କହିଛନ୍ତି। ସେ କହିଛନ୍ତି ସରକାରଙ୍କ ଏହି ନୀତି ନିବେଶକଙ୍କ ମନବଳକୁ ଦୁର୍ବଳ କରୁଛି ଓ ଭାରତୀୟ ସେୟାର ବଜାରରେ ବଡ଼ ଧରଣର ବିକାବିକିର କାରଣ ପାଲଟିଛି। ସେ କହିଛନ୍ତି ବିଦେଶୀ ସଂସ୍ଥାଗତ ନିବେଶକ (ଏଫଆଇଆଇ) ଗତ ୫ ମାସ ହେଲା ଲଗାତାର ଭାରତୀୟ ବଜାର ଛାଡୁଛନ୍ତି। ତେବେ ଗତ ୨ ମାସରେ ସେମାନେ ୧ ଲକ୍ଷ କୋଟି ଟଙ୍କାରୁ ଅଧିକ ମୂଲ୍ୟର ସେୟାର ବିକିସାରିଲେଣି।

ଶ୍ରୀଆରୋରା କହିଛନ୍ତି ଭାରତରେ ସବୁଠୁ ବଡ଼ ନିବେଶକ ହେଉଛନ୍ତି ବିଦେଶୀ ସଭରେନ ଫଣ୍ଡସ, ପେନସନ ଫଣ୍ଡସ୍, ୟୁନିଭର୍ସିଟିଜ ଓ ହାଇନେଟ୍‌ୱର୍ଥ ଇଣ୍ଡିଭିଜୁଆଲସ (ଏଚ୍‌ଏନ୍‌ଆଇ)। ସେମାନଙ୍କ ଲାଭ ଉପରେ ଟିକସ ଲଗାଇବା, ଖାସ କରି ସେତେବେଳେ ଯେତେବେଳେ ସେମାନଙ୍କୁ ନିଜ ଦେଶରେ ଶୁଳ୍କ ରିଆତି ମିଳୁ ନାହିଁ ଓ ସେମାନେ ବିଦେଶୀ ମୁଦ୍ରା (ଫୋରେକ୍ସ) ସମ୍ପର୍କିତ ସମସ୍ୟାର ସମ୍ମୁଖୀନ ହୋଇଛନ୍ତି। ଏଥିରେ ସେମାନଙ୍କ ଲାଭ ଉପରେ କର ବସାଇବା ସରକାରଙ୍କ ସବୁଠୁ ବଡ଼ ଭୁଲ ବୋଲି ଆରୋରା କହିଛନ୍ତି।

ଏଠାରେ ସୂଚନାଯୋଗ୍ୟ ଯେ, କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ୨୦୨୪-୨୫ ବଜେଟରେ ଦୀର୍ଘ ଅବଧିର ପୁଞ୍ଜିଗତ ଲାଭ (ଏଲଟିସିଜି) କର କୁ ୧୦% ରୁ ବଢାଇ ୧୨.୫% କରିଦେଇଛନ୍ତି। ଏହା ସହିତ କିଛି ଫାଇନାନସିଆଲ ସିକ୍ୟୁରିଟିଜ୍ ଉପରେ ସ୍ୱଳ୍ପ କାଳୀନ 'ପୁଞ୍ଜି ଆୟ ଟିକସ' (ଏସଟିସିଜି) ୧୫%ରୁ ବଢାଇ ୨୦% କରିଦେଇଛନ୍ତି। ସୀତାରମଣ ୨୩ ଜୁଲାଇ ୨୦୨୪ରେ ସଂସଦକୁ କହିଥିଲେ ଯେ 'ସୂଚୀବଦ୍ଧ ବିତ୍ତୀୟ ସମ୍ପତ୍ତିକୁ ଏକ ବର୍ଷରୁ ଅଧିକ ସମୟ ପର୍ଯ୍ୟନ୍ତ ରଖିବା ଦୀର୍ଘ ଅବଧି ସମ୍ପତ୍ତି ମନେକରାଯିବ'। ଏହି ଟିକସ ବୃଦ୍ଧିର ପ୍ରଭାବ ଏବେ ସେୟାର ବଜାର ଉପରେ ସ୍ପଷ୍ଟ ଦେଖାଯାଉଛି। ଆରୋରା କହିଛନ୍ତି ଯେ ୨୦୨୩ ଆର୍ଥିକ ବର୍ଷରେ ପାଖାପାଖି ୧୦-୧୧ ବିଲିୟନ ଡଲାରର କ୍ୟାପିଟାଲ ଗେନ ଟ୍ୟାକ୍ସ ସଂଗ୍ରହ କରାଯାଇଥିଲା। ତେବେ ତର୍କ ଦିଆଯାଇଥିଲା ବିଦେଶୀ ନିବେଶକୁ ହତୋତ୍ସାହିତ କରିବାର ଲଙ୍ଗଟର୍ମ କ୍ଷତି ରାଜସ୍ୱ ଲାଭରୁ ଢେର ଅଧିକ। ଆରୋରା କହିଛନ୍ତି ଯେ 'ଭାରତକୁ ବଜାର ଓ ବିଦେଶୀ ନିବେଶକଙ୍କୁ ସମ୍ମାନ କରିବା ପାଇଁ କ୍ୟାପିଟାଲ ଗେନ ଟ୍ୟାକ୍ସକୁ କ୍ଷମା କରିଦିଆଯିବା ଦରକାର'। ଏଠାରେ ସୂଚନାଯୋଗ୍ୟ ଯେ, 'ପୁଞ୍ଜି ଆୟ ଟିକସ' ହେଉଛି ସେହି କର ଯାହା ସେୟାର, ସମ୍ପତ୍ତି ଅଥବା ସୁନା ବିକ୍ରିର ଲାଭ ଉପରେ ଲାଗୁ ହୁଏ। ଏହା ଦୁଇ ପ୍ରକାରର ସର୍ଟ ଟର୍ମ (ଏସଟିସିଜି) ଓ ଲଙ୍ଗ ଟର୍ମ (ଏଲଟିସିଜି)।

### କାମ ଦେଉନି ଟ୍ରମ୍ପଙ୍କ ଚାଲ୍

# ବଢୁଛି ଆମେରିକାର ଋଣ ସଙ୍କଟ






- ଆମେରିକାର ୨୩ ବର୍ଷ ଇତିହାସରେ ପ୍ରଥମ ଘଟଣା
- ଫେଡେରାଲ୍ ରାଜସ୍ୱର ୧୯% ସୁଧରେ ଯାଉଛି

**ନୂଆଦିଲ୍ଲୀ,୨।୩(ଏଜେନ୍ସି):**

ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ତାଙ୍କର ଦ୍ୱିତୀୟ କାର୍ଯ୍ୟକାଳରେ ତାଙ୍କ ଦେଶକୁ ପୁଣି ଥରେ ମହାନ କରିବାକୁ ଚାହୁଁଛନ୍ତି। ଏଥିପାଇଁ ସେ ଗୋଟିଏ ପରେ ଗୋଟିଏ ଅନେକ ବଡ଼ ନିଷ୍ପତ୍ତି ନେଉଛନ୍ତି। ତାଙ୍କର ଏଭଳି ନିଷ୍ପତ୍ତି ଏବେ ବିଶ୍ୱର ଅନେକ ଦେଶର ନିଦ ହଜାଇ ଦେଇଛି। କିନ୍ତୁ ଟ୍ରମ୍ପ ଏ ପର୍ଯ୍ୟନ୍ତ ଦେଶର ବୃଦ୍ଧି ପାଉଥିବା ଋଣକୁ ରୋକିବାରେ ବିଫଳ ହୋଇଛନ୍ତି। ଜାନୁଆରୀରେ, ଆମେରିକାର ନେଟ୍ ସୁଧ ଦେୟ ସଂଘୀୟ ସରକାରଙ୍କ ମୋଟ ରାଜସ୍ୱର ୧୮.୭ ପ୍ରତିଶତରେ ପହଞ୍ଚିଛି, ଯାହା ୧୯୯୦ ଦଶକ ପରେ ସର୍ବାଧିକ। ଏହା ୧୯୯୨ ମସିହାରେ ୧୮.୯ ପ୍ରମିଶତର ସର୍ବୋଚ୍ଚ ସ୍ତରରେ ପହଞ୍ଚିଥିଲା ଏବଂ ଜାନୁଆରୀରେ ଏହାଠାରୁ ମାତ୍ର ୨୦ ବେସିସ୍ ପଏଣ୍ଟ କମ୍ ଥିଲା। ଅର୍ଥାତ୍, ଏହା ୨୩ ବର୍ଷ ମଧ୍ୟରେ ସର୍ବୋଚ୍ଚ ସ୍ତରରେ ଥିଲା। ସୁଧ ମୂଲ୍ୟ ବୃଦ୍ଧି ଯୋଗୁଁ, ଗତ ୧୮ ମାସ ମଧ୍ୟରେ ଆମେରିକାର ନେ ସୁଧ ଦେୟ ଦ୍ୱିଗୁଣିତ ହୋଇଛି। ଗତ ୧୨ ମାସ ମଧ୍ୟରେ ଆମେରିକାର ସୁଧ ଦେୟ ୧.୨ ଟ୍ରିଲିୟନ ଡଲାରରେ ପହଞ୍ଚିଛି। ଏହା ଆଶ୍ଚର୍ଯ୍ୟର କଥା ହେଉଛି ଏହା ଏବେ ସଂଘୀୟ ସରକାରଙ୍କ ସାମାଜିକ ସୁରକ୍ଷା ବଜେଟ୍ ଏହାଠାରୁ ଅଧିକ। ଏହାର ଅର୍ଥ ହେଉଛି ଯେ ପ୍ରତିରକ୍ଷା, ସ୍ୱାସ୍ଥ୍ୟ ଏବଂ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ କାମ ଅପେକ୍ଷା ଋଣ ଉପରେ ସୁଧ ଦେବା ପାଇଁ ଆମେରିକାକୁ ଅଧିକ ଟଙ୍କା ଖର୍ଚ୍ଚ କରିବାକୁ ପଡିବ। ଏହା ବିଶ୍ୱାସ କରାଯାଉଛି ଯେ ଯଦି ପରିସ୍ଥିତି ସମାନ ରୁହେ ଏବଂ ଆମେରିକା ମାନ୍ଦାବସ୍ଥାର ସମ୍ମୁଖୀନ ନ ହୁଏ, ତେବେ ୨୦୫୪ ସୁଦ୍ଧା ଆମେରିକାର ନିଟ୍ ସୁଧ ପରିଶୋଧ ସଂଘୀୟ ରାଜସ୍ୱର ୩୪ ପ୍ରତିଶତ ପର୍ଯ୍ୟନ୍ତ ପହଞ୍ଚିପାରିବ।

ଏଠାରେ ସୂଚନାଯୋଗ୍ୟ ଯେ, ବର୍ତ୍ତମାନ ସୁଦ୍ଧା ଆମେରିକାର ଋଣ ୩୬ ଟ୍ରିଲିୟନ ଡଲାର ଅତିକ୍ରମ କରିଛି, ଯାହା ଦେଶର ମୋଟ ଘରୋଇ ଉତ୍ପାଦର ଏହା ପ୍ରାୟ ୧୨୫ ପ୍ରତିଶତ। ବିଶ୍ୱର ସର୍ବବୃହତ ଅର୍ଥନୀତି ଆମେରିକାର ଋଣ ଗତ ୨୪ ବର୍ଷ ମଧ୍ୟରେ ୬ ଗୁଣ ବୃଦ୍ଧି ପାଇଛି। ୨୦୦୦ ମସିହାରେ ଆମେରିକାର ଋଣ ପରିମାଣ ୫.୭ ଟ୍ରିଲିୟନ ଡଲାର ଥିଲା ଯାହା ଏବେ ୩୪.୨ ଟ୍ରିଲିୟନ ଡଲାରରେ ପହଞ୍ଚିଛି। ୨୦୧୦ ମସିହାରେ ଏହା ୧୨.୩ ଟ୍ରିଲିୟନ ଡଲାର ଥିଲା ଏବଂ ୨୦୨୦ ମସିହାରେ ଏହା ୨୩.୨ ଟ୍ରିଲିୟନ ଡଲାର ରହିଥିଲା। ଆମେରିକୀୟ କଂଗ୍ରେସ ବଜେଟ୍ ଡକ୍ୟୁମେଣ୍ଟ ଅନୁଯାୟୀ, ଆଗାମୀ ଦଶନ୍ଧି ମଧ୍ୟରେ ଦେଶର ଋଣ ୫୪ ଟ୍ରିଲିୟନ ଡଲାରରେ ପହଞ୍ଚିବ ବୋଲି ଆକଳନ କରାଯାଇଛି। ଆମେରିକାକୁ ସୁଧ ପରିଶୋଧ ପାଇଁ ଦୈନିକ ୧.୮ ବିଲିୟନ ଡଲାର ଖର୍ଚ୍ଚ କରିବାକୁ ପଡୁଛି।

### ଚାର୍ଟଜିପିଟିର ସିଭି

## ଇଣ୍ଟରଭ୍ୟୁ ପାଇଁ ଆସିଲା ଅସଂଖ୍ୟ କଲ୍



**ନୂଆଦିଲ୍ଲୀ,୨।୩(ଏଜେନ୍ସି):** ବର୍ତ୍ତମାନର ଡିଜିଟାଲ ଯୁଗରେ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ (ଏଆଇ) ବା କୃତ୍ରିମ ବୁଦ୍ଧିମତ୍ତା ସବୁ କ୍ଷେତ୍ରରେ ନିଜର ପ୍ରଭାବ ଦେଖାଇବାରେ ଲାଗିଛି। ଏବେ ନିଯୁକ୍ତି ବା ଚାକିରି କ୍ଷେତ୍ରରେ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସର ପ୍ରଭାବ ଦେଖିବାକୁ ମିଳିଛି। ଏବେ ଚାକିରି ପାଇବା ପାଇଁ ମଧ୍ୟ ଆଶାୟୀମାନେ ଏହି ଏହାର ବ୍ୟବହାର କରୁଛନ୍ତି।ଜଣେ ରେଡିଟ୍ ୟୁଜର ଦାବି କରିଛନ୍ତି ଯେ, ତାଙ୍କୁ ଚାଟ୍‌ଜିପିଟି ସାହାଯ୍ୟରେ ଅସଂଖ୍ୟ ଜବ୍ ଇଣ୍ଟଭ୍ୟୁ କଲ୍ ଆସୁଛି। ଏହି ପୋଷ୍ଟ ସୋସିଆଲ ମିଡିଆରେ ବର୍ତ୍ତମାନ ଚାରିଆଡେ ବେଶ ଚର୍ଚ୍ଚାର ବିଷୟ ପାଲଟିଛି।ଚ ୟୁଜର ଜଣଙ୍କର କହିବାନୁଯାୟୀ, ସେ ନିଜ ରିଜ୍ୟୁମ ଏବଂ ଜବ ଡେସ୍କ୍ରିପ୍ସନ୍‌କୁ ଚାଟ୍‌ଜିପିଟିରେ ପକାଇଦେଇଥିଲେ। ଏଆଇ ସାହାଯ୍ୟରେ ନିଜର ଆବେଦନପତ୍ରକୁ ଚାକିରି ପଦ ଅନୁସାରେ ସେ କଷ୍ଟମାଇଜ୍‌ଡ କରିଥିଲେ। ଏହାପରେ ତାଙ୍କୁ ଚାକିରି ପାଇଁ ଇଣ୍ଟରଭ୍ୟୁ କଲ୍ ଆସିବାକୁ ଲାଗିଲା। ୟୁଜର ନିଜ ପୋଷ୍ଟରେ ଲେଖିଛନ୍ତି ଯେ, ସେ ଏମିତି ମଜା ମଜାରେ ଚାକିରି ପାଇଁ ସିଭି ପଠାଉଥିଲି। ହେଲେ ତାଙ୍କୁ ଅନେକ ଗୁଡ଼ିଏ ଇଣ୍ଟରଭ୍ୟୁ ପାଇଁ କଲ୍ ଆସୁଛି। ଏଥିସହ କିଛି ନିଯୁକ୍ତିକର୍ତ୍ତା ତାଙ୍କର ଏହି ସିଭିକୁ ପ୍ରଭାବଶାଳୀ ବୋଲି ମଧ୍ୟ କହିଛନ୍ତି। ସବୁଠାରୁ ମଜାଦାର କଥା ହେଉଛି ଜଣକ ଏହା ମଧ୍ୟ ସ୍ୱୀକାର କରିଛନ୍ତି ଯେ, ସେ ଇଣ୍ଟରଭ୍ୟୁରେ ଭଲ ପ୍ରଦର୍ଶନ କରିପାରିନାହାଁନ୍ତି।

## ଗୀତାବାଣୀ

ଯୁଞ୍ଜନ୍ନେବଂ ସଦାତ୍ମାନଂ ଯୋଗୀ ନିୟତମାନସଃ ।
ଶାନ୍ତିଂ ନିର୍ବାଣପରମାଂ ମତ୍ସଂସ୍ଥାମଧିଗଛତି ॥



ଏହି ରୂପେ ସଦାସର୍ବଦା ପରମାତ୍ମାଙ୍କଠାରେ ମନୋନିବେଶ କରି, ନିୟତମନା ଯୋଗୀ ମୋ'ଠାରେ ସମ୍ୟକ୍ ରୂପେ ସ୍ଥିତ ନିର୍ବାଣପରମା ଶାନ୍ତିକୁ ପ୍ରାପ୍ତ ହୁଅନ୍ତି ।

ଷଷ୍ଠୋଽଧ୍ୟାୟ- ଶ୍ଳୋକ-୧୦

## ପ୍ରଶ୍ନୋତ୍ତର



୧. ଗାନ୍ଧାରୀ କେଉଁ ରାଜାଙ୍କର କନ୍ୟା ଥିଲେ?
୨. କର୍ଣ୍ଣଙ୍କ ପୁତ୍ରଙ୍କ ନାମ କ'ଣ?
୩. ଭୀମସେନଙ୍କୁ କେଉଁ ବିଷ ଦିଆଯାଇଥିଲା?
୪. ହନୁମାନଙ୍କୁ କିଏ ଗଦା ପ୍ରଦାନ କରିଥିଲେ?
୫. ପଶୁପତି କେଉଁ ଦେବତାଙ୍କୁ କୁହାଯାଏ?

**ଉତ୍ତର** (୧) ରାଜା ସୁବଳ (୨) ବୃଷସେନ (୩) କାଳକୂଟ (୪)କୁବେର (୫) ମହାଦେବ

# ଶୁଭ-ଲାଭ ଏବଂ ସ୍ୱସ୍ତିକ ଚିହ୍ନର ମହତ୍ତ୍ୱ

ଶୁଭ ଲାଭ

ସନାତନ ଧର୍ମରେ କିଛି ଚିହ୍ନ ତଥା ପ୍ରତୀକକୁ ଶୁଭ ବୋଲି ବିବେଚନା କରାଯାଏ । ଏହି କ୍ରମରେ 'ସ୍ୱସ୍ତିକ', 'ଓଁ', 'ଶୁଭ-ଲାଭ' ସମେତ ଅନେକ ପ୍ରକାର ଦିବ୍ୟ ଚିହ୍ନ ଅଛି, ଯାହାକୁ କୌଣସି ପୂଜାସ୍ଥଳ, ମନ୍ଦିର ଓ ଉତ୍ସବ ଆଦିରେ ଅବଶ୍ୟ ଅଙ୍କନ କରାଯାଏ ।

ହିନ୍ଦୁ ଧର୍ମରେ ବିଘ୍ନରାଜ ଶ୍ରୀଗଣେଶଙ୍କୁ ସର୍ବପ୍ରଥମେ ପୂଜା କରିବାର ବିଧି ଅଛି । ସାଧାରଣତଃ ଘରର ମୁଖ୍ୟ ଦ୍ୱାରରେ ଲୋକମାନେ ଗଣେଶଙ୍କ ପୂଜା ବେଳେ ଶୁଭ-ଲାଭ ଲେଖିଥାନ୍ତି । ଏହାକୁ କାହିଁକି ଲେଖାଯାଏ ମନରେ ପ୍ରଶ୍ନ ଆସିବା ସ୍ୱାଭାବିକ । ସେହିପରି ସମ୍ବନ୍ଧ କ'ଣ ଗଣେଶଙ୍କ ରହିଛି? ଭଗବାନ ଗଣେଶ ହେଲେ ସ୍ୱୟଂ ରିଦ୍ଧି-ସିଦ୍ଧିର ଦାତା ଏବଂ ଶୁଭ-ଲାଭର ପ୍ରଦାତା ।

ଶାସ୍ତ୍ର ଅନୁସାରେ, ଗଣେଶଙ୍କ ବିବାହ ରିଦ୍ଧି ଓ ସିଦ୍ଧି ନାମକ ଦୁଇ କନ୍ୟାଙ୍କ ସହ ହୋଇଥିଲା । ସିଦ୍ଧିରୁ ଶୁଭ ଏବଂ ରିଦ୍ଧିରୁ ଲାଭ ନାମକ ଦୁଇ ପୁତ୍ର ଜନ୍ମ ହେଲେ । ସେମାନେ ହିଁ ଶୁଭ-ଲାଭ ନାଁରେ ପରିଚିତ । ଏହି ପ୍ରକାରେ ଗଣେଶ ତାଙ୍କ ଦୁଇ ପୁତ୍ରଙ୍କ ସହ ଘରେ ବିରାଜମାନ କରନ୍ତି ଏବଂ ଆଶୀର୍ବାଦ ପ୍ରଦାନ କରନ୍ତି । ଅନ୍ୟପଟେ ସ୍ୱସ୍ତିକ ଚିହ୍ନ ସବୁବେଳେ କାନ୍ଥର ମଧ୍ୟ ବା ମଝିରେ ଅଙ୍କନ କରାଯାଏ । ଶୁଭ-ଲାଭକୁ ବାମ ଓ ଡାହଣ ପାର୍ଶ୍ୱରେ ଲେଖାଯାଏ । ଏଭଳି କରିବା ଦ୍ୱାରା ଘରେ ଉନ୍ନତି ଘରଲକ୍ଷିତ ହୁଏ । ଧନଲାଭ ହୁଏ ଏବଂ ଆୟରେ ବୃଦ୍ଧି ଘଟେ ।

ଗଣେଶ ପୁରାଣରେ କୁହାଯାଇଛି ଯେ, ସ୍ୱସ୍ତିକ ଗଣେଶଙ୍କ ସ୍ୱରୂପ । ତେଣୁ ସମସ୍ତ ଶୁଭ, ମାଙ୍ଗଳିକ ତଥା କଲ୍ୟାଣକାରୀ କାର୍ଯ୍ୟରେ ଏହାର ସ୍ଥାପନା ଅନିବାର୍ଯ୍ୟ । ଏହା ସମସ୍ତ ବିଘ୍ନ ହରଣ କରିବା ସହ ଅମଙ୍ଗଳ ଦୂର କରେ । ଘରର ମୁଖ୍ୟ ଦ୍ୱାରରେ ସ୍ୱସ୍ତିକକୁ ଉପରେ ଏବଂ ଶୁଭ-ଲାଭକୁ ଡାହାଣ ଏବଂ ବାମ ପାର୍ଶ୍ୱରେ ଲେଖାଯାଏ ।

ସ୍ୱସ୍ତିକର ଦୁଇଟି ଅଲଗା ଅଲଗା ରେଖା ଗଣେଶଙ୍କ ପତ୍ନୀ ରିଦ୍ଧି-ସିଦ୍ଧିଙ୍କୁ ଦର୍ଶାଏ । ଘର ବାହାରେ ଶୁଭ ଲାଭ ଲେଖିବାର ଅର୍ଥ ହେଉଛି, ପରିବାରର ସୁଖ ଏବଂ ସମୃଦ୍ଧି ବଜାୟ ରହୁ । ସ୍ୱସ୍ତିକର ବାମ ଏବଂ ଡାହାଣ ପାର୍ଶ୍ୱରେ ଶୁଭ ଲାଭ ଲେଖିବା ଦ୍ୱାରା ବାସ୍ତୁଦୋଷ ଦୂର ହୁଏ । ଘରେ ତଥା ବ୍ୟବସାୟରେ କୌଣସି ପ୍ରକାର ବାସ୍ତୁଦୋଷ ଥିଲେ, ପୂର୍ବ, ଉତ୍ତର, ପୂର୍ବ ବା ଉତ୍ତର ଦିଗରେ ଶୁଭ-ଲାଭ ସମେତ ସ୍ୱସ୍ତିକ ଚିହ୍ନ ଅଙ୍କନ କରିବା ଦରକାର । ଏହି ସ୍ଥାନରେ ଅଷ୍ଟଧାତୁ ବା ତମ୍ବାର ସ୍ୱସ୍ତିକ ମଧ୍ୟ ଲଗାଇପାରିବେ ।

# ମାତୃ ଦୋଷ



ଜ୍ୟୋତିଷ ଶାସ୍ତ୍ର ଅନୁସାରେ, ପୂର୍ବ ପୁରୁଷଙ୍କ ଅଭିଶାପ ଦୁଇ ପ୍ରକାର ହୋଇଥାଏ । ଗୋଟିଏ ପିତୃ ଅଭିଶାପ ଏବଂ ଅନ୍ୟଟି ମାତୃ ଅଭିଶାପ । ଯେଭଳି ପିତୃ ଅଭିଶାପ କଷ୍ଟମୟ ହୋଇଥାଏ, ସେହିପରି ମାତୃ ଅଭିଶାପ ମଧ୍ୟ ଜୀବନରେ ଅନେକ ସମସ୍ୟା ଉତ୍ପନ୍ନ କରିଥାଏ । ମାତୃଙ୍କ ଦ୍ୱାରା ମିଳୁଥିବା ଅଭିଶାପକୁ ମାତୃ ଅଭିଶାପ କୁହାଯାଏ । ପୂର୍ବଜନ୍ମରେ କିମ୍ବା ଏବେ ମାତାଙ୍କୁ ଦିଆଯାଉଥିବା କଷ୍ଟର ପରିଣାମସ୍ୱରୂପ ଏହା ପ୍ରାପ୍ତ ହୋଇଥାଏ । ଜଣେ ବ୍ୟକ୍ତି ଯେତେବେଳେ ମାତା ସମାନ କୌଣସି ନାରୀଙ୍କୁ କଷ୍ଟ ଦିଅନ୍ତି କିମ୍ବା ତାଙ୍କୁ ମାନସିକ ତଥା ଶାରୀରିକ ଭାବେ ସମସ୍ୟାରେ ପକାଇ ଥାନ୍ତି, ସେତେବେଳେ ମାତୃ ଅଭିଶାପ ଲାଗେ । ଏହି ଅଭିଶାପ ଯୋଗୁଁ ବିଭିନ୍ନ ପ୍ରକାର ଦୁର୍ଯୋଗକୁ ସାମ୍ନା କରିବାକୁ ହୋଇଥାଏ । ଏଇ ଯେମିତି ସନ୍ତାନ ସୁଖରୁ ବଞ୍ଚିତ ରହିବା, ପାରିବାରିକ ଅଶାନ୍ତି ଏବଂ ଆର୍ଥିକ ସଙ୍କଟ ଆଦି ଭୋଗିବାକୁ ପଡ଼ିଥାଏ । ଏଥିପାଇଁ କୌଣସି ଜ୍ୟୋତିର୍ବିଦଙ୍କ ପରାମର୍ଶରେ ଏହି ଦୋଷର ଖଣ୍ଡନ କରାଯାଇପାରିବ । ତେବେ କୁହାଯାଏ, ଏଥିରୁ ମୁକ୍ତି ପାଇଁ ଗାୟତ୍ରୀ ମନ୍ତ୍ର ଜପ ସହିତ କୌଣସି ବ୍ରାହ୍ମଣ ଏବଂ ତାଙ୍କ ଧର୍ମପତ୍ନୀଙ୍କୁ ଭୋଜନ ଦେବା, ଦାନ ତଥା ଦକ୍ଷିଣ ପ୍ରଦାନ କରିବା ଭଲ ।

# ହନୁମାନଙ୍କ ଫଟୋ ଲଗାଇବାର ନିୟମ

**ଘର, ଅଫିସ୍, ଦୋକାନରେ ଠାକୁରଙ୍କ ଫଟୋ ରଖିବା ଶୁଭ ବୋଲି କୁହାଯାଏ । ଏହା ଦ୍ୱାରା ସକାରାତ୍ମକ ପରିବେଶ ବଜାୟ ରହେ ଏବଂ ଭଗବାନଙ୍କ କୃପା ପ୍ରାପ୍ତ ହୁଏ । କିଛି ଲୋକ ବାଇକ୍ ତଥା କାର୍‌ରେ ଦେବୀ ଦେବତାଙ୍କ ଫଟୋ ଲଗାନ୍ତି । ତେବେ ଏ କ୍ଷେତ୍ରରେ ନୀତି ନିୟମକୁ ଦେଖି ନ ଥାନ୍ତି । ଯାହାକି ଠିକ୍ ନୁହେଁ । ଏହି ପରିପ୍ରେକ୍ଷୀରେ ମହାବୀର ହନୁମାନଙ୍କ ଫଟୋ ଲଗାଇବାକୁ ନେଇ ନିୟମ ଅଛି ।**

ଜ୍ୟୋତିଷ ଶାସ୍ତ୍ର ଅନୁସାରେ, ଘର, ଗାଡ଼ି ତଥା ଅଫିସ୍‌ରେ ହନୁମାନଙ୍କ କ୍ରୋଧ ସ୍ୱରୂପ ଫଟୋ ଲଗାଇବା ଅନୁଚିତ । ଏପରିକି ଅନେକ ଗାଡ଼ି ତଥା ବାଇକ୍‌ରେ ବି ହନୁମାନଙ୍କ ଉଗ୍ର ମୁଦ୍ରାର ଫଟୋ ଲଗାନ୍ତି, ଏଭଳି କରିବା ଭୁଲ । ତେବେ ଶକ୍ତିର ପ୍ରତୀକ ଭାବେ ଏଭଳି ଫଟୋ ଲଗାଇଥାନ୍ତି । ହେଲେ ହନୁମାନଙ୍କ ଏଭଳି ସ୍ୱରୂପକୁ ଆକ୍ରୋଶ ଓ ଯୁଦ୍ଧର ପ୍ରତୀକ ଭାବେ ବିବେଚନା କରାଯାଏ । ତେଣୁ ଏଭଳି ଫଟୋ ଲଗାଇବା ଦ୍ୱାରା କ୍ରୋଧ, ଅବସାଦ, ଚିଡ଼୍‌ଚିଡ଼ାପଣ ଦେଖାଦିଏ । କେବଳ ସେତିକି ନୁହେଁ, ଘର କଳହ ଲାଗି ରହେ ।

ସେହିପରି ଗାଡ଼ିରେ ଏପ୍ରକାର ଫଟୋ ଲଗାଇବା ଦ୍ୱାରା ଦୁର୍ଘଟଣାର ଆଶଙ୍କା ଥାଏ । ଏଣୁ ଘରେ ତଥା ଗାଡ଼ିରେ ହନୁମାନଙ୍କ ଶାନ୍ତ ସ୍ୱରୂପ ଫଟୋ ଲଗାଇବା ଶୁଭ । ହନୁମାନ ଆଶୀର୍ବାଦ କିମ୍ବା ଧ୍ୟାନ ମୁଦ୍ରାର ଫଟୋ ଲଗାଇପାରିବେ । ଏହା ଦ୍ୱାରା ଘରେ ସକାରାତ୍ମକ ଶକ୍ତି ଏବଂ ଶାନ୍ତି ବଜାୟ ରହେ ।



# ରୁପା ମୁଦିରୁ ଶୁଭଫଳ

**ହିନ୍ଦୁ ଧର୍ମରେ ରୁପାକୁ ଶୁଭ ଧାତୁ ଭାବେ ବିବେଚନା କରାଯାଏ । ବାସ୍ତୁଶାସ୍ତ୍ରରେ ମଧ୍ୟ ରୁପା ମୁଦି ପିନ୍ଧିବାର ବିଶେଷ ଲାଭ ଅଛି । ଜ୍ୟୋତିଷ ଶାସ୍ତ୍ର ଅନୁସାରେ, ରୁପା ଶୁକ୍ର ଏବଂ ଚନ୍ଦ୍ର ସହିତ ଜଡ଼ିତ ଧାତୁ । ଏହା ସମ୍ପନ୍ନତା ବୃଦ୍ଧିରେ ସାହାଯ୍ୟ କରେ । ଏହା ଦ୍ୱାରା ଜଳ ତତ୍ତ୍ୱ ନିୟନ୍ତ୍ରିତ ହୋଇଥାଏ । ତେବେ ରୁପା ମୁଦି କେଉଁ ଅଙ୍ଗୁଳିରେ ପିନ୍ଧିଲେ ଶୁଭ ଫଳ ପ୍ରାପ୍ତି ହୁଏ, ସେ ସମ୍ପର୍କରେ ଜାଣିବା ।**

- ଜ୍ୟୋତିଷ ଶାସ୍ତ୍ର ଅନୁସାରେ, ରୁପା ମୁଦି ଡାହଣ ହାତର କନିଷ୍ଠା ଅଙ୍ଗୁଳିରେ ପିନ୍ଧିଲେ ଶୁଭଫଳ ପ୍ରାପ୍ତି ହୁଏ ।
- ନୀତିନିୟମରେ ରୁପା ମୁଦି ପିନ୍ଧିବା ଦ୍ୱାରା ଶୁକ୍ର ଏବଂ ଚନ୍ଦ୍ରର ପରିଣାମ ଶୁଭ ହୁଏ ।
- ଏହାକୁ ଧାରଣ କଲେ ମାନସିକ ଶାନ୍ତି ମିଳେ । କ୍ରୋଧ ନିୟନ୍ତ୍ରଣରେ ରହେ ।
- ଘରେ ଲକ୍ଷ୍ମୀଙ୍କ ଶୁଭ ଦୃଷ୍ଟି ବଜାୟ ରଖିବା ପାଇଁ କନିଷ୍ଠା ଅଙ୍ଗୁଳିରେ ରୁପା ମୁଦି ପିନ୍ଧିବା ଉଚିତ । ତା'ସହ ଆଲମାରିରେ ରୁପା ଜିନିଷ ରଖିଲେ ଲକ୍ଷ୍ମୀଙ୍କ କୃପା ପ୍ରାପ୍ତ ହୁଏ ।



# କେମିତି କରିବେ ଭୋଜନ

**ବାସ୍ତୁଶାସ୍ତ୍ରରେ ଖାଦ୍ୟ ପ୍ରସ୍ତୁତିଠୁ ଆରମ୍ଭ କରି ଭୋଜନ ଗ୍ରହଣକୁ ନେଇ କିଛି ବାସ୍ତୁ ନିୟମ ରହିଛି । ବାସ୍ତୁ ଅନୁସାରେ ତଳେ ଆସନରେ ବସି ଖାଦ୍ୟ ଗ୍ରହଣ କରିବା ଉଚିତ । ତେବେ ଏ ଲାଗି ବାସ୍ତୁ ଦିଗ ଅଛି ।**

- ଖାଦ୍ୟ ଖାଇବା ପାଇଁ ପୂର୍ବ ତଥା ଉତ୍ତର-ପୂର୍ବ ଦିଗକୁ ଅତ୍ୟନ୍ତ ଶୁଭ ବୋଲି କୁହାଯାଇଛି ।
- ଦକ୍ଷିଣ ଦିଗରେ ବସି ଖାଦ୍ୟ ଖାଇଲେ ଋଣ ସମସ୍ୟା ବୃଦ୍ଧି ପାଏ ।
- ଭୋଜନ କରିବା ପୂର୍ବରୁ ଭୋଜନ ମନ୍ତ୍ର ପାଠ କରିବା ଉଚିତ ।
- ଥାଳିରେ ଆବଶ୍ୟକତାଠୁ ଅଧିକ ଭୋଜନ ଅଶୁଭ ପ୍ରଭାବ ପକାଏ ।
- ଖାଦ୍ୟ ଖାଇବା ଥାଳିରେ ହାତ ଧୋଇଲେ ଦୁର୍ଭାଗ୍ୟ ଦେଖାଦିଏ ।
- ଖଟରେ ବସି ଭୋଜନ କରିବା ଅନୁଚିତ ।
- ଖାଦ୍ୟ ଖାଇବା ଶେଷରେ ଲୁଣ ଫିଙ୍ଗନ୍ତୁ ନାହିଁ ।



## ବୁଦ୍ଧ କଥା

# ଅମୂଲ୍ୟ ଉପହାର

**ଗୌତମ ବୁଦ୍ଧଙ୍କ ମୂଲ୍ୟବାନ ବିଚାର, ଜ୍ଞାନ, ଉପଦେଶ ତଥା ନୀତିବାଣୀ ଦ୍ୱାରା ଲୋକଙ୍କ ଜୀବନ ବଦଳିଯାଏ । ସେଥିପାଇଁ ଜ୍ଞାନାଲୋକକୁ ଅଧିକ ଉଦ୍‌ଭାସିତ କରିବା ପାଇଁ ବୁଦ୍ଧଙ୍କ ବିଚାରଧାରାକୁ ଅବଶ୍ୟ ଆପଣାଇବା ଉଚିତ । ଏହି ପରିପ୍ରେକ୍ଷୀରେ ଉପହାରକୁ ନେଇ ବୁଦ୍ଧଙ୍କର ଏକ ସୁନ୍ଦର ତଥା ଶିକ୍ଷଣୀୟ କଥା ନିମ୍ନରେ ପ୍ରଦତ୍ତ କରାଗଲା ।**

ଏକଦା ବୁଦ୍ଧ ଏକ ସହରକୁ ପ୍ରବଚନ ଦେବାକୁ ଯାଇଥିଲେ । ସହରବାସୀ ତାଙ୍କର ଆଡ଼ମ୍ବରରେ ସ୍ୱାଗତ କଲେ । ସହରର ରାଜା ନତମସ୍ତକ ହୋଇ ବୁଦ୍ଧଙ୍କୁ ପ୍ରଣାମ କଲେ ଏବଂ ତାଙ୍କୁ କିଛି ମୂଲ୍ୟବାନ ଉପହାର ଦେଲେ । ସେହିପରି ଅନ୍ୟମାନେ ବି ବୁଦ୍ଧଙ୍କ ପାଇଁ କିଛି ନା କିଛି ଉପହାର ଆଣିଥିଲେ । ଲୋକେ ବୁଦ୍ଧଙ୍କୁ ଉପହାର ଦେଇ ପ୍ରଣାମ କରି ଚାଲିଯାଆନ୍ତି । ଅବଶ୍ୟ ବୁଦ୍ଧ ତାଙ୍କର ଗୋଟିଏ ହାତକୁ ଟେକି ଉପହାରକୁ ସ୍ୱୀକାର କରୁଥାନ୍ତି । ଏଭଳି କିଛି ଘଣ୍ଟା ଧରି ଚାଲିଲା । ସମସ୍ତ ଲୋକ ଏହି ଘଟଣାକୁ ଧ୍ୟାନର ସହ ଦେଖୁଥାନ୍ତି । ଠିକ୍ ସେତିକି ବେଳେ ଜଣେ ବୟସ୍କ ମହିଳା ବୁଦ୍ଧଙ୍କ ପାଖରେ ଆସି ପହଞ୍ଚିଲେ ।

ସେ ଦୁଇ ହାତ ଯୋଡ଼ି ବୁଦ୍ଧଙ୍କୁ ପ୍ରଣାମ କରି କହିଲେ, "ଯେତେବେଳେ ମୁଁ ଜାଣିଲି ଆପଣ ଆମ ସହରକୁ ଆସିଛନ୍ତି , ମୁଁ ମଧ୍ୟ ଆପଣଙ୍କୁ କିଛି ଉପହାର ଦେବାକୁ ଚାହିଁଲି । ହେଲେ ମୁଁ ନାଚାର । ମୁଁ ଅତି ଗରିବ ଏବଂ ମୋ ପାଖରେ କିଛି ବି ନାହିଁ । ଆପଣଙ୍କ ଆସିବା ଖବର ମିଳିବା ପରେ ମୋ ପାଖରେ କେବଳ ଏହି ଅଧାଖିଆ ସେଓ ଥିଲା । ଯାହାକୁ ମୁଁ ମୋ ଭୋକ ମେଣ୍ଟାଇବା ପାଇଁ ଖାଉଥିଲି । ଏହା ହିଁ ମୋ ପାଇଁ ସବୁଠୁ ମୂଲ୍ୟବାନ । ତେଣୁ ମୁଁ ଏହାକୁ ଆପଣଙ୍କ ପାଇଁ ଆଣିଲି । ଦୟାକରି ମୋର ଏହି ଉପହାରକୁ ଆପଣ ସାଦରେ ଗ୍ରହଣ କରନ୍ତୁ ।" ଏଥର ବୁଦ୍ଧ ନିଜ ଆସନରୁ ଉଠି ମହିଳାଙ୍କ ସେହି ଅଇଁଠା ସେଓକୁ ନିଜର ଦୁଇ ହାତରେ ସ୍ୱୀକାର କଲେ ।

ଏହାକୁ ଦେଖି ସେଠାରେ ଉପସ୍ଥିତ ସମସ୍ତ ଲୋକ ଆଶ୍ଚର୍ଯ୍ୟ ହୋଇ ପରସ୍ପର ମଧ୍ୟରେ କୁହାକୁହି ହେଲେ ଆମ ମହଙ୍ଗା ଉପହାର ପରିବର୍ତ୍ତେ ଏକ ଅଇଁଠା ସେଓକୁ ବୁଦ୍ଧ ଦୁଇ ହାତରେ କିପରି ଗ୍ରହଣ କଲେ? ଆଉ ମହିଳାଙ୍କୁ ବି ପ୍ରଣାମ କଲେ । ଲୋକଙ୍କର ଏଭଳି କଥା ରାଜାଙ୍କୁ ଆଦୌ ବି ଭଲ ଲାଗିଲା ନାହିଁ ।

ସେଇଠୁ ରାଜା ଏ ବାବଦରେ ବୁଦ୍ଧଙ୍କୁ ପଚାରିଲେ । ବୁଦ୍ଧ କହିଲେ, "ତୁମେମାନେ ମୋତେ ଯାହା ସବୁ ଉପହାର ଦେଲ, ସେସବୁ ତୁମ ଧନର ଅଂଶ ବି ନୁହେଁ । କାରଣ ତୁମମାନଙ୍କ ମଧ୍ୟରୁ ଅଧିକାଂଶ ଲୋକ ଧନୀ । ପୁଣି ମୋତେ ଦେଇଥିବା ଉପହାରକୁ ତୁମେମାନେ ପୁଣି କିଣିବାକୁ ସକ୍ଷମ । କିନ୍ତୁ ଏହି ବୃଦ୍ଧ ମହିଳା ଅସହାୟ । ସେ ନିଜ କ୍ଷୁଧା ମେଣ୍ଟାଇବା ପାଇଁ ସେଓ ଖାଉଥିଲେ । ସେ ମୋତେ ଉପହାର ଦେବା ପାଇଁ ନିଜ ଭୋକକୁ ନିୟନ୍ତ୍ରଣ କଲେ । ଏପରିକି ନିଜ ଭୋଜନ ମୋତେ ଦେବାକୁ ଉଚିତ ମଣିଲେ । ଏହାଠୁ ବଡ଼ ଉପହାର ଆଉ କ'ଣ ବା ହୋଇପାରେ ! ତେଣୁ ମୁଁ ଏହି ମହିଳାଙ୍କ ଉପହାରକୁ ଦୁଇ ହାତରେ ଗ୍ରହଣ କଲି । ତେବେ ଯେତେବେଳେ ଜଣେ ବ୍ୟକ୍ତି ତା'ର ସବୁଠୁ ମୂଲ୍ୟବାନ ଜିନିଷରୁ କିଛି ଦାନ କରେ, ତାହା ହିଁ ମୂଲ୍ୟବାନ ହୋଇଥାଏ ।



### ମାଲେୱାର ମ୍ୟାଚ୍‌ର, ହର୍ଷ ଟୁର୍ଣ୍ଣାମେଣ୍ଟର ଶ୍ରେଷ୍ଠ ଖେଳାଳି

# ବିଦର୍ଭକୁ ତୃତୀୟ ରଣଜୀ ଟାଇଟଲ୍



ନାଗପୁର,୨।୩(ଏଜେନ୍ସି)

ଦେଶର ସର୍ବବୃହତ ଘରୋଇ କ୍ରିକେଟ ଟୁର୍ଣ୍ଣାମେଣ୍ଟ ରଣଜୀ ଟ୍ରଫିର ୨୦୨୪-୨୫ ସଂସ୍କରଣ ସଫଳତାର ସହ ଶେଷ ହୋଇଛି। ଏହି ୫ ଦିନିଆ ଫାଇନାଲ ମ୍ୟାଚ୍‌ରେ କେରଳ ବିପକ୍ଷରେ ପ୍ରଥମ ଇନିଂସରେ ୩୭ ରନରେ ଅଗ୍ରଣୀ ରହି ବିଦର୍ଭ ଚାମ୍ପିଅନ ହେବାର ଗୌରବ ଅର୍ଜନ କରିଛି। ଏଥିସହ ବିଦର୍ଭ ତୃତୀୟଥର ପାଇଁ ଟାଇଟଲ ହାସଲ କରିଛି। ଏହାପୂର୍ବରୁ ବିଦର୍ଭ ୨୦୧୭-୧୮ ଓ ୨୦୧୮-୧୯ ସିଜିନ୍‌ରେ ଚାମ୍ପିଅନ ହୋଇଥିଲା। ଅନ୍ୟପଟେ ପ୍ରଥମଥର ପାଇଁ ରଣଜୀ ଫାଇନାଲରେ ପ୍ରବେଶ କରି ଇତିହାସ ସୃଷ୍ଟି କରିଥିବା କେରଳକୁ ରନର୍ସଅପ୍‌ରେ ସନ୍ତୁଷ୍ଟ ହେବାକୁ ପଡିଛି। ଫାଇନାଲ ମୁକାବିଲାରେ ପ୍ରଥମ ପାଳିରେ ୧୫୩ ରନର ଶତକୀୟ ପାଳି ଓ ଦ୍ୱିତୀୟରେ ୭୩ ରନର ଅର୍ଦ୍ଧଶତକୀୟ ପାଳି ଖେଳି ୨୧ ବର୍ଷୀୟ ବିଦର୍ଭ ବ୍ୟାଟର ଡାନିଶ ମାଲେୱାର ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଛନ୍ତି। ସେହିପରି ସାରା ଟୁର୍ଣ୍ଣାମେଣ୍ଟରେ ୪୭୬ ରନ ସଂଗ୍ରହ କରିବା ସହ ୬୯ ୱିକେଟ ନେଇ ଜବରଦସ୍ତ ଅଲରାଉଣ୍ଡ ପ୍ରଦର୍ଶନ କରି ୨୨ ବର୍ଷୀୟ ବିଦର୍ଭ ଯୁବ ଅଲରାଉଣ୍ଡର ହର୍ଷ ଦୁବେ ପ୍ଲେୟର ଅଫ୍ ଦି ସିରିଜ ବିବେଚିତ ହୋଇଛନ୍ତି।

### ■ କରୁଣଙ୍କ ୧୩୫ ରନ୍‌ର ଇନିଂସ: ସରୱାତେଙ୍କୁ ୪ ୱିକେଟ୍

ଅସମାପ୍ତ ଦ୍ୱିତୀୟ ପାଳି ସ୍କୋର ୨୪୯/୪ରୁ ବିଦର୍ଭ ରବିବାର ଖେଳ ଆରମ୍ଭ କରିଥିଲା। ଓଭରନାଇଟ୍ ବ୍ୟାଟର କରୁଣ ନାୟାର ୧୩୨ ରନରୁ ଖେଳ ଆରମ୍ଭ କରି ୧୩୫ ରନକରି ପ୍ୟାଭିଲିଅନ ଫେରିଥିଲେ। ସେହିପରି ଅଧିନାୟକ ଅକ୍ଷୟ ୱାଡକର ୪ରୁ ଖେଳ ଆରମ୍ଭ କରି ୨୫ ରନକରି ଆଉଟ ହୋଇଥିଲେ। ହର୍ଷ ଦୁବେ ୪, ଅକ୍ଷୟ କର୍ଣ୍ଣେୱାର ୩୦ ଓ ନଚିକେତ ଭୁତେ ୩ ରନକରି ଆଉଟ ହୋଇଥିଲେ। ବୋଲିଂରେ କେରଳର ଆଦିତ୍ୟ ସରୱାତେ ସର୍ବାଧିକ ୪, ଏମ୍‌ଡି ନିଧିଶ, ଜଲାଜ ସାକସେନା, ଏଡେନ ଅପଲ ଟମ, ନେଦୁମାନକୁଝି ବାସିଲ ଓ ଅକ୍ଷୟ ଚନ୍ଦ୍ରନ ଗୋଟିଏ ଲେଖାଏ ୱିକେଟ ଅକ୍ତିଆର କରିଥିଲେ।




### ■ ପ୍ରଥମ ପାଳିରେ ମାଲେୱାରଙ୍କ ବୃହତ୍ ଶତକୀୟ ପାଳି

କେରଳ ତରଫରୁ ପ୍ରଥମ ପାଳିରେ ଅଧିନାୟକ ସଚିନ ବେବି ସର୍ବାଧିକ ୯୮ ରନର ଇନିଂସ ଖେଳି ଦୁଇ ରନ ପାଇଁ ଶତକରୁ ବଞ୍ଚିତ ହୋଇଥିଲେ। ସେହିପରି ଆଦିତ୍ୟ ସରୱାତେ ୭୯ ରନର ଅର୍ଦ୍ଧଶତକୀୟ ପାଳି ଖେଳିଥିଲେ। ବୋଲିଂରେ ବିଦର୍ଭ ତରଫରୁ ପ୍ରଥମ ପାଳିରେ ନାଲକାଣ୍ଡେ, ହର୍ଷ ଦୁବେ ଓ ପାର୍ଥ ରେଖାଡେ ୩ଟି ଲେଖାଏ ୱିକେଟ ନେଇଥିଲେ। ସେହିପରି ବିଦର୍ଭ ତରଫରୁ ପ୍ରଥମ ପାଳିରେ ମାଲେୱାର ୧୫୩, କରୁନ ନାୟାର ୮୬ ରନ ସଂଗ୍ରହ କରିଥିବା ବେଳେ କେରଳ ତରଫରୁ ବୋଲିଂରେ ଏମ୍‌ଡି ନିଧିଶ ଓ ଏଡେନ ଆପଲ ଟମ୍ ୩ଟି ଲେଖାଏ ୱିକେଟ ନେଇଥିଲେ।

### ■ ୩୭ ରନ୍‌ର ଅଗ୍ରଣୀ ଥିଲା ବିଦର୍ଭ

ସ୍ଥାନୀୟ ବିଦର୍ଭ କ୍ରିକେଟ ଆସୋସିଏସନ ଗ୍ରାଉଣ୍ଡରେ ଅନୁଷ୍ଠିତ ଏହି ନିର୍ଣ୍ଣାୟକ ମ୍ୟାଚ୍‌ରେ ଟସ୍ ହାରି ବିଦର୍ଭ ପ୍ରଥମ ପାଳିରେ ୧୨୩.୧ ଓଭରରେ ୩୭୯ ରନକରି ଅଲଆଉଟ ହୋଇଥିଲା। ଜବାବରେ ପ୍ରଥମଥର ପାଇଁ ରଣଜୀ ଫାଇନାଲ ଖେଳୁଥିବା କେରଳ ୧୨୫ ଓଭରରେ ୩୪୨ ରନକରି ଅଲଆଉଟ ହୋଇଥିଲା। ଫଳରେ ବିଦର୍ଭ ୩୭ ରନର ମହତ୍ତ୍ୱପୂର୍ଣ୍ଣ ଅଗ୍ରଣୀ ହାସଲ କରିଥିଲା। ଏହାପରେ ଦ୍ୱିତୀୟ ପାଳି ଆରମ୍ଭ କରି ବିଦର୍ଭ ରବିବାର ୫ମ ଦିବସ ଶେଷ ସୁଦ୍ଧା ୧୪୩.୫ ଓଭରରେ ୯ ୱିକେଟ ହରାଇ ୩୭୫ ରନ କରିଥିଲା। ଫଳରେ ମ୍ୟାଚ୍ ଅମୀମାଂସିତ ରହିଥିଲା। ମ୍ୟାଚ୍ ଶେଷ ବେଳକୁ ଦର୍ଶନ ନାଲକାଣ୍ଡେ ୫୧ ଓ ଯଶ ଠାକୁର ୮ ରନକରି ଅପରାଜିତ ରହିଥିଲେ।

### ■ ସେମିରେ ମୁମ୍ବାଇକୁ ୮୦ ରନରେ ହରାଇଥିଲା ବିଦର୍ଭ

ଏହାପୂର୍ବରୁ ବିଦର୍ଭ ଦ୍ୱିତୀୟ ସେମିଫାଇନାଲରେ ଡିଫେଣ୍ଡିଂ ତଥା ମୋଟ ୪୪ଥର ଟାଇଟଲ ଜିତିଥିବା ମୁମ୍ବାଇକୁ ୮୦ ରନରେ ପରାସ୍ତ କରି ଫାଇନାଲକୁ ଉଠିଥିଲା। ଅନ୍ୟପଟେ କେରଳ ପ୍ରଥମ ସେମିରେ ଗୁଜରାଟ ବିପକ୍ଷରେ ପ୍ରଥମ ପାଳି ଅଗ୍ରଣୀ ଭିତ୍ତିରେ ବିଜୟୀ ହୋଇ ଫାଇନାଲରେ ପ୍ରବେଶ କରିଥିଲା। ସେହିପରି ବିଦର୍ଭ କ୍ୱାର୍ଟରଫାଇନାଲରେ ବୃହତ୍ ୧୯୮ ରନରେ ଶକ୍ତିଶାଳୀ ତାମିଲନାଡୁକୁ ହରାଇ ଏବଂ କେରଳ ଜମ୍ମୁ- କଶ୍ମୀର ବିପକ୍ଷ କ୍ୱାର୍ଟରେ ପ୍ରଥମ ଇନିଂସ ଅଗ୍ରଣୀ ଭିତ୍ତିରେ ବିଜୟୀ ହୋଇ ସେମିକୁ ଉଠିଥିଲା।

● ଦୁବାଇ ଏଟିପି ୫୦୦ ଟେନିସ

## ସିତ୍‌ସିପାସ୍‌ଙ୍କୁ ପ୍ରଥମ ଟାଇଟଲ୍

ଦୁବାଇ,୨।୩(ଏଜେନ୍ସି): ଗ୍ରୀସ୍ ଟେନିସ ତାରକା ଷ୍ଟିଫାନୋସ ସତସିପାସ୍ ଦୁବାଇ ଟେନିସ ଚାମ୍ପିଅନସିପ୍‌ରେ ଟାଇଟଲ ହାସଲ କରିଛନ୍ତି। ପୁରୁଷ ଏକକ ଫାଇନାଲ ମୁକାବିଲାରେ ଚତୁର୍ଥ ସିଡ୍ ମାନ୍ୟତା ପାଇଥିବା ସିତସିପାସ ୬-୩, ୬-୩ ସିଧାସଳଖ ସେଟ୍‌ରେ କାନାଡାର ଫେଲିକ୍ସ ଅଗୁର-ଆଲିଆଜିମଙ୍କୁ ପରାସ୍ତ କରି କ୍ୟାରିଅରର ଦ୍ୱାଦଶ ଟୁର ଲିଭେଲ



ଟାଇଟଲ ଜିତିଛନ୍ତି। ଏଥିସହ ସେ କ୍ୟାରିଅରର ପ୍ରଥମ ଏଟିପି ୫୦୦ ଟାଇଟଲ ଜିତିଛନ୍ତି। ବିଶ୍ୱର ୧୧ ନଂ ଖେଳାଳି ସିତସିପାସ ପୂର୍ବରୁ ଦୁଇଥର ଫାଇନାଲରେ ପ୍ରବେଶ କରିଥିଲେ ପରାସ୍ତ ହୋଇ ରନର୍ସଅପ୍‌ରେ ସନ୍ତୁଷ୍ଟ ହୋଇଥିଲେ। ସେ ୨୦୧୯ରେ ଫାଇନାଲରେ ସର୍ବିଆରେ ନୋଭାକ ଜୋକୋଭିଚ୍ ଓ ୨୦୨୦ରେ ରେ ସ୍ୱିଜରଲାଣ୍ଡର ରୋଜର ଫେଡରରଙ୍କଠାରୁ ପରାସ୍ତ ହୋଇ ଟାଇଟଲରୁ ବଞ୍ଚିତ ହୋଇଥିଲେ।

● ଓଡ଼ିଶା ସେକ୍ରେଟାରିଏଟ୍ କପ୍

## ଇଡ୍‌କୋ ୫ ୱିକେଟ୍‌ରେ ବିଜୟୀ

ଭୁବନେଶ୍ୱର, ୨।୩ (ସମିସ): ସେକ୍ରେଟାରୀଏଟ୍ କପ୍ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟର ଚଳିତ ୨୦ତମ ସଂସ୍କରଣରେ ରବିବାର ଅନୁଷ୍ଠିତ ଏକ ମ୍ୟାଚରେ ଇଡ୍‌କୋ ୫ ୱିକେଟ୍‌ରେ ଜ୍ୟୋତି ଗ୍ରୁପ୍‌କୁ ପରାସ୍ତ କରିଛି। ସ୍ଥାନୀୟ ହାଇଟେକ୍ କ୍ରିକେଟ୍ ଷ୍ଟାଡିୟମରେ ଅନୁଷ୍ଠିତ ଏହି ମ୍ୟାଚରେ ଜ୍ୟୋତି ଗ୍ରୁପ୍ ପ୍ରଥମେ ବ୍ୟାଟିଂ କରି ୨୦ ଓଭରରେ ୮ ୱିକେଟ୍ ହରାଇ ୧୧୭ ରନ କରିଥିଲା। ଦଳ ପକ୍ଷରୁ



ରଣଜିତ୍ ପାଇକରାୟ୨୭ ଓ ବିକ୍ରମ ସ୍ୱାଇଁ ୨୧ ରନ କରିଥିଲେ। ପ୍ରତିପକ୍ଷ ଇଡକୋ ପକ୍ଷରୁ ଚନ୍ଦ୍ରମଣି ବରାଳ ୧୯ ରନରେ ୪ଟି ଓ ବିସ୍ମୟ ଦାସ ୨ଟି ୱିକେଟ୍ ନେଇଥିଲେ। ଜବାବରେ ଇଡକୋ ପ୍ରଶାନ୍ତ ବରାଳଙ୍କ ୩୯ ଓ ସିଦ୍ଧାନ୍ତ ରାୟଙ୍କ ୨୭ ରନ ବଳରେ ୧୫.୫ ଓଭରରେ ୫ ୱିକେଟ ହରାଇ ବିଜୟୀ ହୋଇଥିଲା। ଜ୍ୟୋତି ଗ୍ରୁପ୍‌ର ନିଲୁ ପ୍ରଧାନ ଓ ଦିବ୍ୟ ପଣ୍ଡାଙ୍କୁ ୨ଟି ଲେଖାଏ ୱିକେଟ୍ ମିଳିଥିଲା। ପ୍ରଶାନ୍ତଙ୍କୁ ମ୍ୟାଚର ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଥିଲା। ସେହିଭଳି ଆଇସିଆଇସିଆଇ ବିପକ୍ଷ ମ୍ୟାଚରେ ଏଗ୍ରିକଲଚୁରାଲ୍ ଟିମ୍‌କୁ ୱାକ୍‌ଓଭର ମିଳିଥିଲା।

---

### ମହେନ୍ଦ୍ର ଜେନା ସ୍ମାରକୀ କ୍ରିକେଟରେ ସାର୍ଥକଙ୍କୁ ୬ ୱିକେଟ

## ପ୍ରଗତି ସ୍ପୋର୍ଟିଂର ବୃହତ୍ ବିଜୟ



ଭୁବନେଶ୍ୱର,୨।୩(ସମିସ): ପୁରୁଣା ଭୁବନେଶ୍ୱରସ୍ଥିତ ମୂଳା ପଡିଆରେ ଚାଲିଥିବା ପ୍ରଥମ ମହେନ୍ଦ୍ର ଜେନା ସ୍ମାରକୀ କ୍ରିକେଟ ଟୁର୍ଣ୍ଣାମେଣ୍ଟରେ ରବିବାର ଖେଳାଯାଇଥିବା ମ୍ୟାଚ୍‌ରେ ପ୍ରଗତି ସ୍ପୋର୍ଟିଂ ୧୧୭ ରନରେ ପାରାମାଉଣ୍ଟ ସ୍ପୋର୍ଟିଂକୁ ପରାସ୍ତ କରିଛି। ଗ୍ରୁପ ଏ'ରେ ଖେଳାଯାଇଥିବା ଲିଗ୍‌ର ଏହି ତୃତୀୟ ମୁକାବିଲାରେ ଟସ୍ ଜିତି ପ୍ରଗତି ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୩୫ ଓଭରରେ ୬ ୱିକେଟ ହରାଇ ୨୩୪ ରନ ସଂଗ୍ରହ କରିଥିଲା। ଦଳ ତରଫରୁ ରଘୁନାଥ ମଲ୍ଲ ସର୍ବାଧିକ ୮୦ ବଲରୁ ୮ ଚୌକା ଓ ୬ ଛକା ସହ ୯୯ ରନକରି ଆଉଟ ହେବା ସହ ମାତ୍ର ୧ ରନ ପାଇଁ ଶତକରୁ ବଞ୍ଚିତ ହୋଇଥିଲେ। ସେହିପରି ସାନ୍ତନୁ ମିଶ୍ର ୩୦, ଟୁକୁନା ସାହୁ ୨୦ ରନକରି ଆଉଟ ହୋଇଥିଲେ। ବୋଲିଂରେ ପାରାମାଉଣ୍ଟ ତରଫରୁ ରିତେଶ ପ୍ରିୟରଞ୍ଜନ, ସୟମ ରାଉତରାୟ, ଅଂଶୁମାନ ରାୟ ଓ ବିଦ୍ୟାଧର ବେହେରା ଗୋଟିଏ ଲେଖାଏ ୱିକେଟ ଅକ୍ତିଆର କରିଥିଲେ।

୨୩୫ ରନର ଟାର୍ଗେଟକୁ ପିଛା କରି ପାରାମାଉଣ୍ଟ ୨୨.୧ ଓଭରରେ ୧୧୭ ରନକରି ଅଲଆଉଟ ହେବା ସହ ପରାସ୍ତ ହୋଇଥିଲେ। ଦଳ ତରଫରୁ ସୟଦ ତୁଫେଲ ଅହମ୍ମଦ ସର୍ବାଧିକ ୩୬, ସ୍ୱୟମ ସାର୍ଥକ ୧୭, ସାଇ ଶୁଭବ ୧୪, ସିର୍ଦ୍ଧେଶ୍ୱର ପରିଡା ୧୨ ରନକରି ଆଉଟ ହୋଇଥିବା ବେଳେ ବୋଲିଂରେ ପ୍ରଗତି ତରଫରୁ ସାର୍ଥକ ସୌରଭ କୁମାର ସର୍ବାଧିକ ୬ ୱିକେଟ, ସୁମନ ଦାସ ଦୁଇ ୱିକେଟ ନେଇଥିଲେ। ଦମ୍‌ଦାର ବୋଲିଂ ପ୍ରଦର୍ଶନ କରିଥିବା ସାର୍ଥକ ସୌରଭ କୁମାରଙ୍କୁ ପୂର୍ବତନ କ୍ରିକେଟର ରଞ୍ଜନ ନାୟକ, ଓଡ଼ିଶା କ୍ରିକେଟ ଆସୋସିଏସନ (ଓସିଏ) ଅମ୍ପାୟର ସୁଶାନ୍ତ ଦାସ ମ୍ୟାଚ୍ ଅଫ୍ ଦି ମ୍ୟାଚ୍ ପୁରସ୍କାର ପ୍ରଦାନ କରିଥିଲେ। ପ୍ରଦୀପ ଦାସ ଓ ସୁଶାନ୍ତ ଦାସ ଅମ୍ପାୟର ଭାବେ ମ୍ୟାଚ୍ ପରିଚାଳନା କରିଥିଲେ। ସୋମବାର ଟୁର୍ଣ୍ଣାମେଣ୍ଟର ଚତୁର୍ଥ ମୁକାବିଲାରେ ସହିଦ ସ୍ପୋର୍ଟିଂ ଓ ମୁକ୍ତେଶ୍ୱର କ୍ରିକେଟ କ୍ଲବ ପରସ୍ପରକୁ ଭେଟିବେ।

● ନଳିନୀ ରାଜଗୁରୁ ଚେସ୍

## ରବୀନ୍ଦ୍ର ଓଝା ଚାମ୍ପିଅନ



ଭୁବନେଶ୍ୱର,୨।୩ (ସମିସ): ରାଜ୍ୟର ବରିଷ୍ଠ କୋଚ୍ ରବୀନ୍ଦ୍ର କୁମାର ଓଝା ଚତୁର୍ଥ ନଳିନୀ ରାଜଗୁରୁ ରାଜ୍ୟସ୍ତରୀୟ ଚେସ୍ ଚାମ୍ପିଅନ ଆଖ୍ୟା ଅର୍ଜନ କରିଛନ୍ତି। ରାଜଧାନୀ ଉପକଣ୍ଠସ୍ଥ କେଶୁରା ରୟାଲ ପବ୍ଲିକ୍ ସ୍କୁଲ ପରିସରରେ ରବିବାର ଅନୁଷ୍ଠିତ ହୋଇଥିଲା। ଏଥିରେ କଟକର ରବୀନ୍ଦ୍ର ଓଝା ଓ ଭୁବନେଶ୍ୱରର ସ୍ୱପ୍ନିଳ ପ୍ରିୟଦର୍ଶୀ ସର୍ବାଧିକ ସମାନ ୪.୫ ପଏଣ୍ଟ ଲେଖାଏଁ ପାଇଥିଲେ। କିନ୍ତୁ ଟାଇ ବ୍ରେକରରେ ରବୀନ୍ଦ୍ର ପ୍ରଥମ ଓ ସ୍ୱପ୍ନିଳ ଦ୍ୱିତୀୟ ସ୍ଥାନ ଅଧିକାର କରିଥିଲେ। ଜଟଣୀର ଅବିନାଶ ବଳିୟାରସିଂ, ଭୁବନେଶ୍ୱରର ୩ ଖେଳାଳି ତନ୍ମୟ ତ୍ରିପାଠୀ, ପ୍ରତ୍ୟୁଷ ମହାପାତ୍ର ଓ ଇଶାନୀ ଦାସ ଯଥାକ୍ରମେ ତୃତୀୟରୁ ୬ଷ୍ଠ ସ୍ଥାନ ଅଧିକାର କରିଥିଲେ। ଯାଜପୁରର ଦୀପ୍ତିରଞ୍ଜନ ନାୟକ ସପ୍ତମ ସ୍ଥାନରେ ରହିଛନ୍ତି। ଏହି ପ୍ରତିଯୋଗିତାକୁ ଟାଟା କ୍ରୋମାର ମାନବସମ୍ବଳ ମୁଖ୍ୟ ଅତିଥିଭାବେ ଯୋଗଦେଇ ଏହି ପ୍ରତିଯୋଗିତାକୁ ଆନୁଷ୍ଠାନିକ ଉଦ୍‌ଘାଟନ କରିଥିଲେ। ଖେଳ ଶେଷରେ କେଶୁରା ରୟାଲ ପବ୍ଲିକ୍ ସ୍କୁଲ୍‌ର ଅଧକ୍ଷ ସର୍ବେଶ୍ୱର ସାମଲ ମୁଖ୍ୟ ଅତିଥି, ଦିବ୍ୟେନ୍ଦୁ ରାଜଗୁରୁ ସମ୍ମାନିତ ଅତିଥି ଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ଆୟୋଜକ ଓଡ଼ିଶା ରାଜ୍ୟ ଚେସ ସଂଘ ନିର୍ଦ୍ଦେଶକ ଦେବାଶିଷ ପାଣିଗ୍ରାହୀ ଖେଳ ପରିଚାଳନା କରିଥିଲେ। ଅନ୍ୟଅତିଥିଙ୍କ ମଧ୍ୟରେ ସିତେନ୍ଦୁ ରାଜଗୁରୁ, ରୋଜାଲିନ୍ ରାଜଗୁରୁ ଓ ଶ୍ରେୟାଂଶୁ ରାଜଗୁରୁ ପ୍ରମୁଖ ଉପସ୍ଥିତ ଥିଲେ।

## ନିଖିଳ ଓଡ଼ିଶା ଚେସ୍ ସଂଘର କାର୍ଯ୍ୟନିର୍ବାହୀ କମିଟି ବୈଠକ

କଟକ,୨।୩(ସମିସ): ସ୍ଥାନୀୟ ବାରବାଟୀ ଷ୍ଟାଡିୟମ ପରିସରରେ ଥିବା ନିଖିଳ ଓଡ଼ିଶା ଚେସ୍ ସଂଘର ସଭା ଗୃହରେ ନୂଆ ସଭାପତି ସତ୍ୟରଞ୍ଜନ ପଟ୍ଟନାୟକଙ୍କ ସଭାପତିତ୍ୱରେ ପ୍ରଥମ କାର୍ଯ୍ୟନିର୍ବାହୀ ବୈଠକ ଅନୁଷ୍ଠିତ ହୋଇଛି। ବିଭିନ୍ନ ଜିଲ୍ଲାରେ ୧୦ଟିରୁ ଉର୍ଦ୍ଧ୍ୱ ଅନ୍ତର୍ଜାତୀୟ ରେଟିଂ ଚେସ୍ ପ୍ରତିଯୋଗିତାକୁ ଉତ୍ସାହିତ କରିବା ସହ ଏହାକୁ ତଦାରଖ କରିବା ପାଇଁ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ଦକ୍ଷତା ସମ୍ପର୍ଣ୍ଣ କମିଟି ଗଠନ କରାଯାଇଛି। ଏଥିସହ ଚଳିତ ବର୍ଷ ରାଜ୍ୟରେ ପ୍ରଥମଥର ପାଇଁ ଅନୁଷ୍ଠିତ ହେବାକୁ



ଥିବା ୧୧, ୧୩, ୧୫, ୧୭ ଓ ୧୯ ବର୍ଷରୁ କମ୍ ଓପନ୍ ଓ ବାଳିକା ତଥା ରାଜ୍ୟ ମହିଳ ଚେସ୍ ପ୍ରତିଯୋଗିତାକୁ ରେଟିଂ ମାନ୍ୟତା ସହ ଆୟୋଜନ କରାଯିବ ନେଇ ବୈଠକରେ ନିଷ୍ପତ୍ତି ନିଆଯାଇଛି। ଏହି ବୈଠକରେ ସମ୍ପାଦକ ଦେବବ୍ରତ ଭଞ୍ଜ, ଉପ- ସଭାପତି ଶଙ୍କର ପ୍ରସାଦ ମିଶ୍ର, ଯୁଗ୍ମ ସମ୍ପାଦକ ଭବେଶ ମହାନ୍ତି, କାର୍ଯ୍ୟକାରୀ ସଦସ୍ୟ ପ୍ରଦୀପ କୁମାର ମହାନ୍ତି, ପ୍ରଥମ ମହିଳା ପ୍ରତିନିଧି ପଦ୍ମିନୀ ସିଂ, ରିତେଶ ରଥ ଓ ଅଭିଷେକ ଆଚାର୍ଯ୍ୟ ପ୍ରମୁଖ ଉପସ୍ଥିତ ଥିଲେ।

---

### ମେଜର ସନ୍ଦୀପ ମହାପାତ୍ର ସ୍ମାରକୀ ଟେନିସ୍

## ମୁଖ୍ୟ ଡ୍ରରେ ଓଡ଼ିଶାର ଶୁଭମ୍



ଭୁବନେଶ୍ୱର,୨।୩(ସମିସ): ଓଡ଼ିଶାର ଏକମାତ୍ର ଖେଳାଳି ଭାବେ ଶୁଭମ ଷଡଙ୍ଗୀ ଏମ୍‌ଓଏସ୍‌ଏଫ (ମିସନ ଅଲିମ୍ପିକ୍ସ ସ୍ପୋର୍ଟ୍ସ ଫାଉଣ୍ଡେସନ) ଆନୁକୂଲ୍ୟରେ ଆରମ୍ଭ ହୋଇଥିବା ମେଜର ସନ୍ଦୀପ ମହାପାତ୍ର ସ୍ମାରକୀ ଏଆଇଟିଏ ୨.୫ ଲକ୍ଷ ଟଙ୍କା ପୁରସ୍କାର ବିଶିଷ୍ଟ ପୁରୁଷ ଟେନିସ ପ୍ରତିଯୋଗିତାର ମୁଖ୍ୟ ଡ୍ରରେ ଖେଳିବାକୁ ଯୋଗ୍ୟତା ଅର୍ଜନ କରିଛନ୍ତି। ଏଥିରେ ପୂର୍ବରୁ ପ୍ରଥମ ୨୪ଜଣଙ୍କ ମଧ୍ୟରେ ଅମୃତଜୟ ମହାନ୍ତି, ପ୍ରତ୍ୟୁଷ ମହାନ୍ତି, ଦେବାଶିଷ ସାହୁ, ଆଦିତ୍ୟ ଶତପଥୀ ଓ ଚିନ୍ମୟ ପ୍ରଧାନ ଓଡ଼ିଆ ଖେଳାଳିଭବେ ସ୍ଥାନ ପାଇଥିଲେ। ଏବେ ୩୨ଜଣଙ୍କ ମଧ୍ୟରେ ଶୁଭମ ଷଡଙ୍ଗୀ ଖେଳିବାକୁ ଯୋଗ୍ୟତା ଅର୍ଜନ କରିଛନ୍ତି। ତାଙ୍କ ସହ ଆଉ ୭ଜଣ ଖେଳାଳି ମଧ୍ୟ ଯୋଗ୍ୟତା ଅର୍ଜନ କରିଛନ୍ତି। ଆସନ୍ତାକାଲିଠାରୁ ମୁଖ୍ୟ ଡ୍ର'ରେ ମୁକାବିଲା ଆରମ୍ଭ ହେବ। ଏହା ମାର୍ଚ୍ଚ ୭ ତାରିଖଯାଏ ଚାଲିବ। ଏହି ଟୁର୍ଣ୍ଣାମେଣ୍ଟରେ ୧୪ଟି ରାଜ୍ୟରୁ ୪୯ ଜଣ ଖେଳାଳି ଅଂଶଗ୍ରହଣ କରୁଛନ୍ତି। ଏଆଇଟିଏ ସୁପରଭାଇଜର ପ୍ରବୀଣ କୁମାର ନାୟକ ଏହି ଟୁର୍ଣ୍ଣାମେଣ୍ଟ ପରିଚାଳନା କରୁଛନ୍ତି। ହରିୟାଣାର ଉଦିତ କାମ୍ବୋଜ୍ ଏଠାରେ ନଂ-୧ ସିଡ୍ ହୋଇଛନ୍ତି। ତାଙ୍କର ସର୍ବଭାରତୀୟ ର୍‍ୟାଙ୍କିଙ୍ଗ୍ ହେଉଛି ୨୭। ସେହିପରି ୩୧ ନମ୍ବର ମାନ୍ୟତାପ୍ରାପ୍ତ ତାମିଲନାଡୁର ଓଜେସ୍ ଥେୟୋଜ୍ ଜୟ ପ୍ରକାଶଙ୍କୁ ଦ୍ୱିତୀୟ ସିଡ୍ ମିଳିଛି। ୪୨ ନମ୍ବର ମାନ୍ୟତାପ୍ରାପ୍ତ କର୍ଣ୍ଣାଟକର ଦୀପକ ଏ' ତୃତୀୟ ଓ ୪୭ ନମ୍ବର ମାନ୍ୟତାପ୍ରାପ୍ତ ମଣିପୁରର ଭିକି ସାଗୋଲଶେମ୍ ଚତୁର୍ଥ ସିଡ୍ ରହିଛନ୍ତି। ଟୁର୍ଣ୍ଣାମେଣ୍ଟରେ ମୋଟ ୨.୫ ଲକ୍ଷ ଟଙ୍କା ପୁରସ୍କାର ପ୍ରଦାନ କରାଯିବ। ଏହା ମଧ୍ୟରୁ ଏକକ ଚାମ୍ପିଅନ ଖେଳାଳିଙ୍କୁ ୩୧,୨୫୦ ଟଙ୍କା ଓ ୪୦ ଏଆଇଟିଏ ପଏଣ୍ଟ ପାଇବେ। ରନର୍ସ ଅପ୍ ଖେଳାଳି ୨୧,୦୦୦ ଟଙ୍କା ଓ ୨୫ ପଏଣ୍ଟ, ସେମିଫାଇନାଲରେ ପରାଜିତ ହୋଇଥିବା ଖେଳାଳି ୧୧,୮୭୫ ଟଙ୍କା ଓ ୧୫ ପଏଣ୍ଟ ଲେଖାଏଁ ପାଇବେ।

### ତମାଣ୍ଡୋ କପ୍ ଟି-୨୦ କ୍ରିକେଟ୍

## ଟେମ୍ପଲ ସିଟିର ପ୍ରଥମ ବିଜୟ

ଭୁବନେଶ୍ୱର,୨।୩ (ସମିସ)

ଭୁବନେଶ୍ୱରର ବିବିବି ୱାରିୟର୍ସକୁ ୬୦ ରନ୍‌ର ବଡ଼ ବ୍ୟବଧାନରେ ପରାସ୍ତ କରି ଭୁବନେଶ୍ୱରର ଟେମ୍ପଲ ସିଟି ଷ୍ଟାରସ ଏଠାରେ ଚାଲିଥିବା ତମାଣ୍ଡୋ କପ୍ ଟି-୨୦ କ୍ରିକେଟ ଟୁର୍ଣ୍ଣାମେଣ୍ଟରେ ପ୍ରଥମ ବିଜୟ ହାସଲ କରିଛି। ତମାଣ୍ଡୋ କ୍ରିକେଟ କ୍ଲବ୍ ପଡ଼ିଆରେ ରବିବାର ଖେଳାଯାଇଥିବା ଏହି ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରି ଟେମ୍ପଲସିଟି ୨୩୦ ରନ୍ କରିଥିଲା। ଜବାବରେ ୱାରିୟର୍ସ ୧୬୮ ରନ୍‌ରେ ଅଲଆଉଟ ହୋଇଯାଇଥିଲା। ଏହା ଫଳରେ କ୍ରମାଗତ ତୃତୀୟ ପରାଜୟ ସହ ବିବିବି ୱାରିୟର୍ସ ଏହି ପ୍ରତିଯୋଗିତାରୁ ବିଦାୟ ନେଇଛି। ଏହି ମ୍ୟାଚ୍‌ରେ ବିଜୟୀ ଦଳର ଏମ୍‌ଜି ଗୋପାଳଙ୍କୁ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଛି। ସେ ବ୍ୟାଟିଂରେ ୨୨ ବଲ୍‌ରୁ ୫୪ ରନ୍ କରିବା ପରେ ୨୫ ରନ୍‌ରେ ୨ଟି ୱିକେଟ ନେଇ ଦଳର ବିଜୟରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ଆୟୋଜକ ତମାଣ୍ଡୋ କ୍ରିକେଟ କ୍ଲବ୍‌ର ବରିଷ୍ଠ ସଦସ୍ୟ ବିଜୟ କୁମାର ପଟ୍ଟନାୟକ ଅତିଥିଭାବେ ଯୋଗଦେଇ ଗୋପାଳଙ୍କୁ ପୁରସ୍କୃତ କରିଥିଲେ। ଆସନ୍ତାକାଲି ଭୁବନେଶ୍ୱର ପାତ୍ରପଡ଼ାର ଯୁବା ରକ୍‌ଷ୍ଟାର ଓ କେନ୍ଦ୍ରାପଡ଼ାର କନିକା ୱାରିୟର୍ସ ମଧ୍ୟରେ ମ୍ୟାଚ୍ ଖେଳାଯିବ। ତମାଣ୍ଡୋ କ୍ରିକେଟ କ୍ଲବ୍ ଆନୁକୂଲ୍ୟରେ ରବିବାର ଖେଳାଯାଇଥିବା ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରି ଟେମ୍ପଲ ସିଟି ଷ୍ଟାର୍ସ ନିର୍ଦ୍ଧାରିତ ୨୦ ଓଭରରେ ୨୩୦ ରନ୍ କରିଥିଲା। ଦଳ ପକ୍ଷରୁ ଗୋପାଳ ୨୨ ବଲ୍‌ରୁ ୬ ଚୌକା ଓ ୪ଛକା ସହ ୫୪ ଏବଂ ସୁରାଂଶେ କୁମାର ୩୩ ବଲ୍‌ରୁ ୧ ଚୌକା ଓ ୮ ଛକା ସହ ୫୫ ରନ୍ କରିଥିଲା। ପ୍ରତିପକ୍ଷ ଦଳର ପ୍ରବୀଣ କୁମାରଙ୍କୁ ୨ଟି ୱିକେଟ ମିଳିଥିଲା। ଜବାବରେ ବିବିବି ୱାରିୟର୍ସ ୮ ୱିକେଟରେ ୧୬୮ ରନ୍ କରିବାକୁ ସମର୍ଥ ହୋଇଥିଲା। ଦଳ ପକ୍ଷରୁ ପ୍ରବୀଣ କୁମାର ୩୮ ବଲ୍‌ରୁ ୯ ଚୌକା ଓ ୩ ଛକା ସହ ସର୍ବାଧିକ ୬୬ ରନ୍ କରିଥିଲେ ମଧ୍ୟ ତାହା ଦଳ ଲାଗି ପର୍ଯ୍ୟାପ୍ତ ହୋଇ ନ ଥିଲା। ଏହି ମ୍ୟାଚ୍‌କୁ ମଧ୍ୟ ଦୁର୍ଗାଦତ୍ତ ଦାସ ଓ ଧୀରଜ ସିଂ ଖେଳ ପରିଚାଳନା କରିଥିଲେ।



## ଚାମ୍ପିଅନ୍ସ ଟ୍ରଫି କ୍ରିକେଟ୍

### ବରୁଣଙ୍କ ଯାଦୁକରୀ ବୋଲିଂ, ଶ୍ରେୟସଙ୍କ ଅର୍ଦ୍ଧଶତକ

# ଭାରତ-ଅଷ୍ଟ୍ରେଲିଆ ସେମିଫାଇନାଲ



**ଦୁବାଇ, ୨।୩ (ଏଜେନ୍ସି):** ବରୁଣ ଚକ୍ରବର୍ତ୍ତୀଙ୍କ ଯାଦୁକରୀ ବୋଲିଂ ବଳରେ ଏଠାରେ ରବିବାର ଅନୁଷ୍ଠିତ ଚାମ୍ପିଅନ୍ସ ଟ୍ରଫି କ୍ରିକେଟ-୨୦୨୫ର ଶେଷ ଲିଗ୍ ମ୍ୟାଚ୍‌ରେ ଭାରତ ୪୪ ରନ୍‌ରେ ନ୍ୟୁଜିଲାଣ୍ଡକୁ ପରାସ୍ତ କରିଛି। ଏହି ବିଜୟ ଫଳରେ ଭାରତ ଗ୍ରୁପ୍-ଏ'ରେ ସମସ୍ତ ୩ଟି ଯାକ ଲିଗ୍ ମ୍ୟାଚ୍ ଜିତି ୬ ପଏଣ୍ଟ ସହ ପ୍ରଥମ ଓ ନ୍ୟୁଜିଲାଣ୍ଡ ୨ଟି ମ୍ୟାଚ୍ ଜିତି ୪ ପଏଣ୍ଟ ସହ ଦ୍ୱିତୀୟ ସ୍ଥାନ ଅଧିକାର କରିଛି। ପୂର୍ବରୁ ଶେଷ ହୋଇଥିବା ଗ୍ରୁପ୍-ବି'ରେ ୫ ପଏଣ୍ଟ ପାଇ ଦକ୍ଷିଣ ଆଫ୍ରିକା ପ୍ରଥମ ଓ ୪ ପଏଣ୍ଟ ପାଇଥିବା ଅଷ୍ଟ୍ରେଲିଆ ଦ୍ୱିତୀୟ ସ୍ଥାନରେ ରହିଥିଲା। ଟୁର୍ଣ୍ଣାମେଣ୍ଟ ନିୟମ ଅନୁଯାୟୀ ପ୍ରଥମ ସେମିଫାଇନାଲରେ ଭାରତ ସହ ଅଷ୍ଟ୍ରେଲିଆର ଓ ଦ୍ୱିତୀୟ ସେମିଫାଇନାଲରେ ନ୍ୟୁଜିଲାଣ୍ଡ ସହ ଦକ୍ଷିଣ ଆଫ୍ରିକାର ମୁକାବିଲା ହେବ। ଦୁବାଇରେ ମାର୍ଚ୍ଚ ୪ ତାରିଖ ମଙ୍ଗଳବାର ପ୍ରଥମ ଓ ଲାହୋରରେ ମାର୍ଚ୍ଚ ୫ ତାରିଖ ବୁଧବାର ଦ୍ୱିତୀୟ ସେମିଫାଇନାଲ ମ୍ୟାଚ୍ ଖେଳାଯିବ। ନ୍ୟୁଜିଲାଣ୍ଡ ବିପକ୍ଷ ଶେଷ ଲିଗ୍ ମ୍ୟାଚ୍‌ରେ ୧୦ ଓଭର ବୋଲିଂ କରି ୪୨ ରନ୍‌ରେ ୫ଟି ୱିକେଟ ନେଇଥିବା ଭାରତର ସ୍ପିନର ବରୁଣ ଚକ୍ରବର୍ତ୍ତୀଙ୍କୁ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଛି।

**ସ୍ପିନରଙ୍କ ନିୟନ୍ତ୍ରଣରେ ନ୍ୟୁଜିଲାଣ୍ଡ**

ଭାରତ ପ୍ରଦତ୍ତ ୨୫୦ ରନର ବିଜୟ ଲକ୍ଷ୍ୟକୁ ପିଛା କରି ନ୍ୟୁଜିଲାଣ୍ଡ ଭଲ ଆରମ୍ଭ କରିଥିଲା। କିନ୍ତୁ ଦଳ ୧୭ ରନ୍‌ରେ ପ୍ରଥମ ୱିକେଟ ହରାଇବା ପରେ ଅଭିଜ୍ଞ ବ୍ୟାଟର କେନ୍ ୱିଲିୟମସନ ବ୍ୟାଟିଂକୁ ନିୟନ୍ତ୍ରଣରେ ରଖି ରନ୍ ସଂଗ୍ରହ କରିଥିଲେ। ଗୋଟିଏ ପଟେ ସେ ଦୃଢ଼ତାର ସହ ବ୍ୟାଟିଂ କରୁଥିଲେ ମଧ୍ୟ ଅନ୍ୟ ପଟେ ଜଣଙ୍କ ପରେ ଜଣେ ବ୍ୟାଟର ପାଭିଲିୟନରୁ କ୍ରିଜ୍‌କୁ ଯିବାଆସିବା କରିଥିଲେ। ଓପନର ୱିଲ ୟଙ୍ଗ୍‌ଙ୍କୁ ବୋଲ୍ଡ କରି ବରୁଣ ଚକ୍ରବର୍ତ୍ତୀ ଦ୍ୱିତୀୟ ୱିକେଟ ପାର୍ଟନସିପ୍ ଭାଙ୍ଗିଦେବା ପରେ ଆଉ ବଡ଼ ଭାଗୀଦାରି ହୋଇ ପାରି ନ ଥିଲା। ଡାରିଲ ମିଚେଲ ୧୭, ଟମ୍ ଲାଥମ ୧୪, ଗ୍ଲେନ୍ ଫିଲିପ୍ସ ୧୨ ରନ୍ କରିଥିଲେ ମଧ୍ୟ କେହି ବେଶି ସମୟ କ୍ରିଜ୍‌ରେ ତିଷ୍ଠି ପାରି ନ ଥିଲେ। ୪୧ତମ ଓଭରର ଶେଷ ଏବଂ ଅକ୍ଷର ପଟେଲଙ୍କ ବୋଲିଂ ସ୍ପେଲ୍‌ର ଶେଷ ବଲରେ ୱିଲିୟମସନ ଏକ ବଡ଼ ସଟ୍ ମାରିବାକୁ ଯାଇ ଷ୍ଟମ୍ପ ଆଉଟ ହୋଇଯାଇଥିଲେ। ସେ ୧୨୦ ବଲକୁ ଧୈର୍ଯ୍ୟର ସହ ଖେଳି ୮୧ ରନ୍ କରି ଆଉଟ ହେବା ସହ ନ୍ୟୁଜିଲାଣ୍ଡର ବିଜୟ ଆଶା ଶେଷ ହୋଇଯାଇଥିଲା। ଅଧିନାୟକ ମିଚେଲ ସାଣ୍ଟନର ଗୋଟିଏ ଚୌକା ଓ ୨ ଛକା ବଳରେ ୨୮ ରନ୍ କରି ଦଳର ବିଜୟକୁ କିଛି ସମୟ ଅଟକାଇଦେଇଥିଲେ।

ଭାରତ ଏହି ମ୍ୟାଚ୍‌ରେ ୪ଜଣ ସ୍ପିନରଙ୍କୁ ଖେଳାଇଥିଲା। ଏହା ଭଲ କାମ ଦେଇଥିଲା ଓ ନ୍ୟୁଜିଲାଣ୍ଡର ୧୦ଜଣ ବ୍ୟାଟରଙ୍କ ମଧ୍ୟରୁ ୯ଜଣ ସ୍ପିନରଙ୍କ ଶିକାର ହୋଇଥିଲେ। ବରୁଣ ସର୍ବାଧିକ ୫ଟି ୱିକେଟ ପାଇଥିଲେ। କୁଲଦୀପ ଯାଦବ ୨ଟି, ଅକ୍ଷର ପଟେଲ ଓ ରବୀନ୍ଦ୍ର ଜାଡେଜାଙ୍କୁ ଗୋଟିଏ ଲେଖାଏଁ ୱିକେଟ ମିଳିଥିଲା। ଅନ୍ୟ ୱିକେଟି ପେସ୍ ବୋଲର ହାର୍ଦ୍ଦିକ ପାଣ୍ଡ୍ୟା ହାସଲ କରିଥିଲେ।

**ମ୍ୟାଟ୍ ହେନରୀଙ୍କ ଘାତକ ବୋଲିଂ**

ପୂର୍ବରୁ ଭାରତ କ୍ରମାଗତ ୧୩ଟି ମ୍ୟାଚ୍‌ରେ ଟସ୍ ହାରିଥିଲା। ବ୍ୟାଟିଂ କରିବାକୁ ଆମନ୍ତ୍ରଣ ପାଇଥିବା ଭାରତ ୬.୪ ଓଭରରେ ପ୍ରଥମ ୩ଜଣ ବ୍ୟାଟର ଯଥା ରୋହିତ ଶର୍ମା (୧୫), ଶୁବମନ ଗିଲ (୨) ଓ ବିରାଟ କୋହଲି (୧୧)ଙ୍କ ୱିକେଟ ହରାଇଥିଲା। ସ୍ପିନ୍ ପିଚ୍‌ରେ ନ୍ୟୁଜିଲାଣ୍ଡର ଦୁଇ ପେସ୍‌ର ଭାରତର ବିପର୍ଯ୍ୟୟ ଘଟାଇଥିଲେ। ୩୦ ରନ୍‌ରେ ୩ଟି ୱିକେଟ ହରାଇ ବିପଦରେ ପଡ଼ିଥିବା ଭାରତକୁ ସହାୟ ହୋଇଥିଲେ ଶ୍ରେୟସ ଆୟର ଓ ଅକ୍ଷର ପଟେଲ। ଏମାନେ ଚତୁର୍ଥ ୱିକେଟ ପାର୍ଟନରସିପ୍‌ରେ ୧୩୬ ବଲରୁ ୯୮ ଉଠାଇ ଦଳକୁ ବିପଦରୁ ଉଦ୍ଧାର କରିଥିଲେ। ଭାରତୀୟ ବଂଶୋଦ୍ଭବ ଖେଳାଳି ରାଚିନ ରବୀନ୍ଦ୍ର ଭଲ ଖେଳୁଥିବା ଅକ୍ଷର ପଟେଲଙ୍କୁ ଆଉଟ କରି ଏହି ଯୋଡି ଭାଙ୍ଗିଦେଇଥିଲେ। ଏହାର କିଛି ସମୟ ପରେ ଶ୍ରେୟସ ଆୟର ମଧ୍ୟ ଆଉଟ ହୋଇଯାଇଥିଲେ। ଅକ୍ଷର ୬୧ବଲରୁ ୪୨ ଓ ଶ୍ରେୟାସ ୯୮ ବଲରୁ ୪ ଚୌକା ଓ ୨ ଛକା ସହ ୭୯ ରନ୍ କରି ଭାରତର ପାଳି ସଜାଡିଥିଲେ। ଏମାନଙ୍କ ଆଉଟ ପରେ ଲୋକେଶ ରାହୁଲ ୨୩, ହାର୍ଦ୍ଦିକ ପାଣ୍ଡ୍ୟା ୪୫ ବଲରୁ ୪ ଚୌକା ଓ ୨ଛକା ସହ ୪୫ ଏବଂ ରବୀନ୍ଦ୍ର ଜାଡେଜା ୨୦ ବଲରୁ ୧୬ ରନ୍ କରିଥିଲେ। ଫଳରେ ଭାରତ ୯ ୱିକେଟରେ ୨୪୯ ରନ୍ କରି ଆଶଙ୍କା ମଧ୍ୟକୁ ଚାଲିଯାଇଥିଲା। ନ୍ୟୁଜିଲାଣ୍ଡ ପକ୍ଷରୁ ଭାରତର ପ୍ରଥମ ୩ଜଣଙ୍କ ମଧ୍ୟରୁ ୨ଜଣ ଓ ଶେଷ ୩ ଜଣ ଖେଳାଳିଙ୍କୁ ଆଉଟ କରି ମ୍ୟାଟ ହେନରୀ ଭାରତର ସ୍କୋରକୁ ସୀମିତ ରଖିବାରେ ସମର୍ଥ ହୋଇଥିଲେ। ସେ ୮ ଓଭର ବୋଲିଂ କରି ୪୨ ରନ୍‌ରେ ସର୍ବାଧିକ ୫ଟି ୱିକେଟ ପାଇଥିଲେ।

### ସେମିଫାଇନାଲ ଖେଳସୂଚୀ

| | | |
|---|---|---|
| ୪।୩ | ଭାରତ-ଅଷ୍ଟ୍ରେଲିଆ | ଦୁବାଇ |
| ୫।୩ | ନ୍ୟୁଜିଲାଣ୍ଡ-ଦ.ଆଫ୍ରିକା | ଲାହୋର |
| ୯।୩ | ଫାଇନାଲ | ଲାହୋର/ଦୁବାଇ |

### ସ୍କୋର ବୋର୍ଡ

**ଭାରତ ଇନିଂସ: ୨୪୯/୯, ୫୦ ଓଭର**
(ରୋହିତ-କ୍ୟା.ୟଙ୍ଗ୍ ବୋ.ଜାମିସନ-୧୫, ଶୁବମନ-ଏଲ୍‌ବିଡବ୍ଲ୍ୟୁ ବୋ.ହେନରୀ-୨, ବିରାଟ-କ୍ୟା.ଫିଲିପ୍ସ ବୋ.ହେନରୀ-୧୧, ଶ୍ରେୟାସ-କ୍ୟା.ୟଙ୍ଗ୍ ବୋ.ଓରୁର୍କ-୭୯, ଅକ୍ଷର-କ୍ୟା.ୱିଲିୟମସନ ବୋ.ରବୀନ୍ଦ୍ର-୪୨, ରାହୁଲ-କ୍ୟା.ଲାଥମ ବୋ.ସାଣ୍ଟନର-୨୩, ହାର୍ଦ୍ଦିକ-କ୍ୟା.ରବିନ୍ଦ୍ର ବୋ.ହେନରୀ-୪୫, ଜାଡେଜା-କ୍ୟା.ୱିଲିୟମସନ ବୋ. ହେନରୀ-୧୬, ସାମି-କ୍ୟା.ଫିଲିପ୍ସ ବୋ.ହେନରୀ-୫, କୁଲଦୀପ-ଅପରାଜିତ-୧, ଅତିରିକ୍ତ-୧୦।

**ୱିକେଟ ପତନ:** ୧/୧୫, ୨/୨୨, ୩/୩୦, ୪/୧୨୮, ୫/୧୭୨, ୬/୧୮୨, ୭/୨୨୩, ୮/୨୪୬, ୯/୨୪୯।

**ବୋଲିଂ ବିଶ୍ଳେଷଣ (ନ୍ୟୁଜିଲାଣ୍ଡ):** ହେନରୀ: ୮-୦-୪୨-୫, ଜାମିସନ: ୮-୦-୩୧-୧, ଓରୁର୍କ: ୯-୦-୪୭-୧, ସାଣ୍ଟନର: ୧୦-୧-୪୧-୧, ବ୍ରେସ୍‌ୱେଲ: ୯-୦-୫୬-୦, ରବୀନ୍ଦ୍ର: ୬-୦-୩୧-୧।

**ନ୍ୟୁଜିଲାଣ୍ଡ ଇନିଂସ: ୨୦୫/୧୦, ୪୫.୩ ଓଭର**
(ୟଙ୍ଗ୍-ବୋ.ବରୁଣ-୨୨, ରବୀନ୍ଦ୍ର-କ୍ୟା.ଅକ୍ଷର ବୋ.ହାର୍ଦ୍ଦିକ-୬, ୱିଲିୟମସନ-ଷ୍ଟମ୍ପ.ରାହୁଲ ବୋ.ଅକ୍ଷର-୮୧, ମିଚେଲ-ଏଲ୍‌ବିଡବ୍ଲ୍ୟୁ ବୋ.କୁଲଦୀପ-୧୭, ଲାଥମ୍-ଏଲବିଡବ୍ଲ୍ୟୁ ବୋ.ଜାଡେଜା-୧୪, ଫିଲିପ୍ସ-ଏଲବିଡବ୍ଲ୍ୟୁ ବୋ.ବରୁଣ-୧୨, ବ୍ରେସ୍‌ୱେଲ୍-ଏଲବିଡବ୍ଲ୍ୟୁ ବୋ.ବରୁଣ-୨, ସାଣ୍ଟନର-ବୋ.ବରୁଣ-୨୮, ହେନରୀ-କ୍ୟା.ବିରାଟ ବୋ.ବରୁଣ-୨, ଜାମିସନ-ଅପରାଜିତ -୯,ଓରୁର୍କ-ବୋ. କୁଲଦୀପ-୧, ଅତିରିକ୍ତ-୧୧।

**ୱିକେଟ ପତନ:** ୧/୧୭, ୨/୪୯, ୩/୯୩, ୪/୧୩୩, ୫/୧୫୧, ୬/୧୫୯, ୭/୧୬୯, ୮/୧୯୫, ୯/୧୯୬, ୧୦/୨୦୫।

**ବୋଲିଂ ବିଶ୍ଳେଷଣ (ଭାରତ):** ସାମି: ୪-୦-୧୫-୦, ହାର୍ଦ୍ଦିକ: ୪-୦-୨୨-୧, ଅକ୍ଷର: ୧୦-୦-୩୨-୧, ବରୁଣ: ୧୦-୦-୪୨-୫, କୁଲଦୀପ: ୯.୩-୦-୫୬-୨, ଜାଡେଜା: ୮-୦-୩୬-୧।

### ମାତୃ ବିୟୋଗ: ଘରକୁ ଫେରିଲେ ଭାରତୀୟ ଟିମ୍ ମ୍ୟାନେଜର

ମାତୃ ବିୟୋଗ କାରଣରୁ ଭାରତୀୟ କ୍ରିକେଟ ଟିମ୍ ମ୍ୟାନେଜର ଆର ଦେବରାଜ ସ୍ୱଦେଶ ପ୍ରତ୍ୟାବର୍ତ୍ତନ କରି ହାଇଦରାବାଦସ୍ଥିତ ଘରକୁ ଯାଇଛନ୍ତି। ଫଳରେ ଭାରତୀୟ ଦଳକୁ କଡ଼ା ଝଟ୍‌କା ଲାଗିଛି। ଦେବରାଜ ମଧ୍ୟ ହାଇଦରାବାଦ୍ କ୍ରିକେଟ ଆସୋସିଏସନର ସମ୍ପାଦକ ଭାବେ ମଧ୍ୟ କାର୍ଯ୍ୟ କରୁଛନ୍ତି। ସେ ମାଙ୍କ ଅନ୍ତ୍ୟେଷ୍ଟି କ୍ରିୟାରେ ଯୋଗ ଦେବେ। ରବିବାର ସକାଳେ ତାଙ୍କ ମାଙ୍କ ପରଲୋକ ହୋଇଥିଲା ଓ ଖବର ମିଳବା ପରେ ହିଁ ସେ ଘରକୁ ଫେରିଛନ୍ତି। ଚଳିତ ଚାମ୍ପିଅନ୍ସ ଟ୍ରଫି ପାଇଁ ତାଙ୍କୁ ଦଳର ମ୍ୟାନେଜର ଭାବେ ନିଯୁକ୍ତି ମିଳିଥିଲା। ହାଇଦରାବାଦ୍ କ୍ରିକେଟ ଆସୋସିଏସନ ତରଫରୁ ମଧ୍ୟ ଶୋକ ଜାହିର କରାଯାଇଛି।

### ଦୁବାଇରେ ଅଭ୍ୟାସ କରିବେ ଦକ୍ଷିଣ ଆଫ୍ରିକା, ଅଷ୍ଟ୍ରେଲିଆ

ଚଳିତ ଚାମ୍ପିଅନ୍ସ ଟ୍ରଫିର ସେମିଫାଇନାଲ ଲାଇନ୍‌ଅପ୍ ନିଶ୍ଚିତ ହୋଇସାରିଛି। ଦୁବାଇରେ ଆସନ୍ତା ୪ ତାରିଖରେ ପ୍ରଥମ ସେମିରେ ଭାରତ ଓ ଅଷ୍ଟ୍ରେଲିଆ ଏବଂ ୫ ତାରିଖରେ ଲାହୋରରେ ଦ୍ୱିତୀୟ ସେମିରେ ନ୍ୟୁଜିଲାଣ୍ଡ ଓ ଦକ୍ଷିଣ ଆଫ୍ରିକା ପରସ୍ପରକୁ ଭେଟିବେ। ଅଷ୍ଟ୍ରେଲିଆ ଓ ଦକ୍ଷିଣ ଆଫ୍ରିକା ସେମିଫାଇନାଲ ପୂର୍ବରୁ ଦୁବାଇର ଆଇସିସି ଏକାଡେମୀରେ ଅଭ୍ୟାସ୍ କରିବେ। ଲାହୋରରେ ସେମିଫାଇନାଲ ଖେଳିବାର କାର୍ଯ୍ୟକ୍ରମ ଥିଲେ ମଧ୍ୟ ଦକ୍ଷିଣ ଆଫ୍ରିକା ଦୁବାଇରେ ହିଁ ଅଭ୍ୟାସ କରିବ।

### ଗ୍ରୁପ୍-ଏ' ପଏଣ୍ଟ ତାଲିକା

| ଦେଶ | ମ୍ୟା | ବି | ପ | ବା | ପଏଣ୍ଟ | ନେଟ୍‌ରନ୍ |
|---|---|---|---|---|---|---|
| ଭାରତ | ୩ | ୩ | ୦ | ୦ | ୬ | +୦.୭୧୫ |
| ନ୍ୟୁଜିଲାଣ୍ଡ | ୩ | ୨ | ୧ | ୦ | ୪ | +୦.୨୬୭ |
| ବାଂଲାଦେଶ | ୩ | ୦ | ୨ | ୧ | ୧ | -୦.୪୪୩ |
| ପାକିସ୍ତାନ | ୩ | ୦ | ୨ | ୧ | ୧ | -୧.୦୮୭ |

### ଗ୍ରୁପ୍-ବି' ପଏଣ୍ଟ ତାଲିକା

| ଦେଶ | ମ୍ୟା | ବି | ପ | ବା | ପଏଣ୍ଟ | ନେଟ୍‌ରନ୍ |
|---|---|---|---|---|---|---|
| ଦ.ଆଫ୍ରିକା | ୩ | ୨ | ୦ | ୧ | ୫ | +୨.୩୯୫ |
| ଅଷ୍ଟ୍ରେଲିଆ | ୩ | ୧ | ୦ | ୨ | ୪ | +୦.୪୭୫ |
| ଆଫଗାନିସ୍ତାନ | ୩ | ୧ | ୧ | ୧ | ୩ | -୦.୯୯୦ |
| ଇଂଲଣ୍ଡ | ୩ | ୦ | ୩ | ୦ | ୦ | -୧.୧୫୯ |

ବି.ଦ୍ର.: ମ୍ୟା-ମ୍ୟାଚ୍, ବି-ବିଜୟ, ବା-ବାତିଲ, ପ-ପରାଜୟ।

## ଭାରତର ଅଲୋଡା ରେକର୍ଡ; କ୍ରମାଗତ ୧୩ ଟସ୍ ହାରିଲା

**ଦୁବାଇ,୨।୩(ଏଜେନ୍ସି):** ଦିନିକିଆ ଫର୍ମାଟ୍‌ରେ ଭାରତୀୟ ଦଳର ଟସ୍ ହାରିବା ପ୍ରକ୍ରିୟ ଜାରି ରହିଛି। ରବିବାର ଖେଳାଯାଇଥିବା ନ୍ୟୁଜିଲାଣ୍ଡ ବିପକ୍ଷ ଅନ୍ତିମ ଗ୍ରୁପ୍ ମ୍ୟାଚ୍‌ରେ ଭାରତ ପୁଣି ଥରେ ଟସ୍ ହାରିଛି। ଏଥିସହ ଭାରତ କ୍ରମାଗତ ୧୩ ମ୍ୟାଚ୍‌ରେ ଟସ୍ ହାରି ଏକ ଅଲୋଡା ରେକର୍ଡର ଅଧିକାରୀ ହୋଇଛି। ତେବେ ଅଧିନାୟକ ଭାବେ ରୋହିତ ଶର୍ମା କ୍ରମାଗତ ୧୦ଟି ମ୍ୟାଚ୍‌ରେ ଟସ୍ ହାରିଛନ୍ତି। ପୂର୍ବରୁ ନ୍ୟୁଜିଲାଣ୍ଡ ୨୦୧୧ରୁ ୨୦୧୩ ମଧ୍ୟରେ ୧୧ଟି ଟସ୍ ହାରି ରେକର୍ଡ କରିଥିଲା। ଭାରତର ଏହି ଟସ୍ ହାରିବା ପ୍ରକ୍ରିୟା ୨୦୨୩ ବିଶ୍ୱକପ୍ ଫାଇନାଲ ମ୍ୟାଚ୍‌ରୁ ଆରମ୍ଭ ହୋଇଛି। ଭାରତରେ ଅନୁଷ୍ଠିତ ଏହି ଦିନିକିଆ ବିଶ୍ୱକପ୍‌ରେ ଟସ୍ ହାରି ଭାରତ ପ୍ରଥମେ ବ୍ୟାଟିଂ କରିଥିଲା। ଏହାପରେ ଲୋକେଶର ରାହୁଲଙ୍କ ନେତୃତ୍ୱରେ ଦକ୍ଷିଣ ଆଫ୍ରିକା ଗସ୍ତରେ ଭାରତ ସବୁ ୩ଟି ଯାକ ମ୍ୟାଚ୍‌ରେ ଟସ୍ ହାରିଥିଲା। ଏହା ପରେ ରୋହିତଙ୍କ ନେତୃତ୍ୱରେ ଭାରତ ଶ୍ରୀଲଙ୍କାରେ ଅନୁଷ୍ଠିତ ସବୁ ୩ଟି ଯାକ ଦିନିକିଆ ମ୍ୟାଚ୍‌ରେ ଟସ୍ ହାରିଥିଲା। ଏହାପରେ ଇଂଲଣ୍ଡ ବିପକ୍ଷ ସିରିଜରେ ମଧ୍ୟ ଭାରତ ସବୁ ମ୍ୟାଚ୍‌ରେ ଟସ୍ ହାରିଥିଲା। କିନ୍ତୁ ଅଧିନାୟକ ଭାବେ ୱେଷ୍ଟଇଣ୍ଡିଜର ବ୍ରାଏନ ଲାର ସର୍ବାଧିକ ୧୨(୧୯୯୮-୯୯), ନ୍ୟୁଜିଲାଣ୍ଡର ପିଟର ବୋରେନ୍ ୧୧ (୨୦୧୧-୨୦୧୩) ଓ ରୋହିତ ୧୦ଟି ମ୍ୟାଚ୍ କ୍ରମାଗତ ଟସ୍ ହାରି ତାଲିକାରେ ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନରେ ରହିଛନ୍ତି।

## ୩୦୦ ଦିନିକିଆ ଖେଳି ଇତିହାସ ସୃଷ୍ଟି କଲେ କୋହଲି



ଭାରତୀୟ ବ୍ୟାଟିଂ ସୁପରଷ୍ଟାର ବିରାଟ କୋହଲି ଆଉ ଏକ ବିରଳ ରେକର୍ଡ ଅଧିକାରୀ ହୋଇଛନ୍ତି। ଚଳିତ ଚାମ୍ପିଅନ୍ସ ଟ୍ରଫିରେ ରବିବାର ଅନୁଷ୍ଠିତ ନ୍ୟୁଜିଲାଣ୍ଡ ବିପକ୍ଷ ଅନ୍ତିମ ଗ୍ରୁପ୍ ମ୍ୟାଚ୍ ଖେଳି ସେ ୩୦୦ତମ ଦିନିକିଆ ମ୍ୟାଚ୍ ଖେଳି ଇତିହାସ ସୃଷ୍ଟି କରିଛନ୍ତି। ୩୬ ବର୍ଷୀୟ କୋହଲି ଗତ ୬ ବର୍ଷ ମଧ୍ୟରେ ପ୍ରଥମ ଖେଳାଳି ଭାବେ ଏତେ ସଂଖ୍ୟକ ମ୍ୟାଚ୍ ଖେଳିଛନ୍ତି। ଏହି କ୍ରମରେ ସେ ୭ମ ଭାରତୀୟ ଓ ବିଶ୍ୱର ୧୮ତମ କ୍ରିକେଟର ଭାବେ ୩୦୦ ମ୍ୟାଚ୍ ଖେଳି ନୂଆ ଏଲିଟ୍ କ୍ଲବରେ ସାମିଲ ହୋଇଛନ୍ତି। ୩୦୦ ଦିନିକିଆ ଖେଳିବା ସହ କୋହଲି ପ୍ରଥମ ଖେଳାଳି ଭାବେ ୧୦୦ଟି ଲେଖାଏ ଟେଷ୍ଟ ଓ ଟି-୨୦ ମ୍ୟାଚ୍ ଖେଳିସାରିଛନ୍ତି। କୋହଲିଙ୍କ ପୂର୍ବରୁ ଭାରତର ମହମ୍ମଦ ଆଝାରୁଦ୍ଦିନ, ସଚିନ ତେନ୍ଦୁଲକର, ମହେନ୍ଦ୍ର ସିଂ ଧୋନି, ରାହୁଲ ଦ୍ରାବିଡ, ସୌରଭ ଗାଙ୍ଗୁଲି ଓ ଯୁବରାଜ ସିଂ ଭାରତ ପାଇଁ ୩୦୦ ଦିନିକିଆ ଖେଳି ସାରିଛନ୍ତି। କୋହଲି ଏପର୍ଯ୍ୟନ୍ତ ୧୨୩ ଟେଷ୍ଟ ଓ ୧୨୫ ଟି-୨୦ ମ୍ୟାଚ୍ ଖେଳିଛନ୍ତି। କୋହଲି ୨୦୦୮ ଅଗଷ୍ଟ ୧୮ରେ ଶ୍ରୀଲଙ୍କା ବିପକ୍ଷରେ ଦିନିକିଆ ପଦାର୍ପଣ କରିଥିଲେ ଓ ସେବେଠାରୁ ପଛକୁ ଫେରି ଚାହିଁନାହାନ୍ତି। କୋହଲି ଦିନିକିଆ ଫର୍ମାଟ୍‌ରେ ୫୧ଟି ଶତକ ଅର୍ଜନ କରି ବିଶ୍ୱ ରେକର୍ଡ ସ୍ଥାପନ କରିଛନ୍ତି। ଭାରତର ସଚିନ ତେନ୍ଦୁଲକର ୪୬୩ଟି ମ୍ୟାଚ୍ ଖେଳି ପ୍ରଥମ ସ୍ଥାନରେ ରହିଛନ୍ତି। କୋହଲି ୨୦୧୭ରେ ତାଙ୍କ ୨୦୦ତମ ଦିନିକିଆ ମ୍ୟାଚ୍ ଏହି ନ୍ୟୁଜିଲାଣ୍ଡ ବିପକ୍ଷରେ ଖେଳି ଶତକ ହାସଲ କରିଥିଲେ। ଏହି ମ୍ୟାଚ୍‌ରେ ତାଙ୍କ ପ୍ରଦର୍ଶନ ଉପରେ ନଜର ରହିଛି।

## ହାର୍ଡଲିଙ୍କୁ ପଛରେ ପକାଇଲେ ହେନରୀ

ନ୍ୟୁଜିଲାଣ୍ଡ ଦ୍ରୁତ ବୋଲର ମ୍ୟାଟ୍ ହେନରୀ ନିଜ ଦେଶର କିମ୍ବଦନ୍ତୀ ଦ୍ରୁତ ବୋଲର ସର ରିଚାର୍ଡ ହାର୍ଡଲିଙ୍କ ରେକର୍ଡ ଭାଙ୍ଗିଛନ୍ତି। ରବିବାର ଅନୁଷ୍ଠିତ ଭାରତ ବିପକ୍ଷ ଚାମ୍ପିଅନ୍ସ ଟ୍ରଫି ଅନ୍ତିମ ଗ୍ରୁପ୍ ମ୍ୟାଚ୍‌ରେ ମାତ୍ର ୪୨ ରନ ବ୍ୟୟ କରି ସର୍ବାଧିକ ୫ ୱିକେଟ ଅକ୍ତିଆର କରି ନ୍ୟୁଜିଲାଣ୍ଡର ସର୍ବାଧିକ ୱିକେଟ ହାସଲକାରୀ ବୋଲର ସାବ୍ୟସ୍ତ ହୋଇଛନ୍ତି। ସେ ଏହିକ୍ରମରେ ହାର୍ଡଲିଙ୍କ ୧୫୮ ୱିକେଟ ରେକର୍ଡକୁ ପଛରେ ପକାଇଛନ୍ତି। ହେନରୀ ଏଥିସହ ୯୦ଟି ଦିନିକିଆ ମ୍ୟାଚ୍ ଖେଳି ୨୪.୮୫ ହାରରେ ଓ ୨୮.୭୮ ଷ୍ଟ୍ରାଇକରେଟ୍‌ରେ ମୋଟ୍ ଉପରେ ୧୬୩ଟି ୱିକେଟ ହାସଲ କରି ନ୍ୟୁଜିଲାଣ୍ଡର ସଫଳତମ ବୋଲର ବିବେଚିତ ହୋଇଛନ୍ତି। ହେନରୀ ଏହି ମ୍ୟାଚ୍‌ରେ ଭାରତର ଶୁବମାନ ଗିଲ, ବିରାଟ କୋହଲି, ହାର୍ଦ୍ଦିକ ପାଣ୍ଡ୍ୟା, ରବିନ୍ଦ୍ର ଜାଡେଜା ଓ ମହମ୍ମଦ ସାମିଙ୍କୁ ଆଉଟ କରି ଭାରତର ବିପର୍ଯ୍ୟୟ ଘଟାଇଥିଲେ।

## ରଣଜୀ ଚାମ୍ପିଅନ ବିଦର୍ଭ ଉପରେ ଟଙ୍କା ବୃଷ୍ଟି



**ନୂଆଦିଲ୍ଲୀ, ୨।୩ (ଏଜେନ୍ସି):** ତୃତୀୟଥର ଲାଗି ରଣଜୀ ଟ୍ରଫି ଜିତିବା ପରେ ବିଦର୍ଭ କ୍ରିକେଟ୍ ଦଳ ଉପରେ ଆର୍ଥିକ ପୁରସ୍କାର ବୃଷ୍ଟି ହେବାରେ ଲାଗିଛି। ପ୍ରଥମେ ବିଦର୍ଭ ଦଳ ଚାମ୍ପିଅନ ହେବାପରେ ପୁରସ୍କାର ଆକାରରେ ବିସିସିଆଇ ନିକଟରୁ ୫ କୋଟି ଟଙ୍କା ପାଇଛି। ଯେତେବେଳେ କି ରନର୍ସଅପ୍ କେରଳକୁ ୩ କୋଟି ଟଙ୍କା ମିଳିଛି। ସେହିଭଳି ବିଦର୍ଭ କ୍ରିକେଟ୍ ସଂଘ (ଭିସିଏ) ମଧ୍ୟ ଏହି ଖୁସିର ମୁହୂର୍ତ୍ତରେ ନିଜ ଦଳର ଖେଳାଳି ଓ ସପୋର୍ଟ ଷ୍ଟାଫ୍‌ଙ୍କ ଲାଗି ଆର୍ଥିକ ପୁରସ୍କାର ରାଶି ଘୋଷଣା କରିଛି। ଭିସିଏ ଚାମ୍ପିଅନ ବିଦର୍ଭ ଦଳକୁ ୩ କୋଟି ଟଙ୍କା ଦେବ ବୋଲି ଘୋଷଣା କରିଛି। ସେହିଭଳି ମୁଖ୍ୟ ପ୍ରଶିକ୍ଷକ ଉସମାନ ଘାନୀଙ୍କୁ ୧୫ ଲକ୍ଷ ଏବଂ ଦୁଇ ସହାୟକ ପ୍ରଶିକ୍ଷକ, ଫିଜିଓଥେରାପିଷ୍ଟ, ଷ୍ଟ୍ରେନ୍ଥ ଆଣ୍ଡ କଣ୍ଡିସନିଂ କୋଚ୍ ଓ ଭିଡିଓ ଆନାଲିଷ୍ଟଙ୍କୁ ୫ ଲକ୍ଷ ଲେଖାଏ ଟଙ୍କା ଦେବ ବୋଲି ଜଣାପଡ଼ିଛି। ଏହାବାଦ୍ ରଣଜୀ ଇତିହାସରେ ଗୋଟିଏ ସଂସ୍କରଣରେ ସର୍ବକାଳୀନ ରେକର୍ଡ ୬୯ ୱିକେଟ୍ ନେଇ ଟୁର୍ଣ୍ଣାମେଣ୍ଟର ଶ୍ରେଷ୍ଠ ଖେଳାଳି ହୋଇଥିବା ୨୨ ବର୍ଷୀୟ ସ୍ପିନର ହର୍ଷ ଦୁବେଙ୍କୁ ୨୫ ଲକ୍ଷ ଟଙ୍କା ଭିସିଏ ଦେବ। ବିଦର୍ଭକୁ ଚାମ୍ପିଅନ କରାଇବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିବା ଦୁଇ ବ୍ୟାଟର୍ କରୁଣ ନାୟାର (୮୬୩ ରନ) ଓ ୟଶ ରାଠୋଡ (୯୬୦ ରନ)ଙ୍କୁ ମଧ୍ୟ ୧୦ ଲକ୍ଷ ଲେଖାଏ ଟଙ୍କା ମିଳିବ।

## କଳିଙ୍ଗରେ ହୋଇପାରେ ସୁପର୍ କପ୍ ଫୁଟ୍‌ବଲ୍

**ଭୁବନେଶ୍ୱର, ୨।୩ (ସମିସ):** ନକ୍‌ଆଉଟ୍‌ଭିତ୍ତିକ ଜାତୀୟ ପୁରୁଷ ଫୁଟ୍‌ବଲ ଚାମ୍ପିଅନସିପ୍‌ର ଆଗାମୀ ୪୩ତମ ସଂସ୍କରଣ ତଥା 'ସୁପର୍ କପ୍'ର ୪ର୍ଥ ସଂସ୍କରଣ ଏପ୍ରିଲ ୧୮ରୁ ଆରମ୍ଭ ହେବ। ଯେଉଁଥିରେ ଇଣ୍ଡିଆନ୍ ସୁପର୍ ଲିଗ୍ (ଆଇଏସ୍‌ଏଲ୍)ର ୧୩ ଗୋଟି ଦଳ ସମେତ ଆଇ-ଲିଗ୍‌ର ଶ୍ରେଷ୍ଠ ୩ଟି ଦଳ ଭାଗନେବେ। ସର୍ବଭାରତୀୟ ଫୁଟ୍‌ବଲ ମହାସଂଘ (ଏଆଇଏଫ୍‌ଏଫ୍) ପକ୍ଷରୁ ଆୟୋଜିତ ଏହି ମେଗା ଇଭେଣ୍ଟର ଫାଇନାଲ ଏପ୍ରିଲ ୨୭ରେ ଖେଳାଯିବ। ତେବେ ଏହାର ଭେନ୍ୟୁ ଅଫିସିଆଲ୍ ଭାବେ ଘୋଷଣା ହୋଇ ନ ଥିଲେ ମଧ୍ୟ ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମରେ ଟୁର୍ଣ୍ଣାମେଣ୍ଟ ଆୟୋଜନ କରିବାକୁ ଏଆଇଏଫ୍‌ଏଫ୍ ନିଷ୍ପତ୍ତି ନେଇଥିବା ଚର୍ଚ୍ଚା ହେଉଛି। ସୁପର୍ କପ୍‌ର ଗତ ସଂସ୍କରଣରେ ଇଷ୍ଟ ବେଙ୍ଗଲ ଚାମ୍ପିଅନ ହୋଇଥିଲା। ଫାଇନାଲରେ ଓଡ଼ିଶା ଏଫ୍‌ସିକୁ ୩-୨ ଗୋଲରେ ପରାସ୍ତ କରି ଇଷ୍ଟବେଙ୍ଗଲ ଟ୍ରଫି ଜିତିଥିଲା। ୨୦୨୪ ସଂସ୍କରଣ କଳିଙ୍ଗ ସୁପର୍ କପ୍ ନାମରେ ନାମିତ ହୋଇଥିଲା। ଏଥିପୂର୍ବରୁ ୨୦୨୩ ସଂସ୍କରଣରେ ଓଡ଼ିଶା ଟ୍ରଫି ଜିତିବାର ସୌଭାଗ୍ୟ ଲାଭ କରିଥିଲା।

## ଏମ୍‌ସିଏଲ୍ ୫୦ ବର୍ଷ ପୂର୍ତ୍ତିପାଳନ

# ହାଫ୍ ମାରାଥନ ଜିତିଲେ ପ୍ରିନ୍ସ, ଲିଲି



ପୁରୁଷ ବିଭାଗ ଚାମ୍ପିଅନ ପ୍ରିନ୍ସ କୁମାର ଅତିଥିଙ୍କଠାରୁ ପୁରସ୍କାର ଗ୍ରହଣ କରୁଛନ୍ତି

**ଭୁବନେଶ୍ୱର, ୨।୩ (ସମିସ)**

ମହାନଦୀ କୋଲ୍‌ଫିଲ୍ଡସ ଲିମିଟେଡ (ଏମ୍‌ସିଏଲ୍) ଏହାର ୫୦ ବର୍ଷ ପୂର୍ତ୍ତି ପାଳନ ଅବସରରେ ରବିବାର ଭୁବନେଶ୍ୱରରେ ଏକ ହାଫ୍ ମାରାଥନ ଆୟୋଜିତ ହୋଇଯାଇଛି। ଆଇକନିକ୍ କଳିଙ୍ଗ ଷ୍ଟାଡିୟମରେ ଆୟୋଜିତ ହୋଇଥିବା ଏହି ପ୍ରତୀକ୍ଷିତ ହାଫ୍ ମାରାଥନରେ ମୋଟ୍ ୪୫ ଲକ୍ଷ ୩୪ ହଜାର ଟଙ୍କା ପୁରସ୍କାର ରାଶି ରଖାଯାଇଥିଲା। ଏଥିରେ ସାରା ଦେଶରୁ ୫୬୦୦ରୁ ଉର୍ଦ୍ଧ୍ୱ ଧାବକ ଧାବିକା ଅଂଶଗ୍ରହଣ କରିଥିଲେ। ଚାରୋଟି ବିଭାଗରେ ଏହି ଦୌଡ଼ ଅନୁଷ୍ଠିତ ହୋଇଥିଲା। ହାଫ୍ ମାରାଥନ (୨୧.୧ କିମି), ୧୦ କିମି ଦୌଡ଼, ୫ କିମି ଦୌଡ଼ ଓ ହାଫ୍ କିମି ଫନ୍ ରନ ଦୌଡ଼ରେ ହଜାର ହଜାର ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ।

ରାଜ୍ୟ କ୍ରୀଡ଼ା ବିଭାଗର ସହଯୋଗରେ ଆୟୋଜିତ ଏହି ଭୋର ୪ଟା ୩୦ରୁ କଳିଙ୍ଗ ଷ୍ଟାଡିୟମରୁ ଏହି ଦୌଡ଼ ଆରମ୍ଭ ହୋଇଥିଲା। ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା, ଏମ୍‌ସିଏଲ୍ ହାଫ୍ ମାରାଥନର ବ୍ରାଣ୍ଡ ଆମ୍ବାସାଡର୍ ତଥା ଅଲିମ୍ପିକ ପଦକ ବିଜୟିନୀ ବ୍ୟାଡ୍‌ମିଣ୍ଟନ ତାରକା ସାଇନା ନେହୱାଲ, କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, କୋଲ୍ ଇଣ୍ଡିଆର ଚେୟାରମ୍ୟାନ ପିଏମ୍ ପ୍ରସାଦ, ଏମ୍‌ସିଏଲ୍ ସିଏମ୍‌ଡି ଉଦୟ ଅନନ୍ତ କୋଏଲ୍, ବିଭିନ୍ନ ସାଂସଦ ଓ ଏମ୍‌ଏଲ୍‌ଏ ପ୍ରମୁଖ ପତାକା ଦେଖାଇ ଦୌଡ଼ର ଶୁଭାରମ୍ଭ କରିଥିଲେ। ହାଫ୍ ମାରାଥନରେ ପୁରୁଷରେ ଉତ୍ତର ପ୍ରଦେଶର ପ୍ରିନ୍ସ କୁମାର (ଏକ ଘଣ୍ଟା ୫ ମିନିଟ୍ ୫୮ ସେକେଣ୍ଡ) ଚାମ୍ପିଅନ ଏବଂ କିରଣ ପାଣ୍ଡୁରଙ୍ଗ ମାତ୍ରେ (୦୧:୦୬:୧୦) ଓ ପୁନୀତ ଯାଦବ (୦୧:୦୬:୧୬) ଯଥାକ୍ରମେ ପ୍ରଥମ ଓ ଦ୍ୱିତୀୟ ରନର୍ସଅପ୍ ହୋଇଥିଲେ। ସେହିଭଳି ମହିଳାରେ ପଶ୍ଚିମବଙ୍ଗର ଲିଲି ଦାସ ଏକ ଘଣ୍ଟା ୧୫ ମିନିଟ୍ ୦୪ ସେକେଣ୍ଡରେ ରେସ ଶେଷ କରି ଚାମ୍ପିଅନ ହୋଇଥିଲେ। ଏଥିରେ ମୁନୀ ଦେବୀ (୦୧:୧୫:୦୮) ଓ ସୌନିକା (୦୧:୧୫:୧୭) ଯଥାକ୍ରମେ ପରବର୍ତ୍ତୀ ଦୁଇ ସ୍ଥାନରେ ରହିଥିଲେ। ହାଫ୍ ମାରାଥନର ଉଭୟ ବିଭାଗର ଚାମ୍ପିଅନଙ୍କୁ ୩ ଲକ୍ଷ ଟଙ୍କା ଆର୍ଥିକ ପୁରସ୍କାର ପ୍ରଦାନ କରାଯାଇଥିଲା। ପ୍ରଥମ ଓ ୨ୟ ରନର୍ସଅପ୍ ହୋଇଥିବା ଧାବକ ଧାବିକା ଯଥାକ୍ରମେ ୨.୫ ଲକ୍ଷ ଓ ୨ ଲକ୍ଷ ଟଙ୍କା ପାଇଥିଲେ। ୧୦ କିମି ପୁରୁଷରେ ଅଜୟ କୁମାର ବିନ୍ଦ (୩୦ ମିନିଟ୍ ୦୮ ସେକେଣ୍ଡ) ଓ ମହିଳାରେ କେଏମ୍ ଜ୍ୟୋତି (୩୪ ମିନିଟ୍ ୩୧ ସେକେଣ୍ଡ) ଏବଂ ୫ କିମି ପୁରୁଷରେ ଗୌରବ କସାନ (୧୪ ମିନିଟ ୩୮ ସେକେଣ୍ଡ) ଓ ମହିଳାରେ ଆରାଧନା କୁମାରୀ (୧୭ ମିନିଟ୍ ୩୧ ସେକେଣ୍ଡ) ପ୍ରଥମ ସ୍ଥାନରେ ରହି ବିଜୟୀ ହୋଇଥିଲେ।ପୁରସ୍କାର ବିତରଣୀ ଉତ୍ସବରେ ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡ଼ା, ସାଇନା ନେହୱାଲ ଏବଂ ଏମ୍‌ସିଏଲ୍‌ର ଅନ୍ୟାନ୍ୟ ଅଧିକାରୀ ଉପସ୍ଥିତ ରହି ପୁରସ୍କାର ପ୍ରଦାନ କରିଥିଲେ।


ମାରାଥନ ଅବସରରେ ଏମ୍‌ସିଏଲ୍ ସିଏମ୍‌ଡି ଉଦୟ ଅନନ୍ତ କୋଏଲ୍।

**ଭବିଷ୍ୟତର ଅଲିମ୍ପିକ ଚାମ୍ପିଅନ କଳିଙ୍ଗରୁ ବାହାରୁ: ସାଇନା**

ଏହି ହାଫ୍ ମାରାଥନରେ ବ୍ରାଣ୍ଡ ଆମ୍ବାସାଡର ରହିଥିବା ସାଇନା ନେହୱାଲ କଳିଙ୍ଗ ଷ୍ଟାଡିୟମ ପରିଦର୍ଶନ କରି ବେଶ୍ ବିମୋହିତ ହୋଇଥିଲେ। ସେ କହିଥିଲେ, ମୁଁ କଳିଙ୍ଗ ଷ୍ଟାଡିୟମ ବିଷୟରେ ଶୁଣିଥିଲି। ଆଜି ବୁଲିବାର ସୌଭାଗ୍ୟ ଲାଭ କରିଛି। ଏଠାକାର କ୍ରୀଡ଼ା ଭିତ୍ତିଭୂମି ବିଶ୍ୱସ୍ତରୀୟ। ପ୍ରାୟ ସମସ୍ତ କ୍ରୀଡ଼ାକୁ ଏଠାରେ ଗୁରୁତ୍ୱ ଦିଆଯାଇ ଭିତ୍ତିଭୂମି ସ୍ଥାପନ କରାଯାଇଛି। ଆଶା କରୁଛି ଆଗାମୀ ଦିନର ଅଲିମ୍ପିକ୍ସ ଚାମ୍ପିଅନ ଏହି କଳିଙ୍ଗ ଷ୍ଟାଡିୟମରୁ ସୃଷ୍ଟି ହେଉ।'

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, SWOTI VILLAGE, PANIKOILI-755043, DIST: JAJPUR, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS